ବର୍ଷ-୫୧ : ସଂଖ୍ୟା-୧୧ ନଭେମ୍ବର, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୨୦


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ସମର୍ପଣ | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ଉପସଂହାର - ୪) ''ପୂର୍ବାବଧାରିତ ଶିଖର'' ଆରୋହଣ | ... | ମନୋଜ ଦାସ | ... | ୭ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ପ୍ରଥମ ଅଧ୍ୟାୟ) ଦୁଇ ପ୍ରକୃତି | ... | ଶେଖ ଅବଦୁଲ କାଶମ | ... | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୦) | ... | ... | ... | ୧୬ |
| ନୀରଦବରଣ | ... | ଝରଣା ଘୋଷାଲ | ... | ୨୦ |
| ସମୟର ଡାକ | ... | ପ୍ରପତ୍ତି | ... | ୨୩ |
| ଚୋରାଚାର୍ଯ୍ୟ ଏବଂ ତଦୀୟ ସୁପୁତ୍ର | ... | ମନୋଜ ଦାସ | ... | ୨୫ |
| ଅଜସ୍ର ପ୍ରଣତି (କବିତା) | ... | ଜ୍ୟୋତ୍ସ୍ନାରାଣୀ ଦାଶ | ... | ୨୭ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୫) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୮ |
| ପ୍ରସ୍ଫୁଟିତ ଫୁଲଟିଏ ଭଳି (କବିତା) | ... | ସାଧୁଚରଣ ପଟ୍ଟନାୟକ | ... | ୩୦ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୩) | ... | ସାହାନା ଦେବୀ | ... | ୩୧ |
| କବି ନିଶିକାନ୍ତ (୪) | ... | ... | ... | ୩୩ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୬) | ... | ଗୟାଧର ଦାଶ | ... | ୩୭ |
| ଆଧ୍ୟାତ୍ମିକତାର ପରିଭାଷା (୩) | ... | କୁମାର ଚନ୍ଦ୍ର ମିଶ୍ର | ... | ୪୦ |
| ଆସ୍ପୃହା ଦୀପାଳି (କବିତା) | ... | ଗୋପାଳ କୃଷ୍ଣ ପଟ୍ଟନାୟକ | ... | ୪୪ |
| ଆମ ଶରୀର (୩୧) | ... | ଭୋଳେଶ୍ୱର ଭୂୟାଁ | ... | ୪୫ |
| ସୁସ୍ଥତାର ପରମ ଗୋପନୀୟତା (୫) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୦ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୩ |
| ନିର୍ଜନ ନିଶାର୍ଦ୍ଧର ମୃତ୍ୟୁଦୂତ | ... | ମନୋଜ ଦାସ | ... | ୫୫ |


❖

# ପ୍ରାର୍ଥନା

ହେ ପ୍ରଭୁ ! ତୁମ ଆଲୋକର ପ୍ରାଚୁର୍ଯ୍ୟ ନିମନ୍ତେ ଆମେ ତୁମକୁ କରୁଛୁ ଆବାହନ । ଆମ ଭିତରେ ଜାଗରିତ କର ତୁମକୁ ପ୍ରକାଶ କରିବାର ଶକ୍ତି ।

ଏକ ମରୁଗର୍ଭର ଅଭ୍ୟନ୍ତର ଭଳି ଏ ସତ୍ତାର ସବୁକିଛି ନିର୍ବାକ୍; କିନ୍ତୁ ସେହି ଛାୟାନ୍ଧକାର ହୃଦୟରେ, ନୀରବତାର ବକ୍ଷରେ ଜ୍ୱଳମାନ ଏକ ପ୍ରଦୀପ ଯାହାକୁ କଦାପି ନିର୍ବାପିତ କରାଯାଇ ପାରେନା, ତୁମକୁ ଜାଣିବା ଏବଂ ତୁମକୁ ହିଁ ଜୀବନ କରି ଜୀଇଁ ପାରିବାର ତୀବ୍ର ଆସ୍ପୃହାର ଏକ ଅଗ୍ନି ।

ଦିନ ପରେ ରାତି ଆସେ, ଅତୀତର ଉଷାସବୁର ସ୍ଥାନ ନିଅନ୍ତି ଅବିଶ୍ରାନ୍ତ ରୀତିରେ ନୂତନ ଉଷାସବୁ, କିନ୍ତୁ ସର୍ବଦା ଊର୍ଦ୍ଧ୍ୱାୟିତ ହେଉଥାଏ ସେହି ସୁବାସିତ ଅଗ୍ନିଶିଖା ଯାହାକୁ କୌଣସି ଝଡ଼-ବତାସ ଦୋହଲାଇ ଦେଇ ପାରେନା । ତାହା ଊର୍ଦ୍ଧ୍ୱରୁ ଯାଉଥାଏ ଊର୍ଦ୍ଧ୍ୱକୁ ଏବଂ ଦିନେ ଉପନୀତ ହୁଏ ଅଦ୍ୟାବଧି ରୁଦ୍ଧ ରହିଥିବା ଶିଖର ଦେଶରେ – ଯାହା ଆମ ମିଳନର ବିରୋଧ କରୁଥିବା ଶେଷ ପ୍ରତିବନ୍ଧକ । ଏବଂ ସେ ଶିଖା ଏତେ ବିଶୁଦ୍ଧ, ଏତେ ଋଜୁ, ଏତେ ଦମ୍ଭପୂର୍ଣ୍ଣ ଯେ ସେହି ପ୍ରତିବନ୍ଧକ ହଠାତ୍ ମିଳେଇଯାଏ ।

ତା'ପରେ ତୁମେ ହୁଅ ପ୍ରତିଭାତ ତୁମର ସମସ୍ତ ବୈଭବ-ଦୀପ୍ତିରେ, ତୁମ ଅନନ୍ତ ଗରିମାର ପ୍ରୋଜ୍ଜ୍ୱଳ ଶକ୍ତିବେଗରେ; ତୁମ ସଂସ୍ପର୍ଶରେ ସେ ଅଗ୍ନିଶିଖା ଏକ ଆଲୋକ ସ୍ତମ୍ଭରେ ହୁଏ ପରିଣତ – ଯାହା ଚିରଦିନ ପାଇଁ ଛାୟାନ୍ଧକାରସବୁକୁ ଦୂର କରିଦିଏ ।

ଏବଂ ତଡ଼ିତ୍ ସ୍ଫୁରିତ ହୁଏ ବାକ୍ – ପରମ ଉଦ୍‌ଭାସନ !

ନଭେମ୍ବର ୮, ୧୯୧୪ — ଶ୍ରୀମା



# ମାତୃବାଣୀ

And one day, you ask yourself, "But then, why is one born ? Why does one die ? Why does one suffer ? Why does one act ?"

You no longer live like a little machine, hardly half-conscious. You want to feel truly, to act truly, to know truly. Then, in ordinary life one searches for books, for people who know a little more than oneself, one begins to seek somebody who can solve these questions, lift the veil of ignorance.

We can, simply by a sincere aspiration, open a sealed door in us and find... that Something which will change the whole significance of life, reply to all our questions, solve all our problems and lead us to the perfection we aspire for without knowing it, to that Reality which alone can satisfy us and give us lasting joy, equilibrium, strength, life.

(CWM, Vol. 9, pp.374 - 75) – The Mother

(ଏବଂ) ଦିନେ ନିଜକୁ ପ୍ରଶ୍ନ କରିବ, ''କିନ୍ତୁ ଜଣେ ଜନ୍ମଲାଭ କରେ କାହିଁକି ? ଜଣେ ମୃତ୍ୟୁ ଲଭେ କାହିଁକି ? ଜଣେ ଯନ୍ତ୍ରଣା ଭୋଗ କରେ କାହିଁକି ? ଜଣେ କର୍ମରତ ରହିଥାଏ କେଉଁଥି ପାଇଁ ?''

ତୁମେ ତେଣିକି ଆଉ କ୍ଷୁଦ୍ର ଯନ୍ତ୍ରଟିଏ ଭଳି, ଖୁବ୍ ବେଶୀ ହେଲେ ଅର୍ଦ୍ଧ-ଚେତନ ଅବସ୍ଥାରେ ଜୀବନ ବିତାଇବ ନାହିଁ । ତୁମେ ଚାହିଁବ ସତ୍ ଅନୁଭବ, ସତ୍ୟାନୁବର୍ତ୍ତୀ କର୍ମ, ଚାହିଁବ ସତ୍ ଜ୍ଞାନ । ସେତେବେଳେ ଗତାନୁଗତିକ ଜୀବନରେ ଜଣେ ସନ୍ଧାନ କରିବ ବହିପତ୍ରର, ଆପଣାଠାରୁ ଟିକିଏ ଅଧିକ ଜାଣିଥିବା ମଣିଷର; ଏସବୁ ପ୍ରଶ୍ନର ସମାଧାନ ଦେଇ ପାରିବା ଭଳି, ଅଜ୍ଞାନର ଆବରଣ ଉତାରି ଦେଇ ପାରିବା ଭଳି କାହାକୁ ହିଁ ସେ ଖୋଜିବ ।

ଆମେ କିନ୍ତୁ ଖାଲି ଏକ ଆନ୍ତରିକ ଅଭୀପ୍ସା ଦ୍ୱାରା ଆମ ଭିତରେ ଥିବା ତାଲାବନ୍ଦ ଦ୍ୱାରଟିଏ ଖୋଲି ଦେଇପାରୁ ଏବଂ ଦେଖିପାରୁ... ଏଭଳି କିଛି ଯାହାକି ଜୀବନର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ବଦଳାଇ ଦେବ, ଆମର ସବୁ ପ୍ରଶ୍ନର ଉତ୍ତର ଦେଇପାରିବ, ଆମର ସବୁ ସମସ୍ୟାର ସମାଧାନ କରିଦେଇ ପାରିବ ଏବଂ ଆମ ଅଜାଣତରେ ଆମକୁ ନେଇଯିବ ଆମ ଅଭୀପ୍ସିତ ପୂର୍ଣ୍ଣତା ଦିଗକୁ, ସେହି ବାସ୍ତବତା ଦିଗକୁ କେବଳ ମାତ୍ର ଯାହା ଆମକୁ ତୃପ୍ତ କରିପାରେ ଏବଂ ଦେଇପାରେ ସ୍ଥାୟୀ ଆନନ୍ଦ, ସମତା, ଶକ୍ତି ଓ ଜୀବନ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

**(The Paradise of the Life-Gods)**

(୯୯)

## ଶ୍ରୀଅରବିନ୍ଦ

There Love fulfilled her gold and roseate dreams
And Strength her crowned and mighty reveries;
Desire climbed up, a swift omnipotent flame,
And Pleasure had the stature of the gods;
Dream walked along the highways of the stars;
Sweet common things turned into miracles:
Overtaken by the spirit's sudden spell,
Smitten by a divine passion's alchemy,
Pain's self compelled transformed to potent joy
Curing the antithesis twixt heaven and hell.

ପ୍ରେମ ସେଠାରେ ଆପଣାର ସ୍ୱର୍ଣ୍ଣିମ ଓ ଗୋଲାପୀ ସ୍ୱପ୍ନସକଳକୁ ପରିପୂର୍ଣ୍ଣ କରୁଥିଲା ଏବଂ ଶୌର୍ଯ୍ୟ ତାହାର ମୁକୁଟମଣ୍ଡିତ ଓ ବିଶାଳ ଆକାଂକ୍ଷାବଳୀକୁ ସାର୍ଥକ କରୁଥିଲା; ବାସନା ଏକ ସବେଗ ସର୍ବଶକ୍ତିମୟୀ ଅଗ୍ନିଶିଖା ରୂପେ ଉର୍ଦ୍ଧ୍ୱାୟିତ ହେଉଥିଲା, ଏବଂ ସୁଖଭୋଗ ଅର୍ଜନ କରିଥିଲା ଦେବତା-ମାନଙ୍କର ପ୍ରତିଷ୍ଠା; ତାରାପୁଞ୍ଜର ରାଜପଥ ଉପରେ ବିଚରଣ କରୁଥିଲା ସ୍ୱପ୍ନ; ମଧୁମୟ ସାମାନ୍ୟ ବସ୍ତୁସକଳ ଅଲୌକିକ ମହିମାରେ ପରିଣତ ହୋଇଥିଲେ : ଆତ୍ମାର ମୋହନମନ୍ତ୍ରରେ ସହସା ବଶୀଭୂତ ହୋଇ, ଏକ ଦିବ୍ୟ ଆବେଗର ରସାୟନରେ ଜର୍ଜରିତ ହୋଇ ବେଦନାର ସତ୍ତା ଏକ ଶକ୍ତିଶାଳୀ ଆନନ୍ଦରେ ରୂପାନ୍ତରିତ ହେବା ପାଇଁ ବାଧ୍ୟ ହୋଇଥିଲା, ସ୍ୱର୍ଗ ଓ ନରକ ମଧ୍ୟରେ ଥିବା ବୈପରୀତ୍ୟକୁ ତାହା ମୂଳପୋଛ କରିଦେଇଥିଲା ।

All life's high visions are embodied there,
Her wandering hopes achieved, her aureate combs
Caught by the honey-eater's darting tongue,
Her burning guesses changed to ecstasied truths,
Her mighty pantings stilled in deathless calm
And liberated her immense desires.

ଜୀବନର ଯେତେସବୁ ସମୁଚ୍ଚ ଦର୍ଶନ ସେଠାରେ ମୂର୍ତ୍ତରୂପ ଗ୍ରହଣ କରନ୍ତି, ସିଦ୍ଧିଲାଭ କରନ୍ତି ଭ୍ରାମ୍ୟମାଣ ତା'ର ଆଶାଚୟ, ମଧୁପାୟୀର ପ୍ରଲମ୍ବିତ ଜିହ୍ୱା ପାଖରେ ଧରା ଦିଅନ୍ତି ତାହାର ସୁନେଲି ମଧୁଚକ୍ରମାନ, ପ୍ରଜ୍ୱଳିତ ତା'ର ଅନୁମାନଗୁଡ଼ିକ ଆନନ୍ଦାପ୍ଲୁତ ସତ୍ୟରେ ପରିବର୍ତ୍ତିତ ହୋଇ ଯାଆନ୍ତି, ତା'ର ଶକ୍ତିଶାଳୀ ଖର ବକ୍ଷସ୍ପନ୍ଦନମାନ ସ୍ତବ୍ଧ ପାଲଟନ୍ତି ମୃତ୍ୟୁରହିତ ପ୍ରଶାନ୍ତି ମଧ୍ୟରେ ଏବଂ ସେଠାରେ ବିମୁକ୍ତ ହୋଇଯା'ନ୍ତି ତା'ର ବିପୁଳ ବାସନାବଳୀ ।

In that paradise of perfect heart and sense
No lower note could break the endless charm
Of her sweetness ardent and immaculate;
Her steps are sure of their intuitive fall.

ପୂର୍ଣ୍ଣସିଦ୍ଧ ହୃଦୟ ଓ ଇନ୍ଦ୍ରିୟର ସେଇ ସ୍ୱର୍ଗରାଜ୍ୟରେ ନିମ୍ନତର କୌଣସି ସଂଗୀତ ସ୍ୱର ତା'ର ପ୍ରଦୀପ୍ତ ଓ ଅପାପବିଦ୍ଧ ମାଧୁରୀର ଅନ୍ତହୀନ ସମ୍ମୋହନକୁ ଭାଙ୍ଗି ପାରୁ ନଥିଲା; ତା'ର ପଦକ୍ଷେପଗୁଡ଼ିକ ଯଥାସ୍ଥାନରେ ପତିତ ହୁଏ ଅନ୍ତର୍ଜ୍ଞାନଯୁକ୍ତ ସୁନିଶ୍ଚିତତାର ସହିତ ।

After the anguish of the soul's long strife
At length were found calm and celestial rest
And, lapped in a magic flood of sorrowless hours,

(*ଅବଶିଷ୍ଟାଂଶ ୧୫ ପୃଷ୍ଠାରେ ଦେଖନ୍ତୁ*)

# ସମର୍ପଣ

## ଶ୍ରୀମା

### ସମର୍ପଣ ଓ ଯୋଗ

ସମର୍ପଣ ହେଉଛି ତୁମ ଦ୍ୱାରା ନିଆ ଯାଇଥିବା ଏକ ସିଦ୍ଧାନ୍ତ ଯାହା ଫଳରେ କି ତୁମେ ତୁମ ଜୀବନର ଦାୟିତ୍ୱ ଭଗବାନଙ୍କୁ ଦେଇ ଦେଇଥାଅ । ଏପରି ସିଦ୍ଧାନ୍ତ ନ ନେଲେ ତୁମ ଦ୍ୱାରା ଆଉ କିଛି ହେବା ସମ୍ଭବ ନୁହେଁ । ତୁମେ ଯଦି ସମର୍ପଣ ନ କର, ତାହାହେଲେ ତୁମ ଦ୍ୱାରା ଯୋଗ କରିବାର ଆଉ ପ୍ରଶ୍ନ ଉଠୁ ନାହିଁ । ଏହି ସମର୍ପଣ ପରେ ପରେ ହିଁ ସବୁକଥା ସ୍ୱାଭାବିକ ଭାବେ ଆସେ, କାରଣ ସମର୍ପଣ ସହିତ ହିଁ ସମଗ୍ର ପ୍ରଣାଳୀଟି ଆରମ୍ଭ ହୋଇଯାଏ । ତୁମେ ଜ୍ଞାନ ଦ୍ୱାରା କିଂବା ଭକ୍ତି ଦ୍ୱାରା ସମର୍ପଣ କରିପାର । ତୁମ ଭିତରେ ଏପରି ଏକ ସଂବୋଧ୍ ଜାଗ୍ରତ୍ ହୋଇପାରେ ଯେ ଈଶ୍ୱର ହିଁ ଏକମାତ୍ର ସତ୍ୟ; ଏବଂ ଏକ ଉଜ୍ଜ୍ୱଳ ଦୃଢ଼ ବିଶ୍ୱାସ ଆସିପାରେ ଯେ ଈଶ୍ୱରଙ୍କ ବ୍ୟତୀତ ତୁମେ କିଛି କରି ପାରିବ ନାହିଁ । କିଂବା ସ୍ୱତଃ ତୁମ ଭିତରେ ଏପରି ଏକ ଅନୁଭବ ହୋଇପାରେ ଯେ ଏହି ଧାରାରେ ହିଁ ତୁମେ ସୁଖୀ ହୋଇ ପାରିବ । ଏପରି ଏକ ଚୈତ୍ୟିକ ଅଭୀପ୍ସା ତୁମ ଭିତରେ ଜାଗି ଉଠିପାରେ ଯେ ତୁମେ କେବଳ ଭଗବାନଙ୍କର ହେବ । ତୁମେ ମନକୁ ମନ କହିବ – ''ମୁଁ ମୋର ନୁହେଁ,'' ଏବଂ ଏହିପରି କହୁ କହୁ ତୁମେ ଦିବ୍ୟସତ୍ୟ ନିକଟରେ ତୁମର ସମସ୍ତ ଦାୟିତ୍ୱ ଅର୍ପଣ କରିଦେବ । ତା'ପରେ ଆସିବ ଆତ୍ମୋତ୍ସର୍ଗ – ''ହେ ପ୍ରଭୁ, ଆପଣଙ୍କ ସମ୍ମୁଖରେ ମୁଁ ଅଛି ନାନାଦି ଗୁଣ ଓ ଦୁର୍ଗୁଣରେ ପରିପୂର୍ଣ୍ଣ ପ୍ରାଣୀଟିଏ; ମୋ ଭିତରେ ଭଲ ଅଛି ମନ୍ଦ ବି ଅଛି, ଆଲୁଅ ଅଛି ଅନ୍ଧାର ବି ଅଛି । ମୁଁ ଯେପରି ଅଛି ସେହିପରି ଭାବେ ଆପଣଙ୍କୁ ଅର୍ପଣ କରୁଛି, ମୋର ସବୁକିଛି ଉନ୍ନତି ଓ ଅବନତିକୁ, ନାନା ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରବେଗଗୁଡ଼ିକୁ ଏବଂ ନାନାଦି ପ୍ରକାର ସ୍ୱଭାବ ଚରିତ୍ରକୁ ମଧ୍ୟ ମୁଁ ଆପଣଙ୍କ ପାଦତଳେ ଅର୍ପଣ କରୁଛି – ମୋତେ ନେଇ ଆପଣଙ୍କର ଯାହା ଇଚ୍ଛା ତାହା ହିଁ କରନ୍ତୁ ।''

### ପ୍ରକୃତ ସମର୍ପଣ ପ୍ରସାରିତ କରେ

ସମର୍ପଣ କହିଲେ ଆମେ ବୁଝୁ ... ସ୍ୱତଃପ୍ରବୃତ୍ତ ଆତ୍ମ-ନିବେଦନ, ତୁମର ସବୁକିଛିକୁ ଭଗବାନଙ୍କୁ ଦେଇଦେବା, ଯେଉଁ ପରମ ଚେତନାର ତୁମେ ଏକ ଅଂଶ, ତାଙ୍କରି ପାଖରେ ନିଜକୁ ନିବେଦନ କରିବା । ଏପରି ଭାବ ନାହିଁ ଯେ ସମର୍ପଣ ଦ୍ୱାରା ତୁମର ନିଜତ୍ୱ ଲୋପ ପାଇଯିବ ବରଂ ବୃଦ୍ଧି ହେବ; ଏହା ତୁମର ବ୍ୟକ୍ତିତ୍ୱକୁ ନ୍ୟୂନ ବା ଦୁର୍ବଳ କରେ ନାହିଁ, ଅନ୍ୟ ପକ୍ଷରେ ଏହା ତୁମକୁ ଦୃଢ଼ ଓ କ୍ରିୟାଶୀଳ କରାଏ । ସମର୍ପଣର ଅର୍ଥ ନିଜର ସମସ୍ତ କିଛି (ନିଜେ ଯାହା ଓ ନିଜର ଯାହାକିଛି ଅଛି) ସ୍ୱଚ୍ଛ ମନରେ, ଆନନ୍ଦର ସହିତ, କୌଣସି କୁଣ୍ଠା ନ ରଖି ନିବେଦନ କରିବା । ଏଥିରେ ତ୍ୟାଗ କରିବାର ମନୋଭାବ ନ ଥାଏ । ଯଦି ତୁମେ ଏହା ଦ୍ୱାରା କିଛି ତ୍ୟାଗ କରୁଛ ବୋଲି ସାମାନ୍ୟ ଟିକିଏ ଭାବୁଥାଅ, ତେବେ ତାହା ସମର୍ପଣ ହେବ ନାହିଁ । କାରଣ ଏହା ଦ୍ୱାରା ବୁଝାଯାଏ ଯେ ତୁମେ ନିଜ ପାଇଁ କିଛି ରଖୁଛ କିଂବା ବାଧ୍ୟ ହୋଇ ଦେବା ପାଇଁ ଚେଷ୍ଟା କରୁଛ, ଏଥିରେ ତୁମକୁ କିଛି କଷ୍ଟ ହେଉଛି ବା ଶ୍ରମ ପଡୁଛି; ନିଜକୁ ଦେଇ ଦେବାରେ ତୁମକୁ ଖୁସି ବା ଆନନ୍ଦ ଲାଗୁ ନାହିଁ, ମୋଟ ଉପରେ ତୁମକୁ ଦେବା ଭଳି କିଛି ଲାଗୁ ନାହିଁ । ଯଦି ନିଜକୁ ବାଧ୍ୟ କରି ବା ନିଜ ଉପରେ ଚାପ ଦେଇ ତୁମେ କିଛି କରୁଥାଅ, ତା'ହେଲେ ନିଶ୍ଚିତ ଜାଣିରଖ ଯେ ତୁମେ ଏହା ଭୁଲ୍ ବାଟରେ ହିଁ କରୁଛ । ଯଥାର୍ଥ ସମର୍ପଣ ତୁମକୁ ପ୍ରସାରିତ କରେ; ଏହା ତୁମର ଶକ୍ତି ଓ କ୍ଷମତାକୁ ବଢ଼ାଇ ଥାଏ; ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟାଏ, ଯାହା କେବେ ବି ତୁମ ନିଜ ପ୍ରୟାସ ଦ୍ୱାରା ହୋଇ ପାରନ୍ତା ନାହିଁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ଉପସଂହାର - ୪)
## ‘‘ପୂର୍ବାବଧାରିତ ଶିଖର’’ ଆରୋହଣ
## ମନୋଜ ଦାସ

‘‘୩୭ ବର୍ଷ ତଳେ କଲିକତାରେ ଜନ୍ମ ଗ୍ରହଣ ଅନ୍ତେ ବହୁ ସ୍ଥାନ ଦେଇ ଗତି କରିଥିଲା ତାଙ୍କ ଦୁରୂହାଭିଯାନ : ଦାର୍ଜିଲିଂ, ମାଞ୍ଚେଷ୍ଟର, ଲଣ୍ଡନ, କ୍ୟାମ୍ବ୍ରିଜ୍, ବରୋଦା – ଏବଂ ୧୯୦୬ରେ କଲିକତାକୁ ପ୍ରତ୍ୟାବର୍ତ୍ତନ ଫଳରେ ବୃତ୍ତ ସମ୍ପୂର୍ଣ୍ଣ ହୋଇଥିଲା । ଚନ୍ଦନନଗର ଥିଲା ପ୍ରାୟ ଏକ ନୂତନ ଆରମ୍ଭ, ବରଂ ତାଙ୍କ ଘୂର୍ଣ୍ଣାୟମାନ ଆରୋହଣର ଆଉ ଏକ ଊର୍ଦ୍ଧ୍ୱମୁଖୀ ଦୋଳନ ବୋଲି କହିବା ହେବ ଯଥାର୍ଥ; ପଣ୍ଡିଚେରୀ ହେଲା ତାହାରି ଅବ୍ୟାହତ ଧାରା, ପୂର୍ବାବଧାରିତ ଶିଖର ଆରୋହଣ ଦିଗରେ ତ୍ୱରିତ ଗତି ।’’

– କେ. ଆର୍. ଶ୍ରୀନିବାସ ଆୟେଙ୍ଗାର[୧]

ଇଂରେଜ ସାମ୍ରାଜ୍ୟର ଭାରତ ବ୍ୟାପାର ବିଭାଗର ମୁଖ୍ୟ ପ୍ରଶାସକ ଲର୍ଡ଼ ମୋର୍ଲେ ଶ୍ରୀଅରବିନ୍ଦଙ୍କ ପ୍ରତି ଭାରତରେ ଔପନିବେଶିକ ଶାସନ କିଭଳି ଆଚରଣ କରୁଛି ସେସମ୍ପର୍କରେ ଅବହିତ ରହିବା ଦିଗରେ କେଡ଼େ ଆଗ୍ରହୀ ଥିଲେ, ସେକଥା ସବୁଠାରୁ ବେଶୀ ବୁଝୁଥିଲେ ବଡ଼ଲାଟ ଲର୍ଡ଼ ମିଣ୍ଟୋ । ତଥାପି ଶ୍ରୀଅରବିନ୍ଦଙ୍କ ବିରୋଧରେ ଗିରଫ ପରୁଆନା ବାହାର କରିବା କଥା ଯେ ସେ ମୋର୍ଲେଙ୍କୁ ଜଣାଇଲେ ନାହିଁ, ଏହା ଏକ କୌତୂହଳଜନକ କଥା ।

ହୁଏତ ବଡ଼ଲାଟ ଆଶଙ୍କା କରୁଥିଲେ ଯେ ପୂର୍ବରୁ ଜାଣିଲେ ମୋର୍ଲେ ପରୁଆନା ବାହାର କରିବାକୁ ନିଷେଧ କରିଦେବେ । ଯେତେବେଳେ ପରୁଆନା ବାହାରିବା ସତ୍ତ୍ୱେ ଶ୍ରୀଅରବିନ୍ଦଙ୍କୁ ଗିରଫ କରାଯାଇ ପାରିଲା ନାହିଁ ସେତେବେଳେ ସେ ଲଜ୍ଜାକର ଅକ୍ଷମତା ମଧ୍ୟ ମିଣ୍ଟୋଙ୍କୁ ଅଡୁଆରେ ପକାଇବା ଥିଲା ସ୍ୱାଭାବିକ । ମୋର୍ଲେଙ୍କୁ ଏ ସମ୍ପର୍କରେ କିଛି ନ ଜଣାଇ ତାଙ୍କ କ୍ରୋଧଭାଜନ ହେବାକୁ ମିଣ୍ଟୋ ଏଣିକି ଭୟ କରୁ ନଥିଲେ । କାରଣ ବଡ଼ଲାଟ ଭାବରେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇ ଆସୁଥିଲା ।

ଶ୍ରୀଅରବିନ୍ଦ ଗିରଫ ହୋଇ ନ ପାରିବାର ବିଡ଼ମ୍ବନା ମୋର୍ଲେଙ୍କ ଗୋଚରକୁ ଆସିଲା ‘ଟାଇମସ୍’ ସମ୍ବାଦପତ୍ର ଜରିଆରେ । ତତ୍‌କ୍ଷଣାତ୍ ୧୯୧୦ ଏପ୍ରିଲ ୭ ତାରିଖରେ ସେ ମିଣ୍ଟୋଙ୍କୁ ଲେଖିଲେ :

‘‘ଆଜି ‘ଟାଇମସ୍’ରେ ପ୍ରକାଶିତ ଏକ ଟେଲିଗ୍ରାଫ୍ ସମ୍ବାଦରୁ ଆମେ ଜାଣିଲୁଁ ଯେ ଗତ କ୍ରିସ୍‌ମାସ ବେଳେ ଅରବିନ୍ଦ ଘୋଷଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ଯୋଗୁଁ ତାଙ୍କ ନାମରେ ଏବେ ଗିରଫ ପରୁଆନା ବାହାରିଛି । ମୁଁ ରିସ୍‌ଲେ ଏବଂ ସ୍ମିଥ୍‌ଙ୍କୁ ଡକାଇଲି । ଏହା ଆମକୁ ବିପୁଳ ଭାବରେ ବିସ୍ମୟ ବିମୂଢ଼ (vastly puzzled) କରିଛି । ସମ୍ବାଦରୁ ବିଶେଷ କିଛି ବୁଝି ହେଲା ନାହିଁ । ତେଣୁ ଆମେ ତୁମକୁ ଟେଲିଗ୍ରାମ କରିବାକୁ ସ୍ଥିର କଲୁ । ପ୍ରବନ୍ଧର ମର୍ମ ଭାବରେ ଯାହା ବାହାରିଛି ସେଥିରେ ହିଂସା ସକାଶେ ଲୋକଙ୍କୁ ପ୍ରଣୋଦିତ କରିବାର କୌଣସି ଆଭାସ ନାହିଁ । ମୋର ଏତିକି ଆଶା ଯେ ଅରବିନ୍ଦ ଘୋଷ ଯେମିତି ଇଂଲଣ୍ଡରେ ଉପନୀତ ନ ହେବେ । ଯାହାଙ୍କର ଏକମାତ୍ର ଅପରାଧ ଗୋଟିଏ ପ୍ରବନ୍ଧ, ସେଭଳି ପଳାତକ ଅପରାଧୀ ଏ ସ୍ୱାଧୀନ ଦେଶକୁ ବଡ଼ ଅଡୁଆରେ ପକାଇବେ ।’’[୨]

ମିଣ୍ଟୋ ଅବଶ୍ୟ ଟେଲିଗ୍ରାମ ଯୋଗେ ଉତ୍ତରଟିଏ ପଠାଇଲେ । ଏଣେ ରାମସେ ମ୍ୟାକ୍‌ଡ଼ୋନାଲ୍‌ଡ଼ ବ୍ରିଟିଶ ଲୋକସଭାରେ ଏ ସମ୍ପର୍କରେ ବିଚକ୍ଷଣ ପ୍ରଶ୍ନମାନ ଉଠାଉଥା’ନ୍ତି । ଯେଉଁ ବ୍ୟକ୍ତି ଭାରତରେ ବ୍ରିଟିଶ ଶାସନର ପ୍ରବଳତମ ଶତ୍ରୁ ବୋଲି ଇଂଲଣ୍ଡରେ ନିର୍ଦ୍ଧନ୍ଦ ଧାରଣା ସୃଷ୍ଟି ହୋଇଥିଲା ବୋଲି ମିଣ୍ଟୋ ବିଶ୍ୱାସ କରୁଥିଲେ, ଲୋକସଭାରେ ଏପରି କି ରକ୍ଷଣଶୀଳ ଦଳ ମଧ୍ୟ ଭାରତ ସରକାରଙ୍କ ସପକ୍ଷରେ ପଦୁଟିଏ କଥା ନ କହିବାର ଦେଖି ସେ ବିବ୍ରତ ଅନୁଭବ କରିବା ସ୍ୱାଭାବିକ । ସତରେ ଯଦି ଶତ୍ରୁ ଜଣକ ଯାଇ ଇଂଲଣ୍ଡରେ ପହଞ୍ଚି ଯାଆନ୍ତି ତେବେ ସେଠାରେ ତାଙ୍କୁ ହଲାପଟା କରିବାର ପ୍ରଶ୍ନ

ଉଠି ନ ପାରେ । ବିଷମ ପରିସ୍ଥିତି ଉପୁଜିବ । ମିଣ୍ଟୋ ଅବସର ପରେ ପରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିଲେ । ତାହା ହେବ ଦୟନୀୟ ଭାବରେ ବିଫଳ ।

୧୯୧୦ ଏପ୍ରିଲ ୧୪ ତାରିଖରେ ମୋର୍ଲେଙ୍କୁ ମିଣ୍ଟୋ ଲେଖିଲେ : ''ଅରବିନ୍ଦଙ୍କ ସମ୍ପର୍କରେ ଆମ ଲୋକସଭାରେ ଆଲୋଚନା ହେବାର ଜାଣି ମୁଁ ବିଚଳିତ । ଆମ ପାଇଁ ବର୍ତ୍ତମାନ ସେ ସବୁଠାରୁ ଭୟଙ୍କର ବ୍ୟକ୍ତି ଏବଂ ଛାତ୍ରମାନଙ୍କ ଉପରେ ତାଙ୍କ ପ୍ରଭାବ ବିପୁଳ । (He is the most dangerous man we have to deal with at present and he has great influence with the student class.) ମୋର ବିଶ୍ୱାସ ତାଙ୍କୁ ସତ୍‌ପଥକୁ ଆଣିବା ନିମନ୍ତେ ତାଙ୍କ ଭାରତୀୟ ବନ୍ଧୁବର୍ଗ ଯାବତୀୟ ଚେଷ୍ଟା କରିଛନ୍ତି, କିନ୍ତୁ ସେମାନେ ମୋତେ କହିଛନ୍ତି – ଆଶା ନାହିଁ ! ମୋତେ ବୋଧହୁଏ ଭୂପେନ୍ଦ୍ରନାଥ ବସୁ କହୁଥିଲେ, ଯଦ୍ୟପି ନୀତିଗତ ଭାବରେ ସେ କାହାରିକୁ ଦେଶାନ୍ତର ଦଣ୍ଡ ଦେବାର ପକ୍ଷପାତୀ ନୁହନ୍ତି, କିନ୍ତୁ ଯଦି ଜଣେ ମାତ୍ର କେହି ଦେଶାନ୍ତରିତ ହେବା ବିଧେୟ ତେବେ ସେ ବ୍ୟକ୍ତି ଜଣକ ଅରବିନ୍ଦ ଘୋଷ । ତୁମେ ତ ଜାଣ ଭୂପେନ୍ଦ୍ରନାଥ ବସୁ ଯେ ଆମ ରାଜାଙ୍କର ଜଣେ ଏକାନ୍ତ ଭକ୍ତ ପ୍ରଜା, ତାହା ନୁହେଁ । ଇତି ମଧ୍ୟରେ ଅରବିନ୍ଦ ଅଦୃଶ୍ୟ ହୋଇ ଯାଇଛନ୍ତି ଏବଂ ସେ ଯଦି ପ୍ରକୃତରେ ଇଂଲଣ୍ଡରେ ପହଞ୍ଚିଯା'ନ୍ତି ଏବଂ ସେଠାରେ ତାଙ୍କ ପ୍ରତି ଯଦି କୌଣସି ସହାନୁଭୂତି ପରିଲକ୍ଷିତ ହୁଏ ତାହା ହେବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।...''[୩]

ଭୂପେନ୍ଦ୍ରନାଥ ବସୁ ସେମିତି କହିବା ସତ୍ୟ ହେବାର ସମ୍ଭାବନା ନ ଥିଲା । ସେ ଜଣେ ମାନ୍ଦାପନ୍ଥୀ ନେତା ହୋଇଥିଲେ ମଧ୍ୟ ଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଥିଲା ଅଗାଧ ସମ୍ମାନ ।

କଲିକତା (ସେତେବେଳେ ଭାରତର ରାଜଧାନୀ) ଏବଂ ଲଣ୍ଡନ ଭିତରେ କ୍ଷିପ୍ର ଗତିରେ ଟେଲିଗ୍ରାମର ଆଦାନପ୍ରଦାନ ଚାଲିଲା । ଭାରତ ଶାସନର ଲଣ୍ଡନସ୍ଥିତ କର୍ତ୍ତାମାନଙ୍କ ଧାରଣା ଭାରତ ସରକାର ଅନେକ ଅଯଥା ପଦକ୍ଷେପ ନେଉଛି; କଲିକତା କର୍ତ୍ତାମାନଙ୍କ ଧାରଣା – ଏଠିକାର ବାସ୍ତବ ପରିସ୍ଥିତି ନ ଜାଣି ଲଣ୍ଡନ କର୍ତ୍ତାମାନେ ଆଦର୍ଶ ଆଉଡ଼ାଉଛନ୍ତି । ଇଂଲଣ୍ଡରେ ମତ ପ୍ରକାଶ ପାଇଲା କି କାଳ ବିଳମ୍ବ ନକରି ଶ୍ରୀଅରବିନ୍ଦଙ୍କ ନାମରୁ ପରୁଆନା ପ୍ରତ୍ୟାହାର କରି ନିଆଯାଉ । ମିଣ୍ଟୋ ସେକଥା ତାଙ୍କ ସହଯୋଗୀ ବଙ୍ଗଦେଶର ଗଭର୍ଣ୍ଣର ବେକାରଙ୍କୁ ଜଣାଇବା ସ୍ୱାଭାବିକ । ବେକାର ସାହେବ ସେତେବେଳେ ଦାର୍ଜିଲିଂରେ ଥିଲେ । ସେ ୧୯୧୦ ମସିହା ଏପ୍ରିଲ ୧୯ ତାରିଖରେ ମିଣ୍ଟୋଙ୍କୁ ଲେଖିଲେ ।

''ଅରବିନ୍ଦ ଘୋଷଙ୍କ ସମ୍ପର୍କରେ ଗତକାଲି ଟେଲିଗ୍ରାମ ଯୋଗେ ମୋ ମତ ଜଣାଇ ଥିଲି । ମହାମହିମ ଆପଣଙ୍କର ୧୫ ତାରିଖର ଗୋପନ ଟେଲିଗ୍ରାମ ଏବଂ ବ୍ୟକ୍ତିଗତ ଚିଠିର ଉତ୍ତର ଦେଉଛି ।''[୪]

ଏହା ପରେ ବେକାର ସାହେବ ବିସ୍ତୃତ ଭାବରେ ବୁଝାଇଛନ୍ତି କାହିଁକି ଶ୍ରୀଅରବିନ୍ଦଙ୍କ ବିରୋଧରେ ବାହାରି ଥିବା ଗିରଫ ପରୁଆନା ପ୍ରତ୍ୟାହାର କରା ନ ଯିବ । ସେ ଭାରତର ସରକାରୀ ଆଇନ ପରାମର୍ଶଦାତା ଓ ଆଇନର ଦୃଷ୍ଟାନ୍ତ ଦେଇ ଦର୍ଶାଇଛନ୍ତି ଯେ ଜଣକର ବିବୃତି ଯଦି ପରୋକ୍ଷ ଭାବରେ ମଧ୍ୟ ଶାସନ ବିରୋଧରେ ଜନମତ ସୃଜନ କରୁଥିବ ତେବେ ସେ ବ୍ୟକ୍ତି ବିରୋଧରେ ତୁରନ୍ତ ଦଣ୍ଡବିଧାନ ଆବଶ୍ୟକ । ଆଲିପୁର ଷଡ଼଼ଯନ୍ତ୍ର ମାମଲାରେ ଶ୍ରୀଅରବିନ୍ଦଙ୍କୁ ଖଲାସ କରିଦେବା ଭୁଲ୍ ହୋଇଛି ବୋଲି ପରେ ଗୃହ ବିଭାଗ ମତ ପ୍ରକାଶ କରିଛି ।

ଏଥିଅନ୍ତେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ବେକାର ସାହେବଙ୍କ ମତ ହେଲା, ''ନିଃସନ୍ଦେହରେ ତାଙ୍କ ପ୍ରଭାବ 'ଚରମ ମାରାତ୍ମକ' (Pernicious in the extreme) !'' ସେ ବିପ୍ଳବୀ ମନୋଭାବର ପ୍ରକ୍ରିୟ ସ୍ରଷ୍ଟା । ଖାଲି ବଙ୍ଗଦେଶରେ ନୁହେଁ, ସାରା ଭାରତରେ ରାଜଦ୍ରୋହୀ ତତ୍ତ୍ୱ ପ୍ରସାର ନିମନ୍ତେ ସେ ସର୍ବାଧିକ ଦାୟୀ । ଖୋଲାଖୋଲି ଭାବରେ ବିଦେଶୀ ଦ୍ରବ୍ୟ ବର୍ଜନ ଓ ଅସହଯୋଗର ଆହ୍ୱାନ ତାଙ୍କ ଛଡ଼ା ଆଉ କେହି ହେଲେ ଦେବାକୁ ସାହସ କରି ନାହାନ୍ତି ।

ବେକାର ପୁଣି ବୁଝାଇଛନ୍ତି, ଯଦି ତାଙ୍କ ଭଳି ଇଂରେଜ ସରକାର-ବିରୋଧୀ ମଣିଷ ସ୍ୱେଚ୍ଛାରେ ବୁଲାବୁଲି କରୁଥିବେ – ରାଜଭକ୍ତ ଜମିଦାର ଏବଂ ଅନ୍ୟ ଅନୁଗତ ବିଶିଷ୍ଟ ଲୋକେ ଅସହାୟ ଅନୁଭବ କରିବେ ନାହିଁ କି ?

ସେ ଆଇନର ବହୁ ଧାରା ଏବଂ ବିଶାରଦମାନଙ୍କ ମତର ଦୀର୍ଘ ବିବରଣୀ ଦେଇ ତାଙ୍କ ବକ୍ତବ୍ୟ ସମାପ୍ତ କରିଛନ୍ତି ।

ବଙ୍ଗ ଛୋଟଲାଟ ବେକାର ସାହେବଙ୍କର ଏବଂ ମିଣ୍ଟୋଙ୍କ ମତ ଯେ ପରସ୍ପର ପରିପୂରକ ଏବଂ ପ୍ରାୟ ପରସ୍ପର ପ୍ରତିଧ୍ୱନି, ଏହା ବୁଝିବାରେ ଅସୁବିଧା ହୁଏ ନାହିଁ । ମଜାର କଥା ହେଲା ୧୯୧୦ ଏପ୍ରିଲ ୨୮ ତାରିଖରେ ମିଣ୍ଟୋ ଏକ ଦୀର୍ଘ ଚିଠିରେ ମୋର୍ଲେଙ୍କ ମନରେ ଏହି ଧାରଣା ଦେବାକୁ ଚେଷ୍ଟା କଲେ ଯେ

ବସ୍ତୁତଃ ବଙ୍ଗଦେଶ ସରକାର ହିଁ ଶ୍ରୀଅରବିନ୍ଦଙ୍କୁ ଦେଶାନ୍ତର କରିବାକୁ ଉଦ୍‌ଗ୍ରୀବ ଥିଲେ; ସେ କିନ୍ତୁ ତାହା କରାଇ ଦେଇ ନାହାନ୍ତି ! ବର୍ତ୍ତମାନ ଆଇନଗତ ରାସ୍ତାରେ, ବିଚାରାଳୟ ଜରିଆରେ ଯଦି ଶ୍ରୀଅରବିନ୍ଦଙ୍କ ରଚନା ରାଜଦ୍ରୋହମୂଳକ ବୋଲି ସାବ୍ୟସ୍ତ କରାଯାଇ ପାରେ ତେବେ ତାହା ନ କରିବା ପ୍ରଚଣ୍ଡ ଭୁଲ୍ ହେବ ନାହିଁ କି ? କେମିତି କେଜାଣି ସେ ଏଥର ସରକାରୀ ପକ୍ଷର ଜୟ ହେବ ବୋଲି ଆଶାବାନ୍ ଥିଲେ ।

୧୯୧୦ ମେ ୫ ତାରିଖରେ ମୋର୍ଲେ ଉତ୍ତରରେ ଲେଖିଲେ କି ''ବିଖ୍ୟାତ ଅରବିନ୍ଦ''ଙ୍କ ସମ୍ପର୍କରେ ମିଣ୍ଟୋଙ୍କ ମତ ସହ ସେ ଏକମତ ନୁହନ୍ତି । ସେ ପ୍ରବନ୍ଧ ରାଜଦ୍ରୋହମୂଳକ ବୋଲି କୌଣସି ନ୍ୟାୟପରାୟଣ ବିଚାରାଳୟ ଏକମତ ହେବ ନାହିଁ । ଅଭିଯୋଗ ସାବ୍ୟସ୍ତ ହେବ ବୋଲି ବିଲକୁଲ ନିଶ୍ଚିତ ନ ହେଲେ ରାଜଦ୍ରୋହ ଅଭିଯୋଗ ଆଣିବା ମୋଟେ ଉଚିତ ନୁହେଁ । ''ଏ ପ୍ରବନ୍ଧ ଭିତ୍ତିରେ କ'ଣ ସେଭଳି ନିଶ୍ଚୟତା ଅନୁଭବ କରିବା ସମ୍ଭବ ? ମୁଁ ତ ଭାବୁଛି ମୋଟେ ନୁହେଁ ଏବଂ ମୁଁ ଆଶା କରେ ବାସ୍ତବରେ ମୋଟେ ନୁହେଁ !... ଏଭଳି ପଦକ୍ଷେପକୁ ସମର୍ଥନ କରିବା ନିମନ୍ତେ ମୋତେ କୌଣସି ଯୁକ୍ତି ପ୍ରବର୍ତ୍ତାଇ ପାରିବ ନାହିଁ । ଦେଶାନ୍ତର ଦଣ୍ଡ ପ୍ରସ୍ତାବରେ ମୁଁ କର୍ଣ୍ଣପାତ ମଧ୍ୟ କରିବି ନାହିଁ ।''(୫)

ଧନ୍ୟ ମିଣ୍ଟୋଙ୍କ ଧୈର୍ଯ୍ୟ ! ୧୯୧୦ ମେ ୨୬ ତାରିଖ ସେ ମୋର୍ଲେଙ୍କୁ ଲେଖିଲେ :

''ମୁଁ ଜମାରୁ ବୁଝିପାରୁ ନାହିଁ କାହିଁକି ତୁମେ ମନେ କରୁଛ ଯେ ପ୍ରଥିତଯଶା ଅରବିନ୍ଦ (celebrated Aurobindo) ବିଚାରାଳୟରୁ ଦଣ୍ଡ ପାଇବେ ନାହିଁ । ମୁଁ ପୁଣି କହୁଛି, ସେ ଆମ ପାଇଁ ବର୍ତ୍ତମାନ ସର୍ବାଧିକ ଭୟଙ୍କର ବ୍ୟକ୍ତି (most dangerous man) ଏବଂ ଦୁର୍ଭାଗ୍ୟଜନକ କଥା ହେଲା ଛାତ୍ର ଜଗତ୍ ଉପରେ ତାଙ୍କର ପ୍ରଭାବ ବିପୁଳ ।'' ଏହା ପରେ ଭଦ୍ରଲୋକ ପୁଣି ବଖାଣିଛନ୍ତି କିପରି ବିନା ବିଚାରରେ ଶ୍ରୀଅରବିନ୍ଦ ଦେଶାନ୍ତରିତ ହେବା ନିହାତି ପ୍ରୟୋଜନ ହୋଇଥିବା ସତ୍ତ୍ୱେ ସେ ବିଚାର ଜରିଆରେ ହିଁ ତାଙ୍କ ପାଇଁ ଦଣ୍ଡ ଆଦାୟ କରିବାକୁ ଚାହୁଁଛନ୍ତି ନିଜର କୋହଳ ମନୋଭାବ ଦୃଷ୍ଟିରୁ ! ପରିଶେଷରେ ସେ ଜଣାଇଛନ୍ତି, ''ଆପାତତଃ ଅରବିନ୍ଦ ପଣ୍ଡିଚେରୀରେ । ସେ ଫ୍ରାନ୍ସର କେତେକ ଖଳଲୋକଙ୍କ ସହ ସମ୍ପର୍କ ସ୍ଥାପନ କଲେଣି ଏବଂ ସମ୍ଭବତଃ ସେଠାକୁ ଜଳଯାତ୍ରା କରିବେ ।''(୬)

ଧନ୍ୟ ମଧ୍ୟ ମୋର୍ଲେଙ୍କ ଧୈର୍ଯ୍ୟ ! ୧୯୧୦ ଜୁନ୍ ୧୫ ତାରିଖରେ ସେ ମିଣ୍ଟୋକୁ ଲେଖିଥିଲେ :

''ମୁଁ କାହିଁକି ଅରବିନ୍ଦ ବିଚାରାଳୟ ଦ୍ୱାରା ଦଣ୍ଡିତ ହେବେ ନାହିଁ ବୋଲି ଭାବୁଛି ତୁମେ ବୁଝିପାରୁ ନାହଁ ! ପ୍ରବନ୍ଧ ପ୍ରକାଶ ହେବା ପରେ ଏଡ଼େ ବିଳମ୍ବରେ ଅଭିଯୋଗ ଆଣିବା ହେଲା ବେକାରଙ୍କର ପ୍ରଥମ ଭୁଲ୍ ଏବଂ ତାହା ତାଙ୍କ ପାଇଁ ସମ୍ମାନଜନକ କଥା ନୁହେଁ । ପ୍ରବନ୍ଧଟି ପଢ଼ିଥିବା ଲୋକଙ୍କ ଭିତରୁ ମୁଁ ଜଣକୁ ମଧ୍ୟ ପାଇଲି ନାହିଁ ଯିଏ ଅରବିନ୍ଦଙ୍କର ସେ ପ୍ରବନ୍ଧର ଗୋଟାଏ ମଧ୍ୟ ଧାଡ଼ିରେ ଦଣ୍ଡନୀୟ ରାଜଦ୍ରୋହର ପ୍ରମାଣ ପାଇଲେ । ଏଭଳି ପଦକ୍ଷେପକୁ ସମର୍ଥନ କରିବା ନିମନ୍ତେ କୌଣସି ଯୁକ୍ତି ମୋତେ ସମ୍ମତ କରାଇ ପାରିବ ନାହିଁ ।''(୭)

ତତ୍ପରେ ମୋର୍ଲେ ଜଣାଇ ଦେଇଛନ୍ତି ଯେ ଯଦି ଦୈବାତ୍ ଶ୍ରୀଅରବିନ୍ଦ ଇଂଲଣ୍ଡରେ ପହଞ୍ଚନ୍ତି ଏବଂ ପଳାତକ ଅପରାଧୀ ଭାବରେ ତାଙ୍କୁ ଭାରତ ସରକାର ଫେରାଇ ଆଣିବାକୁ ଚାହାଁନ୍ତି, ସେମିତି ପ୍ରସ୍ତାବ ସେ ନାକଚ କରିଦେବେ ।... ''କିନ୍ତୁ ଆମେ ଯାହା ଜାଣିବାକୁ ପାଇଛୁ, ସେ ରାଜନୈତିକ ଆନ୍ଦୋଳନରୁ ଅବ୍ୟାହତି ନେଇଛନ୍ତି । ଦେଶାନ୍ତର ? ମୁଁ ଭାବି ପାରୁ ନାହିଁ...''(୮)

ମିଣ୍ଟୋଙ୍କ କାର୍ଯ୍ୟକାଳ ଶେଷ ହେଲା । କିନ୍ତୁ ଶ୍ରୀଅରବିନ୍ଦ ରାଜନୀତି ତ୍ୟାଗ କରୁଛନ୍ତି ଏକଥା ଭଦ୍ରଲୋକ ବିଶ୍ୱାସ କରିପାରିଲେ ନାହିଁ; ଜୀବନର ଆଭିମୁଖ୍ୟ କେଡ଼େ ବ୍ୟାପକ ହୋଇପାରେ ତାହା ତାଙ୍କ ଜ୍ଞାନ ପରିସରର ବାହାରେ ଥିଲା । ୧୯୧୦ ଜୁଲାଇ ୭ ତାରିଖରେ ସେ ମୋର୍ଲେଙ୍କୁ ଲେଖିଲେ,

''ଅରବିନ୍ଦ ଘୋଷଙ୍କ ବ୍ୟାପାର ମୁଁ ତୁମ ଉପରେ ଛାଡ଼ି ଦେଲି । ତାଙ୍କ ପରିବର୍ତ୍ତନ ସମ୍ପର୍କରେ ତୁମେ କିଭଳି ସମ୍ବାଦ ପାଇଛ ମୁଁ ଜାଣେନା । ମୁଁ କେବଳ କହିପାରେ ମୋତେ ମିଳିଥିବା ସମ୍ବାଦ ଅତୀବ ପ୍ରତ୍ୟକ୍ଷ ଏବଂ ତାଙ୍କ ଅନ୍ତରଙ୍ଗ ବନ୍ଧୁମାନଙ୍କ ବିଶ୍ୱାସ, ସେ କଦାଚ ସୁଧୁରିବେ ନାହିଁ (quite beyond reclamation) ।''(୯)

ମିଣ୍ଟୋ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ । ସମ୍ଭବତଃ ମୃତ୍ୟୁ (୧୯୧୪) ପର୍ଯ୍ୟନ୍ତ ସାହେବ ଜଣକ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ତାଙ୍କ ସୀମିତ ଧାରଣାରେ ଅଟଳ ଥିଲେ ।

ଭାରତର ସାମାଜିକ ବାତାବରଣରେ ବଙ୍ଗଭଙ୍ଗ ଜରିଆରେ କର୍ଜନ ଯେଉଁ ବିଷର ଲହରି ଖେଳାଇ ଦେଇଥିଲେ ମିଣ୍ଟୋ ତାହା ଅବ୍ୟାହତ ରଖିଥିଲେ । ତାଙ୍କ ଆସନରେ ଆସିଲେ

ଯେଉଁ ଚାର୍ଲସ୍ ହାର୍ଡ଼ିଞ୍ଜ୍, ସେ ଥିଲେ ବିବେକୀ । ପୂର୍ବବର୍ତ୍ତୀ ଦୁଇ ବଡ଼ଲାଟଙ୍କର କେତୋଟି ଅନୁଚିତ କର୍ମର ଫଳ ସେ ସୁଧାରିବାକୁ ଚେଷ୍ଟା କରିଥିଲେ । ୧୯୧୧ ଡିସେମ୍ବରରେ ପଞ୍ଚମ ଜର୍ଜଙ୍କ ଭାରତ ଆଗମନ ଉପଲକ୍ଷେ ଦିଲ୍ଲୀରେ ବିପୁଳ ଜାକଜମକରେ ଅନୁଷ୍ଠିତ ହେଲା ଦରବାର । ସେହି ଦରବାରରେ ଖଣ୍ଡିତ ବଙ୍ଗଦେଶକୁ ପୁନର୍ବାର ଏକ କରିବାର ସିଦ୍ଧାନ୍ତ ଘୋଷିତ ହେଲା । ଅନ୍ୟ ଘୋଷିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଲା ଭାରତର ରାଜଧାନୀ କଲିକତାରୁ ଦିଲ୍ଲୀକୁ ଅପସାରଣ ।

ଦୁର୍ଭାଗ୍ୟର ବିଷୟ ମହାନଗରୀ ଭିତରକୁ ରାଜକୀୟ ଶୋଭାଯାତ୍ରା ପ୍ରବେଶ କରିବା ବେଳେ ହାର୍ଡ଼ିଞ୍ଜଙ୍କ ଉପରେ ପଡ଼ିଲା ବୋମା । ସେ ଗୁରୁତର ଆହତ ହେବା ସତ୍ତ୍ୱେ ଶାନ୍ତ ରହିଥିଲେ । ତାଙ୍କ ପରବର୍ତ୍ତୀକାଳୀନ ମନୋଭାବରୁ ମଧ୍ୟ ସେ ଆକ୍ରମଣକାରୀ ଗୋଷ୍ଠୀ ପ୍ରତି ପ୍ରତିଶୋଧ ପରାୟଣ ହେବାର ପ୍ରମାଣ ମିଳି ନ ଥିଲା । ପରେ ପରେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ପ୍ରତି ଗୋରା ସରକାରଙ୍କର ଅନ୍ୟାୟ ବିରୋଧରେ ସେ ତୀବ୍ର ପ୍ରତିବାଦ କରିଥିଲେ ଏବଂ ଗୋରା ସରକାରଙ୍କ ନୀତିରେ ପରିବର୍ତ୍ତନ ଆଣିବା ଦିଗରେ ତାଙ୍କ ମତର ବିଶେଷ ଭୂମିକା ଥିଲା । ଇଂଲଣ୍ଡ ଓ ଭାରତ ଭିତରେ ସଦିଚ୍ଛା ପ୍ରବର୍ତ୍ତନ ନିମନ୍ତେ ସେ ନାନା ଉଦ୍ୟମ କରୁଥିଲେ । ତାଙ୍କର ସମସ୍ତ ନୀତିକୁ ଯେ ଶ୍ରୀଅରବିନ୍ଦ ସମର୍ଥନ କରୁଥିଲେ ତାହା ନୁହେଁ, କିନ୍ତୁ ତାତ୍ପର୍ଯ୍ୟପୂର୍ଣ୍ଣ ରହସ୍ୟ ହେଲା ଶ୍ରୀଅରବିନ୍ଦ ହାର୍ଡ଼ିଞ୍ଜଙ୍କ ଆରୋଗ୍ୟ ନିମନ୍ତେ ତାଙ୍କ ଦିବ୍ୟଶକ୍ତି ପ୍ରୟୋଗ କରିଥିଲେ ଏବଂ ସଫଳ ହୋଇଥିଲେ । ଶ୍ରୀଅରବିନ୍ଦଙ୍କର 'Records of Yoga' (ଯାହା ପ୍ରକାଶ ପାଇଁ ଉଦ୍ଦିଷ୍ଟ ନ ଥିଲା – ଯଦ୍ୟପି ପ୍ରକାଶ ପାଇଛି)ରୁ ଆମେ ଏହା ଜାଣିବାକୁ ପାଉ ।[୧୦]

ହାର୍ଡ଼ିଞ୍ଜ୍ ନିଜ କୌତୂହଳ ଯୋଗୁଁ ଶ୍ରୀଅରବିନ୍ଦଙ୍କ ମାମଲା ନିଷ୍ପାପର ଭାବରେ ଅଧ୍ୟୟନ କରି ଇଂଲଣ୍ଡର ଭାରତ ବିଭାଗ ମୁଖ୍ୟଙ୍କୁ ଜଣାଇଥିଲେ ଯେ ମାମଲାଟି ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ ଅଯଥାର୍ଥ ଥିଲା ![୧୧]

କ୍ରମେ ଯେତେବେଳେ ସରକାର ହୃଦୟଙ୍ଗମ କଲେ ଯେ ବହୁ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରୟାସ ସତ୍ତ୍ୱେ ଫରାସୀ ସରକାର ଶ୍ରୀଅରବିନ୍ଦଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବେ ନାହିଁ ସେତେବେଳେ ତାଙ୍କୁ ତାଙ୍କ ନିଜ ଇଚ୍ଛାରେ ବ୍ରିଟିଶ ଭାରତକୁ ଫେରିବାକୁ ନାନାଦି ଭାବେ ପ୍ରଲୁବ୍ଧ କରାଗଲା । ବଙ୍ଗଦେଶର ଗଭର୍ଣ୍ଣର ଲର୍ଡ କାର୍ମାଇକ୍ୟାଲ ପ୍ରସ୍ତାବ ଦେଲେ ସେ ଦାର୍ଜିଲିଂର ଗୋଟିଏ ମନୋରମ ସ୍ଥାନରେ ତାଙ୍କ ସକାଶେ ସୁନ୍ଦର ବଙ୍ଗଳାଟିଏ ବନ୍ଦୋବସ୍ତ କରାଇ ଦେବେ । ସେଠାରେ ଗଭର୍ଣ୍ଣର ମହୋଦୟ ସ୍ୱୟଂ ''ତାଙ୍କ ସହ ଦର୍ଶନ ଆଲୋଚନା କରିବାକୁ'' ଆଗମନ କରୁଥିବେ ![୧୨]

ଫରାସୀ ସରକାର ମଧ୍ୟ ସସମ୍ମାନ ଏ ବିପଜ୍ଜନକ ଅତିଥିଙ୍କ ଦାୟିତ୍ୱରୁ ମୁକୁଳିବାକୁ ଚାହୁଁଥିଲେ । ସେମାନେ ପ୍ରସ୍ତାବ କଲେ, ଆଲ୍‌ଜେରିଆର ଗୋଟାଏ ଶାନ୍ତିପୂର୍ଣ୍ଣ ସ୍ଥାନରେ ତାଙ୍କ ନିବାସ ନିମନ୍ତେ ସେମାନେ ସୁନ୍ଦର ବ୍ୟବସ୍ଥା କରିଦେବେ । ଶ୍ରୀଅରବିନ୍ଦଙ୍କ ଦୃଢ଼ୋକ୍ତି ହେଲା, ''ମୁଁ ଏଠାରୁ ଟଳିବାକୁ ପ୍ରସ୍ତୁତ ନୁହେଁ ।''[୧୩]

୧୯୧୪ ମସିହା ଅଗଷ୍ଟରେ ପ୍ରଥମ ମହାଯୁଦ୍ଧ ଆରମ୍ଭ ହୋଇଗଲା ପୃଥିବୀକୁ ଚମକାଇ ଦେଇ । ତହିଁର ଅବ୍ୟବହିତ ପୂର୍ବରୁ ''ଆର୍ଯ୍ୟ'' ପ୍ରକାଶନ ଆରମ୍ଭ ହୋଇଥାଏ । କ୍ରମେ ଶ୍ରୀଅରବିନ୍ଦଙ୍କ ବ୍ୟକ୍ତିତ୍ୱ ଶିକ୍ଷିତ ସମାଜ ସକାଶେ ନୂତନ ତାତ୍ପର୍ଯ୍ୟ ଗ୍ରହଣ କଲା ।

ବ୍ରିଟିଶ ସରକାରଙ୍କ ମନରେ କେତେ କାଳ ଶ୍ରୀଅରବିନ୍ଦଙ୍କ ପ୍ରତି ଭୟ ଅବ୍ୟାହତ ରହିଲା ଜଣା ନାହିଁ । କିନ୍ତୁ ଫରାସୀ ଉପନିବେଶର କେତେକ ସମ୍ଭ୍ରାନ୍ତ ଚିନ୍ତାଶୀଳ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧା ପୋଷଣ କରିବାକୁ ଆରମ୍ଭ କଲେ । ତେଣୁ ଆୟାଙ୍ଗାରଙ୍କ ଭାଷାରେ ପ୍ରାକ୍-ନିର୍ଦ୍ଧାରିତ ଶିଖର ଦିଗରେ ଯୌଗିକ ଯାତ୍ରା ପାଇଁ ଶ୍ରୀଅରବିନ୍ଦଙ୍କ ସମ୍ମୁଖରୁ ସମସ୍ତ ପ୍ରତିବନ୍ଧକ ଅପସରି ଗଲା ।

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା**


୧. ଶ୍ରୀଅରବିନ୍ଦ : A Biography and a History; ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ।

୨-୯. Old India Office Library, London; ୧୦. Records of Yoga : ୧୯୧୨ ଡିସେମ୍ବର ୨୭ ତାରିଖ ।

୧୧. Old India Office Library, London; ୧୨. ନୀରଦବରଣ : Talks with Sri Aurobindo, Sri Aurobindo Ashram, Pondicherry; ୧୩. ନଳିନୀକାନ୍ତ ଗୁପ୍ତ : Reminiscences.

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ପ୍ରଥମ ଅଧ୍ୟାୟ)

## ଦୁଇ ପ୍ରକୃତି

**ଶେଖ ଅବଦୁଲ କାଶମ**

କର୍ମ ଓ ଜ୍ଞାନର ନିବିଡ଼ ସମ୍ପର୍କ ତଥା ସମନ୍ୱୟ କିପରି ସମ୍ଭବ ହୋଇପାରେ ତାହା ଗୀତାର ପ୍ରଥମ ଛଅଟି ଅଧ୍ୟାୟରେ ଦର୍ଶାଇ ଦିଆଯାଇଛି । ପରବର୍ତ୍ତୀ ଛଅଟି ଅଧ୍ୟାୟ (ସପ୍ତମରୁ ଦ୍ୱାଦଶ) ହେଉଛି ଭଗବାନଙ୍କ ପ୍ରକୃତି ବିଷୟରେ ଏକ ତାତ୍ତ୍ୱିକ ବର୍ଣ୍ଣନା ଯେଉଁଥିରେ ଜ୍ଞାନ ଓ ଭକ୍ତିର ନିଗୂଢ଼ ସମନ୍ୱୟ କରାଯାଇଛି । ଏକାଦଶ ଅଧ୍ୟାୟରେ ଦିଆଯାଇଥିବା ଭଗବାନଙ୍କ ବିଶ୍ୱରୂପର ବର୍ଣ୍ଣନା ଏହି ସମନ୍ୱୟକୁ ଏକ ସକ୍ରିୟ ଓ ଜୀବନ୍ତ ରୂପ ଦେବା ସଙ୍ଗେ ସଙ୍ଗେ ଏହାରି ଭିତ୍ତି ଉପରେ କର୍ମ ଓ ଜୀବନକୁ ଗତିଶୀଳତା ପ୍ରଦାନ କରିଛି । ଗୀତାର ଶେଷ ଛଅ ଅଧ୍ୟାୟ (ତ୍ରୟୋଦଶରୁ ଅଷ୍ଟାଦଶ)ରେ ପୁରୁଷ ଓ ପ୍ରକୃତି ମଧ୍ୟରେ ଥିବା ପ୍ରଭେଦ, ଗୁଣତ୍ରୟର କ୍ରିୟା ଓ ଗୁଣାତୀତ ଅବସ୍ଥା ଏବଂ ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟ ବିଷୟ ବର୍ଣ୍ଣିତ ହୋଇଛି ।

ଭଗବାନଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଓ ସମଗ୍ର ଜ୍ଞାନ ଲାଭ ଦ୍ୱାରା ଦିବ୍ୟକର୍ମର ଭିତ୍ତି ସ୍ଥାପିତ ହୋଇପାରେ । ଭଗବାନ୍ ହେଉଛନ୍ତି ସମସ୍ତ କର୍ମର ଉତ୍ସ ଓ ଅଧୀଶ୍ୱର । ସେ ଶାଶ୍ୱତ କାଳ ପାଇଁ ପୂର୍ଣ୍ଣ ମୁକ୍ତ । ତାଙ୍କର ସମଗ୍ର ତତ୍ତ୍ୱ ଓ ମୁକ୍ତ ସ୍ୱରୂପକୁ ଉପଲବ୍ଧି କଲେ ବ୍ୟକ୍ତି ମଧ୍ୟ ମୁକ୍ତ ହୋଇ ପାରିବ । ମନ, ବୁଦ୍ଧି ଓ ଅହଙ୍କାରକୁ ନେଇ ମନୁଷ୍ୟ ଦୁଃଖ, ଦ୍ୱନ୍ଦ୍ୱ, ଅଜ୍ଞାନ ଓ ମାୟାର ଅଧୀନ ହୋଇ ବାସ କରୁଛି । ସେ ଯେତେବେଳେ ଭଗବାନଙ୍କ ସମଗ୍ର ଶକ୍ତି ଓ ତତ୍ତ୍ୱ (ବାସୁଦେବଂ ସର୍ବମ୍)କୁ ସମଗ୍ର ରୂପେ (ଅଶେଷତଃ) ଜାଣି ପାରିବ ସେତେବେଳେ ତା'ର ସମସ୍ତ ଦୁଃଖ ଓ ଅଜ୍ଞାନ ସମୂଳେ ଦୂରୀଭୂତ ହେବ ।

ପରମ ଅଖଣ୍ଡ ଜ୍ଞାନର ଦୁଇଟି ଦିଗ ରହିଛି ଯଥା : ଜ୍ଞାନ ଓ ବିଜ୍ଞାନ । ପରମ ଭାଗବତ ସତ୍ତାଙ୍କର ମୂଳତତ୍ତ୍ୱକୁ ପ୍ରତ୍ୟକ୍ଷ ରୂପେ ଜାଣିବା ହେଉଛି ଜ୍ଞାନ (essential knowledge) ଏବଂ ସେହି ପରମସତ୍ତାଙ୍କ ମୂଳତତ୍ତ୍ୱର ଅସଂଖ୍ୟ ଧାରାରେ ପ୍ରକାଶ ଓ ବିକାଶକୁ ସମଗ୍ର ରୂପେ ଜାଣିବା ହେଉଛି ବିଜ୍ଞାନ (comprehensive knowledge) । ଅର୍ଥାତ୍ ପରମସତ୍ତା ମୁଖ୍ୟତଃ ପୁରୁଷ ଓ ପ୍ରକୃତି ରୂପେ ନିଜକୁ ଅଭିବ୍ୟକ୍ତ କରି ସୃଷ୍ଟି ମଧ୍ୟରେ ଅଗଣିତ ଧାରାରେ ପ୍ରସାର ଲାଭ କରିଛନ୍ତି । ସେ ନିଜେ ହିଁ ସ୍ୱେଚ୍ଛାରେ ସୃଷ୍ଟିରେ ପରିଣତ ହୋଇଛନ୍ତି । ତାଙ୍କର ଆତ୍ମ-ପ୍ରସାରରୂପୀ ନିଖିଳ ସୃଷ୍ଟିକୁ ଜାଣିବା ହେଉଛି ବିଜ୍ଞାନ । ବିଶ୍ୱଜଗତର ସମସ୍ୟାକୁ ବୁଝିବା ତଥା ସମାଧାନ କରିବା ସକାଶେ ଏହି ଉଭୟ ପ୍ରକାର ଜ୍ଞାନଲାଭ କରିବାକୁ ହେବ ।

ଏଭଳି ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହେବା ଏକ ବିରଳ ବ୍ୟାପାର । ଗୀତା କହିଛି ଯେ ସହସ୍ର ସହସ୍ର ମନୁଷ୍ୟମାନଙ୍କ ମଧ୍ୟରେ କ୍ୱଚିତ୍ କେହି ଜଣେ ସିଦ୍ଧି ଲାଭ ପାଇଁ ପ୍ରୟାସ କରିଥା'ନ୍ତି ଏବଂ ସେହି ପ୍ରୟାସଶୀଳ ସିଦ୍ଧମାନଙ୍କ ମଧ୍ୟରେ କ୍ୱଚିତ୍ କେହି ଜଣେ ହିଁ ଭଗବାନଙ୍କୁ ''ତତ୍ତ୍ୱତଃ'' (ଅର୍ଥାତ୍ ତାଙ୍କର ସମଗ୍ର ସତ୍ତା ଓ ସ୍ୱରୂପକୁ) ଜାଣିପାରନ୍ତି ।

ଭଗବାନଙ୍କ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଲାଭ କରିବା ପାଇଁ ଆମକୁ ଦୁଇ ପ୍ରକୃତି ବିଷୟରେ ଜାଣିବାକୁ ହେବ – ଗୋଟିଏ ହେଉଛି ପ୍ରାତିଭାସିକ ପ୍ରକୃତି ବା ନିମ୍ନ ପ୍ରକୃତି (phenomenal nature or lower nature) ଏବଂ ଅନ୍ୟଟି ହେଉଛି ଆଧ୍ୟାତ୍ମିକ ପ୍ରକୃତି ବା ପରାପ୍ରକୃତି (Spiritual nature or Higher Nature) ।

ଭୌତିକ ସୃଷ୍ଟିର ମୂଳଭୂତ ପଞ୍ଚତତ୍ତ୍ୱ (କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ) । ଇନ୍ଦ୍ରିୟଗଣ ସହ ମନ, ବୁଦ୍ଧି ଏବଂ ଅହଙ୍କାର – ଏହି ଆଠଟି ତତ୍ତ୍ୱ ହେଉଛି ନିମ୍ନ ପ୍ରକୃତିର ଅନ୍ତର୍ଗତ । ସାଂଖ୍ୟ ଦର୍ଶନର ଏହି ପ୍ରକୃତି ତତ୍ତ୍ୱ ସହିତ ଗୀତା ଆଉ ଏକ ଉଚ୍ଚତର ପ୍ରକୃତି ବିଷୟରେ କହିଛି । ଭଗବାନଙ୍କର ଏକ ପରମା ପ୍ରକୃତି ରହିଛି (ପରା ପ୍ରକୃତିର୍ମେ) । ଏହା ସମଗ୍ର ବିଶ୍ୱଜଗତର ଉତ୍ସ । ସକଳ ସୃଷ୍ଟି ସେହି ପରାପ୍ରକୃତି ଉପରେ ଆଶ୍ରିତ । ନିମ୍ନସ୍ଥ ଅଜ୍ଞାନମୟୀ ପ୍ରକୃତି ସେହି ଉଚ୍ଚତର ପ୍ରକୃତିରୁ ହିଁ ଉଦ୍ଭୂତ । ତାହା

ଉଚ୍ଚତର ପ୍ରକୃତିଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହି ନାହିଁ । ପରାପ୍ରକୃତି ଏହି ପ୍ରାତିଭାସିକ ନିମ୍ନ ପ୍ରକୃତିର ପୃଷ୍ଠରେ ଥାଇ ତା'ର ପୋଷଣ ଓ ମାର୍ଗଦର୍ଶନ କରୁଛି । ପରାପ୍ରକୃତି ହିଁ ନିଜକୁ ଜୀବ ରୂପେ ଅଭିବ୍ୟକ୍ତ କରି ବିଶ୍ୱ ଲୀଳାର ପରିଚାଳନା କରୁଛି (ପରାପ୍ରକୃତିର୍ଜୀବଭୂତା) । ସମସ୍ତ ମନୁଷ୍ୟ, ପ୍ରାଣୀ ଓ ବସ୍ତୁ ଏହି ପରାପ୍ରକୃତିର ଏକ ଏକ ପ୍ରସର୍ଜନ (Projection) ମାତ୍ର । ସୁତରାଂ ଏ ସମସ୍ତଙ୍କ ମଧ୍ୟରେ ଏକ ମୂଳଭୂତ ଏକତ୍ୱ ପ୍ରଚ୍ଛନ୍ନ ହୋଇ ରହିଛି ।

ଉଚ୍ଚତର ପ୍ରକୃତି ଯେତେବେଳେ ନିଜକୁ ପ୍ରସୀମିତ କରି ମିଥ୍ୟା ଓ ଅଜ୍ଞାନର କ୍ଷେତ୍ର ମଧ୍ୟରେ କ୍ରିୟା କରେ ତାହାକୁ ଆମେ ନିମ୍ନତର ପ୍ରକୃତି ବା ପ୍ରାତିଭାସିକ ପ୍ରକୃତି ବୋଲି ଜାଣୁ । ଉଚ୍ଚତର ପ୍ରକୃତିର ବିନା ସହାୟତାରେ ନିମ୍ନତର ପ୍ରକୃତିର ଅସ୍ତିତ୍ୱ ଓ କ୍ରିୟା ସମ୍ଭବ ନୁହେଁ । ପରାପ୍ରକୃତି ହେଉଛି ପରମ ପୁରୁଷଙ୍କର ପୂର୍ଣ୍ଣ ଚିତ୍ ଶକ୍ତି ଯାହା ଆତ୍ମା ଓ ଜଗତର ପଶ୍ଚାତରେ ସକ୍ରିୟ ରୂପେ ବିଦ୍ୟମାନ । ଯେତେବେଳେ ଏହା ଅକ୍ଷର ପୁରୁଷର ସ୍ଥିତିରେ ରହେ ସେତେବେଳେ ତାହା 'ନିବୃତ୍ତି' ବା ନିଷ୍କ୍ରିୟ ଅବସ୍ଥା ରୂପେ ପରିଚିତ । ଅର୍ଥାତ୍ ସେତେବେଳେ ତାହା ଆତ୍ମା ମଧ୍ୟରେ ନିମଜ୍ଜିତ ରହି କର୍ମରୁ ନିବୃତ୍ତ ହୋଇଥାଏ । ଯେତେବେଳେ ଏହା କ୍ଷର ପୁରୁଷରେ ଏବଂ ଜଗତରେ କର୍ମ ମଧ୍ୟରେ ପ୍ରକାଶିତ ହୁଏ ସେତେବେଳେ ତାହାକୁ 'ପ୍ରବୃତ୍ତି' ବୋଲାଯାଏ । ପରାପ୍ରକୃତି ନିଜର ସୃଜନୀ ଶକ୍ତି ଦ୍ୱାରା ଆତ୍ମା ମଧ୍ୟରେ ସର୍ବଭୂତଙ୍କୁ ଅଭିବ୍ୟକ୍ତ କରେ ଏବଂ ସେମାନଙ୍କ ଭିତରେ ତାହା ମୂଳ ଆଧ୍ୟାତ୍ମିକ ପ୍ରକୃତି ରୂପେ ଉପସ୍ଥିତ ଥାଏ । ସକଳ ପ୍ରାଣୀ ଓ ମନୁଷ୍ୟମାନଙ୍କର ବାହ୍ୟ ଓ ଆଭ୍ୟନ୍ତରୀଣ ଘଟଣାସମୂହର ପଶ୍ଚାତରେ ପରାପ୍ରକୃତି ହିଁ ସ୍ଥାୟୀ ସତ୍ୟ ରୂପେ ବିଦ୍ୟମାନ ଥାଏ । ଏହା ହିଁ ହେଉଛି ଭୂତସକଳଙ୍କର ମୂଳ ଗୁଣ ଓ ଶକ୍ତି ଯାହାକୁ ଗୀତା 'ସ୍ୱଭାବ' (self-nature) ବୋଲି କହିଛି । ଏଠାରେ 'ସ୍ୱଭାବ' କହିଲେ ପରିବାର, ପରିବେଶ ଓ ସଂସ୍କୃତି ମଧ୍ୟରୁ ଆହରଣ କରାଯାଇଥିବା ଗୁଣକୁ ବୁଝାଉ ନାହିଁ । 'ସ୍ୱଭାବ' ହେଉଛି ସେହି ସହଜାତ ଗୁଣ ଯାହା ଆତ୍ମାର ବିକାଶ ନିମିତ୍ତ ପରାପ୍ରକୃତି ମଧ୍ୟରୁ ପ୍ରାପ୍ତ ହୋଇଥାଏ ।

ନିମ୍ନ ପ୍ରକୃତି ଅନ୍ତର୍ଗତ ଇନ୍ଦ୍ରିୟଗତ ଓ ବୁଦ୍ଧିଗତ କ୍ରିୟାସମୂହ ଏବଂ ଗୁଣତ୍ରୟ ଦ୍ୱାରା ପ୍ରେରିତ ନାନା ପରିଣାମସବୁ ହେଉଛି ପ୍ରାତିଭାସିକ (phenomenal) ଘଟଣା ଯାହା ସତ୍ତାର କେନ୍ଦ୍ରରେ ଥିବା ଏହି ଆଧ୍ୟାତ୍ମିକ ଶକ୍ତି ଯୋଗୁଁ ହିଁ ସମ୍ଭବ ହୋଇଥାଏ । ସକଳ ଭୂତ ଓ ବସ୍ତୁରାଜି ଆପଣା ଭିତରେ ଥିବା ସେହି ଦିବ୍ୟଶକ୍ତି ମଧ୍ୟରୁ ବଳ ଓ ଅଭିପ୍ରେରଣା ସଂଗ୍ରହ କରି ବିଭିନ୍ନ କ୍ରିୟା ଓ ଗତିବୃତ୍ତିରେ ଜଡ଼ିତ ହୁଅନ୍ତି । ସୁତରାଂ ଯଦି ଆମେ ଅନ୍ତରସ୍ଥ ସେହି ଆଧ୍ୟାତ୍ମିକ ସତ୍ୟ, ଶକ୍ତି ବା ଗୁଣକୁ ଉପଲବ୍ଧି କରି ପାରିବା ତାହା ହେଲେ ଆମ କର୍ମମୟ ଜୀବନ ପ୍ରବାହର ଯଥାର୍ଥ ବିଧାନଟି ଆମେ ହାସଲ କରି ପାରିବା ।

ଶ୍ରୀକୃଷ୍ଣ କହିଛନ୍ତି – ''ପ୍ରକୃତିଂ ମେ ପରାମ୍'' । ଅର୍ଥାତ୍ ''ଉଚ୍ଚତର ପ୍ରକୃତି ହିଁ ମୋର ପରାପ୍ରକୃତି'' । ପରମାତ୍ମାଙ୍କର ଆଦ୍ୟା ସନାତନୀ ପ୍ରକୃତି ହେଉଛି ପରାପ୍ରକୃତି ଯାହା ନିଖିଳ ସୃଷ୍ଟିର ମୂଳ ଶକ୍ତି ଅଟେ । ବିଶ୍ୱାତୀତ ସ୍ଥିତିରେ ତାହା ପ୍ରତିଷ୍ଠିତ । ତା' ମଧ୍ୟରୁ ସକଳ ଭୂତ ଓ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଉତ୍ପତ୍ତି ଲାଭ କରିଛନ୍ତି । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି – ''ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା'' (୭/୬), ଅର୍ଥାତ୍ ''ମୁଁ ହିଁ ନିଖିଳ ଜଗତର ଉତ୍ପତ୍ତିର କାରଣ ଓ ପ୍ରଳୟର କାରଣ ।'' ପୁଣି, ''ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ'' (୭/୭), ଅର୍ଥାତ୍ ''ମୋ'ଠାରୁ ଅତୀତ, ମୋ ଅପେକ୍ଷା ଶ୍ରେଷ୍ଠ ଅନ୍ୟ କିଛି ନାହିଁ ।'' ଏଥିରୁ ଜଣାଗଲା ଯେ ପରମାତ୍ମା ବା ପୁରୁଷୋତ୍ତମ ଓ ପରାପ୍ରକୃତି ଏକ ହିଁ ତତ୍ତ୍ୱ । ଅନନ୍ତ ଚେତନାର ଅଧିକାରୀ ପରମାତ୍ମା ହେଉଛନ୍ତି ପରମ ପୁରୁଷ ଏବଂ ପରାପ୍ରକୃତି ହେଉଛି ସେହି ପରମ ପୁରୁଷଙ୍କର ଅନନ୍ତ ଶକ୍ତି ଓ ସଂକଳ୍ପ ଯାହା ବିଶ୍ୱାତୀତ ହୋଇ ମଧ୍ୟ ସୃଷ୍ଟି ମଧ୍ୟରେ କ୍ରିୟାଶୀଳ । ଉଚ୍ଚତମ କ୍ରିୟା ସ୍ତରରେ ପୁରୁଷ ଓ ପ୍ରକୃତି ଏକ । ସେଠାରେ ପ୍ରକୃତି ହେଉଛି ପୁରୁଷର ସଂକଳ୍ପ ଓ କାର୍ଯ୍ୟକାରିଣୀ ଶକ୍ତି, ପୁରୁଷଠାରୁ ଭିନ୍ନ ତାହା କୌଣସି ସ୍ୱତନ୍ତ୍ର ଶକ୍ତି ନୁହେଁ । ପରମାତ୍ମାଙ୍କ ମଧ୍ୟରେ ରହିଥିବା ଚିତ୍ ଶକ୍ତିର ଏକ ପ୍ରସାର ଓ ବିକାଶ ହେଉଛି ଏହି ବିଶ୍ୱଜଗତ । କ୍ଷର ଜଗତରେ ପରାପ୍ରକୃତିର ଲୀଳା ହିଁ ସୃଷ୍ଟି ରୂପେ ପରିଚିତ । ଯେତେବେଳେ ଅକ୍ଷର ବ୍ରହ୍ମଙ୍କ ଭିତରେ ସେହି ଲୀଳା ପ୍ରତ୍ୟାହୃତ ହୋଇଯାଏ, ଅର୍ଥାତ୍ ଯେତେବେଳେ ପରମାତ୍ମା ବିଶ୍ୱରେ କ୍ରିୟା କରୁଥିବା ତାଙ୍କର ପରାପ୍ରକୃତିକୁ ନିଜ ଭିତରକୁ ସଂଗୃହୀତ ବା ସଂହରଣ କରି ନିଅନ୍ତି ସେତେବେଳେ ସେହି ଅବସ୍ଥାକୁ ପ୍ରଳୟ ବୋଲି କୁହାଯାଏ ।

ପରାପ୍ରକୃତି ତାଙ୍କର ବହୁମୁଖୀ ବିଶ୍ୱଲୀଳାକୁ ଏକ ଆଧ୍ୟାତ୍ମିକ ଭିତ୍ତି ଯୋଗାଇ ଦେବା ପାଇଁ ନିଜକୁ ଜୀବ ରୂପେ ଅଭିବ୍ୟକ୍ତ କରିଛନ୍ତି । ଅନ୍ୟ ଭାଷାରେ କହିଲେ, ପୁରୁଷୋତ୍ତମଙ୍କ ଅନେକାତ୍ମକ ଶାଶ୍ୱତ ଆତ୍ମସ୍ୱରୂପ ହିଁ ଜଗତର ସମସ୍ତ ନାମ,

ରୂପ ମଧ୍ୟରେ ବ୍ୟକ୍ତିଗତ ଆଧ୍ୟାତ୍ମିକ ସତ୍ତା ରୂପରେ ବିରାଜମାନ କରୁଛି । ସୃଷ୍ଟିର ସକଳ ଭୂତ ଓ ବସ୍ତୁ ଏକ ହିଁ ପୁରୁଷଙ୍କୁ ନିଜ ମଧ୍ୟରେ ଧାରଣ କରିଛନ୍ତି ଏବଂ ତାଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି । ଏହାର ଅର୍ଥ ନୁହେଁ ଯେ ପରାପ୍ରକୃତି ଏବଂ କାଳ ମଧ୍ୟରେ ପ୍ରକାଶିତ ଜୀବ ସମ୍ପୂର୍ଣ୍ଣ ରୂପେ ଏକ ଓ ଅଭିନ୍ନ । ପ୍ରକୃତ କଥା ହେଲା ପରାପ୍ରକୃତି ଜୀବ ମଧ୍ୟରେ ବିଦ୍ୟମାନ ଓ କ୍ରିୟାଶୀଳ, ମାତ୍ର ଜୀବ ଭିତରେ ହିଁ ସେ ସୀମିତ ନୁହନ୍ତି । ସେ ସବୁକିଛିର ଅତୀତ ହୋଇ ରହିଛନ୍ତି । ''ସାବିତ୍ରୀ'' ମହାକାବ୍ୟରେ ଏକଥାଟିକୁ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି – "The One by whom all live, who lives by none," (Savitri, P. 309), ଅର୍ଥାତ୍ ''ତାଙ୍କରି ସହାୟତାରେ ସମସ୍ତେ ଜୀବନ ଧାରଣ କରନ୍ତି, ସେ କାହାର ସହାୟତାରେ ଜୀବନ ଧାରଣ କରନ୍ତି ନାହିଁ ।''

ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି – ଜୀବ ହେଉଛି ମୋର ଏକ ଅଂଶ ମାତ୍ର (ମମୈବାଂଶଃ) । ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଯାହାକିଛି ରହିଛି ପରମ ପୁରୁଷ ସେସବୁର ଏକ ସମାହାର ମାତ୍ର ନୁହନ୍ତି । ବରଂ ସେସବୁ ହେଉଛି ତାଙ୍କର ଏକ ଏକ ଆଂଶିକ ପରିପ୍ରକାଶ । ସେଇ ପରମ ପୁରୁଷ ହେଉଛନ୍ତି ଏକ ଅନନ୍ତ କାଳାତୀତ ଚେତନା ଯିଏ ଏକ ସଙ୍ଗରେ ବିଶ୍ୱଗତ ଓ ବିଶ୍ୱାତୀତ । ଚରାଚର ସକଳ ଭୂତ ଓ ବସ୍ତୁଙ୍କ ଭିତରେ ଏକ ହିଁ ବ୍ରହ୍ମ ତାଙ୍କ ଅବିଭକ୍ତ ସ୍ୱରୂପ ନେଇ ବିଦ୍ୟମାନ ରହିଛନ୍ତି (''ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍'') । ଏକତ୍ୱ ଓ ବହୁତ୍ୱ – ପରମାତ୍ମାଙ୍କର ଏହି ଦୁଇ ବିଭାବ ବିଷୟରେ ସ୍ପଷ୍ଟ ଧାରଣା ଦେବାକୁ ଯାଇ ଶ୍ରୀଅରବିନ୍ଦ କହନ୍ତି – "The unity is the greater truth, the multiplicity is the lesser truth, though both are a truth and neither of them is an illusion."

(Essays on the Gita, P. 270)

ଅର୍ଥାତ୍, ''ଏକତ୍ୱ ହେଉଛି ମହତ୍ତର ସତ୍ୟ; ବହୁତ୍ୱ ତାହାଠାରୁ ନିମ୍ନତର ସତ୍ୟ, ଯଦିଓ ଉଭୟେ ସତ୍ୟ ଏବଂ କୌଣସିଟା ହିଁ ମିଥ୍ୟା ବା ଭ୍ରମ ନୁହେଁ ।''

ପରାପ୍ରକୃତି ମଧ୍ୟରେ ରହିଛି ଆଧ୍ୟାତ୍ମିକ ଏକତ୍ୱର ଶକ୍ତି ଯାହା ଦ୍ୱାରା ସକଳ ଜଗତ୍ ତା'ର ମୂଳ ସ୍ୱରୂପରେ ଏକତ୍ୱ ଭିତରେ ବିଧୃତ ହୋଇ ରହିଛି (ଯୟେଦଂ ଧାର୍ଯ୍ୟତେ ଜଗତ୍ - ୭/୫) । ପ୍ରତ୍ୟେକ ଜୀବ ତା'ର ମୂଳସତ୍ତାରେ ଭଗବାନଙ୍କ ସହ ଏକ, କେବଳ ସତ୍ତାର ଶକ୍ତିରେ ଏହା ଭଗବାନଙ୍କଠାରୁ ଭିନ୍ନ । ସତ୍ତାର ଶକ୍ତିରେ ଭିନ୍ନ ବୋଲି କହିବାର ତାତ୍ପର୍ଯ୍ୟ ହେଉଛି ଯଦିଓ ସେହି ଏକ ହିଁ ଶକ୍ତିରୁ ତା'ର ଉତ୍ପତ୍ତି ହୋଇଛି, ତଥାପି ବହୁମୁଖୀ ଅଭିବ୍ୟକ୍ତିର ସ୍ୱାଭାବିକ ଧାରା ଦୃଷ୍ଟିରୁ ତାହା ଆଂଶିକ ଓ ବ୍ୟଷ୍ଟିଗତ ଭାବେ କ୍ରିୟା କରିଥାଏ । ସୃଷ୍ଟିର ସମସ୍ତ ପ୍ରାଣୀଙ୍କର ମୂଳ ପ୍ରକୃତି ହେଉଛି ପରାପ୍ରକୃତି । ଏହି ଦୃଷ୍ଟିରୁ କେହି ମଧ୍ୟ ଭଗବାନଙ୍କଠାରୁ ଭିନ୍ନ ନୁହନ୍ତି । ସବୁକିଛି ପ୍ରାରମ୍ଭରେ, ପରିଶେଷରେ ଏବଂ ତତ୍ତ୍ୱତଃ କାର୍ଯ୍ୟ ପ୍ରବାହରେ ମଧ୍ୟ ସେହି ପରମାତ୍ମା । ମାତ୍ର ନିମ୍ନ ପ୍ରକୃତିର କ୍ରିୟାକୁ ଦେଖିଲେ ମନେ ହୁଏ ଯେ ସେସବୁ ପରମାତ୍ମାଙ୍କଠାରୁ ଭିନ୍ନ ଅଟନ୍ତି । ଶରୀର, ମନ, ପ୍ରାଣ, ବୁଦ୍ଧି, ଅହଂକାର ଏବଂ ଇନ୍ଦ୍ରିୟଗୁଡ଼ିକ ନିମ୍ନ ପ୍ରକୃତି ଦ୍ୱାରା ପରିଚାଳିତ ହେଲା ବେଳେ ଏସବୁ ଭଗବତ୍ ବିରୋଧୀ ଭଳି ପ୍ରତୀୟମାନ ହୁଏ । ପ୍ରକୃତରେ ଏସବୁ ଆମ ସତ୍ତାର ବାହ୍ୟପ୍ରକାଶ ମାତ୍ର । ଏଗୁଡ଼ିକ ଆମ ପ୍ରକୃତିର ପ୍ରକୃତ ସତ୍ୟ ନୁହନ୍ତି । ଅଜ୍ଞାନମୟୀ ନିମ୍ନ ପ୍ରକୃତି ଉଚ୍ଚତର ପ୍ରକୃତିର ଏକ ଅନ୍ଧକାର ଛାୟା ସଦୃଶ ।

ତେବେ ପରାପ୍ରକୃତି ଓ ନିମ୍ନ ପ୍ରକୃତି ମଧ୍ୟରେ ଥିବା ସମ୍ବନ୍ଧକୁ ବୁଝିବାକୁ ହେବ । ନିମ୍ନ ପ୍ରକୃତିର ବିକୃତ ଶକ୍ତି ଓ ବିଭବଗୁଡ଼ିକ ପରାପ୍ରକୃତିର ଶକ୍ତି ମଧ୍ୟରୁ ଉତ୍ପନ୍ନ ହୋଇଛନ୍ତି । ସେସବୁ ନିଜର ମୂଳଉତ୍ସ ଓ ମୂଳସତ୍ୟ ବିଷୟରେ ସଚେତନ ନୁହନ୍ତି । ସେମାନଙ୍କୁ ସେହି ମୂଳଉତ୍ସ ପରାପ୍ରକୃତି ମଧ୍ୟକୁ ଫେରି ଯିବାକୁ ହେବ । ସେହିଭଳି ଆତ୍ମା ବା ଜୀବ ପ୍ରାତିଭାସିକ ପ୍ରକୃତି ବା ନିମ୍ନ ପ୍ରକୃତିର ଗୁଣତ୍ରୟ ଦ୍ୱାରା ବଶୀଭୂତ ହୋଇ ଅଜ୍ଞାନ ଭିତରେ ରହିଥାଏ । ଏଥିରୁ ମୁକ୍ତ ହେବାକୁ ହେଲେ ବ୍ୟକ୍ତି ନିଜ ସ୍ୱଭାବର ମୂଳ ଗୁଣ ତଥା ସ୍ୱଧର୍ମ ମଧ୍ୟକୁ ଫେରିଯିବା ଆବଶ୍ୟକ । ସ୍ୱଭାବ ଓ ସ୍ୱଧର୍ମ ଦ୍ୱାରା ପ୍ରେରିତ ହୋଇ ସେ ଯେଉଁ କର୍ମ କରିବ ତାହା ଦିବ୍ୟକର୍ମରେ ପରିଣତ ହେବ । ଦିବ୍ୟ-ପ୍ରକୃତି ତାକୁ ଯେଉଁ ସଂକଳ୍ପ ଓ ଶକ୍ତି ପ୍ରଦାନ କରିବ ତାହା ଦ୍ୱାରା ତା'ର ସମଗ୍ର ଜୀବନ ପରିଚାଳିତ ହେବ । ତ୍ରିଗୁଣର କ୍ରିୟା ଆମ ସତ୍ତାର ଏକ ବାହ୍ୟ ଦିଗ ମାତ୍ର, ଏହା ଆମର ଆଧ୍ୟାତ୍ମିକ ସାରବତ୍ତା ନୁହେଁ । ପରାପ୍ରକୃତି ଆମ ପ୍ରତ୍ୟେକଙ୍କ ଭିତରେ ଅଧ୍ୟାତ୍ମ ସତ୍ତା ରୂପେ ପ୍ରଚ୍ଛନ୍ନ ହୋଇ ରହିଛନ୍ତି । ସେହି ଅଧ୍ୟାତ୍ମ ସତ୍ତାର ଆବିଷ୍କାର କରିବା ଦ୍ୱାରା ଆମେ ଦିବ୍ୟଜୀବନର ସୂତ୍ର ଲାଭ କରି ପାରିବା ।

ବାହ୍ୟିକ ଭାବ, ସ୍ୱଭାବ ଓ ଦିବ୍ୟଭାବ ମଧ୍ୟରେ ରହିଥିବା

ସମ୍ବନ୍ଧକୁ ମଧ୍ୟ ଜାଣିବା ଆବଶ୍ୟକ । ତ୍ରିଗୁଣର ପ୍ରଭାବ ତଥା ଅହଂ ଓ ବାସନାର କ୍ରିୟା ଦ୍ୱାରା ଆମ ମଧ୍ୟରେ ଯେଉଁ ମନୋବୃତ୍ତି ସୃଷ୍ଟି ହୁଏ ତାହା ହେଉଛି ବାହ୍ୟିକ ଭାବ ଅର୍ଥାତ୍ ଆମ ବାହ୍ୟ ସତ୍ତାର ଭାବ । ତାହା ଆମକୁ ଆମର ସତ୍ତାଗତ ସତ୍ୟଠାରୁ ଦୂରକୁ ନେଇଯାଏ । ଅନ୍ୟ ପକ୍ଷରେ 'ସ୍ୱଭାବ' ହେଉଛି ଆମ ଭିତରର ନିଗୂଢ଼ ସତ୍ତାର ଭାବ, ତାହା ଆମ ଅନ୍ତରାତ୍ମାର ଗୁଣ । ଏହା ଆମ ଆଧାତ୍ମିକ ବିକାଶର ମୂଳ ପ୍ରେରଣା ଓ ମୂଳବୀଜ । ଆମର ମୂଳଧର୍ମ ବା ସ୍ୱଧର୍ମ ଏହି ସ୍ୱଭାବ ଦ୍ୱାରା ନିରୂପିତ ହୁଏ । ବ୍ୟକ୍ତିର ସ୍ୱଭାବ ଭଗବାନଙ୍କର ଦିବ୍ୟଭାବ (ମଦ୍‌ଭାବଃ)ରୁ ଉତ୍ପନ୍ନ ହୋଇଥାଏ । ବାହ୍ୟିକ ଭାବ ସହିତ ଯେପରି ସ୍ୱଭାବର ବା ଆତ୍ମାଗତ ଭାବର ସମ୍ବନ୍ଧ ରହିଛି, ସେପରି ସ୍ୱଭାବ ସହିତ ଭଗବାନଙ୍କର ଦିବ୍ୟଭାବର ମଧ୍ୟ ସମ୍ବନ୍ଧ ରହିଛି । ଭାବରୁ ସ୍ୱଭାବ ଆଡ଼କୁ ଏବଂ ସ୍ୱଭାବରୁ ଦିବ୍ୟଭାବ ଆଡ଼କୁ ଆରୋହଣ କରିବା ଦ୍ୱାରା ଆମେ କ୍ରମଶଃ ଦିବ୍ୟଜୀବନ ଆଡ଼କୁ ବିକାଶ ଲାଭ କରି ପାରିବା ।

ପରମେଶ୍ୱର ତାଙ୍କର ପରାପ୍ରକୃତି ବା ପରାଶକ୍ତି ବଳରେ ଜଗତର ସଜୀବ ଓ ନିର୍ଜୀବମାନଙ୍କ ମଧ୍ୟରେ ପ୍ରକଟିତ ହୁଅନ୍ତି ଓ କ୍ରିୟା କରନ୍ତି । ଜଡ଼ର ପଞ୍ଚଭୂତ ମଧ୍ୟରେ ତାଙ୍କର କ୍ରିୟା ଗୀତାର ସପ୍ତମ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ଭଗବାନ୍ ପଞ୍ଚ ସୂକ୍ଷ୍ମଶକ୍ତି (ତନ୍ମାତ୍ରା) ଯଥା : ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ମଧ୍ୟରେ ବି କ୍ରିୟାଶୀଳ । ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଏଗୁଡ଼ିକୁ ଅନୁଭବ କରାଯାଏ । ପ୍ରତ୍ୟେକ ଇନ୍ଦ୍ରିୟ ନିଜର ବିଶୁଦ୍ଧ ସତ୍ତାରେ ସେହି ଭଗବତ୍ ପ୍ରକୃତି ଅଟେ । ଅର୍ଥାତ୍ ଭଗବାନ୍ ହିଁ ପ୍ରକୃତି ମଧ୍ୟରେ କ୍ରିୟାଶୀଳ ହେବା ପାଇଁ ଇନ୍ଦ୍ରିୟ ରୂପ ଧାରଣ କରିଛନ୍ତି ।

ପ୍ରକୃତିର ବିଭିନ୍ନ ରୂପ ମଧ୍ୟରେ ଦିବ୍ୟଶକ୍ତି ବିଦ୍ୟମାନ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି –''ମୁଁ ହେଉଛି ଶଶୀ-ସୂର୍ଯ୍ୟଙ୍କର ପ୍ରଭା, ମଣିଷଙ୍କର ପୌରୁଷ, ବୁଦ୍ଧିମାନ୍‌ର ବୁଦ୍ଧି, ବଳବାନ୍‌ର ବଳ ଓ ତପସ୍ୱୀମାନଙ୍କର ତପସ୍ୟା; ମୁଁ ସର୍ବଭୂତ ମଧ୍ୟରେ ଜୀବନ ।'' (୭/୮,୯,୧୦,୧୧) ଏଥିରୁ ଜଣାଯାଏ ଯେ ଇନ୍ଦ୍ରିୟଗଣ, ଜୀବନ, ଜ୍ୟୋତି, ବୁଦ୍ଧି, ଶକ୍ତି, ବଳ, ପୌରୁଷ ଓ ତପଃଶକ୍ତି ଆଦିର ବାହ୍ୟ ରୂପ ବା ବାହ୍ୟ ପ୍ରକାଶ (Phenomenal development) ଯଥା : ଶଶୀ, ସୂର୍ଯ୍ୟ, ମନୁଷ୍ୟ, ବୁଦ୍ଧିମାନ୍ ବା ବଳବାନ୍ ବ୍ୟକ୍ତି, ତପସ୍ୱୀ ଓ ଭୂତସକଳ ପରାପ୍ରକୃତିର ଅସଲ ସ୍ୱରୂପ ନୁହନ୍ତି । ବରଂ ସେମାନେ ଯେଉଁ ଆଧ୍ୟାତ୍ମିକ ଶକ୍ତି ବା ଗୁଣଗୁଡ଼ିକର ପ୍ରତିନିଧିତ୍ୱ କରୁଛନ୍ତି ସେଗୁଡ଼ିକ ହିଁ ଅଧ୍ୟାତ୍ମ ପ୍ରକୃତିର ସ୍ୱରୂପ । ତାହାହିଁ ''ସ୍ୱଭାବ''କୁ ଗଠନ କରେ । ଶ୍ରୀକୃଷ୍ଣ ପୁଣି କହିଛନ୍ତି –''ହେ ପାର୍ଥ, ମୋତେ ସର୍ବଭୂତରେ ସନାତନ ବୀଜ ବୋଲି ଜାଣ (ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ – ୭/୧୦) ।'' ଏଠାରେ ସନାତନ ବୀଜ କହିଲେ ଆଧ୍ୟାତ୍ମିକ ସତ୍ତାର ଶକ୍ତି ବା ଆତ୍ମାର ସଚେତନ ଇଚ୍ଛାକୁ ବୁଝାଇବ ଯାହା ନିଖିଳ ସୃଷ୍ଟିର ଆଦିଉତ୍ସ ।

ପରାପ୍ରକୃତିର ଗୁଣ ଓ ଅପରାପ୍ରକୃତିର ଗୁଣ ମଧ୍ୟରେ ଥିବା ପ୍ରଭେଦ ଆମକୁ ବୁଝିବାକୁ ହେବ । ଭଗବାନ୍ ଶ୍ରୀକୃଷ୍ଣ କହନ୍ତି –''ବଳଂ ବଳବତାଂ ଚାହଂ କାମରାଗବିବର୍ଜିତମ୍ ।'' (୭/୧୧) ଅର୍ଥାତ୍ ''ମୁଁ ହେଉଛି ବଳବାନ୍‌ମାନଙ୍କର ବଳ ଯାହା କାମ ଓ ଆସକ୍ତିରୁ ମୁକ୍ତ ।'' ପୁଣି କହିଛନ୍ତି –''ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ'', ଅର୍ଥାତ୍ ''ଜୀବଗଣଙ୍କ ମଧ୍ୟରେ ଯେଉଁ କାମ ସେମାନଙ୍କ ଧର୍ମର ବିରୁଦ୍ଧ ନୁହେଁ, ମୁଁ ସେହି କାମ ।''

ଏଥିରୁ ସ୍ପଷ୍ଟ ହୁଏ ଯେ ଜ୍ୟୋତି, ବଳ, କାମ, ଶକ୍ତି ଓ ମେଧା ଇତ୍ୟାଦିର ମୂଳ ସ୍ୱରୂପ ହେଉଛନ୍ତି ଭଗବାନ୍ । ଏସବୁ ତାଙ୍କ ଭିତରୁ ହିଁ ଉଦ୍ଭୂତ ହୋଇଥା'ନ୍ତି । ମାତ୍ର ନିମ୍ନ ପ୍ରକୃତି ମଧ୍ୟରେ ଏସବୁ ଯେତେବେଳେ ବିକୃତି ଲାଭ କରନ୍ତି ଭଗବାନ୍ ସେଥିରେ ନ ଥା'ନ୍ତି, ଅର୍ଥାତ୍ ଭଗବତ୍ ପ୍ରକୃତିର କ୍ରିୟାକୁ ସେତେବେଳେ ଅନୁଭବ କରି ହୁଏ ନାହିଁ । ବଳବାନଙ୍କ ମଧ୍ୟରେ ଥିବା ବଳ ମୂଳସ୍ୱରୂପରେ ଦିବ୍ୟ ଅଟେ । ମାତ୍ର ଯେତେବେଳେ ବ୍ୟକ୍ତି କାମନା, ଆସକ୍ତି ଓ ଅହଂର ବଶୀଭୂତ ହୋଇ ତା'ର ବଳର ଅପପ୍ରୟୋଗ କରେ ସେତେବେଳେ ଦିବ୍ୟପ୍ରକୃତି ବଦଳରେ ନିମ୍ନପ୍ରକୃତି ହିଁ କାର୍ଯ୍ୟ କରୁଛି ବୋଲି ବୁଝିବାକୁ ହେବ । ତଥାପି ତାହାର ବଳର ମୂଳ ଦିବ୍ୟସ୍ୱରୂପ ନିମ୍ନ ପ୍ରକୃତିର କ୍ରିୟା ଯୋଗୁଁ କ୍ଷତିଗ୍ରସ୍ତ ହୁଏ ନାହିଁ, ତାହା ଅକ୍ଷୁଣ୍ଣ ହୋଇ ରହେ । ଦିବ୍ୟପ୍ରକୃତିର ଅଂଶୀଭୂତ ସେହି ବଳ ଭିତରେ ଈଶ୍ୱର ସର୍ବଦା ବିଦ୍ୟମାନ ରହିଥା'ନ୍ତି । ଯେପର୍ଯ୍ୟନ୍ତ ବ୍ୟକ୍ତିର କ୍ରିୟାକଳାପ ତା'ର ଉଚ୍ଚତର ଦିବ୍ୟପ୍ରକୃତି ଦ୍ୱାରା ପରିଚାଳିତ ନ ହୋଇଛି ସେପର୍ଯ୍ୟନ୍ତ ନିମ୍ନତର ପ୍ରକୃତିର ବିଶୃଙ୍ଖଳାକୁ ଭଗବାନ୍ ଘଟିବାକୁ ଦିଅନ୍ତି, ତାକୁ ଧାରଣ ମଧ୍ୟ କରିଥା'ନ୍ତି ।

ତେବେ ପ୍ରଶ୍ନ ଉଠେ ଭଗବାନ୍ କିପରି 'କାମ' ହୋଇ ପାରିବେ । କାରଣ ଆମେ ଜାଣୁ ଯେ 'କାମ' ହେଉଛି ଆମର ପରମ ଶତ୍ରୁ, ଏହା ରଜୋଗୁଣରୁ ଉତ୍ପନ୍ନ ହୋଇଥିବାରୁ ନିମ୍ନ ପ୍ରକୃତିର ଅନ୍ତର୍ଗତ ଅଟେ । ଉପରୋକ୍ତ ବାଣୀରେ ଶ୍ରୀକୃଷ୍ଣ ନିମ୍ନ

ପ୍ରକୃତିଗତ ବାସନା ବିଷୟରେ କହି ନାହାନ୍ତି, ସେ ଆଧ୍ୟାତ୍ମିକ 'କାମ' ବିଷୟରେ କହିଛନ୍ତି । ଏହି କାମନା ହେଉଛି ଦିବ୍ୟ-ଆନନ୍ଦ ଓ ପୂର୍ଣ୍ଣତାର କାମନା ଯାହା ଆତ୍ମାଗତ ଭାବ ବା 'ସ୍ୱଭାବ'ରୁ ପ୍ରକଟିତ ହୋଇଥାଏ । ଏହା ଭଗବାନଙ୍କର ଦିବ୍ୟ-ସଂକଳ୍ପର ପରିପନ୍ଥୀ ନୁହେଁ, ବରଂ ତାହାର ପରିପୂରକ ଅଟେ । ଆଧ୍ୟାତ୍ମିକ 'କାମ' କହିଲେ ଏକ ସାତ୍ତ୍ୱିକ କାମନାକୁ ବୁଝାଉ ନାହିଁ । କାରଣ ଦିବ୍ୟସତ୍ତା ଓ ଦିବ୍ୟପ୍ରକୃତିକୁ ଲାଭ କରିବାକୁ ହେଲେ ଆମକୁ ସାତ୍ତ୍ୱିକ ଗୁଣରୁ ମଧ୍ୟ ଉର୍ଦ୍ଧ୍ୱକୁ ଉଠିବାକୁ ହୋଇଥାଏ । ଗୀତା କହିଛି –

''ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।
ମତ୍ତ ଏବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ॥''
(୭/୧୨)

ଅର୍ଥାତ୍ ''ଯେତେ ବି ସାତ୍ତ୍ୱିକ ଓ ଯେତେ ବି ରାଜସ ତଥା ତାମସ ଭାବ ଅଛି ସେସବୁ ମୋଠାରୁ ହିଁ ଉତ୍ପନ୍ନ ବୋଲି ବୁଝ । କିନ୍ତୁ ମୁଁ ସେସବୁରେ ଓ ସେସବୁ ମୋ'ଠାରେ ନାହାନ୍ତି ।''

ଏଠାରେ କୁହାଗଲା ଯେ ନିମ୍ନ ପ୍ରକୃତିର ରୂପ, ଭାବ ଓ ବିକାରସବୁ ମଧ୍ୟରେ ଭଗବାନ୍ ନାହାନ୍ତି । ମାତ୍ର ଗୋଟିଏ ଦୃଷ୍ଟିରୁ ଦେଖିଲେ ଭଗବାନ୍ ତାହା ମଧ୍ୟରେ ରହିଛନ୍ତି, ଅନ୍ୟଥା ସେମାନଙ୍କ ଅସ୍ତିତ୍ୱ ହିଁ ସମ୍ଭବ ହୁଅନ୍ତା ନାହିଁ । ତେବେ ସେପରି କହିବାର ତାତ୍ପର୍ଯ୍ୟ ହେଉଛି ଯେ ଭଗବାନଙ୍କ ପରାପ୍ରକୃତି ବା ଆଧ୍ୟାତ୍ମିକ ପ୍ରକୃତି ସେସବୁ ମଧ୍ୟରେ ବନ୍ଦୀ ବା ସୀମିତ ହୋଇ ନଥାଏ । ସେସବୁ ହେଉଛନ୍ତି କେବଳ ପ୍ରାତିଭାସିକ ବ୍ୟାପାର (Phenomena) ଯାହା ଅହଂ ଓ ଅଜ୍ଞାନର କ୍ରିୟା ଫଳରେ ତାଙ୍କରି ମଧ୍ୟରୁ ହିଁ ସୃଷ୍ଟ । ତ୍ରିଗୁଣମୟୀ ଭାବ ଦ୍ୱାରା ମୋହିତ ହୋଇ ଜଗତର ପ୍ରାଣୀସମୂହ ଏ ସମସ୍ତ ଗୁଣରୁ ଅତୀତ ଭଗବାନଙ୍କ ଅବିନାଶୀ ସ୍ୱରୂପକୁ ଜାଣନ୍ତି ନାହିଁ (ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ – ୭/୧୩) ।

ତ୍ରିଗୁଣମୟୀ ପ୍ରକୃତି ଆମ ଭିତରେ ମାୟା ବା ଭ୍ରମାତ୍ମକ ଅନୁଭୂତି ସୃଷ୍ଟି କରେ । ଅଜ୍ଞାନତା ଯୋଗୁଁ ଆମେ ସବୁକିଛିକୁ ବିପରୀତ ଭାବରେ ଦେଖୁଥାଉ । ଆମେ ଭାବୁ ଯେ ଶରୀର ଭିତରେ ଆତ୍ମା ରହିଛି, କିନ୍ତୁ ପ୍ରକୃତ ସତ୍ୟ ହେଉଛି ଆତ୍ମା ଭିତରେ ହିଁ ଶରୀର ରହିଛି କାରଣ ଆତ୍ମା ଭିତରୁ ହିଁ ଶରୀରର ସୃଷ୍ଟି । ଯଦି ଆମେ ଦିବ୍ୟପ୍ରକୃତି ମଧ୍ୟରୁ ସୃଷ୍ଟ ହୋଇଛୁ ତେବେ ଆମ ପକ୍ଷରେ ଏହି ମାୟାକୁ ଅତିକ୍ରମ କରିବା ଏତେ କଷ୍ଟକର କାହିଁକି ହେଉଛି (ମମ ମାୟା ଦୁରତ୍ୟୟା – ୭/୧୪) । ଏହାର କାରଣ ଏହି ମାୟା ହେଉଛି ''ଦୈବୀମାୟା'' ବା ଭଗବାନଙ୍କର ହିଁ ମାୟା । ଭଗବାନଙ୍କ ବ୍ୟବସ୍ଥା ଅନୁସାରେ ଦେବତାମାନେ ଆମ ବୁଦ୍ଧିର ଚତୁର୍ଦ୍ଦିଗରେ ଜାଗତିକ ମାୟାର ଆବରଣ ବେଷ୍ଟନ କରି ରଖିଛନ୍ତି । ତେବେ ଏହି ମାୟାର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ପରାପ୍ରକୃତି ଏହାର ଭିତ୍ତି ଅଟେ । ମାୟା ହେଉଛି ପରାପ୍ରକୃତିର ଏକ ସ୍ୱେଚ୍ଛାକୃତ ଆତ୍ମ-ପ୍ରସର୍ଜନ ।

ଆମେ ଯଦି ମାୟାଜାଲରୁ ମୁକ୍ତ ହେବାକୁ ଚାହୁଁ ତେବେ ଆମକୁ ସବୁକିଛିର ଆଦି ଉତ୍ସ ପରମେଶ୍ୱରଙ୍କ ପାଖରେ ଶରଣ ନେବାକୁ ହେବ । ଶ୍ରୀକୃଷ୍ଣଙ୍କ ବାଣୀ ହେଲା –''ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ'' । (୭/୧୪) – ଅର୍ଥାତ୍ ''ଯେଉଁମାନେ ମୋର ଶରଣ ନେଇଥା'ନ୍ତି କେବଳ ସେମାନେ ଏହି ମାୟାକୁ ଅତିକ୍ରମ କରିପାରନ୍ତି'' ।

❑❑❑

---

(*ପୃଷ୍ଠା ୫ର ଅବଶିଷ୍ଟାଂଶ*)

Healed were his warrior nature's
wounded limbs
In the encircling arms of Energies
That brooked no stain and feared not their
own bliss.

ଅନ୍ତରାତ୍ମାର ସୁଦୀର୍ଘ ସଂଘର୍ଷର ବେଦନାଭୋଗ ପରେ ଅବଶେଷରେ ପ୍ରାପ୍ତ ହେଲା ପ୍ରଶାନ୍ତ ଓ ସ୍ୱର୍ଗୀୟ ବିଶ୍ରାନ୍ତି ଏବଂ, ଶୋକହୀନ ମୁହୂର୍ତ୍ତସକଳର ଯାଦୁକରୀ ପ୍ଲାବନରେ ସମାବୃତ ହୋଇ, ତାଙ୍କ ଯୋଦ୍ଧୃ ସ୍ୱଭାବରେ କ୍ଷତବିକ୍ଷତ ଅଙ୍ଗରାଜି ମାତୃରୂପା-ଶକ୍ତିସମୂହର ବାହୁବେଷ୍ଟନୀ ଭିତରେ ନିରାମୟ ହୋଇ ଉଠିଲେ, ସେହି ଶକ୍ତିରାଜି ପାଖରେ ଏତେ ଟିକେ କଳଙ୍କ ଥିଲା ଅସହନୀୟ, ଆପଣାର ଆନନ୍ଦ ପ୍ରତି ଯାହାର ନ ଥିଲା ସାମାନ୍ୟ ଭୟ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୦)

### 'ମା' ପୁସ୍ତକ ପ୍ରକାଶନ :

ମାଧବ ପଣ୍ଡିତଙ୍କ ଉକ୍ତିରେ : ''୧୯୨୬ର 'ସିଦ୍ଧି ଦିବସ' ପରେ ପରେ ଶ୍ରୀଅରବିନ୍ଦ ତାଙ୍କ ଶିଷ୍ୟବର୍ଗଙ୍କ ସହିତ ପ୍ରତିଦିନର ସମ୍ପର୍କରୁ ନିଜକୁ ଅପସରାଇ ନେଇ ଏକ ମହତ୍ତର ସିଦ୍ଧି ନିମନ୍ତେ ପୂର୍ଣ୍ଣ ପ୍ରାଣରେ ନିଜକୁ ଉତ୍ସର୍ଗ କଲେ ଏବଂ ଶ୍ରୀମା'ଙ୍କୁ ଶିଷ୍ୟବର୍ଗଙ୍କର ଆଧ୍ୟାତ୍ମିକ ଓ ଭୌତିକ ଉନ୍ନତି ସାଧନର ଭାର ଅର୍ପଣ କଲେ । 'ଆଶ୍ରମ' ଗଠନର ସୂତ୍ରପାତ ହେଲା । ଆଶ୍ରମର ଅନେକ ଅନ୍ତେବାସୀ ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ବନ୍ଦୋବସ୍ତ କଥା ସ୍ୱପ୍ନରେ ବି ଭାବି ନ ଥିଲେ । ପୁନଶ୍ଚ ଏହାଠୁଁ ବଳି ଅନେକଙ୍କ କ୍ଷେତ୍ରରେ ଅଧିକ ଦୁଃସାଧ ବ୍ୟାପାର ଥିଲା ଶ୍ରୀମା'ଙ୍କୁ ଆଶ୍ରମର ପରିଚାଳିକା ରୂପେ ଏବଂ ସାଧନାର ମୁଖ୍ୟ ପଥପ୍ରଦର୍ଶକ ରୂପେ ଗ୍ରହଣ କରି ନେବା । କିନ୍ତୁ ପ୍ରକୃତରେ କହିବାକୁ ଗଲେ ଶ୍ରୀମା'ଙ୍କର ଅକଳ୍ପନୀୟ ସାଙ୍ଗଠନିକ କ୍ରିୟାକଳାପ ସମ୍ବନ୍ଧେ ଏବଂ ନିଗୂଢ଼ ଆଧ୍ୟାତ୍ମିକ ଶକ୍ତି-ସାମର୍ଥ୍ୟ ସମ୍ବନ୍ଧେ ପ୍ରତ୍ୟେକେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା, ସମ୍ମାନ ପ୍ରଦର୍ଶନ କରୁଥିଲେ, କିନ୍ତୁ ନିଜର ଭୌତିକ ତଥା ଆଧ୍ୟାତ୍ମିକ ବ୍ୟାପାରରେ କେବଳ ତାଙ୍କରି ଉପରେ ହିଁ ଆସ୍ଥାଭାଜନ ହୋଇ ଉଠିବା, ତାଙ୍କ ସାନ୍ନିଧ୍ୟଲାଭ କରିବା – ଏହା ସମସ୍ତଙ୍କ ପକ୍ଷରେ ସେତେଟା ସମ୍ଭବ ନ ଥିଲା । ତେଣୁ କେତେକେ ଏହି ନୂତନ ବନ୍ଦୋବସ୍ତରେ ନିଜକୁ ସ୍ୱତଃ ପ୍ରଣୋଦିତ ହୋଇ ଖାପ ଖୁଆଇ ନେଇଛନ୍ତି, ଅନ୍ଯ କେତେକେ ଏହାକୁ ଆଦୌ ଗ୍ରହଣ କରି ନ ପାରି ଜଣକ ପରେ ଜଣେ ଆଶ୍ରମରୁ ଚାଲି ଯାଇଛନ୍ତି ।* ଏବଂ ଅବଶିଷ୍ଟ କେତେ ଜଣ ଦାମ୍ଭିକ ଭାବ ସହ ଆଶ୍ରମରେ ରହି ମଧ୍ୟ ପଚାରି ବସିଲେ, 'କାହିଁକି ?' ସେମାନଙ୍କର ଅନ୍ତଃକରଣରେ ସର୍ବଦା ଏହି ପ୍ରଶ୍ନ ଉଙ୍କି ମାରୁଛି ଯେ ସେମାନେ କାହିଁକି ଏହି ବିଦେଶୀ ମହିଳାଙ୍କୁ 'ମା' ବୋଲି ଗ୍ରହଣ କରିବେ ? – ଏହି ଧରଣର ଉଚ୍ଚାରିତ ଏବଂ ଅନୁଚ୍ଚାରିତ ପ୍ରଶ୍ନସବୁ ଶ୍ରୀଅରବିନ୍ଦଙ୍କର କର୍ଣ୍ଣଗୋଚର ହେଲା ଏବଂ ଏ ସମ୍ବନ୍ଧେ ଉଚିତ ଉତ୍ତର ଦେବାକୁ ସେ ସିଦ୍ଧାନ୍ତ ନେଲେ । ଅବିଚ୍ଛିନ୍ନ ଧାରାରେ ତାଙ୍କ ଲେଖନୀ-ମୁନରୁ ଝରି ଆସିଛି ଶ୍ରୀମା'ଙ୍କର ଚାରି ଶକ୍ତିର ପରିପ୍ରକାଶ । ଯାହାକି ଇଂରାଜୀ ଭାଷାରେ ଏକ ଅନବଦ୍ୟ ସୃଷ୍ଟି । ଏହା ହିଁ ଶ୍ରୀଅରବିନ୍ଦଙ୍କ 'ମା' ପୁସ୍ତକର ପ୍ରଧାନ ଅଂଶବିଶେଷ (ଷଷ୍ଠ ଅଧ୍ୟାୟ; ଏହା ୧୯୨୮ରେ ପ୍ରକାଶିତ) ଏବଂ ଯାହାକି ପରବର୍ତ୍ତୀ କାଳରେ ତାଙ୍କ ଯୋଗର ମୂଳଭିତ୍ତି ବା ମୂଳମନ୍ତ୍ର ।''

('Sri Aurobindo : Builders of Modern India', p. 302)

ଏହି 'ମା' ପୁସ୍ତକ ସମ୍ବନ୍ଧେ ପଦେ-ଅଧେ :

ପ୍ରଥମ ଅଧ୍ୟାୟର ସୃଜନ କାଳ ୧୯୨୭ । ସିଦ୍ଧି ଦିବସ ପରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଯୁଗଳ ଦର୍ଶନ ଦିବସ ପାଳିତ ହୁଏ ଶ୍ରୀମା'ଙ୍କର ଜନ୍ମତିଥି ୨୧ ଫେବ୍ରୁଆରୀ ୧୯୨୭ରେ । ଏଥି ନିମିତ୍ତ ଦର୍ଶନ ବାଣୀ ଥିଲା 'ମା' ପୁସ୍ତକର ପ୍ରଥମ ଅଧ୍ୟାୟ ।

ଦ୍ୱିତୀୟ ଅଧ୍ୟାୟଟିର ସୃଜନ ହୋଇଛି ୩୦ ମେ ୧୯୨୭ରେ । ଗୁଜରାଟର ଜନୈକ ନୈଷ୍ଠିକ ଶିଷ୍ୟ ମତିଲାଲ ମେହେଟ୍ଟା ଶ୍ରୀଅରବିନ୍ଦଙ୍କୁ ନିଜର ସାଧନାର ପ୍ରକୃଷ୍ଟ ପନ୍ଥା ସମ୍ବନ୍ଧରେ କିଛି ଲେଖି ଦେବାକୁ ବିନୟ ପ୍ରାର୍ଥନାର ଉତ୍ତରସ୍ୱରୂପ ଏହାର ସୃଷ୍ଟି ହୋଇଥିଲା ।

ଗୁଜରାଟର ଅନ୍ୟ ଜଣେ ଶିଷ୍ୟ ଥିଲେ ପୁନମ୍‌ଚାନ୍ଦ ମୋହନଲାଲ ଶାହା । ଏହି ଶିଷ୍ୟଜଣଙ୍କ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଅହେତୁକୀ କୃପାବଳରେ ନିଜ ଅଞ୍ଚଳରୁ ଅର୍ଥ ସଂଗ୍ରହ କରି ଆଶ୍ରମକୁ ପଠାଇ ପାରୁଥିଲେ । ଏଥିନିମିତ୍ତ ଶ୍ରୀଅରବିନ୍ଦ ତାଙ୍କ

---

* ମା'ଙ୍କର କଥା – 'ମୁଁ ତୁମମାନଙ୍କ ସହିତ ସବୁବେଳେ ରହିଛି ।' ଏ ସମ୍ବନ୍ଧେ ବୁଝାଇବାକୁ ଯାଇ ସେ କହିଛନ୍ତି : 'ଏପରିକି ବହୁ ପୂର୍ବରୁ ଯେଉଁମାନେ ବିଦ୍ରୋହ କରି ଆଶ୍ରମରୁ ଚାଲି ଯାଇଛନ୍ତି, ତଥାପି ମୁଁ ସେମାନଙ୍କର ସବୁ ଖବର ରଖିଥାଏ, ସେମାନଙ୍କର ବିପଦ-ଆପଦ ବେଳେ ସେମାନଙ୍କୁ ସାହାଯ୍ୟ କରିଥାଏ । ତୁମେମାନେ କେବେ ବି ପରିତ୍ୟକ୍ତ ନୁହଁ ।'

(MCW, Vol. 13, p. 77)

ସକାଶେ ଏକ ପରିଚୟ ପତ୍ର ଏହି ପ୍ରକାରେ ଲେଖି ଦେଇଥିଲେ :

ପଣ୍ଡିଚେରୀ
୧୫ ଅଗଷ୍ଟ, ୧୯୨୩

ପତ୍ରବାହକ ଶ୍ରୀ ପୁନମ୍‌ଚାନ୍ଦ ମୋହନଲାଲ ଶାହା ମୋର ଶିଷ୍ୟ ଏବଂ ବର୍ତ୍ତମାନ ପଣ୍ଡିଚେରୀରେ ମୋ ସହିତ ଯୋଗ-ସାଧନାରେ ବ୍ରତୀ ଅଛନ୍ତି । ସବୁକିଛି ବ୍ୟାପାରରେ ଏହି ବ୍ୟକ୍ତି ବିଶ୍ୱାସଯୋଗ୍ୟ ଓ ନିଷ୍ଠାବାନ୍ ଏବଂ ଏହି ବ୍ୟକ୍ତିଟି ଉପରେ ମୋର ପୂର୍ଣ୍ଣ ଆସ୍ଥା ରହିଛି ।

ଅରବିନ୍ଦ ଘୋଷ

('Autobiographical Notes', p. 428)

ଏହି ନୈଷ୍ଠିକ ଓ ଆସ୍ଥାଭାଜନ ଭକ୍ତଙ୍କ ସାଧନା ଓ କର୍ମରେ ଯଥାର୍ଥ ମନୋଭାବ ପୋଷଣ ନିମିତ୍ତ ଶ୍ରୀଅରବିନ୍ଦ ପହିଲା ଅଗଷ୍ଟ ୧୯୨୭ରେ ଏକ ପତ୍ର ଲେଖିଥିଲେ – ଯାହାକି 'ମା' ପୁସ୍ତକର ତୃତୀୟ ଅଧ୍ୟାୟ । ଚତୁର୍ଥ ଅଧ୍ୟାୟଟି ମଧ୍ୟ ତାଙ୍କ ଉଦ୍ଦେଶ୍ୟରେ ଲିଖିତ, ତାରିଖ ଜଣା ନାହିଁ ଏବଂ ପଞ୍ଚମ ଅଧ୍ୟାୟଟି ୧୯ ଅଗଷ୍ଟରେ ତାଙ୍କୁ ହିଁ ଲିଖିତ ।

୩ ଅକ୍‌ଟୋବର ୧୯୨୭ରେ ପୁନମ୍‌ଚାନ୍ଦଙ୍କୁ ଲିଖିତ ପତ୍ରର ଶେଷାଂଶରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି : ''(ଶ୍ରୀମା'ଙ୍କର) 'ଚାରିଟି ମହାରୂପ' ('Four Aspects') ଅର୍ଦ୍ଧେକ ଲେଖା ସମ୍ପନ୍ନ ହୋଇଛି ଏବଂ ଅଳ୍ପ କିଛି ଦିନ ଭିତରେ ଶେଷ ହୋଇଯିବ । ଏହି ଚାରିଟି ରଚନା କଲିକତାରୁ ଫେବ୍ରୁଆରୀ ବାଣୀ ସହିତ ପ୍ରକାଶ ପାଇବ ବୋଲି ଠିକ୍ କରାଯାଇଛି ।...''

ଉପରୋକ୍ତ ପତ୍ରର ପ୍ରଥମାଂଶଟି ମଧ୍ୟ ବେଶ୍ ଆଗ୍ରହୋଦ୍ଦୀପକ : ''ଅଳଙ୍କାରସବୁ ଚନ୍ଦୁଲାଲ(ଆଶ୍ରମ ଇଞ୍ଜିନିୟର)ର ମା ଦେଇଛନ୍ତି । ତୁମେ ଅବଶ୍ୟ ସେସବୁ ଗ୍ରହଣ କରି ଏଠାକୁ ପଠାଇ ଦେବ । ଏ ବ୍ୟାପାରରେ ତୁମେ ସଙ୍କୋଚ ବୋଧ କରୁଛ କାହିଁକି ବୁଝିପାରିଲି ନାହିଁ । ଭକ୍ତି ସହକାରେ ଯଦି କିଛି ଅର୍ପଣ କରାଯାଏ, ତାହା ଯାହା ବି ହେଉ, ଅର୍ଥ ଅଥବା କୌଣସି ଦାମୀ ବା ଉପଯୋଗୀ କିଛି ବସ୍ତୁ ହୋଇଥାଉ, ସେଇଟିକୁ ଗ୍ରହଣ କରିବା ଉଚିତ, ବର୍ଜନ ନୁହେଁ । କିନ୍ତୁ ବ୍ୟତିକ୍ରମ ହୋଇପାରେ, ଦୃଷ୍ଟାନ୍ତସ୍ୱରୂପ ଉପହାରଟି ଯଦି ଅତ୍ୟନ୍ତ ଅନୁପଯୋଗୀ ହୋଇଥିବ ବା ସମସ୍ୟା ସୃଷ୍ଟି କରୁଥିବ; କିନ୍ତୁ ଏ କ୍ଷେତ୍ରରେ ତ ସେ ପ୍ରଶ୍ନ ଆଦୌ ଉଠୁ ନାହିଁ ।''

(ତତ୍ରୈବ, ପୃ. ୪୨୯)

ପରିଶେଷରେ ଶ୍ରୀଅରବିନ୍ଦ ସ୍ୱ-ସିଦ୍ଧାନ୍ତରେ ପ୍ରଥମ ଅଧ୍ୟାୟରୁ ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ ସମସ୍ତ ରଚନାକୁ ଏକତ୍ର କରି 'ମା' ପୁସ୍ତକ ଛପାଇବାର ଭାର ତାଙ୍କର ବିଶ୍ୱସ୍ତ ତଥା କଲିକତାର 'ଆର୍ଯ୍ୟ ସାହିତ୍ୟ ଭବନ'ର ମୁଖ୍ୟ ଶ୍ରୀଯୁକ୍ତ ରାମେଶ୍ୱର ଦେ'ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ । ଶ୍ରୀଯୁକ୍ତ ଦେ ମହାଶୟ ଶ୍ରଦ୍ଧା ଓ ଭକ୍ତିପୂତ ହୃଦୟରେ ତାଙ୍କର କର୍ତ୍ତବ୍ୟ ପାଳନପୂର୍ବକ ଏପ୍ରିଲ ୧୯୨୮ରେ ମୁଦ୍ରଣାଗାରରୁ ସଦ୍ୟ ପ୍ରକାଶିତ 'ମା' ପୁସ୍ତକ ଶ୍ରୀମାଶ୍ରୀଅରବିନ୍ଦଙ୍କ କରକମଳରେ ଅର୍ପଣ କରିଥିଲେ ।

(CWSA, Vol 32; Notes on the Texts)

*

ଜନୈକ ସାଧକଙ୍କର ପ୍ରଥମ ପ୍ରଶ୍ନ : ଆପଣଙ୍କ 'ମା' ବହିରେ ଆପଣ ଶ୍ରୀମା'ଙ୍କ ସମ୍ବନ୍ଧରେ କହି ନାହାନ୍ତି କି ?

ଶ୍ରୀଅରବିନ୍ଦ : ହଁ ।

ଦ୍ୱିତୀୟ ପ୍ରଶ୍ନ : ବ୍ୟକ୍ତି ସ୍ୱରୂପରେ ସେ କ'ଣ ସେହି ଦିବ୍ୟଜନନୀ ନୁହଁନ୍ତି ଯେ କି ବିଶ୍ୱଗତା ଓ ବିଶ୍ୱାତୀତା ସତ୍ତା – ଏହି ଦୁଇ ବୃହତ୍ତର ଧାରା ଓ ଶକ୍ତିକୁ ମୂର୍ତ୍ତ କରିଛନ୍ତି ?

ଶ୍ରୀଅରବିନ୍ଦ : ହଁ ।

ତୃତୀୟ ପ୍ରଶ୍ନ : ଶ୍ରୀମା କ'ଣ ଏଠାରେ ଆମମାନଙ୍କ ଗହଣରେ ଏହି ଅନ୍ଧକାର, ମିଥ୍ୟା, ଭ୍ରାନ୍ତି ଓ ମୃତ୍ୟୁଲୋକରେ ଆମମାନଙ୍କ ପ୍ରତି ଗଭୀର ଓ ମହାନ୍ ପ୍ରେମବଶରେ ଅବତରି ଆସି ନାହାନ୍ତି କି ?

ଶ୍ରୀଅରବିନ୍ଦ : ହଁ ।

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ', ପୃ. ୩୧୩)

*

ଶ୍ରୀଅରବିନ୍ଦ ୧୧ ଏପ୍ରିଲ ୧୯୩୦ରେ ଉଲ୍ଲେଖ କରିଥିଲେ : ''ଆଶ୍ରମର ସ୍ଥୂଳ ଜୀବନ କେବଳ ଦୁଇଟି ଭିତ୍ତି ଉପରେ ରହିଛି : ଗୋଟିଏ ହେଲା ଏହି ଯେ ପ୍ରତ୍ୟେକ ସାଧକ ଆତ୍ମଦାନ ଓ ସମର୍ପଣର ନୀତି ଉପରେ ପ୍ରତିଷ୍ଠିତ ଆଶ୍ରମର ଜଣେ ଅନ୍ତେବାସୀ ।... କେବଳ ଶ୍ରୀମା ହିଁ ସମସ୍ତ ଦାୟିତ୍ୱରେ ଅଛନ୍ତି; ତାଙ୍କ ପାଖରେ ଯାହାକିଛି ସମ୍ବଳ ଅଛି ତଦ୍ୱାରା ଏବଂ ତାଙ୍କୁ ସାହାଯ୍ୟ କରୁଥିବା ସାଧକ-ସେବକବୃନ୍ଦଙ୍କର କ୍ଷମତା ଅନୁପାତରେ ଯାହା ବ୍ୟବସ୍ଥା କରାଯାଇ ପାରେ ତଦନୁପାତରେ ସେ ସବୁକିଛିର ବ୍ୟବସ୍ଥା କରନ୍ତି । ସାଧକମାନଙ୍କର ମାନସିକ

ଆଦର୍ଶ ବା ସେମାନଙ୍କର ରାଜସିକ କାମନା ଓ ଦାବୀ ଅନୁସାରେ ସେ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି; ସେମାନଙ୍କ ସହିତ ବ୍ୟବହାରରେ ଗୋଟାଏ ଗଣତାନ୍ତ୍ରିକ ସାମ୍ୟ ରଖି ଚାଲିବାକୁ ସେ ବାଧ୍ୟ ନୁହନ୍ତି । ପ୍ରତ୍ୟେକ ଅନ୍ତେବାସୀଙ୍କ ସହିତ ତା'ର ଯଥାର୍ଥ ପ୍ରୟୋଜନ ଏବଂ ଆଧ୍ୟାତ୍ମିକ ଉନ୍ନତି ପଥରେ ତା'ର ଯଥାର୍ଥ ଆବଶ୍ୟକତା ଅନୁସାରେ ବ୍ୟବହାର କରିବାର ପୂର୍ଣ୍ଣ ସ୍ୱାଧୀନତା ଶ୍ରୀମା'ଙ୍କର ଅଛି । ତାଙ୍କ କାର୍ଯ୍ୟକଳାପକୁ ବିଚାର କରିବାର ଅଧିକାର କାହାରି ନାହିଁ; କେହି ତାଙ୍କ ଉପରେ କୌଣସି ବିଧାନ ବା ଆଦର୍ଶ ଲଦି ଦେଇ ପାରିବେ ନାହିଁ, ଏକମାତ୍ର ଶ୍ରୀମା ହିଁ ନିୟମ ସ୍ଥିର କରି ପାରନ୍ତି, ପୁଣି ଯଦି ପ୍ରୟୋଜନ ମନେ କରନ୍ତି ତେବେ ସ୍ୱେଚ୍ଛାରେ ସେ ମଧ୍ୟ ସେହି ନିୟମର ବ୍ୟତିକ୍ରମ କରି ପାରନ୍ତି, କିନ୍ତୁ କେହି ତାଙ୍କୁ ଏହିପରି କରିବା ସକାଶେ ଦାବୀ କରି ପାରିବେ ନାହିଁ ।

''ବ୍ୟକ୍ତିଗତ ବାସନା ଏବଂ ଦାବୀ ଶ୍ରୀମା'ଙ୍କ ଉପରେ ଲଦି ଦେବା ଠିକ୍ ନୁହେଁ, ଯଦି କାହାରି କୌଣସି ଅଭାବ ଅଛି, ଅଥବା ନିଜର 'ବିଭାଗ' (କର୍ମକ୍ଷେତ୍ର) ମଧ୍ୟରେ କୌଣସି କିଛି ନୂତନ ବ୍ୟବସ୍ଥା କରିବାର ପ୍ରସ୍ତାବ ଅଛି, ଯଦି ସେଥିରେ ଶ୍ରୀମା ମଞ୍ଜୁର ନ କରନ୍ତି, ତେବେ ତାକୁ ନୀରବରେ ଗ୍ରହଣ କରି ସନ୍ତୁଷ୍ଟ ରହିବାକୁ ହେବ । ଯେ ଦିବ୍ୟ ସତ୍ୟର ପ୍ରତୀକ ବା ମୂର୍ତ୍ତ ସ୍ୱରୂପ, ସେ ହିଁ ଏହି ଆଧ୍ୟାତ୍ମିକ ଶୃଙ୍ଖଳା ବିଧାନର କେନ୍ଦ୍ରସ୍ଥଳ । ହୁଏତ ଶ୍ରୀମା ସେହି କେନ୍ଦ୍ରବିନ୍ଦୁ ଏବଂ ଏହା ହିଁ ହେଲା ଏସବୁ ବିଷୟରେ ମୋଟାମୋଟି ଅର୍ଥ; କିଂବା ଯଦି ସେ ତାହା ନୁହନ୍ତି ତା'ହେଲେ ଏଠାରେ କାହାରି ରହିବାର ଆବଶ୍ୟକତା ନାହିଁ । ପ୍ରତ୍ୟେକେ ନିଜ ନିଜ ପଥରେ ଅଗ୍ରସର ହୁଅନ୍ତୁ, ଆଶ୍ରମ ନାହିଁ, ଯୋଗ ବି ନାହିଁ ।''

(ତତ୍ରୈବ, ପୃ. ୪୩୫)

ଶ୍ରୀଅରବିନ୍ଦଙ୍କର ତିରିଶ ଦଶକର ଅନ୍ୟ ଏକ ଚିଠି : ''ତୁମେ ଭାବୁଛ ଯେ ତୁମେ ଶ୍ରୀମା'ଙ୍କଠାରୁ କୌଣସି ସହାୟତା ପାଇ ପାରିବ ନାହିଁ।... ତୁମେ ଯଦି ତାଙ୍କ ସାହାଯ୍ୟ ଦ୍ୱାରା ଲାଭବାନ୍ ହୋଇ ପାରିବ ନାହିଁ ତେବେ ମୋ ଦ୍ୱାରା ଆହୁରି କମ୍ ଲାଭବାନ୍ ହେବ । କିନ୍ତୁ ଯାହା ବି ହେଉ ମୁଁ ସମସ୍ତ ଶିଷ୍ୟଙ୍କ ସକାଶେ ଯେଉଁ ବ୍ୟବସ୍ଥା କରିଛି ତା'ର ପରିବର୍ତ୍ତନ କରିବାକୁ ମୋର କୌଣସି ଇଚ୍ଛା ନାହିଁ; ସେଇ ବ୍ୟବସ୍ଥାଟି ହେଉଛି ଏହିପରି – ସେମାନେ ଜ୍ୟୋତିଃ ଓ ଶକ୍ତି ସିଧାସଳଖ ମୋଠାରୁ ନପାଇ ପ୍ରତ୍ୟକ୍ଷ ଭାବରେ ଶ୍ରୀମା'ଙ୍କଠାରୁ ପାଇପାରିବେ ଏବଂ ନିଜର ଆଧ୍ୟାତ୍ମିକ ବିକାଶ ସକାଶେ ଶ୍ରୀମା'ଙ୍କ ଦ୍ୱାରା ପରିଚାଳିତ ହେବେ; ଏଥିରେ କୌଣସି ବ୍ୟତିକ୍ରମ ନାହିଁ । ମୁଁ କୌଣସି ଅସ୍ଥାୟୀ ଉଦ୍ଦେଶ୍ୟ ରଖି ଏହି ବ୍ୟବସ୍ଥା କରି ନାହିଁ । ଯଦି ସାଧକ ନିରନ୍ତର ଉନ୍ମୀଳିତ ଓ ଗ୍ରହଣଶୀଳ ରହେ ତେବେ ତା' ପାଇଁ ଏହା ହିଁ ହେଲା ଏକମାତ୍ର ସତ୍ୟ ଓ ଫଳପ୍ରଦ ମାର୍ଗ (ଶ୍ରୀମା କିଏ ଓ ତାଙ୍କର ଶକ୍ତି କ'ଣ ?– ଏହି ଦୃଷ୍ଟିରୁ ବିଚାର କରି) ।''

(ତତ୍ରୈବ, ପୃଷ୍ଠା - ୨୬୩)

୭ ମାର୍ଚ୍ଚ ୧୯୩୬ରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ : ''ପ୍ରକୃତରେ ଆଶ୍ରମରେ ବହୁତ ଅଳ୍ପ ଅନ୍ତେବାସୀ ଉପଲବ୍ଧି କରିଛନ୍ତି ଯେ ସେମାନଙ୍କୁ ଏଠାରେ କି ପ୍ରକାରର ସମ୍ଭାବନାସବୁ ଦିଆଯାଇଛି – ଏହିସବୁ ସୁଯୋଗ ସାଧକମାନଙ୍କର ଈପ୍ସିତ ଚୈତ୍ୟ ଓ ଆଧ୍ୟାତ୍ମିକ ଉନ୍ନତି ଉଦ୍ଦେଶ୍ୟରେ ବ୍ୟବହୃତ ନ ହୋଇ ପ୍ରାଣିକ ଓ ଦୈହିକ ତାମସିକତାର ପ୍ରାବଲ୍ୟ ଦିଗରେ ବ୍ୟବହୃତ ହୋଇଛି ।''

ପୁନଶ୍ଚ ୯ ମାର୍ଚ୍ଚ ୧୯୩୬ରେ ଅନ୍ୟ ଏକ ଚିଠିର ଉତ୍ତରରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ : ''ଏଠାରେ ଶ୍ରୀମା'ଙ୍କର ଉପସ୍ଥିତି ଯୋଗୁଁ ଯେଉଁ ପୂର୍ଣ୍ଣ ଆଧ୍ୟାତ୍ମିକ ସମ୍ଭାବନା ସବୁ ରହିଛି, ମୁଁ ସେହି କଥା ହିଁ କହିଥିଲି; କୌଣସି ବିଶେଷ ବସ୍ତୁର କଥା ନୁହେଁ । ଶ୍ରୀମା'ଙ୍କର ଏହି ଉପସ୍ଥିତିର ଅର୍ଥ ଯେ କ'ଣ ତା' ଖୁବ୍ ଅଳ୍ପ ଅନ୍ତେବାସୀ ହିଁ ଉପଲବ୍ଧି କରିଛନ୍ତି; ଯେଉଁମାନଙ୍କର ଏ ସମ୍ବନ୍ଧରେ ଟିକିଏ ଧାରଣା ରହିଛି, ସେମାନେ ବି ଏହାର ସୁଯୋଗ ଓ ସୁବିଧା ଖୁବ୍ ଅଳ୍ପ ଗ୍ରହଣ କରନ୍ତି । ସେମାନେ ନିଜର ନିମ୍ନତର ପ୍ରକୃତିକୁ ଉନ୍ନତିର ପଥରୋଧ କରିବାକୁ ଛାଡ଼ି ଦିଅନ୍ତି ।''

(ତତ୍ରୈବ, ପୃଷ୍ଠା ୪୩୩ - ୩୪)

୨୪ ମେ ୧୯୫୧ରେ ଶ୍ରୀମା ଘୋଷଣା କରିଥିଲେ : ''କେବଳ ଗୋଟିଏ ବିଷୟରେ ହିଁ ମୁଁ ଏକେବାରେ ନିଶ୍ଚିତ, ଏବଂ ସେଇଟି ହେଉଛି **ମୁଁ କିଏ** । ଶ୍ରୀଅରବିନ୍ଦ ମଧ୍ୟ ଏହା ଜାଣିଥିଲେ ଏବଂ ଘୋଷଣା କରିଥିଲେ । ଏପରିକି ସମଗ୍ର ମାନବଜାତିର ସନ୍ଦେହ ଓ ଅବିଶ୍ୱାସ ମଧ୍ୟ ଏହି ବାସ୍ତବ ସତ୍ୟଟି ସମ୍ବନ୍ଧେ ଆଦୌ କୌଣସି ପରିବର୍ତ୍ତନ ଆଣି ପାରିବ ନାହିଁ ।

''କିନ୍ତୁ ଅନ୍ୟ ଏକ ବାସ୍ତବ ସତ୍ୟଟି ସମ୍ବନ୍ଧେ ମୁଁ ସେତେଟା ଦୃଢ଼ ନିଶ୍ଚିତ ନୁହେଁ – ସେଇଟି ହେଉଛି ଏହିଠାରେ (ଆଶ୍ରମରେ ତଥା ପୃଥିବୀପୃଷ୍ଠରେ) ମୁଁ ମୋର ଭୌତିକ ଶରୀରରେ ବିଦ୍ୟମାନ ରହିବାର ଉପଯୋଗିତା ସମ୍ବନ୍ଧରେ, ମୁଁ

କରୁଥିବା କର୍ମ ସମ୍ବନ୍ଧରେ । ଏହି କର୍ମକୁ ମୁଁ ମୋର କୌଣସି ବ୍ୟକ୍ତିଗତ ଇଚ୍ଛା ବା ଉଦ୍ଦୀପନାରୁ କରୁ ନାହିଁ । ଶ୍ରୀଅରବିନ୍ଦ ଏହା କରିବାକୁ ମୋତେ କହିଥିଲେ ଏବଂ ସେଇଥି ପାଇଁ ମୁଁ ଏହି କର୍ମକୁ ପରମୋଚ୍ଚ ପ୍ରଭୁଙ୍କର ନିର୍ଦ୍ଦେଶାବଳିକୁ ପ୍ରଣତିପୂର୍ବକ ଗଭୀର ସମ୍ମାନର ସହିତ ଏକ ପବିତ୍ର କର୍ତ୍ତବ୍ୟ ହିସାବରେ କରୁଛି ।

''ଭବିଷ୍ୟତ୍ ସୂଚାଇ ଦେବ ମୋର ଏହି କର୍ମ ଦ୍ୱାରା ଏହି ଜଗତ୍ କେତେଦୂର ଓ କିପରି ଉପକୃତ ହୋଇଛି ।''

(MCW, Vol. 13, p. 47)

*

ଶ୍ରୀମା'ଙ୍କର ନିମ୍ନୋକ୍ତ ଉକ୍ତିଟିକୁ ଶ୍ରୀଅରବିନ୍ଦ ସ୍ୱହସ୍ତରେ ଲିପିବଦ୍ଧ କରି ଦେଇଥିଲେ :

"I am **the Shakti of Sri Aurobindo alone**, and the Mother of all my children.

My children are all **equally** part of my consciousness and of my being. When transformed and realised, all will have an equal right to manifest each one an aspect of myself and Sri Aurobindo.

It is the unity of all in the solidarity of a common manifestation that will allow the creation of the new and divine world upon the Earth. Each will bring his part, but no part will be complete except as a power in the solidarity of the whole."

(ବାଣୀର Facsimile ଏହି ପତ୍ରିକାର ପଛ ମଲାଟରେ ପ୍ରଦତ୍ତ)

ଏହାର ଭାବାନୁବାଦ ଏହିପରି :

''ମୁଁ କେବଳ **ଶ୍ରୀଅରବିନ୍ଦଙ୍କର ମହାଶକ୍ତି**, ଏବଂ ମୋର ସମସ୍ତ ସନ୍ତାନଙ୍କର ଦିବ୍ୟଜନନୀ ।

ମୋର ସନ୍ତାନଗଣ ହେଉଛନ୍ତି **ସମାନ ଭାବରେ** ମୋ ଚେତନା ଓ ମୋ ସତ୍ତାର ଅଂଶବିଶେଷ । ସେମାନେ ଯେତେବେଳେ ରୂପାନ୍ତରିତ ଓ ସିଦ୍ଧ ହୋଇ ଉଠିବେ ସେତେବେଳେ ସେମାନେ ପ୍ରତ୍ୟେକେ ମୋର ଏବଂ ଶ୍ରୀଅରବିନ୍ଦଙ୍କର ଏକ ଏକ ନିର୍ଦ୍ଦିଷ୍ଟ ବିଭାବକୁ ଅଭିବ୍ୟକ୍ତ କରିବାରେ ଏକ ସମାନ ଅଧିକାର ଲାଭ କରିବେ ।

ଏହା ହେଉଛି ଏକ ସାର୍ବଜନୀନ ଅଭିବ୍ୟକ୍ତିର ପାରସ୍ପରିକ ନିର୍ଭରତା ଉପରେ ପ୍ରତିଷ୍ଠିତ ସଭିଙ୍କୁ ନେଇ ଗଠିତ ଏକ ଐକ୍ୟ, ଅଦ୍ୱିତୀୟତ୍ୱ ଯାହାକି ପୃଥିବୀପୃଷ୍ଠରେ ନୂତନ ଓ ଦିବ୍ୟ ଜଗତ୍ ସୃଷ୍ଟି କରିବାରେ ସୁବ୍ୟବସ୍ଥା କରିବ । ଏଥିରେ ପ୍ରତ୍ୟେକେ ନିଜ ନିଜର ଅତ୍ୟାବଶ୍ୟକ ଉପାଦାନଟିକୁ ପ୍ରବର୍ତ୍ତନ କରିବେ, କିନ୍ତୁ କେବଳ ନିଜସ୍ୱ ଉପାଦାନଟି ସାର୍ବଜନୀନ ଅଭିବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ ଶକ୍ତି ବ୍ୟତୀତ କେବେ ବି ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିବ ନାହିଁ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ଏହା ହେଉଛି ପ୍ରକୃତିର ଦୁଇଟି ଦିଗ : ପୁରୁଷ ଏବଂ ପ୍ରକୃତି — ଜଣେ ଏକ ବିଶୁଦ୍ଧ ସଚେତନ ସତ୍ତା ଦିଗରେ ଆଗେଇ ନେଉଛନ୍ତି ଯାହା ସ୍ଥିର ଓ ନିଷ୍କ୍ରିୟ; ଅନ୍ୟଟି ହେଉଛନ୍ତି ଏକ ବିଶୁଦ୍ଧ ସଚେତନ ସତ୍ତା ଯାହା ସକ୍ରିୟ — ସେ ହେଲେ ଶ୍ରୀମା ।

— ଶ୍ରୀଅରବିନ୍ଦ

# ନୀରଦବରଣ

## ଝରଣା ଘୋଷାଲ

ଶ୍ରୀଅରବିନ୍ଦ ନିଜ ସମ୍ବନ୍ଧରେ ଲେଖିଛନ୍ତି :

"My life; it has not been on the surface for men to see."

(Sri Aurobindo on himself, Part - one, P. 1)

ଏହି ମହିମାମଣ୍ଡିତ ଅବତାର-ପୁରୁଷଙ୍କର ମାନୁଷୀ ରୂପର ଏକ ଅନ୍ତରଙ୍ଗ ବିଭାବ ଯାହା ଆଜି ଲୋକଲୋଚନକୁ ଆସି ପାରିଛି, ତାହା ତାଙ୍କର କୃପାଧନ୍ୟ ଶିଷ୍ୟ, ଅନନ୍ୟ ସାଧକ ନୀରଦବରଣଙ୍କ ସୌଜନ୍ୟ ଦ୍ୱାରା ସମ୍ଭବ ହୋଇ ପାରିଛି ।

ଶ୍ରୀଅରବିନ୍ଦଙ୍କ ଭକ୍ତ ଓ ଅନୁଗାମୀମାନଙ୍କ ପାଖରେ ନୀରଦବରଣ କେବଳ ପରିଚିତ ନୁହନ୍ତି, ପରମ ଶ୍ରଦ୍ଧାଭାଜନ । ଗୁରୁଙ୍କ ପରି ଶିଷ୍ୟଙ୍କର ଜୀବନ ଏତେ ବ୍ୟାପ୍ତ ଓ ବିସ୍ତୃତ ଯେ କୌଣସି ସୀମାରେଖା ଦେଇ ତାହା ନିର୍ଦ୍ଧାରଣ କରାଯାଇ ପାରେନା । ସେ ଥିଲେ ଅମାୟିକ, ଶାନ୍ତ ଓ ସଂଯତବାକ୍ । ଏଥିସହ ସମସ୍ତଙ୍କୁ ସହଜରେ ଆପଣାର କରି ନେଇ ପାରିବାର ଅସାଧାରଣ ବ୍ୟକ୍ତିତ୍ୱ ତାଙ୍କର ଥିଲା ।

୧୯୦୩ ମସିହା ନଭେମ୍ବର ୧୭ ତାରିଖରେ ଅଧୁନା ବାଂଲାଦେଶ ଅନ୍ତର୍ଗତ ଚିଟାଗଙ୍ଗ ଜିଲ୍ଲାର ସୈଦବାଡ଼ି ଗ୍ରାମର ଏକ ବୌଦ୍ଧ ଧର୍ମାବଲମ୍ବୀ ପରିବାରରେ ନୀରଦବରଣ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପା ରାଜକୁମାର ତାଲୁକଦାର ଜଣେ ଜମିଦାର ଓ ବ୍ୟବସାୟୀ ଥିଲେ । ମାତା ଚିତ୍ରରେଖା ସୁଶିକ୍ଷିତା, ବୁଦ୍ଧିମତୀ ଓ ବିଚକ୍ଷଣା ନାରୀ ଥିଲେ । ପୁତ୍ର ଜନ୍ମ ସମୟରେ ତାଙ୍କ ନିକଟରେ ଜଣେ ଜ୍ୟୋତିଷ୍ମାନ୍ ଋଷିଙ୍କୁ ସେ ଦର୍ଶନ କରିଥିଲେ । ପରବର୍ତ୍ତୀ କାଳରେ ଚିତ୍ରରେଖା ଆଶ୍ରମ ଆସି ଶ୍ରୀଅରବିନ୍ଦଙ୍କୁ ଦର୍ଶନ କଲା ମାତ୍ରେ ଚିହ୍ନି ପାରିଥିଲେ ଯେ ଇଏ ହେଉଛନ୍ତି ସେହି ଋଷି ଯାହାଙ୍କୁ ସିଏ ସୂକ୍ଷ୍ମ ଦର୍ଶନରେ ପୁତ୍ର ଜନ୍ମ ସମୟରେ ଦେଖିଥିଲେ ।

ନୀରଦଦା' ପାଞ୍ଚ ବର୍ଷ ବୟସରେ ଗୁରୁତର ଅସୁସ୍ଥ ହୋଇ ପଡ଼ନ୍ତି । ତାଙ୍କର ବାପା କାତର ଭାବେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ, ''ହେ ଭଗବାନ୍ ! ପୁତ୍ର ସହିତ ମୋତେ ମଧ୍ୟ ନେଇଯାଅ । ପୁତ୍ର ନଥିଲେ ମୋର ଉପଯୁକ୍ତ ତତ୍ତ୍ୱାବଧାନ କିଏ କରିବ ।'' ଏହି କଥା ଶୁଣି ତାଙ୍କର ଆତ୍ମୀୟସ୍ୱଜନ ତାଙ୍କୁ ଭର୍ତ୍ସନା କରନ୍ତି । ଆଶ୍ଚର୍ଯ୍ୟର କଥା ଯେ ସତକୁ ସତ କିଛିଦିନ ଭିତରେ ତାଙ୍କର ଦେହାନ୍ତ ଘଟେ । ସଂସାରର ସମସ୍ତ ଦାୟିତ୍ୱ ସହିତ ଏକମାତ୍ର ପୁତ୍ର ଓ ଗୋଟିଏ ଶିଶୁ କନ୍ୟାର ଦାୟିତ୍ୱ ମଧ୍ୟ ତାଙ୍କ ସ୍ତ୍ରୀ ଚିତ୍ରରେଖାଙ୍କ ଉପରେ ପଡ଼େ । ସେ ବୁଦ୍ଧିମତୀ, ସୁଶିକ୍ଷିତା, ବିଚକ୍ଷଣା ଓ ଦୟାର୍ଦ୍ର ହୃଦୟା ମହିଳା ହୋଇଥିବା ଯୋଗୁଁ ଏସବୁ ଗୁରୁଦାୟିତ୍ୱ ଶୃଙ୍ଖଳାର ସହିତ ସମ୍ଭାଳି ପାରିଥିଲେ ।

ଗ୍ରାମ ସ୍କୁଲରେ ନୀରଦବରଣଙ୍କର ଶିକ୍ଷାର ଆରମ୍ଭ ହେଲା । ସେହି ସ୍କୁଲରେ ସେସମୟରେ ଇଂରାଜୀ ଶିକ୍ଷା ଦିଆଯାଉ ନଥିଲା । ତାଙ୍କର ଜଣେ ଖୁଡ଼ୁତାପୁଅ ଭାଇ ଚିଟାଗଙ୍ଗ ସହରରେ ରହି ପାଠ ପଢୁଥିଲେ । ନୀରଦଦା'ଙ୍କ ମାଆ ପୁତ୍ରକୁ ଏ ବିଷୟରେ ଭାଇକୁ ଚିଠି ଲେଖି ଜଣାଇବାକୁ କହିଲେ । ଚିଠି ପାଇ ତାଙ୍କ ଭାଇ ଆସି ନୀରଦଙ୍କୁ ସାଙ୍ଗରେ ନେଇ ସହରକୁ ଫେରିଗଲେ । ସେମାନେ ବୌଦ୍ଧ ଧର୍ମାବଲମ୍ବୀ ଥିବାରୁ ସ୍ଥାନୀୟ ସ୍କୁଲରେ ତାଙ୍କୁ ପାଠ ପଢ଼ିବାର ସୁଯୋଗ ମିଳିଲା । ଭାଇଙ୍କ ସହ ସିଏ ବୌଦ୍ଧ ଛାତ୍ରାବାସରେ ରହିଲେ । ୧୯୨୦ ମସିହାରେ କୃତିତ୍ୱର ସହ ସେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚିଟାଗଙ୍ଗ କଲେଜରେ ନାମ ଲେଖାଇଲେ । ସେଠାରୁ କଲିକତାର ବିଦ୍ୟାସାଗର କଲେଜକୁ ପଢ଼ିବା ପାଇଁ ଗଲେ । ସେସମୟରେ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇ ୧୯୨୧ରେ ଦୁଇ ତିନି ମାସ ବନ୍ଦୀ ଭାବେ ରହି ପୁନରାୟ ଶିକ୍ଷାକ୍ଷେତ୍ରକୁ ଫେରି ଆସିଲେ । ଏହାପରେ ସେ ବିଦ୍ୟାସାଗର କଲେଜ ଛାଡ଼ି ସିଟି କଲେଜକୁ ଆଇ. ଏ. ପଢ଼ିବା ପାଇଁ ଗଲେ, ସେଠାକାର ପାଠ୍ୟକ୍ରମ ଶେଷ ନକରି ଚିଟାଗଙ୍ଗ ଫେରି ଆସିଲେ । ଚିଟାଗଙ୍ଗ କଲେଜରୁ ପ୍ରଥମ ଶ୍ରେଣୀରେ ଆଇ. ଏ. ପାସ୍ କଲେ ।

ସମୟକ୍ରମେ ବିଲାତରେ ଉଚ୍ଚଶିକ୍ଷା ପାଇଁ ତାଙ୍କର ସୁଯୋଗ ଆସିଲା । ଗୋଟିଏ ମାତ୍ର ପୁଅ ବିଦେଶ ଚାଲିଯିବ ବୋଲି ମାଆ ତାଙ୍କର ପ୍ରଥମେ ଏକଥାରେ ରାଜି ହେଉ ନଥିଲେ, ପରେ ପୁଅର ଉଜ୍ଜ୍ୱଳ ଭବିଷ୍ୟତ୍ କଥା ଭାବି ରାଜି ହେଲେ । ୧୯୨୪ ମସିହାରେ ନୀରଦବରଣ ଇଂଲଣ୍ଡର ଏଡ଼ିନବରାରେ ମେଡ଼ିସିନ୍ ବିଷୟରେ ପଢ଼ିବା ପାଇଁ ସ୍ଥିର କଲେ । ସେହି ସମୟରେ ଥରେ ସେ ପ୍ୟାରିସ ଯାଇଥିଲେ । ସେଠାରେ ତାଙ୍କର

ଦିଲୀପ କୁମାର ରାୟଙ୍କ ସହ ସାକ୍ଷାତ୍ ଓ ପରିଚୟ ହୁଏ । ତାଙ୍କ ପାଖରୁ ସିଏ ଶ୍ରୀଅରବିନ୍ଦଙ୍କ ବିଷୟରେ ଏବଂ ଆଶ୍ରମ ସମ୍ବନ୍ଧରେ ଖବର ପାଆନ୍ତି । ଏଡ଼ିନବରାରେ ଡାକ୍ତରୀ ଶିକ୍ଷା ସମାପ୍ତ କରି, ଏମ୍. ବି. ସି. ଏଚ୍. ବି. ଡିଗ୍ରୀ ନେଇ ସ୍ୱଦେଶକୁ ଫେରିବା ପାଇଁ ସ୍ଥିର କରନ୍ତି । ସେସମୟରେ ତାଙ୍କର ଜଣେ ଝିଆରୀ ଶ୍ରୀଅରବିନ୍ଦ ଆଶ୍ରମରେ ରହୁଥିଲେ । ତାଙ୍କର ବିଶେଷ ଅନୁରୋଧରେ କଲମ୍ବୋ ହୋଇ ଭାରତ ଫେରିବା ବାଟରେ ସେ ପଣ୍ଡିଚେରୀ ଆସନ୍ତି । ସେଠାରେ ଦିଲୀପ କୁମାରଙ୍କ ସହାୟତାରେ ଆଶ୍ରମର ଦିବ୍ୟଜନନୀ ଶ୍ରୀମାଙ୍କ ସହିତ ସାକ୍ଷାତ୍ ହୁଏ । ତାଙ୍କୁ ଦେଖି ଶ୍ରୀମା କହିଥିଲେ, ‘‘ପିଲାଟି ବଡ଼ ଲାଜକୁଳା ।’’ ବୌଦ୍ଧ ଧର୍ମର ପ୍ରଭାବ ଓ ସଂସ୍କାର ଥିବା ହେତୁ ପ୍ରଥମରେ ସିଏ ଶ୍ରୀଅରବିନ୍ଦଙ୍କ ପ୍ରତି ଆକର୍ଷିତ ହୋଇ ନଥିଲେ । ସେ ମନେ ମନେ ଭାବିଲେ ଶ୍ରୀଅରବିନ୍ଦ ଦେଶ ଛାଡ଼ି ରାଜନୀତିରେ ନେତୃତ୍ୱ ନ ନେଇ ଏଠାରେ କ’ଣ କରୁଛନ୍ତି ? ଶ୍ରୀମାଙ୍କୁ ଦର୍ଶନ କରି ତଥା ତାଙ୍କର ଅପରୂପ ଲାବଣ୍ୟ ମଣ୍ଡିତ ରୂପ ଦେଖି ତାଙ୍କର ଭାବାନ୍ତର ହୁଏ । ପଣ୍ଡିଚେରୀ ଛାଡ଼ି ଚିଟ୍ଟାଗଙ୍ଗ ଯିବା ସମୟରେ ତାଙ୍କର ଏକ ଅଦ୍ଭୁତ ଅଭିଜ୍ଞତା ହୁଏ । ସିଏ ଯେଉଁ ଆଡ଼କୁ ଚାହୁଁଥିଲେ ସେଠାରେ ସେ ମାଆଙ୍କର ସୌନ୍ଦର୍ଯ୍ୟମୟୀ ହାସ୍ୟୋଚ୍ଛଳ ମୂର୍ତ୍ତି ବାରଂବାର ଦେଖିବାକୁ ପାଉଥିଲେ । ଦୃଷ୍ଟି ଦ୍ୱାରା ମାଆ ବୋଧହୁଏ ତାଙ୍କ ହୃଦୟରେ ପ୍ରବେଶ କରି ତାଙ୍କୁ ଦୀକ୍ଷିତ କରି ନେଲେ ।

୧୯୩୦ ମସିହା ଫେବ୍ରୁଆରୀ ମାସରେ କି ଏକ ଦୁର୍ବାର ଆକର୍ଷଣରେ ନୀରଦବରଣ ପୁନରାୟ ଆଶ୍ରମ ଆସି ମାସଟିଏ ରହିଥିଲେ । କେତେକ ହିତୈଷୀ ବନ୍ଧୁ ତାଙ୍କୁ ସ୍ଥାୟୀ ଭାବେ ଆଶ୍ରମରେ ରହିଯିବା ପାଇଁ ପରାମର୍ଶ ଦେଇଥିଲେ । ଶ୍ରୀଅରବିନ୍ଦଙ୍କୁ ନୀରଦବରଣ ତାଙ୍କର ଭବିଷ୍ୟତ୍ ଜୀବନର ପରିକଳ୍ପନା ବିଷୟରେ ଜଣାଇ ଚିଠିଟିଏ ଲେଖିଥିଲେ । ସେ ଆଧ୍ୟାତ୍ମିକ ଜୀବନଯାପନ ପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି ଏବଂ ବାହାରେ ରହି କର୍ମଯୋଗ କରିବାର ଇଚ୍ଛା ପ୍ରକାଶ କରନ୍ତି, ଏହା ଥିଲା ଶ୍ରୀଅରବିନ୍ଦଙ୍କୁ ଲେଖିଥିବା ତାଙ୍କର ପ୍ରଥମ ଚିଠି ।

ଏହି ଚିଠିର ଉତ୍ତରରେ ତା’ ପରଦିନ ଶ୍ରୀଅରବିନ୍ଦ ଲେଖିଲେ, ‘‘ଏହା ସମ୍ପୂର୍ଣ୍ଣ ଠିକ୍ ଚିନ୍ତାଧାରା । ଏହା ତାଙ୍କର ଆଧ୍ୟାତ୍ମିକ ଜୀବନର ସହାୟକ ହେବ ଯଦି ସିଏ ଆଧ୍ୟାତ୍ମିକ ପଥରେ ଆସିବାକୁ ଚାହାନ୍ତି ।’’ ଏହା ଥିଲା ତାଙ୍କର ଶ୍ରୀଅରବିନ୍ଦଙ୍କ ସହିତ ଦୀର୍ଘକାଳର ପତ୍ରାଳାପର ଅୟମାରମ୍ଭ ।

ପଣ୍ଡିଚେରୀରୁ ଫେରିଯାଇ ସେ ରେଙ୍ଗୁନରେ ଏକ ସରକାରୀ ଚାକିରିରେ ଯୋଗ ଦେଲେ । ସେଠାରେ ତାଙ୍କର ମନ ମାନିଲା ନାହିଁ । ଦୁଇ ବର୍ଷ ପରେ ରେଙ୍ଗୁନରୁ ଚାଲି ଆସି କଲିକତାରେ ନିଜସ୍ୱ ଘରୋଇ-ଚିକିତ୍ସା ବ୍ୟବସାୟ ଆରମ୍ଭ କଲେ । ସେଠାରେ ମଧ୍ୟ ତାଙ୍କୁ ଭଲ ଲାଗିଲା ନାହିଁ । ତାଙ୍କ ଅଜାଣତରେ ତାଙ୍କ ହୃଦୟ ଅନ୍ୟ କେଉଁ ଚୁମ୍ବକୀୟ ଶକ୍ତି ଦ୍ୱାରା ଆକର୍ଷିତ ହେଉଥିଲା । ୬ ମାସ ପରେ ୧୯୩୩ ମସିହା ଫେବ୍ରୁଆରୀ ୧୫ ତାରିଖରେ ଆଶ୍ରମକୁ ଫେରିଆସି ସ୍ଥାୟୀଭାବେ ଆଶ୍ରମରେ ରହିବାର ଅଭିଳାଷ ଜଣାଇ ମାଆଙ୍କୁ ଚିଠିଟିଏ ଲେଖିଲେ । ମାଆଙ୍କ ପାଖରୁ ନୁହେଁ, ଶ୍ରୀଅରବିନ୍ଦଙ୍କ ପାଖରୁ ଉତ୍ତର ଆସିଲା, ‘‘ସ୍ଥାୟୀଭାବେ ରହିବାର ସିଦ୍ଧାନ୍ତ ନେବା ପୂର୍ବରୁ ଆମେ ତୁମକୁ ଅଗଷ୍ଟ ପର୍ଯ୍ୟନ୍ତ ରହିବାର ସୁଯୋଗ ଦେଉଛୁ ଓ ଦୃଷ୍ଟି ରଖିଛୁ ।’’ ଏହି ଘଟଣା ପରେ ଆଉ କିଛି ଉଚ୍ଚବାଚ କରିବାର ପ୍ରଶ୍ନ ନଥିଲା । ନୀରଦବରଣଙ୍କର ଭାଗ୍ୟ ଏକ ଅଲିଖିତ ଚୁକ୍ତିରେ ଶ୍ରୀଅରବିନ୍ଦଙ୍କ ଚରଣରେ ସମ୍ପୂର୍ଣ୍ଣ ରୂପେ ବନ୍ଧା ହୋଇଗଲା । ସେ ଆଉ ଫେରିଗଲେ ନାହିଁ । ଆରମ୍ଭ ହେଲା ଜୀବନର ଏକ ନୂତନ ଅଧ୍ୟାୟ ।

ଆଶ୍ରମବାସର ଅନୁମତି ପାଇବା ପରେ ନୀରଦଙ୍କୁ ଗୃହନିର୍ମାଣ ବିଭାଗ ଓ ତା’ର ସୁରକ୍ଷାର ଦାୟିତ୍ୱ ଦିଆଗଲା । ସେହି ଦାୟିତ୍ୱ ସିଏ ଦକ୍ଷତାର ସହ ପାଳନ କରିଥିଲେ । ଏହି ସମୟରେ ତାଙ୍କର ଏକ ସ୍ୱପ୍ନର ବିବରଣୀ କଥା ଜଣାଇ ସେ ମାଆଙ୍କୁ ଚିଠି ଲେଖିଲେ – ସ୍ୱପ୍ନରେ ସିଏ ନିଜ ଗ୍ରାମକୁ ଫେରିଯାଇ ଅତ୍ୟନ୍ତ କଷ୍ଟ ଓ ଅସହାୟ ଜୀବନ କାଟୁଛନ୍ତି । ସେହି ସ୍ୱପ୍ନ ସହିତ ନିଜେ ଲେଖି ଜଣାଇଥିଲେ ଯେ, ‘‘ବାହାର ଦୁନିଆ ବୋଧହୁଏ ମୋ ପାଇଁ ନରକ ତୁଲ୍ୟ ହେବ – ତାହାର ଏକ ସୂଚନା ମିଳିଲା । ଏହି ଜୀବନ ପାଇଁ ମୁଁ ବୋଧହୁଏ ବିଧି-ନିର୍ଦ୍ଦିଷ୍ଟ । ସେଥିପାଇଁ ମୁଁ ଏଠାକୁ ଆସିଛି ।’’ ଏହି ଚିଠିର ଉତ୍ତରରେ ଶ୍ରୀଅରବିନ୍ଦ କେବଳ ଦୁଇଟି ଶବ୍ଦ ଲେଖିଥିଲେ, ‘‘ହଁ, ନିଶ୍ଚିତ ଭାବେ ।’’

ଏହାପରେ ସେ ଆଉ ପଛକୁ ଫେରି ଦେଖି ନାହାନ୍ତି । ଅନ୍ତରର ଆହ୍ୱାନରେ ଆଶ୍ରମର ମୂଳସ୍ରୋତ ସହିତ ମିଶିଯାଇ ସେ ଏକାକାର ହୋଇ ଗଲେ । ଏହି ସମୟରୁ ଅର୍ଥାତ୍ ୧୯୩୩ ମସିହା ଫେବ୍ରୁଆରୀ ମାସରୁ ୧୯୩୮ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କ ସହ ନୀରଦବରଣଙ୍କର ଅସଂଖ୍ୟ ପତ୍ରାଳାପ ଚାଲେ । ଏକ ସଙ୍ଗେ ତିନୋଟି ଖାତା ଶ୍ରୀଅରବିନ୍ଦଙ୍କ

ପାଖକୁ ସେ ପଠାଉଥିଲେ । ଗୋଟିକରେ ବ୍ୟକ୍ତିଗତ ସାଧନା ସମ୍ପର୍କରେ, ଦ୍ୱିତୀୟଟି ଚିକିତ୍ସା ବିଷୟକ ଏବଂ ତୃତୀୟଟି ସାହିତ୍ୟ ରଚନା ସମ୍ପର୍କିତ । ଗୁରୁ ଶିଷ୍ୟଙ୍କ ମଧ୍ୟରେ ପତ୍ରାଳାପର ବିପୁଳ ସମ୍ଭାର, ଭାବର ବ୍ୟାପକତା ତଥା ବିଷୟ ବୈଚିତ୍ର ବାସ୍ତବିକ୍ ଆଧାତ୍ମିକ ସାହିତ୍ୟରେ ଅନନ୍ୟ ଓ ଅମୂଲ୍ୟ ସମ୍ପଦ ।

୧୯୩୩ ମସିହା ଜୁନ୍ ମାସଠାରୁ ନୀରଦବରଣଙ୍କୁ ଆଶ୍ରମର ଗେଟ୍ ଡିଉଟି ଦେବାକୁ ପଡ଼ିଥିଲା । ଇତିହାସରେ କେଉଁଠି ହେଲେ ଉଲ୍ଲେଖ ନାହିଁ ଯେ ଅବତାର-ଗୁରୁ ତାଙ୍କ ଶିଷ୍ୟକୁ ଏତେ ସ୍ୱାଧୀନତା ଦେଇଛନ୍ତି, ଯାହା ଫଳରେ ସ୍ୱଚ୍ଛନ୍ଦରେ ଶିଷ୍ୟ ଦୀର୍ଘକାଳ ବ୍ୟାପୀ ଅସଂଖ୍ୟ ପତ୍ରାଳାପର ସୁଯୋଗ ପାଇଛନ୍ତି । ପ୍ରଥମ ସାକ୍ଷାତ୍‌ରେ ଶ୍ରୀମା ଯାହାଙ୍କୁ ଲାଜକୁଳା ବୋଲି ଅଭିହିତ କରିଥିଲେ, ଅଚିରେ ସେହି ଲଜ୍ଜାଶୀଳ ସ୍ୱଭାବଟି ତାଙ୍କର ଅନ୍ତର୍ଦ୍ଧାନ ହୋଇ ଯାଇଥିଲା ।

ଏହି ସମୟର ବିଶେଷ ଏକ ଉଲ୍ଲେଖନୀୟ ଘଟଣା ହେଲା ନୀରଦବରଣଙ୍କ ଭିତରେ କାବ୍ୟ ପ୍ରତିଭାର ଉନ୍ମେଷ । ପଣ୍ଡିଚେରୀ ଆସିବାର କିଛିଦିନ ଭିତରେ ଶ୍ରୀଅରବିନ୍ଦଙ୍କ ପ୍ରେରଣାରେ ନୀରଦବରଣଙ୍କର ସାହିତ୍ୟ-ପ୍ରୀତିର ସ୍ଫୁରଣ ଘଟେ । ଇଂରାଜୀ ଓ ବଙ୍ଗଳାରେ ସିଏ କବିତା ଲେଖନ୍ତି । ଶ୍ରୀଅରବିନ୍ଦ ତାଙ୍କର ରଚନାଗୁଡ଼ିକୁ ସଂଶୋଧନ କରି ଦେଉଥିଲେ । କବିତାର ଛନ୍ଦ, ମାତ୍ରା, ଶବ୍ଦ ବିନ୍ୟାସ, ବ୍ୟଞ୍ଜନା ଇତ୍ୟାଦି ବିଷୟରେ ନାନା ରକମର ନିର୍ଦ୍ଦେଶ ମଧ୍ୟ ସେ ଦେଉଥିଲେ । ଶ୍ରୀଅରବିନ୍ଦଙ୍କର ସସ୍ନେହ ଉତ୍ସାହ ଓ ଆଧାତ୍ମିକ ଶକ୍ତିର ସହାୟତାରେ ନୀରଦବରଣଙ୍କର କବିତା ରଚନାର ସାମର୍ଥ୍ୟ ଦ୍ରୁତ ବିକାଶ ଲାଭ କରେ ।

୧୯୩୮ ମସିହା ନଭେମ୍ବର ମାସରେ ଅପ୍ରତ୍ୟାଶିତ ଭାବେ ଶ୍ରୀଅରବିନ୍ଦଙ୍କ ଗୋଡ଼ ଖସିଯିବା ଫଳରେ ତାଙ୍କର ଦକ୍ଷିଣ ଗୋଡ଼ ଭାଙ୍ଗି ଗଲା, ଗୁରୁ ଶଯ୍ୟାଶାୟୀ ହୋଇ ପଡ଼ିଲେ । ଗୁରୁ ଶିଷ୍ୟଙ୍କ ମଧ୍ୟରେ ଯେଉଁ ଅବାଧ ପତ୍ରାଳାପର ସୁଯୋଗ ମିଳିଥିଲା ତା'ର ବିରତି ଘଟିଲା । ଶ୍ରୀମାଙ୍କ ନିର୍ଦ୍ଦେଶରେ ଯେଉଁ କେତେ ଜଣଙ୍କୁ ଶ୍ରୀଅରବିନ୍ଦଙ୍କର ସେବା କାର୍ଯ୍ୟରେ ନିଯୁକ୍ତ କରାଗଲା, ନୀରଦବରଣ ସେମାନଙ୍କ ମଧ୍ୟରେ ଅନ୍ୟତମ ସେବକ ହେବାର ସୌଭାଗ୍ୟ ଲାଭ କରିଥିଲେ ।

୧୯୪୦ ମସିହାରେ ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟର ରଚନାରେ ନିଜକୁ ଅଭିନିବେଶ କରନ୍ତି । ମାତ୍ର ତାଙ୍କର ଦୃଷ୍ଟିଶକ୍ତି କ୍ରମଶଃ କ୍ଷୀଣ ହେବା ହେତୁ ଅନୁଲିଖନକାରର ପ୍ରୟୋଜନ ପଡ଼େ ଏବଂ ନୀରଦବରଣ ସେହି କର୍ମରେ ନିଯୁକ୍ତ ହେବାର ଦୁର୍ଲଭ ସୌଭାଗ୍ୟ ପ୍ରାପ୍ତ ହୁଅନ୍ତି ।

୧୯୩୫ ମସିହାରୁ ନୀରଦବରଣ ଆଶ୍ରମର ଚିକିତ୍ସା ବିଭାଗରେ ଡାକ୍ତର ହିସାବରେ କାମ କରନ୍ତି । ୧୯୩୯ ଫେବ୍ରୁଆରୀ ୨୧ ଦର୍ଶନରୁ ୧୯୫୦ ନଭେମ୍ବର ୨୪ ଦର୍ଶନ ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ଦର୍ଶନ ଦିନରେ ନୀରଦବରଣ ମାଆଙ୍କ ପଛରେ ଏବଂ ଚମ୍ପକଲାଲଜି ଶ୍ରୀଅରବିନ୍ଦଙ୍କ ବାମପଟ ପଶ୍ଚାତରେ ଦର୍ଶନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଠିଆ ହେବାର ସୌଭାଗ୍ୟ ଲାଭ କରିଥିଲେ । ୧୯୪୦ର ମଧ୍ୟ ଭାଗରେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିଶକ୍ତିର ଦୁର୍ବଳତା ଯୋଗୁଁ ତାଙ୍କ ପାଖକୁ ଯେତେ ଚିଠି ଆସୁଥିଲା ସେସବୁ ନୀରଦବରଣ ପଢ଼ି ଶ୍ରୀଅରବିନ୍ଦଙ୍କୁ ଶୁଣାଉ ଥିଲେ ।

ମାଆଙ୍କ ଅନୁମତିକ୍ରମେ ଶ୍ରୀଅରବିନ୍ଦଙ୍କ ସେବା କାର୍ଯ୍ୟର ବିରତି ସମୟରେ ନୀରଦବରଣ ମାଆଙ୍କ ପାଖରୁ ଫ୍ରେଞ୍ଚ ଶିଖୁଥିଲେ ।

ନୀରଦବରଣ ତାଙ୍କର 'ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ' ପୁସ୍ତକରେ ଲେଖିଛନ୍ତି, — 'ସାବିତ୍ରୀ' ରଚନା ଶେଷ କରିବା ପରେ ଦିନେ ସକାଳେ ସେ ଶ୍ରୀଅରବିନ୍ଦଙ୍କ ଘରେ ପ୍ରବେଶ କରି ଦେଖିଲେ ଶ୍ରୀଅରବିନ୍ଦ ବେଶ୍ ଶାନ୍ତ ଓ ତୃପ୍ତ ମନେ ହେଉଛନ୍ତି । ନୀରଦବରଣଙ୍କ ଜନ୍ମଦିନ ୧୭ ନଭେମ୍ବରରେ । ତାଙ୍କର ଜନ୍ମଦିନରେ ସେ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କଲେ ଶ୍ରୀଅରବିନ୍ଦ ତାଙ୍କ ମଥାରେ ହାତରଖି ଅତ୍ୟନ୍ତ କୋମଳଭାବେ ଅନେକ ସମୟ ପର୍ଯ୍ୟନ୍ତ ବାରଂବାର ଆଉଁଶି ଦେଲେ । ଦିନେ କିନ୍ତୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ନୀରଦବରଣ ତାଙ୍କର ଡାହାଣ ଗୋଡ଼ ମାଲିସ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଡାହାଣ ହାତ ତାଙ୍କ ପାଖରେ ପହଞ୍ଚିବା ବ୍ୟବଧାନରେ ସିଏ ଥିଲେ, ନୀରଦବରଣ ଯେତେବେଳେ ନଇଁ ପଡ଼ିଛନ୍ତି ହଠାତ୍ ଶ୍ରୀଅରବିନ୍ଦଙ୍କ ହସ୍ତର ମଧୁମୟ ସ୍ପର୍ଶ ତାଙ୍କ ମଥା ଉପରେ ଅନୁଭବ କଲେ । ଚକିତ ବିସ୍ମୟରେ ସେ ଉପରକୁ ଚାହିଁଦେଲେ, ଦେଖିଲେ ସବୁକିଛି ପୂର୍ବ ପରି ରହିଛି । ଶ୍ରୀଅରବିନ୍ଦଙ୍କ ଦୃଷ୍ଟି ଅନ୍ୟ କେଉଁଠି ନିବଦ୍ଧ, ସେ ଯେପରି ଏସବୁ କିଛି ଜାଣନ୍ତି ନାହିଁ । ନୀରଦବରଣଙ୍କ ଚିତ୍ତ ରହସ୍ୟାବୃତ୍ତ ହୋଇ ରହିଗଲା ।

୧୯୫୦ ମସିହା ଡିସେମ୍ବର ୫ ତାରିଖର ବିବରଣୀରେ ନୀରଦବରଣ ଲେଖିଛନ୍ତି, ''ମହାଯାତ୍ରାର ୧୦ ମିନିଟ ପୂର୍ବରୁ

(*ଅବଶିଷ୍ଟାଂଶ ୨୪ ପୃଷ୍ଠାରେ ଦେଖନ୍ତୁ*)

# ସମୟର ଡାକ

## ପ୍ରପତ୍ତି

ବ୍ୟକ୍ତି ଜୀବନ ତଥା ଜାତୀୟ ଜୀବନରେ ଏପରି ସମୟ ଆସେ ଯେତେବେଳେ ଗୋଟିଏ ଡାକ ଶୁଣିବାକୁ ମିଳେ ଏବଂ ହୁଏତ ଏହି ଡାକର ଜବାବ ଦେଲେ ବ୍ୟକ୍ତି ବା ରାଷ୍ଟ୍ର ବଞ୍ଚି ରହେ, ନଚେତ୍ ଅବକ୍ଷୟ ଓ ଧ୍ୱଂସ ଦିଗରେ ଗତି କରେ । ଏହି କଥାଟି ବହୁତ ସ୍ଥାନରେ ଘଟିବାର ଦେଖାଯାଏ – ଯାହା କାଳର ଡାକ (the challenge of the times), ତାହାର ସମ୍ମୁଖୀନ ହେବାକୁ ହୁଏ । ଯୁଗ ପରିବର୍ତ୍ତନ ସମୟରେ ଏହି ଡାକ ଅତି ତୀବ୍ର, ଭୟଙ୍କର ରୂପ ଧାରଣ କରେ । ଗୋଟାଏ ଗୋଟାଏ ଘଡ଼ିସନ୍ଧି ବେଳରେ ଯେପରି ଊର୍ଦ୍ଧ୍ୱଲୋକରୁ ଗୋଟାଏ କିଛି ଅବତରଣ କରେ ଏବଂ ପାର୍ଥିବ ଜୀବନର ଆଧାର – ସ୍ଥୂଳ, ତାମସିକ, ସ୍ୱାର୍ଥ ଓ ମୋହଗ୍ରସ୍ତ ଜୀବନର ଆଧାର ଭାଙ୍ଗିଦିଏ । ଗୀତାରେ ଉଲ୍ଲେଖ ଅଛି ସ୍ୱୟଂ ଭଗବାନ୍ ଏହି ସନ୍ଧିକ୍ଷଣରେ ଅବତୀର୍ଣ୍ଣ ହୋଇ କାଳରୂପ ଧାରଣ କରି ଧ୍ୱଂସର ଲୀଳା ଘଟାଇ ନୂତନ ସତ୍ୟ ପ୍ରତିଷ୍ଠା କରନ୍ତି ଏବଂ ନୂତନ ଜୀବନଧାରାର ଦ୍ୱାର ଉନ୍ମୋଚନ କରନ୍ତି । ଏପରି ଏକ ଘୋର ପରିବର୍ତ୍ତନର ସମୟ ଆଜି ବି ଆସିଛି ।

୧୯୭୦ ମସିହାର ନବବର୍ଷ ବାଣୀରେ ଶ୍ରୀମା କହିଥିଲେ, “The world is preparing for a big change. Will you help ?” ଅର୍ଥାତ୍ ‘‘ପୃଥିବୀ ଗୋଟାଏ ବିଶାଳ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି । ତୁମେ ଏଥିରେ ସାହାଯ୍ୟ କରିବ ବି ?’’ ଏହି ଯେଉଁ ବିଶାଳ ଓ ଗୁରୁତର ପରିବର୍ତ୍ତନର କଥା କୁହାହେଉଛି ତାହା ହିଁ ସମୟର ଡାକ । ଏହି କଥାଟି ଭିତରେ ବହୁ ବିଷୟ ଗର୍ଭିତ ହୋଇ ରହିଛି । ପ୍ରଶ୍ନ ହେବ : ସବୁ ସମୟରେ ତ ପରିବର୍ତ୍ତନ ଚାଲିଛି, ଆଉ ଅଧିକ କ’ଣ ପରିବର୍ତ୍ତିତ ହେବ ? ଏ ପରିବର୍ତ୍ତନର ଆଭିମୁଖ୍ୟ କ’ଣ ? ଏହି ପରିବର୍ତ୍ତନର ଲକ୍ଷ୍ୟ କ’ଣ ? ଦିଗ ବା ଧାରା କ’ଣ ? ଏହାକୁ ଏପରି ଏକ ବିଶାଳ ପରିବର୍ତ୍ତନ ବୋଲି କୁହାଯାଉଛି କାହିଁକି ? ଏହି ପରିବର୍ତ୍ତନର ଧାରାରେ କି କି ବସ୍ତୁର ପ୍ରକାଶ ହେବ ? ଇତ୍ୟାଦି ଇତ୍ୟାଦି ।

ଏକଥା ଠିକ୍, ସବୁ ସମୟରେ ପରିବର୍ତ୍ତନ ଚାଲିଛି – ସେଥିପାଇଁ ଏ ପୃଥିବୀ ଗତିଶୀଳ, କିନ୍ତୁ ଏହି ପରିବର୍ତ୍ତନ ବହୁ ଦିନ ଧରି ନିଜ ଗୁଳାରେ ଚାଲିଛି । ଏହିପରି ଚାଲିଥାଏ, ଚାଲିଥାଏ – ହଜାର ହଜାର ବର୍ଷ ବିତିଯାଏ, ହଠାତ୍ ଦେଖାଯାଏ ପରିବର୍ତ୍ତନରେ ଗୋଟାଏ ଆବର୍ତ୍ତ ବା ମୋଡ଼ ଆସିଯାଇଛି । ଯେପରି ପରିବର୍ତ୍ତନ ନିଜ ଗୁଳାରେ ଚାଲିଥିଲା ସେପରି ଆଉ ଚାଲୁ ନାହିଁ । ଏହି ଆବର୍ତ୍ତ, ଭଉଁରୀ ଭିତରେ, ମୋଡ଼ (turn) ଅବସ୍ଥାରେ ଏକ ଗୁଣାତ୍ମକ, ଅଭୂତପୂର୍ବ, ଅପ୍ରତ୍ୟାଶିତ ପରିବର୍ତ୍ତନର ଧାରା ଖୋଲିଯିବାକୁ ଚେଷ୍ଟା କରେ । ଏହା ଏକ ଭୟଙ୍କର ମୁହୂର୍ତ୍ତ, ନୂତନ ସୃଷ୍ଟି ପ୍ରତିଷ୍ଠାର ବେଳ । ଏ ବେଳ ଏପରି କଠୋର ଓ ବିପଜ୍ଜନକ ଯେ ସ୍ୱୟଂ ଦିବ୍ୟଶକ୍ତି କାଳ ରୂପରେ ଦ୍ୱାରେ ଦ୍ୱାରେ ବୁଲି ମନୁଷ୍ୟକୁ ଆହ୍ୱାନ କରନ୍ତି ଗୋଟିଏ ପାହାଚରୁ ଆଉ ଏକ ନୂତନ ପାହାଚକୁ ଉଠିଯିବା ପାଇଁ । ଏତେବେଳେ ପୁରାତନ ସବୁକିଛି ପରିବର୍ତ୍ତିତ ହେବାର ସମ୍ଭାବନା ଦେଖାଦିଏ । ପରିବର୍ତ୍ତିତ ମଧ୍ୟ ହୁଏ । ଶ୍ରୀଅରବିନ୍ଦ ଏପରି ମୁହୂର୍ତ୍ତକୁ ‘ଦେବ ମୁହୂର୍ତ୍ତ’ ବୋଲି ଆଖ୍ୟା ଦେଇଛନ୍ତି । ଏହି ପରିବର୍ତ୍ତନର ମୂଳ ରହସ୍ୟ ହେଉଛି, ଏକ ଉଚ୍ଚତର ସତ୍ୟ, ଏକ ଉଚ୍ଚତର ଚେତନା ନିଜକୁ ପ୍ରକାଶ କରିବାକୁ ଚାହେଁ । ଊର୍ଦ୍ଧ୍ୱଲୋକରୁ ଏହି ଚେତନାର ଅବତରଣ ଘଟେ ଏବଂ ନିମ୍ନ ଜଗତରୁ ଏହି ଚେତନା ଓ ଶକ୍ତିର ଗ୍ରହଣ ନିମିତ୍ତ ଏକ ପ୍ରସ୍ତୁତି ଦେଖାଦିଏ । ଏହି ଚେତନା ଓ ଶକ୍ତି ମୂଳତଃ ଏକ ଆଧ୍ୟାତ୍ମିକ ଶକ୍ତି । ବର୍ତ୍ତମାନ ଯେଉଁ ପରିବର୍ତ୍ତନର ଡାକ ଆସୁଛି, ଏହାକୁ ମନୁଷ୍ୟ ବହୁ ଯୁଗ ଧରି ଅପେକ୍ଷା କରିଛି । ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ନିମିତ୍ତ ଶ୍ରୀଅରବିନ୍ଦ ଦୀର୍ଘ କାଳ ଧରି ତପସ୍ୟା କରି, ମାନବଜାତିର ପ୍ରତିନିଧି ରୂପେ ଏହି ଚେତନାକୁ ନିଜ ଚେତନା ମଧ୍ୟରେ ଅବତରଣ କରାଇଥିଲେ ଏବଂ ସମଗ୍ର ପାର୍ଥିବ ଜୀବନ ସହିତ ସଂଯୋଜିତ କରିଥିଲେ । ଏହି ଚେତନାର ପ୍ରକାଶ ଓ ଅଭିବ୍ୟକ୍ତି ଫଳରେ ପୃଥିବୀର ଚତୁର୍ଦ୍ଦିଗରେ ଏକ ଗୁରୁତର ଅନ୍ତର୍ବିକ୍ଷୋଭ (Inner tension) ତଥା ଅନ୍ତର୍ଦ୍ୱନ୍ଦ୍ୱ ଦେଖା ଦେଇଛି । ତାହାର କାରଣ ପାର୍ଥିବ ଜୀବନରେ ଅନ୍ଧକାରର ଯେଉଁ ଶକ୍ତିରାଜି ସୃଷ୍ଟି ଆରମ୍ଭରୁ କାର୍ଯ୍ୟ କରୁଛନ୍ତି, ତାହା ସହିତ ଗୋଟାଏ ଘୋର ସଂଘର୍ଷ ଦେଖା ଦେଇଛି । ମନୁଷ୍ୟ ଏହି ପରିବର୍ତ୍ତନକୁ ଯଦି ବୁଝିପାରେ ଏବଂ ଏଥିସହ ସମ୍ମିଳିତ ହୁଏ, ନିଜର ନିମ୍ନ ପ୍ରକୃତିକୁ

ଏହି ଶକ୍ତି ନିକଟରେ ପରିବର୍ତ୍ତିତ ହେବାକୁ ସଜ୍ଞାନରେ ସମର୍ପଣ କରେ, ନିଜ ଭିତରେ ଏହି ଉଚ୍ଚତର ଶକ୍ତି, ମାତୃଶକ୍ତି ବା ଭାଗବତୀ ଶକ୍ତିକୁ ଆବାହନ କରେ ତେବେ ସେ ସହଜରେ ଏହି ଅବସ୍ଥାକୁ ଅତିକ୍ରମ କରିପାରେ । କିନ୍ତୁ ସମଗ୍ର ମାନବଜାତି ତଥା ପ୍ରତ୍ୟେକ ରାଷ୍ଟ୍ର ଓ ବ୍ୟକ୍ତିକୁ ଏହି ଡାକର ଉତ୍ତର (Response) ଦେବାକୁ ହେବ । ମହାକାଳ ଯେଉଁ ପ୍ରଶ୍ନବାଚୀ ଆମ ସମ୍ମୁଖରେ ଅନେକ ଦିନଠାରୁ ଲେଖି ଦେଲାଣି ତାହାର ଉତ୍ତର ଦେବାକୁ ହିଁ ହେବ । ଏହି ଉତ୍ତର ଦେଇ ନ ପାରିଲେ ଅବଶ୍ୟମ୍ଭାବୀ ପରିଣାମ – ‘‘ବିପର୍ଯ୍ୟୟ ଓ ଧ୍ୱଂସ’’ ଦେଖା ଦେବ । ଆମ୍ଭେମାନେ କ’ଣ ଏହି ପ୍ରଶ୍ନର ଉତ୍ତର ଦେଇ ପାରିବା ନାହିଁ ?

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃ. ୨୪୮-୪୯)

❑❑❑

---

*(ପୃଷ୍ଠା ୨୨ର ଅବଶିଷ୍ଟାଂଶ)*

ସେ ତାଙ୍କର ଅନ୍ତର୍ମୁଖୀ ଅବସ୍ଥାରୁ ମୋତେ ମୋ ନାମ ଧରି ଡାକିଲେ; କେତେଟା ବାଜିଛି ବୋଲି ପଚାରିଲେ ଓ କହିଲେ, ‘ମୋତେ କିଛି ପିଇବା ପାଇଁ ଦିଅ ।’ ଏହା ଥିଲା ଶ୍ରୀଅରବିନ୍ଦଙ୍କ ମୁଖ ନିଃସୃତ ଶେଷ ବାକ୍ୟ । ଏତେ ଅଳ୍ପ ପାଣି ପିଇଲେ ଯେ ଏଥିପାଇଁ ମୋତେ ନାମ ଧରି ଡାକିବାର କୌଣସି କାରଣ ନଥିଲା ।’’ ନୀରଦବରଣଙ୍କ ପ୍ରତି ତାଙ୍କର ଅପାର କରୁଣାର ଏହା ଥିଲା ଏକ ଅସାମାନ୍ୟ ନମୁନା ।

ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ପରେ ନୀରଦବରଣ ଆଶ୍ରମ ସ୍କୁଲରେ ଇଂରାଜୀ, ଫରାସୀ ଓ ବଙ୍ଗଳା ଭାଷାରେ ଶିକ୍ଷାଦାନ ଆରମ୍ଭ କଲେ । ଆଶ୍ରମ ପ୍ରାଙ୍ଗଣରେ ପ୍ରତିଷ୍ଠିତ ଶ୍ରୀଅରବିନ୍ଦଙ୍କ ସମାଧିର ରକ୍ଷଣାବେକ୍ଷଣ, ପୁଷ୍ପସଜ୍ଜାର ଦାୟିତ୍ୱ ମାଆ ତାଙ୍କୁ ଅର୍ପଣ କଲେ । ପ୍ରତିଦିନ ସେ ପ୍ରାତଃ ୩. ୩୦ରୁ ଉଠି ସମାଧିର କାମ ନିଷ୍ଠାର ସହିତ ପାଳନ କରୁଥିଲେ ।

ମାଆ ତାଙ୍କ ପ୍ରତି ଅତ୍ୟନ୍ତ କରୁଣା ପରବଶ ହୋଇ ଶ୍ରୀଅରବିନ୍ଦଙ୍କ କକ୍ଷରେ ରାତିରେ ଶୋଇବାର ଅନୁମତି ଦେଇଥିଲେ । ପ୍ରଭୁଙ୍କ ଶଯ୍ୟା ନିକଟରେ ଚଟାଣ ଉପରେ ସେ ଶୋଉଥିଲେ । କି ଅନିର୍ବଚନୀୟ ସୌଭାଗ୍ୟ – ଯାହାକୁ କି ବର୍ଣ୍ଣନା କରାଯାଇ ପାରେନା ! ଏକଦା ଶ୍ରୀଅରବିନ୍ଦ କହିଥିଲେ, ‘‘ନୀରଦ ମୋ ପାଖକୁ ଡାକ୍ତର ହିସାବରେ ନୁହେଁ, ମୋର ସେବା କରିବା ପାଇଁ ଆସିଛି ।’’

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଅସାମାନ୍ୟ ସାଧକ ନୀରଦବରଣ ତାଙ୍କ ଆଶ୍ରମବାସର ୭୩ ବର୍ଷ ସମ୍ପୂର୍ଣ୍ଣ କରି ୨୦୦୬ ମସିହା ଜୁଲାଇ ୧୭ ତାରିଖରେ ଇହଧାମ ତ୍ୟାଗ କରି ମହିମମୟ ଗୁରୁ ଏବଂ କରୁଣାମୟୀଙ୍କ ମାତୃଚରଣରେ ଆଶ୍ରୟ ନେଇଛନ୍ତି । ତାଙ୍କର ଅନୁପସ୍ଥିତି ଆଶ୍ରମର ପ୍ରତ୍ୟେକ ସାଧକସାଧିକାମାନଙ୍କ ନିକଟରେ ଏକ ଅପୂରଣୀୟ କ୍ଷତି । ଏଇ ମହାନ୍ ବ୍ୟକ୍ତିତ୍ୱ ସମ୍ପନ୍ନ ଶିଷ୍ୟଙ୍କର ତାଙ୍କ ଗୁରୁଙ୍କ ପ୍ରତି ଆନୁଗତ୍ୟ ଓ ସେବା, ମାତୃକର୍ମରେ ନିଷ୍ଠା ଓ ଆତ୍ମ-ନିବେଦନ ଇତ୍ୟାଦି ଥିଲା ବିରଳ ।

ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ଏତିକି ପ୍ରାର୍ଥନା କରିବା ଯେ ଆମେ ଯେପରି ତାଙ୍କ କର୍ମଯୋଗର ପଦାଙ୍କ ଅନୁସରଣ କରିପାରୁ । ❑

ପୃଥିବୀ ଇତିହାସରେ ଏପରି ସନ୍ଧିକ୍ଷଣସବୁ ଆସେ ଯେତେବେଳେ ହଜାର ହଜାର ବର୍ଷ ଧରି ରହି ଆସିଥିବା ବସ୍ତୁସକଳକୁ ଅଭିବ୍ୟକ୍ତି ଲାଭ କରିବାକୁ ଯାଉଥିବା ବସ୍ତୁସକଳଙ୍କ ଲାଗି ବାଟ ଛାଡ଼ି ଦେବାକୁ ହୋଇଥାଏ ।... ଆମେ ପୃଥିବୀ ଇତିହାସର ଠିକ୍ ସେଇ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ଠିକ୍ ଯେପରି ବିଶ୍ୱ ପ୍ରକୃତି ପୃଥିବୀପୃଷ୍ଠରେ ଏକ ମନୋମୟ ଜୀବ ମଣିଷ ସୃଷ୍ଟି କରି ସାରିଛି, ସେହିପରି ମଧ୍ୟ ଏହି ମାନସିକତା ମଧ୍ୟରେ ଏକ ଅତିମାନସ ଚେତନା ଓ ବ୍ୟକ୍ତିତ୍ୱ ଜନ୍ମଦେବା ଲାଗି ଏକ କେନ୍ଦ୍ରୀଭୂତ କ୍ରିୟା ଚାଲିଛି ।

– ଶ୍ରୀମା

କାହାଣୀ :

# ଚୋରାଚାର୍ଯ୍ୟ ଏବଂ ତଦୀୟ ସୁପୁତ୍ର

## ମନୋଜ ଦାସ

ଚୋରଟିଏ ଥିଲା ଯେ ତାକୁ ରାଜ୍ୟର ଅନ୍ୟ ସବୁ ଚୋର ଗୁରୁ ଭଳି ମାନ୍ୟ କରୁଥା'ନ୍ତି । ତାକୁ ଚୋରାଚାର୍ଯ୍ୟ ବୋଲି ଡାକୁଥା'ନ୍ତି ।

ଚୋରାଚାର୍ଯ୍ୟ ଅନେକ ଯୁବକଙ୍କୁ ତାଲିମ ଦେଇଥାଏ ଓ ସେମାନେ ନିଜ ନିଜ ଯୋଗ୍ୟତା ପ୍ରତିପାଦିତ କରି ଗୁରୁର ଆଚାର୍ଯ୍ୟ ପଦକୁ ସାର୍ଥକ କରିଥା'ନ୍ତି । କିନ୍ତୁ ନିଜ ପୁଅଟି ସମ୍ପର୍କରେ ଗୁରୁଟି ଖୁବ୍ ଆଶାବାଦୀ ହୋଇପାରୁ ନ ଥାଏ । ସେ ମୃତ୍ୟୁଶଯ୍ୟାରେ ପୁଅକୁ ଡାକି କହିଲା, ''ଶୁଣ ବାପା, ଜଣେ କବିରାଜି ବିଦ୍ୟା ଭଲ ଭାବରେ ଆୟତ୍ତ କରି ନ ପାରିଲେ ଦୁର୍ବଳ କବିରାଜଟିଏ ହେବ; ପଇସା କମ୍ ଉପାର୍ଜନ କରିବ । ସେମିତି ଜଣେ ଉତ୍ତମ ଗାୟକ ବା କାରିଗର ନ ହେଲେ ସମାଜରେ କମ୍ ପ୍ରତିଷ୍ଠା ପାଇବ । କିନ୍ତୁ ଆମ ବୃତ୍ତି କଥା ଅଲଗା । ହୁଏତ ଜଣେ ସଫଳ ହେବ, ନ ହେଲେ ମାଡ଼ ଖାଇ ମରିବ ବା କାରାଗାରକୁ ଯିବ । ତେଣୁ ମନ-ପ୍ରାଣ ଢାଳି ଯଦି ମୋ ବୃତ୍ତି ଅନୁସରଣ କରିବୁ ତେବେ ମୋ ନାମ ଯଶ ରଖିବୁ । ନ ହେଲେ ବିପଦ ବେଳେ କେହି ତୋ ପିଠିରେ ପଡ଼ିବେ ନାହିଁ । ବୁଝିଲୁ ?''

''ହଁ ବାପା, ବୁଝିଲି ।''

''ବେଶ୍ । ଯେଯାଏ ଚୋରବୃତ୍ତି କରୁଥିବୁ, ସେଯାଏ ଦୁଇଟି ବିଶେଷ ନିୟମ ମାନି ଚଳୁଥିବୁ । ପ୍ରଥମ – କଦାଚ ସାଧୁ ସାଙ୍ଗ କରିବୁ ନାହିଁ । ଦ୍ୱିତୀୟ – କଦାଚ ସତ୍ୟ କହିବୁ ନାହିଁ । ମନେ ରଖିବୁଟି ?'' ଚୋରାଚାର୍ଯ୍ୟ ପଚାରିଲା ।

''ମନେ ରଖିବି ।'' ସୁପୁତ୍ର ଉତ୍ତର ଦେଲା ।

ଚୋରାଚାର୍ଯ୍ୟର ପରଲୋକ ଅନ୍ତେ ତରୁଣ ପୁତ୍ର ପୈତୃକ ବୃତ୍ତି ଚାଲୁ ରଖିଲା । କିନ୍ତୁ ସେ ଦିଗରେ ତା'ର ଯଥେଷ୍ଟ ନିଷ୍ଠା ନ ଥାଏ । ଦିନେ ସେ ଭାବିଲା ଛୋଟିଆମୋଟିଆ ଚୋରି କରି କଷ୍ଟେମଷ୍ଟେ ଚଳିବା ଅପେକ୍ଷା ଗୋଟାଏ ଦୁର୍ମୂଲ୍ୟ ଜିନିଷ ଚୋରି କଲେ କିଛି ଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ପଡ଼ନ୍ତା ନାହିଁ । ପରଦିନ ସେ ଅନ୍ୟ କେତେଜଣ ମୂଲିଆଙ୍କ ସହ ରାଜପ୍ରାସାଦରେ ବଗିଚା ସଫା କାମରେ ନିଯୁକ୍ତି ପାଇଥାଏ । ଲକ୍ଷ୍ୟ କରି ଦେଖିଲା ଉପର ମହଲାରେ ରାଣୀଙ୍କ କକ୍ଷରେ ତାଙ୍କ ସୁନା ମୁକୁଟ ଝରକା ସେପଟେ ଗୋଟିଏ ମେଜ ଉପରେ ରହିଛି । ସବୁଆଡ଼ ଲକ୍ଷ୍ୟକରି ସେ ଗୋଟିକ ହଡ଼ପ କରିବା ପାଇଁ ମନେ ମନେ ସେ ଯୋଜନା ବନାଇ ରଖିଲା । ସନ୍ଧ୍ୟାବେଳେ ଅନ୍ୟ ସବୁ ମୂଲିଆଙ୍କ ସହ ସେ ତା'ର ପାରିଶ୍ରମିକ ନେଇ ଚାଲିଗଲା, କିନ୍ତୁ ରାତି ଅଧରେ ନଅର ପାଖକୁ ଆସି ପାଚେରି ଡେଇଁ କୌଶଳ କ୍ରମେ ଦୁଇ ମହଲା ବାରନ୍ଦାରେ ପହଞ୍ଚିଲା । ଝରକା ଭିତର ଦେଇ ସେ ମୁକୁଟ ଉଠାଇ ଆଣିବାକୁ ଯାଉଛି, ନଅରର କୌଣସି ଜଣେ ପ୍ରହରୀ ସତର୍କ ଘଣ୍ଟି ବଜାଇ ଦେଲା ।

ଅତର୍କ୍ଟା ଚୋରପୁତ୍ର ମୁକୁଟ ଛାଡ଼ି ତଳକୁ ଡେଇଁପଡ଼ି ପ୍ରାଚୀର ଲଙ୍ଘନ କଲା । ପ୍ରାଚୀର ବାହାରେ ଥିବା ପ୍ରହରୀମାନେ ତା' ପାଖକୁ ଦୌଡ଼ି ଆସିଲେ । କିନ୍ତୁ ସେ ଅନ୍ଧାରରେ ଚମ୍ପଟ ଦେଲା ।

ପ୍ରହରୀମାନେ ତା' ପଛେ ପଛେ ଦୌଡ଼ିଲେ । ସେ ଯେତେ ଗଳି ପ୍ରାନ୍ତର ଅତିକ୍ରମ କରି ଖସି ଯିବାକୁ ଉଦ୍ୟମ କଲେ ମଧ ସେମାନେ ତା' ପିଛା ଛାଡ଼ିଲେ ନାହିଁ । ସେ ଭୀଷଣ ହାଲିଆ ହୋଇଗଲା । ମନେ ମନେ କହୁଥାଏ, ମୂଲ ଖଟି ଯେତିକି ପଇସା ପାଇଥିଲି, ସେତିକିରେ ସନ୍ତୁଷ୍ଟ ରହିଥା'ନ୍ତି । ଅନ୍ୟ ମୂଲିଆମାନେ ବର୍ତ୍ତମାନ ସୁଖନିଦ୍ରା ଉପଭୋଗ କରୁଥିବେ । ମୋର କିନ୍ତୁ ଜୀବନ-ମରଣ ସମସ୍ୟା !

ସେ ନିଜ ଘରମୁହାଁ ଦୌଡ଼ିଲା । ଘର ସାମନାରେ ଗୋଟିଏ ମନ୍ଦିର । ମନ୍ଦିର ଆଗରେ ଜଣେ ସନ୍ଥ ପ୍ରବଚନ ଦେଉଥା'ନ୍ତି । ଶୁଣୁଥା'ନ୍ତି ଦୁଇ ତିନିଶହ ଲୋକ । ଚୋରପୁତ୍ର କୌଣସିମତେ ସେ ଶ୍ରୋତୃମଣ୍ଡଳୀ ଭିତରେ ପଶି ବସି ପଡ଼ିଲା ।

ସନ୍ଥ କହୁଥା'ନ୍ତି, ''ପ୍ରକୃତ ସତ୍‌ସଙ୍ଗ, ସାଧୁସଙ୍ଗ ଏସବୁ ମଣିଷ ଜୀବନରେ ଗୋଟିଏ ଗୋଟିଏ ଦୁର୍ଲଭ ସୁଯୋଗ । ଯେଉଁମାନେ ଏ ସୁଯୋଗ ଗ୍ରହଣ କରନ୍ତି ସେମାନଙ୍କର ଚରିତ୍ରରୁ ଅନେକ ଦୁର୍ଗୁଣ ଦୂରୀଭୂତ ହୋଇଯାଏ । ଉଦାହରଣସ୍ୱରୂପ – ସେମାନେ ମିଛ କହି ପାରନ୍ତି ନାହିଁ । ସର୍ବଦା ସତ୍ୟ କହନ୍ତି । ଯିଏ ସର୍ବଦା ସତ୍ୟ କହେ, କେବଳ ମାତ୍ର ସିଏ ଜାଣେ ପ୍ରକୃତ ଶାନ୍ତି କ'ଣ ।''

ଚୋର-ପୁତ୍ର ମନୋଯୋଗ ସହକାରେ ଏହା ଶୁଣୁଥାଏ । ଚୋରାଚାର୍ଯ୍ୟ ପିତୃଦେବ ତାକୁ ଯେଉଁ ଦୁଇଗୋଟି ଉପଦେଶ ଦେଇଥିଲେ, ଏହା ତାହାର ସମ୍ପୂର୍ଣ୍ଣ ବିପରୀତଧର୍ମୀ କଥା ।

ଚୋର-ପୁତ୍ର ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଥିଲା । ସନ୍ଥ ସେତେବେଳେ ଭିନ୍ନ କୌଣସି ପ୍ରସଙ୍ଗକୁ ଚାଲି ଯାଇଥା'ନ୍ତି । ଗୋଟାଏ ପୌରାଣିକ କାହାଣୀ ବୁଝାଇବା ଅବସରରେ ସେ କହୁଥିଲେ, ''କୌଣସି ଦେବଦେବୀ ମାନବ ଦେହ ଧରି ଆମ ଆଗରେ ଦେଖା ଦେଲେ ମଧ୍ୟ ସେ ପୂରାପୂରି ମଣିଷ ଭଳି ଆଚରଣ କରିପାରନ୍ତି ନାହିଁ । ଉଦାହରଣସ୍ୱରୂପ – ତାଙ୍କ ପାଦଦ୍ୱୟ ସମ୍ପୂର୍ଣ୍ଣ ମାଟି ସ୍ପର୍ଶ କରେ ନାହିଁ; ତାଙ୍କ ଆଖିରେ ପଲକ ପଡ଼େ ନାହିଁ ।''

ଚୋର-ପୁତ୍ର ପୁଣି ମନୋଯୋଗ ଦେଇ ଶୁଣିବା ବେଳକୁ ସେଠାରେ ଆସି ପହଞ୍ଚି ଗଲେ ରାଜାଙ୍କ ପ୍ରହରୀବୃନ୍ଦ । ପ୍ରହରୀ-ସର୍ଦାରଙ୍କ ଅନୁରୋଧରେ ସନ୍ଥ ସଭାସ୍ଥ ଲୋକଙ୍କୁ ପଚାରିଲେ, ''ଆପଣମାନେ ତ ରାତ୍ରିର ପ୍ରଥମ ପ୍ରହରରୁ ବସି ପ୍ରବଚନ ଶୁଣୁଛନ୍ତି । ଗତ ଅର୍ଦ୍ଧପ୍ରହର ମଧ୍ୟରେ କେହି ଆସି ହଠାତ୍ ଆପଣମାନଙ୍କ ଭିତରେ ବସି ଯାଇଛି କି ?''

କେଇଜଣ ଲୋକ ଚୋର-ପୁତ୍ରକୁ ଦେଖାଇ ଦେଲେ । ପ୍ରହରୀମାନେ ତାକୁ ଧରି ନେଇଯାଇ କାରାଗାରରେ ନିକ୍ଷେପ କଲେ ।

ନଅରର ଉପର ମହଲରୁ ଖୋଦ୍ ରାଣୀଙ୍କ କକ୍ଷରୁ ତାଙ୍କ ମୁକୁଟ ଭଳି ଦୁର୍ମୂଲ୍ୟ ଚିଜ ଚୋରାଇବାକୁ ଯିଏ ଚେଷ୍ଟା କରୁଥିଲା, ସେ ତ ନିଶ୍ଚୟ ଜଣେ ଭୟଙ୍କର ଚୋର । ତାକୁ ମୃତ୍ୟୁଦଣ୍ଡ ଦେଲେ ହିଁ ରାଜ୍ୟର ମଙ୍ଗଳ ହେବ । ଏହି ମର୍ମରେ ରାଜା ନିଜର ନିଷ୍ପତ୍ତି ଶୁଣାଇ ଦେଇଥା'ନ୍ତି ।

କଟୁଆଳ ବିବେକୀ ଲୋକ । ଧରାପଡ଼ିଥିବା ଯୁବକଟି ଯେ ବାସ୍ତବିକ ସେହି ଦୁଃସାହସୀ ଚୋର, ସେ ସମ୍ପର୍କରେ ସେ ନିଶ୍ଚିତ ହେବା ଚାହି । ସେ ଚୋର-ପୁତ୍ରକୁ ପଚାରିଲେ, ''ତୁ କୁଆଡୁ ଆସି ପ୍ରବଚନ ଶୁଣିବାକୁ ବସିଗଲୁ ?''

ସେ ଉତ୍ତର ଦେଲେ, ''ଆଜ୍ଞା, ମୋ ଘର ମନ୍ଦିର ପଛପଟେ । ପ୍ରବଚନ ଏବଂ ସେ ଜନସମାଗମ ଯୋଗୁଁ ମୁଁ ଶୋଇ ପାରିଲି ନାହିଁ । ବିଛଣାରେ ଛଟପଟ ହେବା ପରିବର୍ତ୍ତେ ଉଠିଆସି ପ୍ରବଚନ ଶୁଣୁଥିଲି ।''

କଟୁଆଳ ତଦନ୍ତ କରି ବୁଝିଲେ ଯେ ପ୍ରକୃତରେ ଟୋକାର ଘର ମନ୍ଦିର ପଛପଟେ । ସଙ୍ଗେ ସଙ୍ଗେ ଏକଥା ମଧ୍ୟ ଜାଣିଥିଲେ ଯେ ତା' ବାପା ଥିଲା ପକ୍କା ଚୋର !

ସେ ଦ୍ୱନ୍ଦ୍ୱରେ ପଡ଼ିଲେ । ରାଜ-ନର୍ତ୍ତକୀ ତାଙ୍କୁ ଦେଲେ ଏକ ଯୁକ୍ତିଯୁକ୍ତ ପରାମର୍ଶ । ସେ ଦେବୀ ମୂର୍ତ୍ତି ଧରି ତରୁଣଟି ଆଗରେ ଆବିର୍ଭୂତା ହୋଇ ତାହାଠାରୁ ସତ୍ୟ ଟିକକ ଆଦାୟ କରି ନେବେ ।

କଟୁଆଳ ଖୁସି ହେଲେ । ସେହି ଅନୁସାରେ ବ୍ୟବସ୍ଥା ହେଲା ।

ଚୋର-ପୁତ୍ରକୁ ଯେଉଁ କୋଠରିରେ ରଖା ଯାଇଥାଏ, ତାହା ପଛରେ ଥାଏ ଏକ ସୁଡଙ୍ଗ ଭଳି ପଥ । ମଧ୍ୟରାତ୍ରିରେ ସେ ସୁଡ଼ଙ୍ଗରେ ଜଳି ଉଠିଲା ନୀଳାଭ ଆଲୋକ । ଶୁଭିଲା ଘୁଙ୍ଗୁରର ମୃଦୁ ମଧୁର ଧ୍ୱନି । ଚୋର-ପୁତ୍ର ଅନାଇ ଦେଖିଲା ତା' ଆଗରେ ଉଜ୍ଜ୍ୱଳ ରତ୍ନମୁକୁଟ ପରିହିତା ଦେବୀ ମୂର୍ତ୍ତି ।

''ପୁତ୍ର ! ମୁଁ ଏ ନଗରୀର ଅଧିଷ୍ଠାତ୍ରୀ ଦେବୀ । ମୋ ଆଗରେ କିଛି ଲୁଚେଇ ଲାଭ ନାହିଁ । କହିପକା, ତୁ ରାଣୀଙ୍କ କକ୍ଷରୁ ତାଙ୍କ ମୁକୁଟ ଚୋରାଉ ଥିଲୁ ?'' ଦେବୀ ମୂର୍ତ୍ତି ଲଳିତ କଣ୍ଠରେ ପ୍ରଶ୍ନ କଲେ ।

ଚୋର-ପୁତ୍ର ତାଙ୍କୁ ପ୍ରଣାମ କରିବା ଅବସରରେ ଲକ୍ଷ୍ୟ କଲା ତାଙ୍କ ପାଦଯୁଗଳ ମାଟିରେ; ଆଖିରେ ପଡୁଛି ପଲକ । ସେ ବୁଝିଗଲା ।

''ଦେବି ! ଯେଉଁ ବାଳକର ଏଡ଼େ ସୌଭାଗ୍ୟ ଯେ ତା' ଆଗରେ ସ୍ୱୟଂ ଦେବୀ ଆବିର୍ଭୂତା, ତା'ର ଆଉ ଜୀବନରେ ପ୍ରୟୋଜନ କ'ଣ ? ମୃତ୍ୟୁଦଣ୍ଡକୁ ମୋର ତିଳେ ଭୟ ନାହିଁ । ଜୀବନ ମୋର ତା'ର ଚୂଡ଼ାନ୍ତ ଲକ୍ଷ୍ୟରେ ପହଞ୍ଚି ଯାଇଛି । ଆଉ, ହେ ଦେବି, ତୁମକୁ ବା ଅଜଣା କ'ଣ ଯେ ମୁଁ ଜଣାଇବି ? ଖାଲି ତୁମେ ମୋତେ ଦେଖା ଦେବାଟାକୁ ଯୁକ୍ତିଯୁକ୍ତ କରିବା ନିମନ୍ତେ ସିନା କରୁଛ ଗୋଟାଏ ପ୍ରଶ୍ନ – ଖାସ୍ ପ୍ରଶ୍ନ ପାଇଁ ପ୍ରଶ୍ନ !''

ଚୋର-ପୁତ୍ର ପୁଣି ପ୍ରଣାମ କଲା ।

ରାଜ-ନର୍ତ୍ତକୀ ଯାଇ କଟୁଆଳକୁ କହିଲେ, ''ବାବୁ, ତୁମେ ଯାହାକୁ ଧରି ଆଣିଛ ସିଏ ଜଣେ ସାଧାରଣ ଯୁବକ ନୁହେଁ, ସିଏ ଜ୍ଞାନୀ । ତାକୁ ଦଣ୍ଡ ନ ଦେଇ ପୁରସ୍କାର ଭାବରେ ଗୋଟାଏ ଉପଯୁକ୍ତ ପଦରେ ରଖ ।''

ଚୋର-ପୁତ୍ରକୁ ଅବିଳମ୍ବେ ମୁକ୍ତି ଦିଆଗଲା । କଟୁଆଳ ତାକୁ କହିଲେ, ''ଯାଅ, ଘରେ ବିଶ୍ରାମ କର । ସକାଳେ ମୋତେ ସାକ୍ଷାତ୍ କରିବ । ତୁମକୁ ଯେତିକି ଅପମାନ ଓ କଷ୍ଟ ସହିବାକୁ ହେଲା, ସେ ବାବଦରେ ତୁମର ଯଥାର୍ଥ ସନ୍ତୋଷ ବିଧାନ କରାଯିବ ।''

ଚୋର-ପୁତ୍ର ତାଙ୍କୁ ଧନ୍ୟବାଦ ଦେଇ ସିଧା ଚାଲିଲା – ନିଜ ଘରକୁ ନୁହେଁ – ସନ୍ଥଙ୍କ ଆଶ୍ରମକୁ ।

''ଆଜ୍ଞା, ଆପଣଙ୍କ ପ୍ରବଚନ ଶୁଣିବା ଅବସରରେ ମୁଁ ଆପଣଙ୍କର ଯେତିକି ସାନ୍ନିଧ୍ୟରେ ଆସିଥିଲି, ଦେବଦେବୀ ମଣିଷ ରୂପ ନେଲେ ସେମାନଙ୍କଠିଁ ଯେଉଁ ଲକ୍ଷଣ ଦେଖାଯାଏ ବୋଲି ଜାଣିଥିଲି, ସେତିକି ଜ୍ଞାନ ହିଁ ମୋତେ ମୃତ୍ୟୁମୁଖରୁ ବଞ୍ଚାଇ ଦେଲା । ଏଣିକି ଏ ଜୀବନ ଆପଣଙ୍କ ଆଶ୍ରମରେ ବିତାଇବି । ମହାନ୍ ସାଧୁସଙ୍ଗ ଭଳି ଆଶୀର୍ବାଦ ଲାଭ ପାଇଁ ମୁଁ ଯୋଗ୍ୟ ନୁହେଁ । କିନ୍ତୁ ମୋତେ କରୁଣା କରନ୍ତୁ ।''

ସନ୍ଥଙ୍କୁ ଏତିକି ଭୂମିକା ଦେବା ପରେ ସେ ନିଜ ପଟଭୂମି ଏବଂ ସଦ୍ୟ ପ୍ରାପ୍ତ ଅଭିଜ୍ଞତା ବର୍ଣ୍ଣନା କଲା । ସନ୍ଥ ବୁଝିପାରିଲେ, ବିରାଟ ଚୋରର ପୁତ୍ର ହେଲେ ମଧ୍ୟ ଚୌର୍ଯ୍ୟ ତା'ର ସ୍ୱଧର୍ମ ନୁହେଁ । ସେ ତାକୁ ନିଜ ଶିଷ୍ୟ ରୂପେ ଗ୍ରହଣ କଲେ ।

❑❑❑

# ଅଜସ୍ର ପ୍ରଣତି

## ଜ୍ୟୋସ୍ନାରାଣୀ ଦାଶ

ତୁମେ ଯେବେ ଆସିଗଲ
ମହାକାଳୀଙ୍କର ପ୍ରଚଣ୍ଡ ପ୍ରକୋପ
ଆଉ ଦୁର୍ବାର ତୀବ୍ରତା ନେଇ
ସାରା ବିଶ୍ୱ ସ୍ତବ୍ଧ ହୋଇଗଲା ।

ହଠାତ୍ ବଦଳିଗଲା
ଜଳ, ସ୍ଥଳ, ଆକାଶର ମାନଚିତ୍ରସବୁ ।
ଶବ୍ଦମାନେ ଚୁପ୍ ହୋଇ ଗଲେ
ସମାଜ, ସଂସ୍କୃତି, ଧର୍ମ, ରାଜନୀତି, ଶିକ୍ଷା
ବଦଳାଇ ଦେବା ପାଇଁ
ବାଧ୍ୟ ହେଲେ ନିଜ ନିଜ ଗୁଣ ।
ହିଂସା, ଲୋଭ, କାତରତା, ଅହଂକାର, ଅଜ୍ଞାନତା
ଦେଖା ଗଲେ ପଥହରା ପଥଚାରୀ ପରି ।

ସବୁଠି ଶୁଭୁଛି ଖାଲି କାତର ପ୍ରାର୍ଥନା
ପୃଥିବୀରେ ବିରାଜିତ ହେଉ
ଶକ୍ତି, ଶାନ୍ତି, ସୁହୃଦ୍ ଭାବନା ।

ଯେଉଁ ସ୍ଥିତି ସୃଷ୍ଟି ଲାଗି
ଲାଗିଥା'ନ୍ତା ସହସ୍ର ବରଷ
ମାଆଙ୍କ ନିର୍ଦ୍ଦେଶେ
ହେ ଅଜଣା ବ୍ୟାଧି !

ଅଳ୍ପକ୍ଷଣେ କରିଦେଲ ତା'ର ସମାଧାନ
ତୁମରି କଠୋର ହସ୍ତର ଚାବୁକ ପ୍ରହାର
ବୁଝାଇଦେଲା ଏ ଅହଂକାରୀ ମଣିଷକୁ
ସତରେ ସେ କେତେ ଅସହାୟ !

କୃପାମୟୀ ମାଆଙ୍କ କୃପାରେ
ଦୁର୍ଯୋଗ ବି ନିଏ ରୂପ ସୁଯୋଗର ।
ସୃଷ୍ଟିଧର୍ମ ଅନ୍ଧକାରୁ ଆଲୋକ ଆଡ଼କୁ
ଅଶୁଭରୁ ଶୁଭ ଦିଗେ, ଉଚ୍ଚତମ ଉଚ୍ଚତା ଆଡ଼କୁ
ସବୁ ଭଙ୍ଗାଗଢ଼ା ଆଉ ଦୁଃଖ-ଯନ୍ତ୍ରଣାର କୁହେଳିକା ଦେଇ
ବିକଶିତ ହେଉ ଏ ମାନବ, ଦିବ୍ୟ ମାନବକୁ ।

ପ୍ରାର୍ଥନା କରୁଛୁ
ଏ ଅଜ୍ଞାନ ଅନ୍ଧକାର ବୁକୁ ଚିରି
ପ୍ରକାଶିତ ହେଉ ନବ ଉଷା, ନୂତନ ଆଲୋକ
ଆଣିଦେଉ ପୃଥିବୀକୁ ଅନନ୍ତ ସାମର୍ଥ୍ୟ
ତୁମରି ଆଶିଷେ ଦୀର୍ଘପଥ ହ୍ରସ୍ୱ ହେଉ
ନବଯୁଗ ନିର୍ମାଣର ରାହା ଫିଟିଯାଉ ।

ରୂପାନ୍ତରକାରୀ ମହାଶକ୍ତି !
କୃତଜ୍ଞ ହୃଦୟରୁ ଘେନ ଅଜସ୍ର ପ୍ରଣତି ।

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୫)

## ମହେନ୍ଦ୍ରନାଥ ସ୍ୱାଇଁ

**ନୀରବତାର ଭିତିରି ସତ୍ୟ :**

ମା'ଙ୍କର ଅଗଷ୍ଟ ୮, ୧୯୧୩ ପ୍ରାର୍ଥନାଟି ଛୋଟ ତେର ଧାଡ଼ି ବିଶିଷ୍ଟ, କିନ୍ତୁ ଉକ୍ତ ପ୍ରାର୍ଥନାର ଅନ୍ତଃସ୍ରୋତ ହେଉଛି ଖୁବ୍ ଚମତ୍କାର, ଏହା ନୀରବତାର ପ୍ରମୁଖ ଭିତିରି ସତ୍ୟର ସୂଚନା ପ୍ରଦାନ କରୁଅଛି – ଏହା ହେଉଛି ଏକ ମଧୁର-ସଂଗତି ଯାହା ସମଗ୍ର ସୃଷ୍ଟିର ଗତିଶୀଳତାକୁ ନିୟନ୍ତ୍ରଣ କରୁଛି, ପୁନଶ୍ଚ ଯାହା ଅତ୍ର, ତତ୍ର, ସର୍ବତ୍ର, ପ୍ରତ୍ୟେକ ଜୀବ ଓ ପଦାର୍ଥ ଭିତରେ ଦୃଷ୍ଟିଗୋଚର ହେଉଅଛି । ମା'ଙ୍କର ଅମୃତ ଲେଖନୀରୁ ନିର୍ଗତ ହେଉଛି :

"O SWEET harmony that dwellest in all things, sweet harmony that fillest my heart, manifest thyself in the most external forms of life, in every feeling, every thought, every action.

"All is to me beautiful, harmonious, silent, despite the outer turmoil. And in this silence it is Thou, O Lord, whom I see; and I see Thee in so unique a way that I can express this perception only as that of an unvarying smile. In truth, the real nature of the feeling experienced in the presence of the sweetest, most calm, most compassionate smile has a poor resemblance to what I feel when I see Thee in this way.

"May Thy Peace be with all."

(Prayers & Meditations, page : 27)

''ହେ ମଧୁମୟ ସଙ୍ଗତି ଯେକି ସମଗ୍ର ବସ୍ତୁ ମଧ୍ୟରେ ବିରାଜମାନ, ସେହି ମଧୁର ସଙ୍ଗତି ମୋ ହୃଦୟକୁ ପରିପୂର୍ଣ୍ଣ କରି ଦେଉଛି, ଜୀବର ସର୍ବୋତ୍ତମ ବାହ୍ୟ-ସ୍ୱରୂପରେ ପ୍ରକାଶିତ ହୁଅ, ପ୍ରତ୍ୟେକ ଅନୁଭବରେ, ପ୍ରତ୍ୟେକ ଚିନ୍ତାରେ, ପ୍ରତ୍ୟେକ କର୍ମରେ ।

''ସମସ୍ତ ବାହ୍ୟ ବିକ୍ଷୋଭ ସତ୍ତ୍ୱେ ସବୁକିଛି ସତେକି ମୋ ପାଇଁ ସୌନ୍ଦର୍ଯ୍ୟମୟ, ସଂଗତିମୟ, ନୀରବ । ଏବଂ ଏହି ନୀରବତା ଭିତରେ ଆପଣ ବିରାଜିତ; ହେ ପ୍ରଭୁ, ମୁଁ ଯାହାକୁ ଦର୍ଶନ କରୁଛି ଏବଂ ମୁଁ ଆପଣଙ୍କୁ ଏପରି ଏକ ଅଦ୍ୱିତୀୟ ଭାବରେ ଦେଖୁଛି ଯେ ଯେଉଁ ଅନୁଭବକୁ କେବଳ ମାତ୍ର ସେହି ଗୋଟିଏ ନିରବଚ୍ଛିନ୍ନ ସ୍ମିତହାସ୍ୟ ଭାବରେ ପ୍ରକାଶ କରିବାକୁ ସମର୍ଥ ହେଉଛି । ସତ କହିବାକୁ ଗଲେ ଅନୁଭୂତ ହେଉଥିବା ଅନୁଭବଟିର ବାସ୍ତବ ପ୍ରକୃତି, ସେହି ମଧୁରତମ, ସର୍ବୋଚ୍ଚ ନିଶ୍ଚଳତା, ସର୍ବୋଚ୍ଚ କରୁଣାପୂର୍ଣ୍ଣ ସ୍ମିତହାସ୍ୟର ଉପସ୍ଥିତିରେ ଯେଉଁ ମନୋଭାବଟି ଜାଗ୍ରତ୍ ହେଉଛି ତାହା ଆପଣଙ୍କୁ ଏହି ପ୍ରକାରରେ ଦର୍ଶନ କରି ମୁଁ ଯାହା ଅନୁଭବ କରୁଛି ତାହା ତୁଳନାରେ କିଛି ନୁହେଁ, ଏକ କ୍ଷୁଦ୍ର ପ୍ରତିରୂପଟିଏ ମାତ୍ର ।

''ହେ ପ୍ରଭୁ, ଆପଣଙ୍କର ପ୍ରଶାନ୍ତି ସମସ୍ତଙ୍କ ସହ ରହିଥାଉ ।''

'ସଂଗତି' ଓ 'ମଧୁର ସଂଗତି' ଅର୍ଥାତ୍ 'Harmony' ଓ 'Sweet harmony' ଏହା ଦୁଇଟି କଥା । ସଂଗତି ବାହ୍ୟ ହୋଇପାରେ, କିନ୍ତୁ ମଧୁର ସଂଗତି ଭିତରୁ ଆସେ । ପ୍ରତ୍ୟେକ ପଦାର୍ଥ ମଧ୍ୟରେ ମଧୁର ସଂଗତି ରହିଥିବାରୁ ସେମାନେ ଆନନ୍ଦରେ ବାନ୍ଧି ହୋଇ ରହିଛନ୍ତି । ମା କହୁଛନ୍ତି ସେହି ମଧୁର ସଂଗତି ତାଙ୍କ ହୃଦୟକୁ ପୂର୍ଣ୍ଣ କରିଦେଇଛି । ହୃଦୟ ହେଉଛି ଏପରି ଏକ ଦିବ୍ୟପାତ୍ର ଯେଉଁଥିରେ ମଧୁର ସଂଗତିକୁ ଧରି ରଖିହେବ । କିନ୍ତୁ ଦିବ୍ୟଜନନୀ ଶ୍ରୀମା ଇଚ୍ଛା କରିଛନ୍ତି ସେହି ମଧୁର ସଂଗତି ଯେପରି ଜୀବନର ସର୍ବଶେଷ ବାହ୍ୟରୂପ ମଧ୍ୟରେ ପ୍ରକାଶିତ ହୁଏ; ପ୍ରତ୍ୟେକ ଅନୁଭବ – ଯାହା ବାହ୍ୟ ସ୍ପର୍ଶ, ଶ୍ରବଣ, ଦର୍ଶନ ଓ ଆଘ୍ରାଣରୁ ଇନ୍ଦ୍ରିୟମାନେ ପ୍ରାପ୍ତ ହୋଇଥା'ନ୍ତି, ସେମାନଙ୍କ ଭିତରେ ମଧ୍ୟ ଏହି ମଧୁର ସଂଗତି ପୁଙ୍ଖାନୁପୁଙ୍ଖ ଭାବରେ ଯେପରି ପ୍ରକାଶିତ ହୁଏ, ଯାହାକୁ ସାଧାରଣ ଲୋକଟିଏ ମଧ୍ୟ ଦେଖିପାରିବ, ଅନୁଭବ କରି ଆହ୍ଲାଦିତ

ହୋଇପାରିବ । ଆମେ ଜାଣିଥିବା ସଂଗତି ବା ଛନ୍ଦମୟତାଠାରୁ ଏହାର ସ୍ୱାଦ ଅଲଗା ହୋଇଥିବ ଏବଂ ଆମେ ହାତକୁ ନେଇଥିବା ପ୍ରତ୍ୟେକ କର୍ମରେ ତାହା ପ୍ରସ୍ଫୁଟିତ ହେଉଥିବ ।

ବାହ୍ୟ ପରିବେଶରେ ସର୍ବଦା ଓ ସର୍ବତ୍ର ଗଣ୍ଡଗୋଳ, କାହା ସହିତ କାହାରି ତାଳମେଳ ନାହିଁ, ସେସବୁ ସତ୍ତ୍ୱେ ମା ପ୍ରତ୍ୟେକ ଜିନିଷ, ପ୍ରତ୍ୟେକ ଘଟଣା ଏବଂ ଜୀବନ ମଧ୍ୟରେ ସ୍ଥିତ ସୌନ୍ଦର୍ଯ୍ୟ, ନୀରବତା ଏବଂ ଛନ୍ଦମୟତା ନିରୀକ୍ଷଣ କରିପାରିଛନ୍ତି । ଏବଂ ସେହି ନୀରବତା ମଧ୍ୟରେ ପରମ ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି । ମା'ଙ୍କ ଅପୂର୍ବ ଭାଷାରେ, ''ହେ ପ୍ରଭୁ ମୁଁ ଯାହାଙ୍କୁ ଦର୍ଶନ କରୁଛି, ଆପଣଙ୍କ ବ୍ୟତୀତ ସିଏ ଯେ କେହି ହୋଇ ଥାଆନ୍ତୁ ନା କାହିଁକି, ଏବଂ ମୁଁ ଆପଣଙ୍କୁ ଯେଉଁ ଭାବଦେଇ ଦର୍ଶନ କରୁଛି, ସେହି ଭାବଟି ଅନ୍ୟ ଭାବମାନଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା (Unique) ଏବଂ ଏହି ସମ୍ପୂର୍ଣ୍ଣ ଭାବଟିକୁ, ଅନୁଭବଟିକୁ କେବଳ ମାତ୍ର ଏକ ଅପରିବର୍ତ୍ତନୀୟ ସ୍ମିତହାସ୍ୟ (Unvaring Smile) ଭାବରେ ପ୍ରକାଶ କରିପାରିବାକୁ ସମର୍ଥ ହେଉଅଛି । ମାତୃଭକ୍ତମାନେ ଏହି ଅଖଣ୍ଡ ସ୍ମିତହାସ୍ୟଟି କ'ଣ ? ଆପ୍ଣେମାନେ ଯଦି ୨୦୧୯ ଜାନୁଆରୀରେ ଆଶ୍ରମରୁ ପ୍ରକାଶିତ ହୋଇଥିବା କ୍ୟାଲେଣ୍ଡରସ୍ଥିତ ଦିବ୍ୟଜନନୀ ଶ୍ରୀମା'ଙ୍କର ଫଟୋଟିକୁ ଲକ୍ଷ୍ୟ କରିବା ତାହାହେଲେ ଅନୁଭବ କରିପାରିବା ଏହି ଅଖଣ୍ଡ ସ୍ମିତହାସ୍ୟର ସ୍ୱରୂପକୁ ।

ପୁନଶ୍ଚ ମା କହି ଚାଲିଛନ୍ତି – ''ହେ ପ୍ରଭୁ, ଆଜି ଯେଉଁ ଭାବରେ, ଯେଉଁ ରୂପରେ ଆପଣଙ୍କୁ ଦର୍ଶନ କରୁଛି, ସେହି ଉପସ୍ଥିତି ହେଉଛି ମଧୁରତମ ସର୍ବଶ୍ରେଷ୍ଠ ନିଶ୍ଚଳତା, ସର୍ବଶ୍ରେଷ୍ଠ କରୁଣା – ହର୍ଷ ଭାବର ମୂର୍ତ୍ତିମନ୍ତ ରୂପ ଏବଂ ଏହା ପୂର୍ବରୁ ପ୍ରକୃତରେ ଏହି ସମସ୍ତ ବିଷୟରେ ମୋର ଯେଉଁ ଅନୁଭବ ଓ ଅନୁଭୂତି ମାନ ରହିଥିଲା ସେ ସମସ୍ତ ଆପଣଙ୍କର ଏହି ଅନନ୍ତ ସ୍ମିତହାସ୍ୟ ତଥା ଅପୂର୍ବ ପରମ କାରୁଣିକ ରୂପ ପାଖରେ ନିଷ୍ପ୍ରଭ ହୋଇ ଯାଇଛନ୍ତି ।''

ପ୍ରାର୍ଥନାଟିର ଶେଷରେ ମା ସମଗ୍ର ବ୍ରହ୍ମାଣ୍ଡ ନିମନ୍ତେ ପରମ ପ୍ରଭୁଙ୍କର ପ୍ରଶାନ୍ତିକୁ ଉତାରି ଆଣିବା ନିମନ୍ତେ ପ୍ରାର୍ଥନା କରି କହୁଛନ୍ତି, ''ହେ ପ୍ରଭୁ, ଆପଣଙ୍କ ପ୍ରଶାନ୍ତି ପ୍ରତ୍ୟେକଙ୍କୁ ପ୍ରାପ୍ତ ହେଉ ।'' ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ନିମନ୍ତେ ମା'ଙ୍କର ଏହି ପ୍ରାର୍ଥନା ସୂଚିତ କରୁଛି ଦିବ୍ୟଜନନୀଙ୍କର ବିଶାଳ ପ୍ରଶସ୍ତ ହୃଦୟକୁ ଏବଂ ଏଥିରେ ସାଧକ, ଅଣସାଧକ, ଅଭିଜ୍ଞ, ଅନଭିଜ୍ଞ, ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ ସମସ୍ତେ ଏକାକାର; ସକଳେ ତ ତାଙ୍କର ସନ୍ତାନ, କାହାକୁ ବା ବାଦ୍ ଦେବେ । ସେଥିପାଇଁ କହିଛନ୍ତି, ''May Thy Peace be with all'', ''ଆପଣଙ୍କ ପ୍ରଶାନ୍ତି ସମସ୍ତଙ୍କୁ ପ୍ରାପ୍ତ ହେଉ'' । ମାତୃଭକ୍ତମାନେ, ଆମ ସାଧନାର ରହସ୍ୟ ହେଉଛି ନୀରବତା ଓ ସଂଗତି । ଆମ ଚତୁଃପାର୍ଶ୍ୱରେ ଆମେ ''a garden of silent harmony'' ନୀରବ ସଂଗତିର ଏକ ଉଦ୍ୟାନ ନିର୍ମାଣ କରିବାକୁ ହେବ; ଯେଉଁ ଉଦ୍ୟାନରେ ଭଲପାଇବା, ପ୍ରେମ, ପରସ୍ପର ଭିତରେ ବୁଝାମଣା (understanding), କ୍ଷମା, ସାହସ, ଶକ୍ତିରାଜି, ସ୍ୱର୍ଗୀୟ ଚେତନାକୁ ଧାରଣ କରି ବିଭିନ୍ନ ରଙ୍ଗରେ ରଞ୍ଜିତ ହୋଇ ଉଦ୍ୟାନଟିର ଶୋଭାବର୍ଦ୍ଧନ କରୁଥିବେ । ପ୍ରତ୍ୟେକ ଭିତରେ ଏକ ଲୁକ୍କାୟିତ ସଂଗତିର ସ୍ରୋତ ପ୍ରବାହିତ ହେଉଥିବ । ବିସ୍ତୃତ ଆକାଶର ସୁନୀଳ ଚନ୍ଦ୍ରାତପ ତଳେ ଉପବେଶନ କରି ଏହି ପରିବେଷ୍ଟନୀ ମଧ୍ୟରେ ଆମେ ଆମ ଅନୁଭବରେ ଧରି ପାରୁଥିବା ଦିବ୍ୟଜନନୀଙ୍କ ପ୍ରାର୍ଥନାର ଶେଷ ଧାଡ଼ିଟିକୁ – ''ହେ ପ୍ରଭୁ ଆପଣଙ୍କ ପ୍ରଶାନ୍ତି ସକଳଙ୍କୁ ପ୍ରାପ୍ତ ହେଉ'' ।

ପ୍ରଭୁଙ୍କ ପ୍ରଶାନ୍ତି ଓ ଆଶୀର୍ବାଦ ସର୍ବଦା ଭକ୍ତ ଓ ଅନୁଗାମୀମାନଙ୍କ ମାଧ୍ୟମରେ ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚି କିପରି କାର୍ଯ୍ୟ କରେ ତାହାର ଏକ ଜ୍ୱଳନ୍ତ ଉଦାହରଣ ସ୍ମୃତିପଟରେ ଉଙ୍କି ମାରୁଛି । ତାହା ହେଲା – ସେତେବେଳେ ଭାରତବର୍ଷରେ କ୍ଷେତ୍ରଫଳ ଅନୁସାରେ ସର୍ବବୃହତ୍ ପ୍ରଦେଶ ଥିଲା ମଧ୍ୟପ୍ରଦେଶ । ସେହି ପ୍ରଦେଶର ଗୋଟିଏ ଛୋଟ ଗ୍ରାମ – ନାମ ''ମହାଶୁଭ'' । ମାତ୍ର ତିରିଶିଟି କୃଷକ ପରିବାର, କେତେ ଜଣ ଭୂମିହୀନ ଶ୍ରମିକ, ଅଳ୍ପ କେତେ ଜଣ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ – ସେମାନଙ୍କ ଭିତରେ ମା'ଙ୍କ ପ୍ରତି ଭଲ ପାଇବା ଏତେ ବେଶୀ ଥିଲା ଯେ ମା ୧୯୭୨ ମସିହାରେ ସେହି ଗ୍ରାମଟିକୁ ଏକ ନୂତନ ନାମ ପ୍ରଦାନ କରିଥିଲେ – ତାହା ହେଲା 'ଶ୍ରୀଅରବିନ୍ଦ ଗ୍ରାମ' ।

ବହୁଦିନ ତଳର କଥା । ସେହି ଗ୍ରାମର ଜନୈକ ମାତୃଭକ୍ତ ଗୋଟିଏ ସ୍ୱପ୍ନ ଦେଖିଲେ । ସ୍ୱପ୍ନଟି ହେଲା ଶ୍ରୀଅରବିନ୍ଦ ତାଙ୍କର ବାର ଜଣ ଅନୁଗାମୀଙ୍କ ସହ ଆସି ସେହି ଗ୍ରାମର ମଧ୍ୟଭାଗରେ ଥିବା ଗୋଟିଏ ଅନାବାଦୀ ଜମି ଉପରେ ଠିଆ ହେଲେ । ସେଠାରେ ଗୋଟିଏ ସୁନ୍ଦର ମନ୍ଦିର ଗଢ଼ି ଉଠିଲା । ସେହି ମନ୍ଦିରର ପ୍ରବଚନ ହଲ୍‌ରେ ଶ୍ରୀଅରବିନ୍ଦ ଗୋଟିଏ ଅପୂର୍ବ ସୁନ୍ଦର ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କଲେ ଏବଂ ତାଙ୍କ ସହ ଆସିଥିବା ଅନୁଗାମୀମାନେ ପ୍ରତ୍ୟେକେ ମନ୍ତ୍ରମୟୀ ମହାକାବ୍ୟ

''ସାବିତ୍ରୀ''ରୁ ଗୋଟିଏ ଗୋଟିଏ ମନ୍ତ୍ର ନିଜ ନିଜ ମାତୃଭାଷାରେ ଆବୃତ୍ତି କରିବାକୁ ଲାଗିଲେ । ମନେ ହେଲା ସେହି ଗ୍ରାମରେ ଯେପରି ସ୍ୱର୍ଗର ଆନନ୍ଦ ଆସି ଅବତୀର୍ଣ୍ଣ ହୋଇ ଯାଇଛି ।

"A giant drop of the Bliss unknowable
Overwhelmed his limbs and
round his soul became
A fiery ocean of felicity;"

(Savitri, p. 237)

''ଅଜ୍ଞାତ ରାଜ୍ୟରୁ ଆସି ଦିବ୍ୟାନନ୍ଦ ବିଶାଳ ବିନ୍ଦୁଟି
ପୁଲକିତ କଲା ତାଙ୍କ ଅଙ୍ଗ ଓ ପ୍ରତ୍ୟଙ୍ଗ,
ତାଙ୍କ ଆତ୍ମା ଚତୁଃପାର୍ଶ୍ୱ ପ୍ରତିଭାତ ହେଲେ
ଦିବ୍ୟାନନ୍ଦ ସମ୍ପାନର ଜ୍ୱଳନ୍ତ ସାଗର ।''

କହିବାବାହୁଲ୍ୟ ଯେ ୧୯୭୫ ମସିହାରେ ସେହି ଗ୍ରାମରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠିତ ହେଲା ସେହି ସ୍ଥାନରେ ଯେଉଁ ସ୍ଥାନଟିକୁ ସେହି ଗ୍ରାମର ଭକ୍ତ ଜଣଙ୍କ ୧୯୫୮ ମସିହାରେ ସ୍ୱପ୍ନରେ ଦେଖିଥିଲେ । ଏହା ଭିତରେ ସତର ବର୍ଷ ବିତି ଯାଇଥିଲା ।

ବର୍ତ୍ତମାନ 'ଶ୍ରୀଅରବିନ୍ଦ ଗ୍ରାମର' ଅଧିବାସୀମାନେ ତଥା ଆଖପାଖ ଗ୍ରାମର ମାତୃଭକ୍ତମାନେ ସେହି ପୀଠରେ ପ୍ରବେଶ କଲା ମାତ୍ରକେ ପରମପ୍ରଭୁ ଓ ଦିବ୍ୟଜନନୀଙ୍କ ପ୍ରଶାନ୍ତି, କୃପା, କରୁଣା ଓ ଭଲପାଇବା ପ୍ରାପ୍ତ ହେଉଛନ୍ତି ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**


(୧) Prayers & Meditations – The Mother
(୨) Musing on the Mother's Prayers and Meditations, Shyam Kumari


# ପ୍ରସ୍ଫୁଟିତ ଫୁଲଟିଏ ଭଳି


## ସାଧୁଚରଣ ପଟ୍ଟନାୟକ


ପ୍ରସ୍ଫୁଟିତ ଫୁଲଟିଏ ଭଳି ହେବି ମୁହିଁ ସରଳ, ମଧୁର,
ଅର୍ପିବି ମୁଁ ମାତୃ-ଚରଣରେ ରୂପ-ରସ-ଗନ୍ଧର ସମ୍ଭାର ।

ଜଟିଳତା, କୁଟିଳତା କରିବି ମୋ ସତ୍ତାରୁ ଅନ୍ତର,
ଅହଂକାର ମୁକ୍ତ ହୋଇ ଆଶ୍ରା ନେବି ମା'ଙ୍କ ପୟର ।

ବିତରିବି ସାରା ବିଶ୍ୱେ ମୋର ସୁଷମା-ସୌରଭ,
ପ୍ରତିଦାନ ଚାହିଁବିନି, ଚାହିଁବିନି ପ୍ରଶଂସା ଗୌରବ ।
ଚେତନାକୁ ମହାକାଶ ଭଳି କରିବି ମୁଁ ବିଶାଳ, ବିସ୍ତାର
ମାତୃ-ଚେତନାରେ ନିତ୍ୟମଗ୍ନ ବଦାନ୍ୟ – ଉଦାର ।

ଭଲ ପାଇବାର ସ୍ପନ୍ଦନଟି ବିଶ୍ୱଜନେ କରିବି ପ୍ରେରିତ;
ବୈଦିକ ଋଷିଙ୍କ ସମ ଉଚ୍ଚାରିବି ସେହି ଶାନ୍ତି ମନ୍ତ୍ର :

''ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା,'' ନିତ୍ୟ;
ସମଗ୍ର ବିଶ୍ୱବାସୀ ହୋଇଯା'ନ୍ତୁ ଦୁଃଖ ଆଉ ଯନ୍ତ୍ରଣାରୁ ମୁକ୍ତ ।

ଜାଣି ମୁଁ ପାରିଛି ଏ ବିଶ୍ୱରେ ଜଣେ ବ୍ୟକ୍ତି କେହି,
ସମୂହକୁ ଛାଡ଼ି ସୁଖୀ ଆଉ ନିରାମୟ ନ ପାରିବ ରହି ।

ଯେତେବେଳେ ସମଗ୍ର ମାନବ ଗୋଷ୍ଠୀ ଏ ଧରା ବକ୍ଷରେ
ରହିଥିବ ବାନ୍ଧି ହୋଇ ଭଲ ପାଇବାର ବନ୍ଧନରେ ।
ହିଂସା, ଦ୍ୱେଷ, ହତ୍ୟା, ଗଣହତ୍ୟା ଆଉ ଲୁଣ୍ଠନର
ମନ୍ଦ ଆଚରଣ ଲୋପ ହେବ ବିଶ୍ୱରୁ ସତ୍ୱର ।

ସୁଖ, ଶାନ୍ତି, କ୍ଷମା, ଦୟା, ପ୍ରୀତି ଆଉ ଭ୍ରାତୃଭାବ
ପାର୍ଥିବ ଧରାରେ ହେବ ନିତ୍ୟ ନିରନ୍ତର ଅନୁଭବ । ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୩)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ବାସ୍ତବିକ କ୍ଷେତ୍ରରେ ଏହା ଉତ୍ତମ ଯେ ଚୈତ୍ୟ ଜାଗ୍ରତ୍ ହେଲେ ମନକୁ ଭୁଲ୍ ପଥ ଧରିବାକୁ ବାଧା ଦିଏ । ଏହା ଯେ ସମ୍ଭବ ନୁହେଁ : ଆତ୍ମ-ପରିଶୁଦ୍ଧି ଏବଂ ପରିବର୍ତ୍ତନର କାର୍ଯ୍ୟରେ ବେଳେ ବେଳେ ପତନ ଅଥବା ଅସଫଳତା ଆସିବ ନାହିଁ; କିନ୍ତୁ ସେଥିନିମନ୍ତେ ବିଚଳିତ ଅବା ତୀବ୍ର ଅନୁଶୋଚନା ହେଲେ ଉପକାରଠାରୁ ଅପକାର ବେଶୀ ହୋଇଥାଏ, ସହଜରେ ଅବସାଦ ଆଣେ ଏବଂ ସେଇ ଅବସାଦ ମନକୁ ଆଚ୍ଛନ୍ନ ଏବଂ ଦୁର୍ବଳ କରିଦିଏ । ଭୁଲ୍ ଗତିବୃତ୍ତିକୁ ଓ ତା'ର ପ୍ରକୃତିକୁ ଖୁବ୍ ଶାନ୍ତ ଭାବେ ଲକ୍ଷ୍ୟ କରିବା ଉଚିତ । (ଏଠାରେ ବାକ୍ୟ ହିଁ ହେଉଛି ଭୁଲ୍ର ସୂତ୍ର ଏବଂ ବାକ୍ୟ ହିଁ ହେଉଛି ଅତି ସହଜରେ ଭୁଲ୍ କରିବାର ଏକ ଅଙ୍ଗବିଶେଷ) ଏବଂ ତାକୁ ଭିତର ଆଡ଼କୁ ପୁନର୍ବାର ନେବା ହିଁ ସର୍ବଦା ଶ୍ରେୟସ୍କର । ପ୍ରଶାନ୍ତି – ବିଶେଷ କରି ଯେଉଁଠାରେ ଅନ୍ତରାତ୍ମାର ସତ୍ୟ ଆଧ୍ୟାତ୍ମିକ ପ୍ରଶାନ୍ତି ରହିଛି ତାହା ହେଉଛି ସେଇ ଜିନିଷ ଯାହାକୁ ସର୍ବତୋଭାବେ ଯତ୍ନ ସହକାରେ ବଜାୟ ରଖିବା ଉଚିତ, ତା'ହେଲେ ସବୁ ଜିନିଷ ସମୟ ଅନୁସାରେ ଏବଂ ସବୁଠାରୁ କମ୍ କଷ୍ଟରେ କରିନେବା ସମ୍ଭବ ହୁଏ ।

(୨୭.୧୧.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯେଉଁ ବାଧାର ଅଭିଜ୍ଞତା ତୁମର ହେଉଛି ତା'ର କାରଣ ହେଲା 'କଥା କହିବା' – ଯାହା ଅତୀତରେ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରାଣର ପ୍ରକାଶ ହିସାବରେ ଅନେକ ବେଶୀ କାର୍ଯ୍ୟ କରିଛି ତା'ର ମନର ସଂକଳ୍ପ ଅପେକ୍ଷା । ବାକ୍ୟ ବାହାରି ଆସେ ପ୍ରାଣର ପ୍ରକାଶର ଏକ ନିଷ୍କାସନ ପରି ଏବଂ ମନର ଅସଂଯମତା ଯୋଗୁଁ ତା'ର ଅଭ୍ୟାସ ହେଉଛି ଅପେକ୍ଷା ବା ଗ୍ରାହ୍ୟ ବା ଗ୍ରହଣ ନ କରିବା, ବାକ୍ୟ ସମ୍ବନ୍ଧରେ କୁହାଯାଏ ଯେ ସେ ଏକ ଏପରି ଜିନିଷ ଯାହାକୁ କୌଣସିମତେ ନିୟନ୍ତ୍ରଣକୁ ଅଣାଯାଇ ପାରେନା । ତୁମ କ୍ଷେତ୍ରରେ ଏଇ ବାଧା ବଢ଼ି ଯାଇଛି ଅନ୍ୟମାନଙ୍କ ସମ୍ବନ୍ଧରେ କଥା କହିବାର ଅଭ୍ୟାସ ଯୋଗୁଁ – ଗଳ୍ପ ଗୁଜବ ପ୍ରତି ତୁମ ପ୍ରାଣର ପକ୍ଷପାତିତ୍ୱ ଖୁବ୍ ବେଶୀ ଥିଲା, ଆଉ ତାହା ଏତେ ବେଶୀ ଥିଲା ଯେ ଆଜି ପର୍ଯ୍ୟନ୍ତ ବି ସେଥିରୁ ଆମୋଦ ଉପଲବ୍ଧି କରିବାର ଅଭ୍ୟାସକୁ ତୁମେ ଛାଡ଼ି ପାରି ନାହଁ । ଅତଏବ ଏଇ କରିବାର ଅଭ୍ୟାସକୁ ପ୍ରବଣତାର ଭିତରେ ହିଁ ପ୍ରାଣର ଏକେବାରେ ନିର୍ଶ୍ଚିହ୍ନ ହୋଇଯିବା ଉଚିତ, ବେଶୀ କଥା କହିବାର ଝୁଙ୍କର ଅଧୀନରେ ନ ରହିବା, ତା'ର ପ୍ରୟୋଜନ ବିନା ଅଗ୍ରଗତି କରିବାକୁ ଶିକ୍ଷା କରିବା ଏବଂ କେବଳ ସେତିକିବେଳେ କିଛି କହିବ ଯେତେବେଳେ ଦେଖିବ କହିବା ଆବଶ୍ୟକ, କେବଳ ଯେଉଁ କଥା ସତ୍ୟ ବୋଲି ମନେ ହେବ ତାହାକୁ ହିଁ କହିବ । ଯୌଗିକ ଆତ୍ମ-ସଂଯମର ଏହା ହେଉଛି ଏକ ଅତ୍ୟନ୍ତ ପ୍ରୟୋଜନୀୟ ଅଙ୍ଗ ।

ଏହା କରାଯାଏ କେବଳ ଅଧ୍ୟବସାୟ, ସଜାଗତା ଏବଂ ଦୃଢ଼ ସଂକଳ୍ପ ଦ୍ୱାରା । କିନ୍ତୁ ଜଣଙ୍କର ସଂକଳ୍ପ ଯଦି ଥାଏ ତେବେ ସେଥି ସହ ଭଗବତ୍ ଶକ୍ତିର ସାହାଯ୍ୟରେ ତାହା ଆହୁରି କମ୍ ସମୟ ମଧ୍ୟରେ କରାଯାଇପାରେ ।

(୦୬.୧୨.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ମନେ ହୁଏ ତୁମର ଶରୀରଗତ ବାଧାବିଘ୍ନ ମଧ୍ୟରେ ଦୁଇଟି ଉପାଦାନ ତୁମକୁ ଭାରାକ୍ରାନ୍ତ କରୁଛି । ପ୍ରଥମଟି ହେଉଛି ଯକୃତ୍ର ଗୋଳମାଳ ଯାହା ତୁମକୁ ଦୁର୍ବଳ କରେ ଏବଂ ଆହୁରି ବେଶୀ ଦୁର୍ବଳ କରିବ ଯଦି ଶରୀରର ପ୍ରତିକ୍ରିୟା ଶକ୍ତି ବଜାୟ ରଖିବା ନିମନ୍ତେ ଯେତେ ପରିମାଣର ଆହାର ପ୍ରୟୋଜନ ତା'ଠାରୁ କମ୍ କରିବା ଦିଗରେ ତାହା ତୁମକୁ ନେଇଯାଏ – ତା'ଛଡ଼ା ସ୍ନାୟବିକ ପ୍ରବଣତା ଲାଗି ନିଦ୍ରାହୀନତା ବି ତା'ର ଫଳାଫଳ ସହ ରହିଛି । ଦ୍ୱିତୀୟଟି ହେଉଛି ନିମ୍ନପ୍ରାଣ ଓ ଶରୀର ଚେତନାର ନିଷ୍କ୍ରିୟତା ଯାହା ବାଧାଦିଏ ଅବସନ୍ନତାକୁ ବାହାର କରି ଦେବାକୁ, ବିରୋଧୀ ଶକ୍ତିର ଆକ୍ରମଣ ବିରୋଧରେ ଏବଂ ନିରବଚ୍ଛିନ୍ନ ଭାବେ ଭାଗବତ ଶକ୍ତି ଦିଗକୁ ନିଜକୁ ଖୋଲି ଧରିଲେ, ଯାହା ଏସବୁକୁ ଦୂରେଇ ଦେଇ ପାରନ୍ତା । ଏ ସମସ୍ତ ହିଁ ହେଉଛି ବହୁକାଳ ଧରି ତୁମର ଯେଉଁ ଭାରସାମ୍ୟ ଥିଲା ତାହା ଭାଙ୍ଗିଯିବା ଫଳରେ । ପ୍ରାଣରେ ଗଣ୍ଡଗୋଳର କାରଣ

ଏବଂ ନିମ୍ନପ୍ରକୃତିର ପ୍ରତିକ୍ରିୟାର ଏହି କାରଣ ଯେ ତାକୁ ଏତେ ପ୍ରାଧାନ୍ୟ ଦିଆଯାଉଛି ଏସବୁକୁ ଦୂରେଇ ଦେବା ପାଇଁ । ଏହି ପ୍ରତିକ୍ରିୟା ଯୋଗୁଁ ମନେ ହୁଏ କିଛି ଏକ ଅସ୍ଥିରତା ଆସିଛି, ଯାହାକୁ ଏହା ଏତେଦିନ ପର୍ଯ୍ୟନ୍ତ ଧରି ରଖିଥିଲା ତାକୁ ହରାଇବାର ଭୟରେ – ବାସ୍ତବ ଚେତନାରେ ଏଇ ଧରଣର ପ୍ରତିକ୍ରିୟା ସର୍ବଦା ଏକ ନିଷ୍କ୍ରିୟତା ଆଣେ, ଅନ୍ୟ ଦିଗରେ ନିମ୍ନ-ପ୍ରାଣରେ ଜୟ ଲାଭର ସଠିକ ପ୍ରତିକ୍ରିୟା ଅନୁଭବ ହୋଇଥାଏ ଶାନ୍ତି, ମୁକ୍ତି, ଶାନ୍ତଭାବ ଅବା ନିଶ୍ଚିତ ଉର୍ଦ୍ଧ୍ୱ ଚେତନା ନିକଟରେ ନିମ୍ନ-ପ୍ରକୃତିର ଅଂଶ ସମୂହକୁ ଖୋଲି ଧରିବା ଦ୍ୱାରା । ତୁମେ ଯଦି ଏସବୁଥିରୁ ଉତ୍ତୀର୍ଣ୍ଣ ହୋଇ ପୁନର୍ବାର ତୁମର ପୁରାତନ ଭାରସାମ୍ୟ ମଧ୍ୟକୁ ଫେରି ଯାଇପାର ତା'ହେଲେ ଏଇସବୁ ଜିନିଷକୁ ଅପସରି ଯିବା ପାଇଁ ବାଧ୍ୟ କରାଯାଇଥାଏ । ତେବେ ଯଥାର୍ଥ ଭାରସାମ୍ୟ, ଶାନ୍ତଭାବ ଏବଂ ବାହ୍ୟ ଦିଗରୁ ବିଶ୍ୱାସ, ମା'ଙ୍କର ଏବଂ ତାଙ୍କ ଶକ୍ତି ଆଡ଼କୁ ଶରୀର ଚେତନାକୁ ଖୋଲି ଧରିବା – ଏସବୁ ହିଁ ହେଉଛି ନିଜକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବାର ସତ୍ୟ ଉପାୟ – ଅନ୍ୟ ସବୁକିଛି ହୋଇପାରେ ଗୌଣ ସାହାଯ୍ୟ ଏବଂ ତାକୁ କାର୍ଯ୍ୟକାରୀ କରି ତୋଳିବାର ପଥ ।

(୦୭.୦୩.୩୭)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


*My heart is at peace, my mind is free from impatience, and in all things I rely on Thy will with the smiling confidence of a child.*

*(MCW, Vol. 15, p. 211)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (0413 2334542)

# କବି ନିଶିକାନ୍ତ
## (୪)

ଅବଶେଷରେ ନିଶିକାନ୍ତଙ୍କ ପକ୍ଷରେ ଶାନ୍ତିନିକେତନ ବ୍ରହ୍ମଚର୍ଯ୍ୟ ଆଶ୍ରମ ବା ବିଦ୍ୟାଳୟରେ ଶେଷ ପର୍ଯ୍ୟନ୍ତ ରହିବା ଆଉ ସମ୍ଭବ ହେଲା ନାହିଁ । କେବଳ ବୈରାଗ୍ୟ ଓ ଅସ୍ଥିରତା ହିଁ ଏହାର ଏକମାତ୍ର କାରଣ ନ ଥିଲା । ତାଙ୍କ ଅବସ୍ଥାନର ପାରିପାର୍ଶ୍ୱିକତା ମଧ୍ୟରେ ବି ପରିବର୍ତ୍ତନ ଘଟିଲା । ଚଉଦ କିଂବା ପନ୍ଦର ବର୍ଷ ବୟସରେ ନିଶିକାନ୍ତ ତାଙ୍କ ପିତାଙ୍କୁ ହରାଇଲେ ଏବଂ ଅଗ୍ରଜ ସୁଧାକାନ୍ତଙ୍କର ମଧ୍ୟ କର୍ମସ୍ଥଳର ପରିବର୍ତ୍ତନ ଘଟିଲା । ସେ ଶାନ୍ତିନିକେତନ ଛାଡ଼ିଦେଇ ସିଉଡ଼ିରେ ମାର୍କିନ୍ ବିଶପ୍ ସାହେବଙ୍କର ଅଧୀନରେ ଚାକିରି ଗ୍ରହଣ କଲେ । ସ୍ୱାଭାବିକ ଭାବେ ଭାଇଙ୍କ ସହିତ ନିଶିକାନ୍ତ ଶାନ୍ତିନିକେତନ ତ୍ୟାଗ କରି ସିଉଡ଼ିର ବେଣୀମାଧବ ଇନ୍‌ଷ୍ଟିଚ୍ୟୁସନ୍‌ରେ ଭର୍ତ୍ତି ହୋଇ ପଢ଼ାଶୁଣା ଆରମ୍ଭ କଲେ । ଏହି ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ସୁଧାକାନ୍ତଙ୍କର ଘନିଷ୍ଠ ବନ୍ଧୁ; ତେଣୁ ନିଶିକାନ୍ତଙ୍କ ଉପରେ ସେ ବିଶେଷ ନଜର ଦେଉଥିଲେ । ଦିନେ ନିଶିକାନ୍ତଙ୍କୁ ପାଖରେ ବସାଇ ସୁଧାକାନ୍ତ ବେଶ୍ କଠୋର ଭାବରେ ପରିଷ୍କାର ବୁଝାଇ ଦେଲେ – 'ଦେଖ୍ ନିଶି, ଏବେ ବାବା ନାହାନ୍ତି, ମୋ କଥା ମାନି ତୋତେ ଚଳିବାକୁ ହେବ । ପଢ଼ାଶୁଣାରେ କୌଣସି ଅବହେଳା ବା ଉଦାସୀନତା ମୁଁ ଆଉ ସହ୍ୟ କରିବି ନାହିଁ, କହି ଦେଉଛି !' ଅଗ୍ରଜଙ୍କ ନିର୍ଦ୍ଦେଶକୁ ସ୍ମରଣରେ ରଖି ନିଶି ସୁବୋଧ ବାଳକ ସଦୃଶ ପ୍ରଥମ ପ୍ରଥମ ବେଶ୍ କିଛି ଦିନ ସ୍କୁଲକୁ ନିୟମିତ ଗଲେ । ନୂତନ ଉଦ୍ୟମରେ ପଢ଼ାଶୁଣା କରି ଶ୍ରେଣୀର ପ୍ରଥମ ବେଞ୍ଚରେ ବସିବାର ଅଧିକାର ପାଇଲେ । ଏଥିରେ ଶିକ୍ଷକ ମହାଶୟ ଓ ବଡ଼ ଭାଇ ମନେ ମନେ ଖୁବ୍ ଖୁସୀ ହେଲେ । କିନ୍ତୁ ଏକାଦିକ୍ରମେ ସେଇ ସମାନ ଧରଣର ଜୀବନରେ ବାନ୍ଧି ହୋଇ ପଡ଼ି ରହିବା ନିଶିକାନ୍ତଙ୍କର ଜାତକରେ ତ ଲେଖା ନାହିଁ । ତେଣୁ ସ୍କୁଲ ଘରର ଚାରିକାନ୍ଥରେ ବନ୍ଦୀ ହୋଇ ରହିବାରେ ସେ ଅଣନିଃଶ୍ୱାସୀ ହୋଇ ଉଠିଲେ । କବିତା ଲେଖା ସକାଶେ ପ୍ରକୃତି-ମା'ର ନିର୍ଜନ କୋଳ ଓ ନୀଳ ଆକାଶ ତଳେ ଅବାଧ ଗତିବିଧି ସକାଶେ ସମୟର ଅଭାବ ଯୋଗୁଁ ମନ-ପ୍ରାଣ-ଶରୀର ଛଟପଟ ହେବାକୁ ଲାଗିଲା । ଏକ ସ୍ରୋତସ୍ୱିନୀ ନଦୀ ବକ୍ଷରେ ଯେମିତି ବନ୍ଧ ବାନ୍ଧି ଦିଆ ହୋଇଛି ।...

ଦିନେ ସେ ସବୁଦିନ ପରି ଘରୁ ସକାଳୁ ସକାଳୁ ସ୍କୁଲକୁ ବାହାରି ଯାଇ କିଛି ଦୂର ଯିବା ପରେ ଅନ୍ୟ ବାଟ ଧରି ଆଗେଇଲେ ଯେଉଁ ଦିଗକୁ ଆଖି ଯାଏ ସେ ଦିଗରେ ଘୂରି ବୁଲିବାକୁ । ଶେଷରେ ଅନ୍ତର୍ଯାମୀ ବାଳକଟିର ଆନ୍ତରିକ ଏଷଣାରେ ଇନ୍ଧନ ଯୋଗାଇ ଦେଲେ – ଅପୂର୍ବ ନିର୍ଜନ ସ୍ଥାନଟିଏ, ଏକେବାରେ ମନମୁତାବକ । ଘରୁ ନିୟମିତ ସ୍କୁଲକୁ ବାହାରି ଯିବା ଏବଂ ସ୍କୁଲରେ ନିୟମିତ ଅନୁପସ୍ଥିତ ରହିବାର ଆରମ୍ଭ ହେଲା । ଆରମ୍ଭ ହେଲା ଖୁସୀ ମନରେ ପାରୁପର୍ଯ୍ୟନ୍ତ କବିତା ଲେଖା, ଆଉ  ବାକୀ ସମୟ ଏଆଡ଼େ ସେଆଡ଼େ ପ୍ରକୃତି କୋଳରେ ଘୂରି ବୁଲିବା । ଏସବୁ ଶେଷ କରି ସେ ଘରକୁ ଫେରନ୍ତି । ଖରା, ବର୍ଷା ପ୍ରତି ଭ୍ରୂକ୍ଷେପ ନାହିଁ, ଏମିତି ବେଶ୍ କିଛି ଦିନ ବିତାଇବା ପରେ ଶରୀର ଆଉ ସହ୍ୟ କରି ପାରିଲା ନାହିଁ; ଆରମ୍ଭ ହେଲା ପୁରୁଣା ବ୍ୟାଧି, ପରେ ପରେ ତୀବ୍ର ଭାବରେ 'କାଲାଜର' (ପ୍ଲୀହା ଓ ରକ୍ତହୀନତାଯୁକ୍ତ ମାରାତ୍ମକ ଜ୍ୱରରୋଗ ବିଶେଷ) ଭୋଗିବାକୁ ଲାଗିଲେ । ଏହା ସତ୍ତ୍ୱେ  ସେ ବେଶୀ ସମୟ ଖରାରେ ବସି ରହୁଥିଲେ ଏବଂ ଶରୀର-ଯନ୍ତ୍ରଣା ଭୁଲି କବିତା ଲେଖୁଥିଲେ । (ପରେ ତାଙ୍କର ଦେହ-ଯନ୍ତ୍ରଟି ମ୍ୟାଲେରିଆ ଆଉ କାଲାଜରର ପ୍ରାୟ ସ୍ଥାୟୀ ଠିକଣା ହୋଇ ଉଠିଥିଲା ।)

ଦିନ ପରେ ଦିନ ନିଶିକାନ୍ତଙ୍କୁ ସ୍କୁଲରେ ଅନୁପସ୍ଥିତ ହେଉ ଥିବାର ଲକ୍ଷ୍ୟ କରି ଦିନେ ମାଷ୍ଟର ମହାଶୟ ସୁଧାକାନ୍ତଙ୍କୁ ପଚାରିଛନ୍ତି, ''କ'ଣ ପାଇଁ ନିଶି ନିୟମିତ ସ୍କୁଲକୁ ଆସୁ ନାହିଁ ? ବେଶ୍ କେତେ ଦିନ ହେଲା ତା'ର ଦେଖା ଦର୍ଶନ ନାହିଁ ! କ'ଣ, ତା' ଦେହ-ପା' ଠିକ୍ ଅଛି ତ ?'' ସେଦିନ ରାତିରେ ବଡ଼ ଭାଇ ନିଶିକୁ ଡାକି ସବୁ କଥା ପଚାରିଛନ୍ତି : ''ଘରୁ ବାହାରି ଯାଉଛୁ, ଆଉ ସ୍କୁଲରେ ଦେଖା ନାହିଁ । ତୋତେ ଏତେ ବୁଝାଇ କହିବା ପରେ ମଧ୍ୟ ତୁ ପଢ଼ାପଢ଼ିରେ ପୁଣି ସେମିତି ଖାମଖିଆଲି ହୋଇ ଉଠିଲୁ ।''... ଗାଳି ପରେ ଗାଳି ବର୍ଷଣ । ପ୍ରଚଣ୍ଡ ଗାଳି ଖାଇ ବି ନିଶିକାନ୍ତ ଅଟଳ ଶିବଙ୍କ ସଦୃଶ ବସିଛି ଦେଖି ସୁଧାକାନ୍ତ ମୁହୂର୍ତ୍ତକ ପାଇଁ ଭାବିଲେ ଯେ ଗାଳି ଦେଇ ଭାଇଟିର ଏ ଦୋଷକୁ ସୁଧାରି ହେବ ନାହିଁ । ତେଣୁ ଟିକିଏ ନରମ ଗଳାରେ ପଚାରିଲେ,

''ଆଚ୍ଛା ନିଶି, ତୁ ଏମିତି କାହିଁକି କରୁଛୁ ।'' ଅଚଳ ଶିବ ପ୍ରତିମା ଶାନ୍ତ ଭାବରେ ଉତ୍ତର ଦେଲେ, ''ମୋତେ ନିତି ଜ୍ୱର ହୁଏ ।'' – ''କ'ଣ କହିଲୁ ? ଜ୍ୱର ହୁଏ ! କିନ୍ତୁ କାହିଁ, ଘରେ ତୋତେ କେବେ ବି ଶୋଇ ରହିବାର ଦେଖିନି ! ବା ମୋତେ, ନ ହେଲେ ତୋ ଭାଉଜକୁ ତ ତୁ ଏକଥା କେବେ ବି କହିନୁ ! ଅଥଚ ତୁ ବେଶ୍ ଆରାମରେ ତ ଚାରିଆଡ଼େ ଘୂରି ବୁଲୁଛୁ ! ଖିଆପିଆ ବି ତ ବେଶ୍ ସ୍ୱାଭାବିକ ଚାଲିଛି !'' ସେଇଠୁ ନିଶିକାନ୍ତ ସରଳ ଓ ଟିକିଏ ଆକ୍ଷେପ କରି କହିଲେ, ''ଜ୍ୱର କଥା କହିଲେ ତ ତୁମେମାନେ ମୋର ସବୁ ଖିଆପିଆ ବନ୍ଦ କରିଦେବ ! ସେଇଥି ପାଇଁ... (ତଳକୁ ମୁହଁ ପୋତିବା) ।''

ଥରେ ସତକୁ ସତ ଜ୍ୱର ବଢ଼ିଯାଇ ନିଶିକାନ୍ତଙ୍କୁ ଶଯ୍ୟାଶାୟୀ କରିଦେଲା । ଡାକ୍ତରଙ୍କର ସମସ୍ତ ଚେଷ୍ଟା ହିଁ ବିଫଳ ହୋଇ ଉଠିଲା । ଦରଦୀ ସୁଧାକାନ୍ତ ବେଶ୍ ଚିନ୍ତିତ ହୋଇ ପଡ଼ିଲେ । ଦିନେ ନିଶିକାନ୍ତ ବଡ଼ିଭୋରରୁ ଉଠି ଆଗ୍ରହାତିଶଯ୍ୟ ହୋଇ ଭାଇଙ୍କୁ ଆସି କହିଲେ, ''ଭାଇ, ଗଲା ରାତିରେ ବାବା ସ୍ୱପ୍ନରେ ମୋତେ ଦେଖା ଦେଇ କହିଲେ ଯେ ହୋମିଓପ୍ୟାଥି 'ଆର୍‌ସେନିକ୍' ବ୍ୟବହାର କଲେ ଯାଇ ତୋର ବାଞ୍ଛିତ ସୁସ୍ଥତା ମିଳିବ ।'' ସୁଧାକାନ୍ତ ଥିଲେ ଯୁକ୍ତିବାଦୀ ସ୍ୱଭାବର, ନିଶିର କଥାରେ ସେତେ ଗୁରୁତ୍ୱ ଦେଲେ ନାହିଁ । ସୂକ୍ଷ୍ମ ଦର୍ଶନକୁ ସମ୍ପୂର୍ଣ୍ଣ ରୂପେ ସତ୍ୟର ମର୍ଯ୍ୟାଦା ଦେଇ ପାରିଲେ ନାହିଁ । ଅବଶ୍ୟ ନିଜର ହୋମିଓପ୍ୟାଥି ଜ୍ଞାନ ଏବଂ ଅଭିଜ୍ଞ ଚିକିତ୍ସକମାନଙ୍କ ସଙ୍ଗେ ଆଲୋଚନାଲବ୍ଧ ବିଜ୍ଞାନ ତାଙ୍କୁ ଶେଷରେ 'ଆର୍‌ସେନିକ୍'ର ସାହାଯ୍ୟ ନେବାକୁ ଉଦ୍‌ବୁଦ୍ଧ କଲା । ଏହି ଔଷଧ ପ୍ରୟୋଗର ପରେ ପରେ ହିଁ ନିଶିକାନ୍ତଙ୍କ ଶରୀରର ଉଲ୍ଲେଖଯୋଗ୍ୟ ଉନ୍ନତି ହେଲା । ଜ୍ୱର କମିଗଲା, କିନ୍ତୁ ଦୁର୍ବଳତା ଅନେକ ଦିନ ଧରି ଅବ୍ୟାହତ ରହିଥିଲା ।...

ପଢ଼ାଶୁଣାରେ ଯା'ର ମନ ନାହିଁ, ସଂସାର ପ୍ରତି ଯିଏ ବୀତସ୍ପୃହ, କେବଳ ମାତ୍ର ନିତ୍ୟ ନୂତନ ଖାଦ୍ୟସମ୍ଭାର ପ୍ରତି ଯାହାର ବେଶୀ ଆକର୍ଷଣ, ତାକୁ ସଂସାରରେ କିପରି ବାନ୍ଧି ରଖିବେ ? ପରିଶେଷରେ ମାତାମହୀଙ୍କର ପ୍ରରୋଚନାରେ ନିଶିକାନ୍ତଙ୍କୁ ବିବାହ କରି ଦେବାର ସିଦ୍ଧାନ୍ତ ନିଆଗଲା । ନିଶିକାନ୍ତ ଅବିଳମ୍ବେ ଦିନେ ମଧରାତ୍ରିରେ ଏକଥାର ଆଭାସ ପାଇଗଲେ । ସେ ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ସେହି ରାତ୍ରିରେ ଗୃହତ୍ୟାଗ କଲେ । ପଛରେ ପଡ଼ି ରହିଲା ବେଣୀମାଧବ ସ୍କୁଲ ଆଉ ତାଙ୍କର ଯେତେସବୁ ପାଠ୍ୟ-ସରଞ୍ଜାମ ।

ସନ୍ନ୍ୟାସୀ ସଦୃଶ ପର୍ଯ୍ୟଟନରେ ଚାଲୁ ଚାଲୁ ନିଶିକାନ୍ତ ନୂତନ ନୂତନ କଷ୍ଟ ଯେମିତି ଅଙ୍ଗେ ଲିଭାଇଲେ, ସେମିତି ନୂତନ ନୂତନ ମାନବିକତାର ଅଭିଜ୍ଞତା ମଧ ଲାଭ କଲେ । ଆଉ ଏହା ସହିତ ସମାନ ତାଳ ଦେଇ ଚାଲିଲା ଯେକୌଣସି ପରିସ୍ଥିତିର ସାମନା କରି ନିଜର ଯୋଗ୍ୟତା ଅର୍ଜନର ସଂକଳ୍ପବଦ୍ଧ ପ୍ରଚେଷ୍ଟା । ଏମିତି ଭ୍ରମଣ କରୁ କରୁ କାଟୋୟା ନାମକ ଏକ ପୀଠସ୍ଥାନରେ ସେ ଜଣେ ବୈଷ୍ଣବ ସାଧୁଙ୍କର ସାହଚର୍ଯ୍ୟ ଲାଭ କଲେ । ସେଠାରେ ତାଙ୍କର ମଧୁର ସଂସ୍ପର୍ଶରେ ଆସି ବେଶ୍ କିଛି ଦିନ ତାଙ୍କ ଆଶ୍ରମରେ କଟାଇଲେ । ଏହାଙ୍କର ନିକଟ ସାନ୍ନିଧ୍ୟରେ ଆସି ନିଶିକାନ୍ତ ପ୍ରଥମ କରି ଆନ୍ତର ଜୀବନର ଏମିତି କେତୋଟି ଘଟଣାର ସାକ୍ଷୀସ୍ୱରୂପ ହୋଇ ଉଠିଲେ ଯାହାକି ତାଙ୍କ ଜନ୍ମଗତ ବିଶ୍ୱାସକୁ ସୁଦୃଢ଼ କରି ଗଢ଼ି ତୋଳିଲା ।

କାଟୋୟା ଆଶ୍ରମର ସାଧୁ ମହାରାଜ ଜଣେ ଅସାଧାରଣ ବ୍ୟକ୍ତି – ଲୋକଙ୍କ ମୁଖରୁ ଏକଥା ଶୁଣି ନିଶିକାନ୍ତ ଯେତେବେଳେ ଆଶ୍ରମର ପ୍ରଧାନ ଫାଟକରେ ପହଞ୍ଚି ଭିତରକୁ ପ୍ରବେଶ କରିବାକୁ ଆଗଭର ହୋଇଛନ୍ତି ସେତେବେଳେ ଆଶ୍ରମର କତିପୟ ଅନ୍ତେବାସୀ ତାଙ୍କୁ ବାଧା ଦେଇଛନ୍ତି, ପୁନଶ୍ଚ କେତେକେ ଗୁରୁଙ୍କ ସହିତ ତାଙ୍କୁ ସାକ୍ଷାତ୍ କରାଇ ଦେବା ସକାଶେ ଆଗଭର ହୋଇଛନ୍ତି । ଫଳରେ ଦୁଇ ଦଳ ଶିଷ୍ୟଙ୍କ ଭିତରେ ହଟ୍ଟଗୋଳ ଆରମ୍ଭ ହୋଇଛି । ସେଇଠୁ ଗୁରୁଦେବ ସ୍ୱୟଂ ଘଟଣା କ୍ଷେତ୍ରରେ ଉପସ୍ଥିତ ହୋଇଛନ୍ତି ।... ନିଶିକାନ୍ତଙ୍କ ଉପରେ ତାଙ୍କର ନଜର ପଡ଼ିବା ମାତ୍ରେ ସଙ୍ଗେ ସଙ୍ଗେ ସମଗ୍ର ବାତାବରଣଟି ଯେମିତି ଅପୂର୍ବ ଭାବରେ ଥମ୍ ହୋଇଗଲା । ସାଧୁବାବା ସ୍ମିତହାସ୍ୟ ସହ ତାଙ୍କୁ ଭିତରକୁ ଆସିବାକୁ କହିଲେ, ଯେମିତି ସେ ତାଙ୍କର ବହୁ ପରିଚିତ । ନିଶିକାନ୍ତ ମଧ ସାଧୁବାବାଙ୍କୁ ଦର୍ଶନ କରିବା ମାତ୍ରେ ତାଙ୍କ ପ୍ରତି ସ୍ୱତଃ ଶ୍ରଦ୍ଧାବନତ ହୋଇ ଉଠିଲେ । ମହାପୁରୁଷଙ୍କ ସଦୃଶ ତାଙ୍କର ଦିବ୍ୟକାନ୍ତି, ସରଳ, ଅମାୟିକ, କୋମଳ ନୟନଯୁଗଳ, ଗାମ୍ଭୀର୍ଯ୍ୟ ଓ ସ୍ମିତହାସ୍ୟର ଯୁଗଳ-ଭାବ ସହ ଆନ୍ତରିକ ମୌନ ସମ୍ଭାଷଣ – ସବୁକିଛି ମିଳି ପ୍ରଥମ ଦର୍ଶନରେ ହିଁ ନିଶିକାନ୍ତ ତାଙ୍କ ଆକର୍ଷଣରେ ବନ୍ଧା ହୋଇ ପଡ଼ିଲେ । ଅନ୍ତରରେ ଅନୁଭବ କଲେ ଯେ ଏତେ ଦିନର ପରିଶ୍ରମ ତାଙ୍କର ସାର୍ଥକ ହୋଇଛି । ସାଧୁବାବା ମଧ ସେହି ମୁହୂର୍ତ୍ତରେ ତାଙ୍କର ସମସ୍ତ ଶିଷ୍ୟବର୍ଗଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ସଚରାଚର ଆଗନ୍ତୁକଙ୍କୁ ଯେମିତି ପଚାରିଥା'ନ୍ତି, 'କେଉଁଠୁ ଆସିଛନ୍ତି', 'କାହିଁକି ଏଠାକୁ ଆସିଛନ୍ତି', ଇତ୍ୟାଦି ନ ପଚାରି ସର୍ବପ୍ରଥମେ ନିଶିକାନ୍ତଙ୍କୁ

ସମ୍ଭାଷଣ କରିଛନ୍ତି, ''ଆରେ, ତୁ ତ ଜ୍ୱର ନେଇ ଘରୁ ପଳାଇ ଆସିଛୁ ! ଆସ, ଆସ, ଶୀଘ୍ର ଭିତରକୁ ଆସ ।''... ନିଶିକାନ୍ତ ମଧ୍ୟ ଅବାକ୍, ନିର୍ବାକ୍ !... ଅଳ୍ପ ସମୟ ପରେ, ଭୋଜନ ଓ ବିଶ୍ରାମ ପରେ ନିଶିକାନ୍ତ ସାଧୁବାବାଙ୍କ ନିକଟରେ ସବୁକଥା କହିଛନ୍ତି – ତାଙ୍କର ଶରୀର ଉପରେ ନଛୋଡ଼ବନ୍ଦା କାଳାଜର, ଭଗ୍ନସ୍ୱାସ୍ଥ୍ୟର ଇତିହାସ, ଆଉ ଘରୁ ପଳାଇ ଆସିବାର ଏକମାତ୍ର ଉଦ୍ଦେଶ୍ୟ ।

ସ୍ମିତହାସ୍ୟ ସହ ସାଧୁବାବା ସବୁକଥା ଶୁଣି ତାଙ୍କୁ କହିଛନ୍ତି, ''ତୁ ଚିନ୍ତା କରନା, ତୋର ସେଇ ଜ୍ୱରଟିକୁ ମୁଁ କିଛିଦିନ ଭିତରେ ଭଲ କରି ଦେବି । ତୋର ଯେତେଦିନ ଖୁସୀ ତୁ ଏଠାରେ ରହ । ଆଉ ଯେବେ ଏଠାରୁ ଚାଲି ଯିବାକୁ ମନ କହିବ, ସେଦିନ ଖୁସୀରେ ଚାଲିଯିବୁ । କିନ୍ତୁ ଗୋଟିଏ କଥା ମନେ ରଖିଥିବୁ – ତୋ ଶରୀର ଉପର ଦେଇ ସାରାଜୀବନ ଦାରୁଣ ଝଞ୍ଜା ବହୁଥିବ । ଶରୀରର କଷ୍ଟ ତୋତେ ଆଜୀବନ ଭୋଗ କରିବାକୁ ହେବ । ଏଇ କଷ୍ଟରୁ ତୁ କେବେ ବି ତ୍ରାହି ପାଇବୁ ନାହିଁ ।'' (ଏ ପ୍ରସଙ୍ଗରେ ଆମେ ସ୍ମରଣରେ ଆଣିପାରୁ ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ମଧ୍ୟ ନିଶିକାନ୍ତଙ୍କୁ ସମାନ ଧରଣର ଭବିଷ୍ୟତ୍ ବାଣୀ କରି କହିଥିଲେ ଯେ ଶରୀର ତାଙ୍କୁ ଅସମ୍ଭବ କଷ୍ଟ ଦେବ । କାର୍ଯ୍ୟତଃ ତାହାହିଁ ହୋଇଥିଲା ।)

ଆଶ୍ରମରେ ଏକ ସୁନ୍ଦର ଫୁଲ ବଗିଚା ଥିଲା । ପ୍ରତ୍ୟେକ ଦିନ ପ୍ରଭାତରୁ ନିଶିକାନ୍ତ ସାଧୁବାବାଙ୍କର ପୂଜାପାଠ ନିମିତ୍ତ ବଗିଚାରୁ ଆଗ୍ରହ ଓ ନିଷ୍ଠାର ସହିତ ଫୁଲ ତୋଳି ଆଣୁଥିଲେ । ଦିନେ ତନ୍ମୟ ହୋଇ ଫୁଲ ତୋଳୁଛନ୍ତି ହଠାତ୍ କାହାରି ଉପସ୍ଥିତିର ଅନୁଭବ ହେବାରୁ ସେ ପଛକୁ ଚାହିଁ ଦେଖିଲେ ବଗିଚାକୁ ପ୍ରବେଶ କରିବାର ଫାଟକ ପାଖରେ ବୈଷ୍ଣବ ବେଶରେ ଦୁଇ ଜଣ ଅସାଧାରଣ ରୂପମୟ ପୁରୁଷ ଛିଡ଼ା ହୋଇଛନ୍ତି । ଦୀର୍ଘ ଅବୟବ, ଗୌରବର୍ଣ୍ଣ, ସ୍କନ୍ଧ ପର୍ଯ୍ୟନ୍ତ ଲମ୍ବିତ ମସ୍ତକର କୁଞ୍ଚିତ ଘନକୃଷ୍ଣ କେଶଗୁଚ୍ଛ, କପାଳରେ ତିଳକ, ଅପୂର୍ବ ମୁଖମଣ୍ଡଳ, ଅଧରରେ ସ୍ମିତହାସ୍ୟ । ନିଶିକାନ୍ତ ସେ ଯୁଗଳ ପୁରୁଷଙ୍କ ଉପରୁ ନିଜର ଆଖି ଫେରାଇ ପାରିଲେ ନାହିଁ । କିଛିକ୍ଷଣ ଭାବବିହ୍ୱଳ ହୋଇ ତାଙ୍କୁ ଦେଖୁ ଦେଖୁ ହଠାତ୍ ପ୍ରକୃତିସ୍ଥ ହୋଇ ଦୌଡ଼ି ଗଲେ ସାଧୁବାବାଙ୍କ ନିକଟକୁ; ଅଣନିଃଶ୍ୱାସୀ ହୋଇ କହିଲେ, ''ବାବା, ଶୀଘ୍ର ଆସନ୍ତୁ, ଆପଣଙ୍କ ଆଶ୍ରମକୁ ଦୁଇ ଜଣ ଅତ୍ୟନ୍ତ ସୁ-ପୁରୁଷ ଅତିଥି ହୋଇ ଆସିଛନ୍ତି । ଦୁହେଁ ଫୁଲ ବଗିଚାର ଫାଟକ ପାଖରେ ଅପେକ୍ଷା କରିଛନ୍ତି ।'' ସାଧୁବାବା ସଙ୍ଗେ ସଙ୍ଗେ ନିଶିକାନ୍ତଙ୍କ ସହିତ ଫାଟକ ପାଖକୁ ଆସି ଦେଖନ୍ତି କେହି ନାହିଁ । ନିଶିକାନ୍ତ ଦୁଇ ଦିଗକୁ ଅନାଇ ଦେଖିଲେ ସତରେ କେହି ନାହାଁନ୍ତି, ଏତେ ଶୀଘ୍ର ଗଲେ କୁଆଡ଼େ ! ତା'ପରେ ହତବୁଦ୍ଧି ହୋଇ ଉଚ୍ଚ କଣ୍ଠରେ କହି ଉଠିଲେ, ''ବାବା, ମୁଁ ସେ ଯୁଗଳ ମୂର୍ତ୍ତିଙ୍କୁ ଏଇଠି ଏଇମାତ୍ର ଦେଖିଛି; ବିଶ୍ୱାସ କରନ୍ତୁ, ବାବା ! ସେ ଦୁହିଁଙ୍କ ଶରୀରରୁ ଜ୍ୟୋତିଃ ବିକିରଣ ହେଉଥିଲା । ବାବା, ଆପଣ ଏକ ଅପୂର୍ବ ମହକ ଆଘ୍ରାଣ କରୁ ନାହାନ୍ତି !''... ସାଧୁବାବା ବି ସେକଥା ହୃଦୟଙ୍ଗମ କରି ସାରିଛନ୍ତି । ସେହି ସ୍ଥାନରେ ଏବେ ମଧ୍ୟ ସେହି ଯୁଗଳ ପୁରୁଷଙ୍କର ସୂକ୍ଷ୍ମ ଉପସ୍ଥିତିର ମହକ ବାରି ହେଉଛି । ସେ ସେଉଠୁ ନିଶିକାନ୍ତଙ୍କୁ ବାହୁ ପାଶରେ ଆଲିଙ୍ଗନ କରି ଭକ୍ତି ଗଦ୍‌ଗଦ କଣ୍ଠରେ କହିଲେ, ''ମୋର ପ୍ରିୟ ସନ୍ତାନ, ତୁ ଜାଣିଛୁ ଆଜି ତୁ କାହାଙ୍କୁ ଦେଖିଲୁ ? ଶ୍ରୀ ଗୌରାଙ୍ଗଦେବ ଓ ନିତାଇଙ୍କୁ ଦର୍ଶନ କରିଛୁ । ତୋତେ ପ୍ରଥମ ଦିନ ଦେଖି ବୁଝି ନେଇଥିଲି ତୋର ନୟନଯୁଗଳ ଦୁର୍ଲଭ । ତୋ ଚକ୍ଷୁରେ ଧରା ଦେବେ ଅସାଧାରଣ ସୂକ୍ଷ୍ମଜଗତ୍ ।'' (ଏଠାରେ ଆମେ ସ୍ମରଣରେ ଆଣିପାରୁ, ପରବର୍ତ୍ତୀକାଳରେ ପଣ୍ଡିଚେରୀରେ ଶ୍ରୀମା ମଧ୍ୟ ନିଶିକାନ୍ତଙ୍କୁ ଏକାନ୍ତରେ ଡାକି କହିଥିଲେ ଯେ ତୁମର ସୂକ୍ଷ୍ମ ଦର୍ଶନର ଅପୂର୍ବ କ୍ଷମତା ଅଛି । ସାବଧାନରେ ରହିବ ।)

ଆଶ୍ରମରେ ନିଶିକାନ୍ତଙ୍କର ଦିନଗୁଡ଼ିକ ବେଶ୍ ଭଲ ଭାବରେ ବିତିବାକୁ ଲାଗିଲା । ସେ ସାଧୁବାବାଙ୍କର ଯେତେ ଯେତେ ନିକଟ ସାନ୍ନିଧ୍ୟରେ ଆସୁଥିଲେ, ତଦନୁସାରେ ତାଙ୍କ ପ୍ରତି ମୁଗ୍ଧ ଓ ବିସ୍ମୟରେ ଅନୁରକ୍ତ ଓ ଆବିଷ୍ଟ ହୋଇ ପଡୁଥିଲେ ।... ଦିନେ ଏକାନ୍ତରେ ସାଧୁବାବାଙ୍କୁ ମିନତି କରି କହିଲେ, ''ଗୁରୁଦେବ, ମୋତେ ଦୀକ୍ଷା ଦିଅନ୍ତୁ । ଆପଣଙ୍କ ଶିଷ୍ୟ ହୋଇ ଏଇଠି ରହିବି । ଅନ୍ୟ କୁଆଡ଼କୁ ଯିବି ନାହିଁ – ଏଇଟି ମୋ ଅନ୍ତରର ଦୃଢ଼ସଂକଳ୍ପ ।'' ଅନ୍ତର୍ଯାମୀ ଗୁରୁଦେବ ନିଶିକାନ୍ତଙ୍କର ଐକାନ୍ତିକ, ନିଷ୍ଠାପର ସଂକଳ୍ପ ଶୁଣି ତାଙ୍କୁ କିଛି କ୍ଷଣ ସ୍ନେହଝରା ଦୃଷ୍ଟିରେ ଅନାଇ ଗମ୍ଭୀର ଅଥଚ ନମ୍ର ଗଳାରେ କହିଲେ, ''ବତ୍ସ, ତୋତେ ମୁଁ କୌଣସି ପ୍ରକାରେ ଦୀକ୍ଷା ଦେଇ ପାରିବି ନାହିଁ । ତୋ ପଶ୍ଚାତରେ ମୁଁ ଯେଉଁମାନଙ୍କର ଉପସ୍ଥିତି ଅନୁଭବ କରୁଛି, ସେମାନେ ହେଉଛନ୍ତି ରବୀନ୍ଦ୍ରନାଥ, ତା'ପରେ ରହିଛନ୍ତି ଏକ ଶକ୍ତିମାନ୍ ମହାପୁରୁଷ ଓ ଶକ୍ତିମୟୀ ମା । ଏମାନେ ହିଁ ତୋର ଗନ୍ତବ୍ୟସ୍ଥଳ । ମୋର ଦୀକ୍ଷା ତୋ ପାଇଁ ନୁହେଁ ।''

ନିଶିକାନ୍ତ ଏକେବାରେ ମୌନ ହୋଇଗଲେ । ତୁଣ୍ଡରୁ କଥା ସ୍ଫୁରିଲା ନାହିଁ । ବେଶ୍ କିଛି କ୍ଷଣ ପରେ ପ୍ରକୃତିସ୍ଥ ହୋଇ

ନୀରବରେ ଭାବିବାକୁ ଲାଗିଲେ, ''ମୁଁ ତ ଭାଇଙ୍କ ସହିତ ରବୀନ୍ଦ୍ରନାଥଙ୍କୁ ଛାଡ଼ି ଚାଲି ଆସିଛି ! ମୋ ପଶ୍ଚାତରେ ସାଧୁବାବା କିପରି ତାଙ୍କୁ ଦେଖିଲେ ? ତା'ହେଲେ କ'ଣ ମୋତେ ତାଙ୍କ ପାଖକୁ ପୁଣି ଫେରି ଯିବାକୁ ପଡ଼ିବ ? ପୁନଶ୍ଚ ମୋ ପଶ୍ଚାତରେ ସେହି ଶକ୍ତିମାନ୍ ପୁରୁଷ ଓ ଶକ୍ତିମୟୀ ମା କିଏ ?''... ଏସବୁ କଥା ନେଇ ସେ ସାଧୁବାବାଙ୍କୁ କିଛି ପଚାରିବାକୁ ଆଦୌ ସାହସ କରି ପାରିଲେ ନାହିଁ । ତେଣୁ ଶାନ୍ତ ଓ ନୀରବ ରହିଲେ ।

ସାଧୁବାବା ଜଣେ ଅଧ୍ୟାତ୍ମ ପୁରୁଷ ହେଲେ ବି ଦେଶର ବାସ୍ତବ ପରିସ୍ଥିତି ସମ୍ବନ୍ଧେ ଉଦାସୀନ ନ ଥିଲେ । ତେଣୁ ତାଙ୍କ ସହିତ ପ୍ରାୟତଃ ଦେଶପ୍ରେମୀମାନେ, ସ୍ୱଦେଶୀମାନେ ସାକ୍ଷାତ୍ କରିବାକୁ ଆସୁଥିଲେ; ତାଙ୍କର ପରାମର୍ଶ ଲୋଡୁଥିଲେ । ସେତେବେଳେ ସାରା ଦେଶ ଗାନ୍ଧିଜିଙ୍କ ଆଦର୍ଶରେ ତୀବ୍ର ଉଦ୍‌ବୁଦ୍ଧ । ଅସହଯୋଗ ଆନ୍ଦୋଳନ ପୂରା ଦମ୍‌ରେ ଚାଲିଛି । ସ୍ୱଦେଶୀମାନଙ୍କ ସହିତ ସାଧୁବାବାଙ୍କର କଥୋପକଥନ ଚାଲୁଥିବା ବେଳେ ନିଶିକାନ୍ତ ନୀରବରେ ବସି ସବୁକଥା ମନ ଦେଇ ଶୁଣୁଥିଲେ । ଅବଶ୍ୟ ସାଧୁବାବା ଏ ସମ୍ବନ୍ଧେ ସଚେତନ ଥିଲେ । ନିଶିକାନ୍ତଙ୍କର ମନେ ହେଉଥିଲା ଯେପରି କେବଳ ତାଙ୍କୁ ହିଁ ସ୍ପଷ୍ଟ ରୂପେ ବୁଝାଇବା ସକାଶେ ସାଧୁବାବା ବେଶୀ କରି ବୁଝାଉଛନ୍ତି ।... ଦିନେ ଆଲୋଚନାରେ ସାଧୁବାବା ଦେଶର ଅନେକ ନେତୃସ୍ଥାନୀୟ ଦେଶପ୍ରେମୀଙ୍କ ନାମ ଉଚ୍ଚାରଣ କରି ଶେଷକୁ ଅରବିନ୍ଦ ଘୋଷଙ୍କ ନାମ କହିଲେ । ଯଦିଓ ସେତେବେଳେ ଅରବିନ୍ଦ ଘୋଷ ସକ୍ରିୟ ରାଜନୀତିରୁ ଓହରି ଯାଇଥା'ନ୍ତି, ତଥାପି ସାଧୁବାବା ବାର ବାର ପ୍ରସଙ୍ଗ କ୍ରମେ ତାଙ୍କରି ନାମ ଉଚ୍ଚାରଣ କରୁଥିଲେ । ବେଶ୍ ଜୋର୍ ଦେଇ ତାଙ୍କ ସମ୍ବନ୍ଧେ କହୁଥିଲେ । ପ୍ରତି ଥର ସାଧୁବାବାଙ୍କ ମୁଖରୁ ସେହି ନାମ ଉଚ୍ଚାରଣ ହେବା ମାତ୍ରେ ନିଶିକାନ୍ତ ସେହି ନାମଟିରେ ଚୁମ୍ବକୀୟ ଆକର୍ଷଣ ଅନୁଭବ କରୁଥିଲେ । ଦିନତମାମ ଆଶ୍ରମର କ୍ରିୟାକଳାପ ଭିତରେ, ଶୟନ-ସପନରେ 'ଅରବିନ୍ଦ ଘୋଷ' ନାମଟି ଅହରହ ତାଙ୍କ ଅନ୍ତରର ମର୍ମସ୍ଥଳରେ ଅନୁରଣିତ ହେଉଥିଲା । ଅବଶ୍ୟ ସାଧୁବାବାଙ୍କ ଆଲୋଚନାରୁ ଅରବିନ୍ଦ ଘୋଷଙ୍କ ସମ୍ବନ୍ଧେ ସେ ବିଶେଷ କିଛି ବୁଝିପାରୁ ନଥିଲେ, କିନ୍ତୁ ସେହି ନାମଟି ହିଁ ଯଥେଷ୍ଟ । ତାଙ୍କ ସମ୍ବନ୍ଧେ ବିଶେଷ କିଛି ବି ଜାଣି ନଥିଲେ, ଅବଶ୍ୟ ଛୋଟ ଥିବା ବେଳେ ବାବା ଓ ଭାଇଙ୍କର ଆଲୋଚନାରୁ ତାଙ୍କ ନାମଟି କେବଳ ଶୁଣିଥିଲେ । କିନ୍ତୁ ଏବେ ! ଏବେ କିନ୍ତୁ ସେହି ନାମଟି ତାଙ୍କ ଭିତରର ମର୍ମସ୍ଥଳକୁ ଏତେ ଆଲୋଡ଼ିତ କରୁଛି କାହିଁକି ?... ଦିନେ ଏକାନ୍ତରେ ସାଧୁବାବାଙ୍କୁ ସେ ସବିନୟରେ ପଚାରିଲେ, ''ବାବା, ମୋ ପଶ୍ଚାତରେ ଆପଣ ଯେଉଁ ଶକ୍ତିମାନ୍ ମହାପୁରୁଷଙ୍କୁ ଦେଖିଥିଲେ, ସିଏ କ'ଣ ଅରବିନ୍ଦ ଘୋଷ ?''

କିୟତ୍ କ୍ଷଣ ଶାନ୍ତ ସମାହିତ ସାଧୁବାବା ସ୍ଥିର ଦୃଷ୍ଟିରେ ଅନାଇ ସ୍ମିତହାସ୍ୟରେ କହିଲେ, ''ହଁ । ଆମେ ସାଧୁ-ସନ୍ନ୍ୟାସୀମାନେ ମନୁଷ୍ୟର ଭୂତ-ଭବିଷ୍ୟତ୍ ଅନେକ କିଛି ଜାଣିପାରୁ । କିନ୍ତୁ ସେସବୁକୁ ସବୁ ସମୟରେ ସମସ୍ତଙ୍କ କ୍ଷେତ୍ରରେ କୁହାଯାଏ ନାହିଁ । ଆଜି ତୋତେ ସ୍ପଷ୍ଟ କରି କହୁଛି, ଅରବିନ୍ଦ ଘୋଷ ହିଁ ତୋ ଜୀବନର ଅବଲମ୍ବନ, ତୋର ଗନ୍ତବ୍ୟସ୍ଥଳ । ଆଜି ମୁଁ ତୋତେ ଯାହା କହୁଛି, ଏସବୁ କିଛିଦିନ ପରେ ତୁ ସ୍ୱାଭାବିକ ରୂପେ ଭୁଲିଯିବୁ । ପୁନଶ୍ଚ ଯଥାର୍ଥ ମୁହୂର୍ତ୍ତରେ ତୋର ଅଳ୍ପ ଅଳ୍ପ କରି ସ୍ମରଣରେ ଆସିବ । ବିପାକରେ ପଡ଼ି ତୁ ଠିକ୍ ପଥ ଚିହ୍ନି ନେବୁ । ତୋତେ ଭବିଷ୍ୟତ୍ ସମ୍ପର୍କରେ ଇଙ୍ଗିତ ଦେବା ସକାଶେ ହିଁ ତୋ ସମ୍ମୁଖରେ ଅରବିନ୍ଦ ଘୋଷଙ୍କର ନାମ ବାର ବାର ଜୋର୍ ଦେଇ କଥାଛଳରେ ଉତ୍‌ଥାପନ କରିଥିଲି, ଯଦ୍ୱାରା ତୁ ହୃଦୟଙ୍ଗମ କରି ପାରିବୁ । ଏବେ ଦେଖୁଛି ତୁ ଠିକ୍ ଧରିଛୁ । ଏଥିରେ ମୁଁ ବେଶ୍ ଖୁସୀ ।''

ଏହାପରେ ନିଶିକାନ୍ତ ଗୁରୁଙ୍କର ସାନ୍ନିଧ୍ୟରେ ଆଉ ବେଶୀ ଦିନ ରହିପାରି ନାହାନ୍ତି । ଗୁରୁ ହିମାଳୟ ଯାତ୍ରାରେ ବାହାରିବା ବେଳେ ନିଶିକାନ୍ତ ବାର ବାର ଅନୁରୋଧ କରିଥିଲେ ତାଙ୍କୁ ସଙ୍ଗରେ ନେବାକୁ । କିନ୍ତୁ ସାଧୁବାବା ବାରଣ କଲେ ।... ନିଶିକାନ୍ତ ଆଶ୍ରମରୁ ଚାଲି ଆସିଛନ୍ତି । ଆଶ୍ରମ ଛାଡ଼ି ଶୂନ୍ୟ ହୃଦୟରେ ବହୁ ପଥ ଘୂରି ଘୂରି ପଥଶ୍ରାନ୍ତ ହୋଇ ଏକ ରେଳ ଷ୍ଟେସନର ବେଞ୍ଚରେ ବସିଥିବା ବେଳେ ତାଙ୍କ ଭାଇଙ୍କର ଜଣୈକ ବନ୍ଧୁଙ୍କ ହାବୁଡ଼ରେ ପଡ଼ି ପୁଣି ଘରେ ଆସି ହାଜିର ହୋଇଛନ୍ତି ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

୧. ଡାଲିୟା ସରକାର : କବି ନିଶିକାନ୍ତ; ୨. ସୁଭାଷ ଘୋଷାଲ : ନିଶିକାନ୍ତ

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୬)

**ଗୟାଧର ଦାଶ**

### ଜନ୍ମ ପୂର୍ବବର୍ତ୍ତୀ ଶିକ୍ଷା

ବିବାହ ଏକ ପବିତ୍ର ସାମାଜିକ ବନ୍ଧନ । ଏହା ଶାସ୍ତ୍ର ସମ୍ମତ । ସମାଜରେ ଶୃଙ୍ଖଳା ପ୍ରତିଷ୍ଠା ଦିଗରେ ବିବାହ ଏକ ଉତ୍କୃଷ୍ଟ ପନ୍ଥା । ସାମାଜିକ ନୀତି, ନିୟମ, ବଂଶ ପରମ୍ପରା, ସଂସ୍କାର, କୌଳିକ ବୃତ୍ତି ତଥା ମନୁଷ୍ୟଜାତିର କ୍ରମାନୁଗତିକ ଧାରାକୁ ବଞ୍ଚାଇ ରଖିବା ସକାଶେ ଶାସ୍ତ୍ର ପୁରୁଷ ଓ ନାରୀକୁ ବିବାହ ବନ୍ଧନରେ ଯୋଡ଼ି ଦେଇଛି । ମାନବଜାତିର ଗୌରବମୟ ପରମ୍ପରାକୁ ରକ୍ଷା କରିବା ପାଇଁ ଏହା ଉଦ୍ଦିଷ୍ଟ । ସାମାଜିକ ଧାରା, ପ୍ରଜନନ ପ୍ରକ୍ରିୟା ବା ବଂଶ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ବିବାହ ଯେ ଏକମାତ୍ର ପନ୍ଥା ଏହା କହିବା ଠିକ୍ ନୁହେଁ । ଏ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କ ଉକ୍ତିର ମର୍ମାର୍ଥ ଏହିପରି : – ଏକ ଆତ୍ମା, ଜନ୍ମ-ମୃତ୍ୟୁ ବା ଯୌନ ପ୍ରକ୍ରିୟା ଭିତର ଦେଇ କୌଣସି ଏକ ଦେହ ବା ରୂପ ମଧ୍ୟରେ ପ୍ରବେଶ ନ କରି ମଧ୍ୟ ପ୍ରତ୍ୟକ୍ଷ ଭାବରେ ଏକ ରୂପ ନେଇପାରେ । ବୈଦିକ ଋଷିମାନେ ନିଜର ସଂକଳ୍ପ ଦ୍ୱାରା ଏକ ମହାନ୍ ଆତ୍ମାକୁ ପ୍ରତ୍ୟକ୍ଷ ଭାବରେ ଏକ ରୂପ ମାଧ୍ୟମରେ ପ୍ରକାଶ କରିବାରେ ସମର୍ଥ ହେଉଥିଲେ । ଭୌତିକ ଜୀବନ ପାଇଁ ବିବାହର ଅର୍ଥ କେତେକ ପରିମାଣରେ ଦୁଃଖକଷ୍ଟ, ଗୁରୁଦାୟିତ୍ୱ ବହନ କରିବା ଏବଂ ଏହା ଏକ ବନ୍ଧନ ସଦୃଶ; କିନ୍ତୁ ଯିଏ ଆଧ୍ୟାତ୍ମିକ ପଥରେ ଏକମୁଖୀ ହୋଇ ଚାଲିବାକୁ ଚାହେଁ ତା' ପାଇଁ ଏହା ଏକ ବିରାଟ ପ୍ରତିବନ୍ଧକ ସଦୃଶ । ଯଦି ଯୌନ ପ୍ରବୃତ୍ତିକୁ ଜୟ କରିବା ଅସମ୍ଭବ ହୋଇଥାଏ ତେବେ ଏକ ସୀମିତ ଓ ନିୟନ୍ତ୍ରିତ ସନ୍ତୋଷ ପ୍ରଦାନ କରିବା ହିଁ ବିବାହର ଏକମାତ୍ର ଓ ପ୍ରକୃତ ଉଦ୍ଦେଶ୍ୟ ହୋଇ ରହିବ ।

ଯେପର୍ଯ୍ୟନ୍ତ ଭବିଷ୍ୟତର ସନ୍ତାନ ଜନ୍ମର ନୂତନ ପ୍ରକ୍ରିୟାଟି ସମ୍ଭବ ନ ହୋଇଛି ଏବଂ ଏହା ଏକ ସାଧାରଣ ନିୟମରେ ପରିଣତ ନ ହୋଇଛି ଯାହା ଅତିମାନବ ପକ୍ଷେ ସମ୍ଭବ, ସେପର୍ଯ୍ୟନ୍ତ ବର୍ତ୍ତମାନର ଯୌନ ସମ୍ପର୍କଗତ ପ୍ରକ୍ରିୟା ଦ୍ୱାରା ସନ୍ତାନମାନେ ଜନ୍ମ ହେବେ ଏବଂ ସେମାନଙ୍କର ପ୍ରତିପାଳନ ଲାଗି ପ୍ରାଥମିକ ଶିକ୍ଷାଲାଭ ନିମନ୍ତେ ପାରିବାରିକ ଜୀବନ ଓ ପରିବେଶ ଅନୁକୂଳ ହୋଇଥାଏ । ଏହାର ବିକଳ୍ପ ବ୍ୟବସ୍ଥା ରୂପେ ପିଲାମାନଙ୍କ ଲାଗି ଦେଶ ବା ରାଜ୍ୟ ଦ୍ୱାରା ପରିଚାଳିତ ଶିଶୁପାଳନ କେନ୍ଦ୍ରମାନ ଯୋଗାଇ ଦିଆଯାଇ ପାରିବ ଯାହା ପାଶ୍ଚାତ୍ୟର ଅନେକ ଦେଶମାନଙ୍କରେ କରାଯାଇଛି; କିନ୍ତୁ ସେଠାରେ ମାତାପିତାଙ୍କର କୋମଳତାପୂର୍ଣ୍ଣ ସ୍ନେହ, ଆଦର ତଥା ଯତ୍ନ ମିଳି ନ ପାରେ ଯାହା ଶିଶୁମାନଙ୍କର ଅଭିବୃଦ୍ଧି ସକାଶେ ନିତାନ୍ତ ଭାବେ ଉପଯୋଗୀ । ପରିବାରର ଅନ୍ତରଙ୍ଗ ପରିବେଶ ମଧ୍ୟରେ ଶିଶୁର ଆବଶ୍ୟକତାଗୁଡ଼ିକୁ ପୂରଣ କରିବାରେ ମାତାପିତା ବିଶେଷ ଭାବେ ଯତ୍ନଶୀଳ ହୋଇ ଥାଆନ୍ତି । ତେଣୁ ଭବିଷ୍ୟତର ସନ୍ତାନ ଜନ୍ମର ନୂତନ ପ୍ରଣାଳୀଟି ସମ୍ଭବ ହେବା ପର୍ଯ୍ୟନ୍ତ ପରିବାର ଏକ ଅତ୍ୟାବଶ୍ୟକୀୟ ଅଂଶ ହୋଇ ରହିବ । ଏପରି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମା କହିଥିଲେ ଯେ ଏ କ୍ଷେତ୍ରରେ ଶିଶୁର ପ୍ରତିପାଳନ ଲାଗି ପରିବାର ଓ ବିକଳ୍ପ ବ୍ୟବସ୍ଥା ଏହି ଦୁଇଟିକୁ ସମାନ ଭାବେ ଗୁରୁତ୍ୱ ଦେବାକୁ ହେବ । ଏପରି ଅନେକ ଦୃଷ୍ଟାନ୍ତ ରହିଛି ଯେଉଁଠି କି ମାଆବାପାଠାରୁ ଅଲଗା ହୋଇ ଅନ୍ୟ କେଉଁଠି ରହିବା ଦ୍ୱାରା ପିଲାର ପରମ ହିତ ସାଧିତ ହୋଇଛି । ତେଣୁ ନିୟମ ଯଥାସମ୍ଭବ କମ୍ ହେବ ଏବଂ ସ୍ୱାଧୀନତା ଯଥାସମ୍ଭବ ଅଧିକ ରହିବ । ଅଭିବ୍ୟକ୍ତି ଲାଗି ସମସ୍ତ ସମ୍ଭାବନାର ସମାନ ସୁଯୋଗ ରହିବ । ତେବେ ଯାଇ ମଣିଷ ସମାଜର ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିବ । ଅବଶ୍ୟ ଏକଥା ସତ ଯେ ବହୁକ୍ଷେତ୍ରରେ ମାତାପିତାମାନେ ନିଜର ପିଲାଟି ଅନ୍ୟ କେଉଁଠାରେ ରହୁ ତାହା ସେମାନେ ଚାହାନ୍ତି ନାହିଁ । ଶିଶୁର ବିକାଶ ପାଇଁ ପରିବାର ଯେ ଏକ ସୁସ୍ଥ ଓ ନିରାପଦ ପରିବେଶ ତାହା ଅନସ୍ୱୀକାର୍ଯ୍ୟ ।

ପରିବାର ଗଠନ ପାଇଁ ପୁରୁଷ ଓ ନାରୀର ଆବଶ୍ୟକତା ରହିଛି । ଯୁବକ-ଯୁବତୀମାନେ କାହିଁକି ବିବାହ କରିବେ ତାହା ସେମାନେ ପୂର୍ବରୁ ଜାଣିବା ଆବଶ୍ୟକ । ଯେଉଁମାନେ ଉଚ୍ଚତର ଚେତନାରେ ବାସ କରନ୍ତି ସେମାନେ ବିବାହ କରି ମଧ୍ୟ ପାରସ୍ପରିକ ବୁଝାମଣା ଓ ସହମତି ରଖି ଯୌନ ପ୍ରକ୍ରିୟାକୁ ଏଡ଼ାଇ ଦେଇଥା'ନ୍ତି ଏବଂ ଏହା ସମ୍ଭବ ହୋଇଥାଏ ଉଚ୍ଚତର

ଅଭୀପ୍‌ସା ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା । ଯେଉଁମାନଙ୍କଠାରେ ସାଂସାରିକ ସୁଖଭୋଗର ଲାଳସା ବଳବତ୍ତର ଥାଏ କିଂବା ସେ ପ୍ରକାର ଅଭିଜ୍ଞତା ହାସଲ କରିବା ପାଇଁ ତା'ର ଚୈତ୍ୟାତ୍ମା ଚାହୁଁଥାଏ, ସେମାନେ ବିବାହ କରି ପ୍ରଜନନ ପ୍ରକ୍ରିୟା ବା ବଂଶ ପରମ୍ପରା ତଥା ମାନବଜାତିର କ୍ରମାନୁଗତିକ ଧାରାକୁ ବଞ୍ଚାଇ ରଖନ୍ତି; କିନ୍ତୁ ବିବାହିତ ଦମ୍ପତି ଜାଣିବା ଦରକାର ଯେ ନିଜର ଯୌନ ପିପାସାକୁ ଚରିତାର୍ଥ କରିବା ପାଇଁ ପଶୁ ପରି କାମାସକ୍ତ ହୋଇ ସନ୍ତାନ ପରେ ସନ୍ତାନ ଜନ୍ମ କରିବା ଏବଂ ସେମାନଙ୍କର ଯତ୍ନ ନ ନେଇ ଅଣଦେଖା କରିବା କେବେ ବି ମାନବୋଚିତ କର୍ମ ନୁହେଁ । ଆମର ଲକ୍ଷ୍ୟ ହେଉଛି ମାନବରୁ ଅତିମାନବ ହେବା ଏବଂ ଏକ ଅତିମାନବ ଜାତିର ପ୍ରତିଷ୍ଠା କ୍ଷେତ୍ରରେ ମାତାପିତାଙ୍କର ଗୁରୁ ଦାୟିତ୍ୱ ରହିଛି । ପୁରୁଷ ଓ ନାରୀର ମିଳନର ଉଦ୍ଦେଶ୍ୟ ହେଉଛି ଆତ୍ମାର ପରିପୂର୍ଣ୍ଣତା ଏବଂ ପ୍ରକୃତି ଯେପର୍ଯ୍ୟନ୍ତ ସନ୍ତାନ ଜନ୍ମର ନୂତନ ପ୍ରକ୍ରିୟାଟିକୁ ସାଧାରଣ ରୀତିରେ ପରିଣତ ନ କରିଛି ସେପର୍ଯ୍ୟନ୍ତ ମାନବଜାତିର କ୍ରମାନୁକ୍ରମିକ ଧାରାକୁ ବଞ୍ଚାଇ ରଖିବା ପାଇଁ ପ୍ରକୃତିକୁ ସାହାଯ୍ୟ କରିବା । ପ୍ରକୃତି ଏପରି ଏକ ଅତିମାନବ ଜାତି ପାଇଁ ଆସ୍ପୃହା କରି ଚାଲିଛି ଯେଉଁ ଜାତି ଏକ ସୁସଂହତି, ଶାନ୍ତି, ପ୍ରଗତି, ସମନ୍ୱୟ ଓ ପ୍ରାଚୁର୍ଯ୍ୟର ଯୁଗ ନେଇ ଆସି ପାରିବ । ବିବର୍ତ୍ତନ ଧାରା ଏପରି ଏକ ପରିବର୍ତ୍ତନ ପାଇଁ ସର୍ବଦା ଚାପ ପକାଉ ଅଛି ଏବଂ ମଣିଷର ସହଯୋଗ ଆବଶ୍ୟକ କରୁଛି । ଯଦି ଏହି ପରିବର୍ତ୍ତନକୁ ମନୁଷ୍ୟ ପ୍ରତ୍ୟାଖ୍ୟାନ କରେ ତେବେ ସେ ଏକ ସଂକଟମୟ ପରିସ୍ଥିତିର ଚାପରେ ପଡ଼ି ଏହାକୁ ମାନିବାକୁ ବାଧ୍ୟ ହେବ । ତେଣୁ ମଣିଷର ସହଯୋଗରେ ରହିଛି ତା'ର ମୁକ୍ତି ଏବଂ ତା'ର ସହଯୋଗରେ ଏକ ସୁନ୍ଦର ଭବିଷ୍ୟତର ସ୍ୱପ୍ନଟି ବାସ୍ତବତାରେ ପରିଣତ ହୋଇ ପାରିବ ।

ବିବାହିତ ଦମ୍ପତିଙ୍କର ଗୁରୁଦାୟିତ୍ୱ ହେଉଛି ଯେ ପୃଥିବୀପୃଷ୍ଠକୁ ଏକ ଉଦାର ଓ ଉଚ୍ଚତର ମହାନ୍ ସତ୍ତାକୁ ଉତାରି ଆଣିବା, ଯିଏ ପୃଥିବୀର ବର୍ତ୍ତମାନ ପରିସ୍ଥିତିକୁ ତା'ର ଦିବ୍ୟଗୁଣଧର୍ମ ଦ୍ୱାରା ପରିବର୍ତ୍ତନ କରିବାରେ ସାହାଯ୍ୟ କରିପାରିବ; ମାନବଜାତିର ଭବିଷ୍ୟତକୁ ରୂପାୟିତ କରିବା ସହିତ ସମଗ୍ର ମାନବସମାଜର ମଙ୍ଗଳ କରିପାରିବ । ଏକ ଲକ୍ଷ୍ୟହୀନ ସତ୍ତାକୁ ଜନ୍ମ ଦେବା ଦ୍ୱାରା ସମାଜର କୌଣସି କଲ୍ୟାଣ ସାଧିତ ହୋଇ ପାରେନା ।

ଶ୍ରୀମା କହନ୍ତି, ''ମଣିଷର ଶରୀରଟି ଗୋଟିଏ ପୁରୁଷ ଓ ଗୋଟିଏ ନାରୀ ଦ୍ୱାରା ତିଆରି ହୁଏ, ଯେଉଁମାନେ କି ତା'ର ମାତାପିତା ହୁଅନ୍ତି । ଯେଉଁ ସତ୍ତାଟିକୁ ସେମାନେ ପୃଥିବୀପୃଷ୍ଠକୁ ଆଣିବାକୁ ଚାହୁଁଛନ୍ତି, ସିଏ ପ୍ରକୃତରେ ଆସିବାକୁ ଇଚ୍ଛା କରୁଛି କି ନାହିଁ, ତା'ର ନିୟତି ନିର୍ଦ୍ଦିଷ୍ଟ ଗତିପଥଟି ଅନୁସାରେ ଏପରି ଘଟିବାକୁ ଯାଉଛି କି ନାହିଁ, ସେକଥା ତାକୁ ପଚାରିବାକୁ ସେମାନଙ୍କ ମଧ୍ୟରେ ଆବଶ୍ୟକ ଉପାୟ ନଥିଲେ ସେମାନେ ତିଆରି କରିଥିବା ଏହି ଶରୀରଟି ଉପରେ ହିଁ ସେମାନଙ୍କର ବଂଶଗତ ସଂସ୍କାରଟିକୁ ଜୋର୍ ଜବରଦସ୍ତ ଲଦି ଦିଅନ୍ତି । ପ୍ରାୟ ଏକ ଅନିବାର୍ଯ୍ୟ ପ୍ରୟୋଜନର ଜବରଦସ୍ତି ଦ୍ୱାରା ସେମାନେ ତା ଉପରେ ଏକ ପରିବେଶକୁ ଏବଂ ତା'ପରେ ଏକ ଶିକ୍ଷାକୁ ନେଇ ଲଦି ଦିଅନ୍ତି ଏବଂ ତାହା ପ୍ରାୟ ସବୁକ୍ଷେତ୍ରରେ ଶିଶୁର ଅଭିବୃଦ୍ଧିରେ ବାଧା ସୃଷ୍ଟି କରେ ।... ଏ କ୍ଷେତ୍ରରେ ଯେଉଁ ଆତ୍ମାଟି ଅବତରଣ କରିଥାଏ, ବିକାଶ ପଥରେ ସେହି ଆତ୍ମାଟି ଗତି କରୁଥାଉ ବା ପୂର୍ଣ୍ଣଭାବେ ବିକାଶଲାଭ କରିଥାଉ, ଏହି ପାଶବିକ ଜନ୍ମର ଘଟଣାଟି ଦ୍ୱାରା ତା' ଉପରେ ଲଦି ଦିଆଯାଇଥିବା ପରିବେଶଟି ବିରୁଦ୍ଧରେ ତାକୁ ସଂଗ୍ରାମ କରିବାକୁ ପଡ଼ିଥାଏ । ଯଥାର୍ଥ ପଥଟି ଖୋଜି ପାଇବା ଲାଗି ଏବଂ ପୂର୍ଣ୍ଣ ଭାବରେ ଆତ୍ମସତ୍ତାଟିକୁ ପୁନର୍ବାର ଆବିଷ୍କାର କରିବା ଲାଗି ତାକୁ ସଂଗ୍ରାମ କରିବାକୁ ପଡ଼ିଥାଏ ।''

(CWM, Vol. 8, pp. 199 - 200)

ତେଣୁ କୌଣସି ଆତ୍ମାକୁ ବାଧ୍ୟ କରି ସଂସାରକୁ ଆଣିବା ଅନୁଚିତ । ଏପରି ଜ୍ଞାନ ଦମ୍ପତିଙ୍କର ରହିବା ଆବଶ୍ୟକ । ବିଶେଷତଃ ଏଥିପ୍ରତି ପୂର୍ଣ୍ଣମାତ୍ରାରେ ସତର୍କ ରହିବା ଉଚିତ ଯେ ସ୍ୱାମୀ ଓ ସ୍ତ୍ରୀର ଅସଚେତନ ପଶୁପ୍ରବୃତ୍ତି ଦ୍ୱାରା ପଶୁଟିଏ ସନ୍ତାନ ରୂପେ ଜନ୍ମଲାଭ ନକରୁ । ଯେତେବେଳେ ମଣିଷ ସାହସର ସହିତ ଘୋଷଣା କରିବ ଯେ ତା'ର ଯେଉଁ ବିଚାରଶକ୍ତି ପାଇଁ ସେ ଅଯଥାରେ ଗର୍ବ କରୁଛି ଏବଂ ଯାହାକିଛି ସେ ଆଜି ପର୍ଯ୍ୟନ୍ତ ଉନ୍ନତି କରି ଆସିଛି ସେସବୁ ଆଉ ତା' ପାଇଁ ଯଥେଷ୍ଟ ନୁହେଁ, ସେତେବେଳେ ମଣିଷର ଅତିମାନବ ସ୍ତରକୁ ଯିବା ପାଇଁ ପଥ ଖୋଲିଯିବ । ଏହାପରେ ନିଜକୁ ଖୋଲି ଧରିବା, ଆବିଷ୍କାର କରିବା ଏବଂ ନିଜ ଭିତରେ ଥିବା ମହାନ୍ ଶକ୍ତିକୁ ମୁକ୍ତ କରି ଆଣିବା ତା' ପାଇଁ ବଡ଼ କାର୍ଯ୍ୟ ହେବ । ଆମର ସର୍ବୋତ୍ତମ ଅଭୀପ୍‌ସା ହିଁ ସେପରି ଏକ ମହାନ୍ ଆତ୍ମାକୁ ଏହି ପୃଥିବୀପୃଷ୍ଠକୁ ଉତାରି ଆଣିପାରିବ । ବିଶେଷତଃ ନାରୀମାନଙ୍କର ଅଭୀପ୍‌ସା ହିଁ ଅତିମାନବକୁ ଜନ୍ମ ଦେବ ।

**ଉତ୍ତମ ସନ୍ତାନ ନିମନ୍ତେ ମାତାପିତାଙ୍କର ପ୍ରାର୍ଥନା ଅବଶ୍ୟମ୍ଭାବୀ :**

ସ୍ୱାମୀ ବିବେକାନନ୍ଦ କହନ୍ତି ଯେ ତାଙ୍କର ଜନ୍ମ ସକାଶେ ତାଙ୍କର ମାତାପିତା ବର୍ଷ ବର୍ଷ ଧରି ଉପବାସ ଓ ଉପାସନା କରିଥିଲେ । ସନ୍ଥ ତୁଳସୀ ଦାସ, ଏକନାଥ, ନାମଦେବଙ୍କର ଜନ୍ମ ମଧ ସେମାନଙ୍କ ମାତାପିତାଙ୍କର ପ୍ରାର୍ଥନା ଦ୍ୱାରା ସମ୍ଭବ ହୋଇ ପାରିଛି । ମନୁଙ୍କ ମତରେ ଯେଉଁ ସନ୍ତାନ ବିନା ପ୍ରାର୍ଥନାରେ ଜନ୍ମ ଗ୍ରହଣ କରେ ସେ ଅବୈଧ ଏବଂ ସେପରି ସନ୍ତାନ ଦ୍ୱାରା ସମାଜର ବିଶେଷ ହିତସାଧନ ହୋଇ ପାରେନା । ତେଣୁ ସନ୍ତାନ ପାଇଁ ଉଭୟ ମାତାପିତା ପ୍ରାର୍ଥନା କରିବା ଉଚିତ । ମାତାପିତାଙ୍କର ଅସଚେତନତା ଯୋଗୁଁ ଅନେକ ଅଭିଶାପଗ୍ରସ୍ତ ସତ୍ତା ଜନ୍ମ ନେବା ଦ୍ୱାରା ସମାଜର ଅମଙ୍ଗଳ ହୋଇଥାଏ । ମାତାପିତାଙ୍କର ଯଦି ଗୁହ୍ୟଜ୍ଞାନ ଥାଏ ତେବେ ସେମାନେ ପ୍ରାର୍ଥନା ଦ୍ୱାରା ଯେକୌଣସି ସତ୍ତାକୁ ପୃଥିବୀପୃଷ୍ଠକୁ ଉତାରି ଆଣିପାରିବେ । ସୁତରାଂ ପତି ଓ ପତ୍ନୀଙ୍କର ଆବାହନ ଓ ପ୍ରାର୍ଥନାର ପ୍ରତ୍ୟୁତ୍ତର ସ୍ୱରୂପ ଉଚ୍ଚତର ଶକ୍ତି କ୍ରିୟା କରେ ଏବଂ ସେମାନଙ୍କର ମନକୁ ପବିତ୍ର କରେ । ଏଥିପାଇଁ ପତି ଓ ପତ୍ନୀ ମଧରେ ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିବା ଆବଶ୍ୟକ । ଭାବର ଆଦାନପ୍ରଦାନରେ ସମନ୍ୱୟ ତଥା ମାଧୁର୍ଯ୍ୟ ରହିବା ଏକାନ୍ତ ଆବଶ୍ୟକ । ସେମାନଙ୍କର ହୃଦୟ ଜଳ ପରି ଶାନ୍ତ ଓ ଶୀତଳ ରହିବା ସହିତ ପରସ୍ପର ପରସ୍ପରର ପରିପୂରକ ହେବା ଏବଂ ସମାଜରେ ଧର୍ମକୁ ବଞ୍ଚାଇ ରଖିବା ସକାଶେ ନିଜକୁ ଉତ୍ସର୍ଗ କରିବାର ଦୃଢ଼ ଇଚ୍ଛାଶକ୍ତି ରହିବା ଆବଶ୍ୟକ ।

ପୁରୁଷର ନାରୀ ପ୍ରତି ଥିବା ନିକୃଷ୍ଟ ମନୋଭାବ ମଧ ବଦଳିବା ଦରକାର । ସ୍ତ୍ରୀ ଏକ ଭୋଗ୍ୟବସ୍ତୁ ନୁହେଁ ଯିଏକି ସ୍ୱାମୀର ସବୁପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରିବ ଏବଂ ପିଲାଜନ୍ମ କରି ତା'ର ଲାଳନପାଳନ କରୁଥିବ । ଏହା ନାରୀଜାତି ପ୍ରତି ଅସମ୍ମାନ ଏବଂ ଅମର୍ଯ୍ୟାଦାପୂର୍ଣ୍ଣ ମାନସିକତା । ପ୍ରଥମେ ଜାଣି ରଖିବାକୁ ହେବ ଯେ ପରସ୍ପରର ସହଯୋଗ, ଶ୍ରଦ୍ଧା, ପ୍ରୀତିପୂର୍ଣ୍ଣ ବ୍ୟବହାର, ପ୍ରାର୍ଥନା ଓ ଆସ୍ପୃହା ଦ୍ୱାରା ଏକ ସୁସଂଗତ, ପ୍ରେମ ଓ ବନ୍ଧୁତାପୂର୍ଣ୍ଣ ଜୀବନଯାପନ କରିବା ଉଚିତ ଯାହା ଗର୍ଭଧାରଣ ପୂର୍ବରୁ ଏକ ଶାନ୍ତି ଓ ଆନନ୍ଦର ବାତାବରଣ ସୃଷ୍ଟି କରିପାରିବ । ପୁରୁଷର ପ୍ରଧାନ କର୍ତ୍ତବ୍ୟ ହେଲା ନାରୀଠାରେ ଆତ୍ମବିଶ୍ୱାସ ଜାତ କରାଇବା ଏବଂ ତା'ଠାରେ ଥିବା ଦୁର୍ବଳ ମନୋଭାବ, ଭୟ, କୁସଂସ୍କାର, ସଂକୀର୍ଣ୍ଣତା, ଅଜ୍ଞାନତାକୁ ଦୂର କରାଇବାରେ ପ୍ରୟାସ କରିବା । ଏଥିପାଇଁ ଅସୀମ ଧୈର୍ଯ୍ୟ ଓ ଆତ୍ମସଂଯମ ସହ ପରମ ପ୍ରଭୁଙ୍କଠାରେ ଗଭୀର ବିଶ୍ୱାସ ରହିବା ଆବଶ୍ୟକ । ତେଣୁ ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗର୍ଭଧାରଣ ପ୍ରସ୍ତୁତିର ସମୟଟି ପ୍ରାର୍ଥନା ଓ ଆସ୍ପୃହାରୁ ଆରମ୍ଭ ହେବା ବାଞ୍ଛନୀୟ ।

(କ୍ରମଶଃ) ❑

**ଓମ୍ - ନମୋ - ଭଗବତେ**

ବାକ୍ ହେଲା ଚୈତ୍ୟୋପଲବ୍ଧ ସତ୍ୟର ଅଭିବ୍ୟକ୍ତିମୂଳକ ଏକ ଧ୍ୱନି । ସ୍ଥୂଳୋତ୍ତର ସ୍ତରରେ ଯେତେବେଳେ ଏକ ଚୈତ୍ୟୋପଲବ୍ଧ ସତ୍ୟ ଉପଲବ୍ଧ ହେବା କଥା, ସେତେବେଳେ ଜଣେ ତା'ର ଧ୍ୱନିଗତ ଅଭିବ୍ୟକ୍ତିର ପୁନରାବୃତ୍ତି କରି ଏଭଳି ସ୍ପନ୍ଦନ ସୃଜିପାରେ, ଯାହା ସେ ଚୈତ୍ୟୋପଲବ୍ଧ ଜ୍ଞାନର ଉପଲବ୍ଧି ସକାଶେ ମନକୁ ପ୍ରସ୍ତୁତ କରେ । ମନ୍ତ୍ର ଏବଂ ଜପର ତାହା ହିଁ ମୂଳତତ୍ତ୍ୱ । ଜଣେ ଭଗବାନଙ୍କ ନାମ ପୁନଃପୁନଃ ଆବୃତ୍ତି କରିଚାଲେ ଏବଂ ତାହା ଦ୍ୱାରା ଚେତନାରେ ସୃଜିତ ସ୍ପନ୍ଦନ ଭଗବାନଙ୍କ ଉପଲବ୍ଧି ନିମନ୍ତେ ପ୍ରସ୍ତୁତି ଆଣିଦିଏ ।

— ଶ୍ରୀଅରବିନ୍ଦ

# ଆଧ୍ୟାତ୍ମିକତାର ପରିଭାଷା

## (୩)

**କୁମାର ଚନ୍ଦ୍ର ମିଶ୍ର**

ସ୍ଥୂଳ ବାହ୍ୟ ଜୀବନକୁ କେତେକାଂଶରେ ନିୟନ୍ତ୍ରଣ ଓ ଶୃଙ୍ଖଳିତ କରିବା ଲାଗି କେତେକ ନୀତି, ନିୟମ ନିର୍ଦ୍ଧାରଣ କରାଯାଇଥାଏ । ଦେଶ, କାଳ, ପାତ୍ର ଅନୁଯାୟୀ ଏସବୁ ନୀତିନିୟମରେ ଭିନ୍ନତା ପରିଲକ୍ଷିତ ହୁଏ । ନୀତିନିୟମ ମଣିଷର ମନ ପ୍ରସୂତ ଧାରା । ଏସବୁ ନୀତିନିୟମକୁ ଅନୁସରଣ କରୁଥିବା ଜୀବନକୁ ନୈତିକ ଜୀବନ (Ethical life) କୁହାଯାଏ ।

କିଛି ଶୁଦ୍ଧ ଆଚରଣ, ସ୍ୱାଧ୍ୟାୟ, ସତ୍‌ସଙ୍ଗ, ଭଜନ, କୀର୍ତ୍ତନ, ପୂଜା, ଆରାଧନା, ଉପାସନା, ଅନୁଶାସନ, କ୍ରିୟା-ପଦ୍ଧତି (rites & rituals), ଉତ୍ସବ-ଅନୁଷ୍ଠାନ (celebrations) ଆଦି ଧାର୍ମିକ ଜୀବନ (Religious life)ର ଅନ୍ତର୍ଭୁକ୍ତ ।

ଅନ୍ତରସ୍ଥ ଦିବ୍ୟସତ୍ତା ସହ ପ୍ରତ୍ୟକ୍ଷ ଭାବେ ତାଦାତ୍ମ୍ୟତା ବା ଏକାତ୍ମତା ପ୍ରତିଷ୍ଠା କରିବା, ତା' ସହ ଏକ ହୋଇ ଯିବା ଓ ତାହାର ନିର୍ଦ୍ଦେଶ ଅନୁଯାୟୀ ଜୀବନଯାପନ କରିବା ହେଲା ଆଧ୍ୟାତ୍ମିକ ଜୀବନ(spiritual life)ର ଭିତ୍ତିଭୂମି ବା ଆଧାରଶିଳା ।

ଧର୍ମଗତ ଶିକ୍ଷାକୁ ଆଧ୍ୟାତ୍ମିକ ଶିକ୍ଷା ବୋଲି କଦାପି ଭ୍ରାନ୍ତ ଧାରଣା କରିବା ନାହିଁ । ଧାର୍ମିକ ଚିନ୍ତାଧାରା ଅତୀତର ଏକ ବିଷୟ ଓ ତାହା ଅନେକ କ୍ଷେତ୍ରରେ ଆଧ୍ୟାତ୍ମିକ ଅଗ୍ରଗତିକୁ ଅଟକାଇ ଦିଏ । ଆଧ୍ୟାତ୍ମିକ ଶିକ୍ଷା ହେଉଛି ଆଗତ ଭବିଷ୍ୟତର ଶିକ୍ଷା । ଏହା ଚେତନାକୁ ଆଲୋକିତ ବା ଜ୍ୟୋତିର୍ମୟ କରେ ଓ ଭବିଷ୍ୟତ୍‌ର ନୂତନ ଉପଲବ୍ଧିଗୁଡ଼ିକ ଲାଗି ପ୍ରସ୍ତୁତ କରେ । ଆଧ୍ୟାତ୍ମିକ ଶିକ୍ଷା ଯାବତୀୟ ଧର୍ମର ବହୁ ଊର୍ଦ୍ଧ୍ୱରେ ଏବଂ ତାହା ଏକ ଜାଗତିକ ସତ୍ୟ ଦିଗରେ ସତତ ଅଗ୍ରଗତି କରୁଥାଏ । ତାହା ମୁଖ୍ୟତଃ ପରମ ଦିବ୍ୟସତ୍ତାଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବା ଲାଗି ଆମକୁ ପ୍ରଶିକ୍ଷିତ କରାଏ ।

'ଶ୍ରୀଅରବିନ୍ଦ ଆଶ୍ରମ'ର ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବୁଧବାର କ୍ଲାସରେ ଜଣେ ସାଧକ ଦିବ୍ୟଜନନୀ ଶ୍ରୀମାଙ୍କୁ ପ୍ରଶ୍ନ କରିଥିଲେ : ''ମଧୁମୟି ମା ! ଯୋଗ ଓ ଧର୍ମ ମଧ୍ୟରେ ପାର୍ଥକ୍ୟ କ'ଣ ?''

ଦିବ୍ୟଜନନୀଙ୍କ ଉତ୍ତର : ''ହେ ମୋର ଶିଶୁ ! ମୋର ମନେ ହେଉଛି ତୁମେ ମୋତେ ସତେ ଯେପରି ଗୋଟିଏ କୁକୁର ଓ ବିରାଡ଼ି ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ପଚାରୁଛ !''

(ଶ୍ରୀମା ଦୀର୍ଘ ସମୟ ନୀରବ ରହିଲେ)

''କଳ୍ପନା କର, ଜଣେ ବ୍ୟକ୍ତି ଘଟଣାକ୍ରମେ ଦିବ୍ୟ-ପରମସତ୍ତା ବୋଲି ଏକ ବସ୍ତୁ ବିଷୟରେ ଶୁଣିଛି କିଂବା ତା'ର ଏକ ବ୍ୟକ୍ତିଗତ ଅନୁଭୂତି ରହିଛି ଯେ ସେହିପରି କିଛି ହୁଏତ ନିଶ୍ଚୟ ରହିଛି । ଏବଂ ତା'ପରେ ପ୍ରକୃତରେ ତାହା କ'ଣ ଜାଣିବା ଲାଗି ସେ ଯାବତୀୟ ପ୍ରକାରର ଚେଷ୍ଟା ଆରମ୍ଭ କରି ଦେଇଛି, ସଂକଳ୍ପ ଶକ୍ତି ପ୍ରୟୋଗ କରି ଚେଷ୍ଟା କରୁଛି, କେତେ ପ୍ରକାର ଶୃଙ୍ଖଳା ଅବଲମ୍ବନ କରି ଚେଷ୍ଟା କରୁଛି, ଏକାଗ୍ରତା ଦ୍ୱାରା ଚେଷ୍ଟା କରୁଛି, ଯାବତୀୟ ପ୍ରକାରର ଚେଷ୍ଟା କରି ସେହି ପରମ ଦିବ୍ୟସତ୍ତାଙ୍କ ପରିଚୟ ପାଇବା ଲାଗି ପ୍ରୟାସ କରୁଛି, ତାଙ୍କରି ସ୍ୱରୂପ ଆବିଷ୍କାର କରିବା ଲାଗି, ତାଙ୍କରି ସହିତ ପରିଚିତ ହୋଇ ତାଙ୍କ ସହ ସମ୍ମିଳିତ ହୋଇ ରହିବା ଲାଗି ଉଦ୍ୟମ କରୁଛି । ତେବେ କୁହାଯିବ ଯେ ଉକ୍ତ ବ୍ୟକ୍ତିଟି ଯୋଗସାଧନା କରୁଛି ।

''ବର୍ତ୍ତମାନ ଯଦି ଏହି ବ୍ୟକ୍ତିଟି ଆପେ ଅବଲମ୍ବନ କରିଥିବା ଉପାୟଗୁଡ଼ିକୁ ଲିପିବଦ୍ଧ କରି ରଖୁଛି ଓ ସେଥିରୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ବା ରୀତିଟିଏ ରଚନା କରି ଦେଉଛି, ନିଜେ ଆବିଷ୍କାର କରିଥିବା ସବୁକିଛିକୁ ଯଦି ଏକ ଅନମନୀୟ ବିଧାନ ରୂପେ ଉପସ୍ଥାପନ କରୁଛି, – ଉଦାହରଣସ୍ୱରୂପ ଯଦି ସେ କହୁଛି : ଭଗବାନ୍ ହେଉଛନ୍ତି ଠିକ୍ ଏହିପରି, ତାଙ୍କୁ ପାଇବାକୁ ହେଲେ ତୁମକୁ ଠିକ୍ ଏହିପରି କରିବାକୁ ହେବ, ଏହି ନିର୍ଦ୍ଦିଷ୍ଟ ମୁଦ୍ରା(gesture) ପ୍ରଦର୍ଶନ କରିବାକୁ ହେବ, ଏହି ନିର୍ଦ୍ଦିଷ୍ଟ ରୀତିଟିକୁ ସ୍ୱୀକାର କରି ନେବାକୁ ହେବ, ଏହିପରି ଦୃଷ୍ଟିରେ ସବୁକିଛିକୁ ଦେଖିବାକୁ ହେବ ବା ଏହିପରି ମନୋଭାବ ପୋଷଣ କରିବାକୁ ହେବ, ଏହି ବିଧି ଓ ଅନୁଷ୍ଠାନଗୁଡ଼ିକୁ ଆଚରଣ କରିବାକୁ ହେବ ଏବଂ କେବଳ ଏହା ହିଁ ଏକମାତ୍ର ସତ୍ୟ, ସେକଥା ତୁମକୁ ସ୍ୱୀକାର କରିବାକୁ ହେବ, କହିବାକୁ ହେବ, 'ମୁଁ ଏହାକୁ ହିଁ ପରମ ସତ୍ୟ ବୋଲି ଗ୍ରହଣ କରି ନେଉଛି;

ଏବଂ ତୁମରି ବାଟଟି ହେଉଛି ଏକମାତ୍ର ପ୍ରକୃତ ବାଟ, ଯଥାର୍ଥ ବାଟ ହିସାବରେ ଏହି ଗୋଟିଏ ବାଟ ହିଁ ରହିଛି', — ଯଦି ଏ ସମସ୍ତ କଥାକୁ ଲିପିବଦ୍ଧ କରି ଦିଆଯାଏ, ସଂଗଠିତ ବା ସୁବ୍ୟବସ୍ଥିତ କରି ଦିଆଯାଏ ଏବଂ ଅଲଂଘ୍ୟ କେତୋଟି ନିୟମ ରୂପେ ସୂତ୍ରବଦ୍ଧ କରି ରଖାଯାଏ ଏବଂ ସେଥିରେ ପୁଣି କେତେକ ବିଧି-ବିଧାନ, ରୀତିନୀତି ଓ ଅନୁଷ୍ଠାନ ବା କ୍ରିୟାପଦ୍ଧତିକୁ ଆଣି ଯୋଡ଼ି ଦିଆଯାଏ ତେବେ ତାହା ଏକ ଧର୍ମରେ ପରିଣତ ହୋଇଯାଏ ।''

(CWM, Vol. 8, P. 146)

ପୁନଶ୍ଚ ଏପରି ଧର୍ମ ନିଜର ଶିକ୍ଷାକୁ ସର୍ବୋଚ୍ଚ ଚରମ ସତ୍ୟ ବୋଲି ଘୋଷଣା କରେ, ପ୍ରତିପାଦିତ କରେ ଯଦ୍ଦ୍ୱାରା ଜନସାଧାରଣ ସେଥିପ୍ରତି ଆକର୍ଷିତ ହେବେ ଓ ସମ୍ପ୍ରଦାୟରେ ଶିଷ୍ୟ ସଂଖ୍ୟା ବୃଦ୍ଧି ପ୍ରାପ୍ତ ହେବ ।

ଦିବ୍ୟଜନନୀ ପରିହାସ ଛଳରେ କହିଛନ୍ତି ଯେ ଆଜି ଯଦି ଯିଶୁଖ୍ରୀଷ୍ଟ ପୃଥିବୀକୁ ଆସନ୍ତି ତେବେ ସେ ପ୍ରଚାର କରିଥିବା ଧର୍ମକୁ ଠାବ କରି ପାରିବେ ନାହିଁ । ସେହିପରି ବୁଦ୍ଧଦେବ ଯଦି ଆସନ୍ତି ତେବେ ସେ ପ୍ରଚାର କରିଥିବା ଧର୍ମର ସ୍ୱରୂପକୁ ଦେଖି ତତ୍‌କ୍ଷଣାତ୍ ନିର୍ବାଣ ଅବସ୍ଥାକୁ ଫେରି ଯିବେ । ଯିଶୁଖ୍ରୀଷ୍ଟ ଯେଉଁ ଦୁଃଖ-କଷ୍ଟ ଓ ଯନ୍ତ୍ରଣା ସହ୍ୟ କରି ସାଧନା-ଲବ୍ଧ ସତ୍ୟଗୁଡ଼ିକୁ ଉପସ୍ଥାପନ କରିଥିଲେ, ପରବର୍ତ୍ତୀକାଳରେ କେତେଜଣ ବୁଦ୍ଧିମାନ୍ ବ୍ୟକ୍ତି ନିଜର ମତାମତ ଓ ଧାରଣା ଦ୍ୱାରା ମୌଳିକ ସତ୍ୟଗୁଡ଼ିକୁ ବିକୃତ କରି ଦେଇ ଅନେକ ସମ୍ପ୍ରଦାୟର ଶାଖାପ୍ରଶାଖା ସୃଷ୍ଟି କରିଥିଲେ, ଯଥା — କ୍ୟାଥଲିକ୍ (Catholic), ବାପ୍‌ଟିଷ୍ଟ (Baptist), ପ୍ରୋଟେଷ୍ଟାଣ୍ଟ (Protestant), ଲୁଥେରନ୍ (Lutheran), ଇଭେନ୍‌ଜେଲିକଲ (Evangelical), ମେଥୋଡ଼ିଷ୍ଟ (Methodist) — ଏହିପରି ଅନେକ ଶାଖାପ୍ରଶାଖା ବିଶ୍ୱର ବିଭିନ୍ନ ଦେଶରେ ପ୍ରଚଳିତ ହେଉଛି । ସେହିପରି ବୌଦ୍ଧଧର୍ମରେ ମହାଯାନ (Mahayana), ତେରାବାଦ (Theravad), ବଜ୍ରାୟନ (Vajrayan) ଓ ଜେନ୍ (Zen Budhism) ନାମରେ ମୁଖ୍ୟତଃ ଚାରିଟି ଶାଖା ସୃଷ୍ଟି ହୋଇଛି । ସୁନି, ସିଆ ଓ ଖରୀଜିତେ (Kharijite) ଇସଲାମ ନାମରେ ତିନିଟି ମୁଖ୍ୟ ଶାଖା ଇସଲାମ ଧର୍ମରେ ପ୍ରଚଳିତ ଓ ଏହାର ଅନେକ ପ୍ରଶାଖା ରହିଛି । ଧର୍ମରେ ଏହିପରି ବିଭାଜନ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି କରି ମନାନ୍ତର ଓ ଗୋଷ୍ଠୀ କନ୍ଦଳକୁ ପ୍ରଶ୍ରୟ ଦେଇ ଆସିଛି । ଯଦ୍ଦ୍ୱାରା ଧର୍ମର ମୁଖ୍ୟ ଲକ୍ଷ୍ୟ ବା ଆଭିମୁଖ୍ୟ ବିଫଳ ହୋଇ ଯାଇଛି । ତେଣୁ ଦିବ୍ୟଜନନୀ କହନ୍ତି :

"The time of religions is over.

"We have entered the age of universal spirituality, of spiritual experience in its initial purity."

(CWM., Vol.-15, P. 29)

ଏହାର ଭାବାନୁବାଦ ହେଲା :

''ଧର୍ମ ସମୂହର ଦିନକାଳ ସରି ଆସିଛି ।

''ଆମେ ବିଶ୍ୱଗତ ଆଧ୍ୟାତ୍ମିକତାର ତଥା ଆଧ୍ୟାତ୍ମିକ ଅନୁଭୂତିର ମୌଳିକ ଶୁଦ୍ଧତା ମଧ୍ୟରେ ପ୍ରବେଶ କରିଛୁ ।''

ପୂର୍ଣ୍ଣଯୋଗରେ କୌଣସି ଧର୍ମକୁ ଅନୁସରଣ କରାଯାଏ ନାହିଁ, କେବଳ ଆଧ୍ୟାତ୍ମିକ ଜୀବନ ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ । ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରି, ଉପଲବ୍ଧି କରି ପାର୍ଥିବ ଜଗତରେ ତାଙ୍କୁ ଅଭିବ୍ୟକ୍ତ କରିବା ହେଲା ପୂର୍ଣ୍ଣଯୋଗର ଲକ୍ଷ୍ୟ । ନୈତିକତା, ଧାର୍ମିକତା କିଂବା ଉଭୟ ଏହି ଲକ୍ଷ୍ୟ ହାସଲ କରିବାରେ ଅସମର୍ଥ । କେବଳ ଆଧ୍ୟାତ୍ମିକତା ହିଁ ଏହି ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇ ପାରେ ।

ଯେଉଁମାନେ ଆଧ୍ୟାତ୍ମିକ ଜୀବନଯାପନ କରିବା ଲାଗି ପ୍ରସ୍ତୁତ ସେମାନେ ଧର୍ମର ଆୟତନ ମଧ୍ୟରେ ରହି ମଧ୍ୟ ଆଧ୍ୟାତ୍ମିକ ଉପଲବ୍ଧି ପ୍ରାପ୍ତ କରି ପାରନ୍ତି — ଅର୍ଥାତ୍ ଦିବ୍ୟ ପରମସତ୍ତାଙ୍କ ସହ ତାଦାତ୍ମ୍ୟତା ଲାଭ କରି ପାରନ୍ତି । ଧାର୍ମିକ ସୀମିତତା ମଧ୍ୟରେ ରହି ମଧ୍ୟ ସେମାନଙ୍କ ଜୀବନରେ ଏହା ସମ୍ଭବ ହୋଇଥାଏ । କାରଣ ସେମାନଙ୍କର ଏକ ଆନ୍ତର ଦୃଢ଼ ଅଭୀପ୍ସା ରହିଥାଏ ଓ ଏପରି ତୀବ୍ର ଅଭୀପ୍ସା ଯୋଗୁଁ ସକଳ ସୀମିତତା ଓ ପ୍ରତିବନ୍ଧକ ସତ୍ତ୍ୱେ ସେମାନେ ସେସବୁ ଅତିକ୍ରମ କରି ନିଜର ଚରମ ଲକ୍ଷ୍ୟରେ ଉପନୀତ ହୋଇ ପାରନ୍ତି । ଏ କ୍ଷେତ୍ରରେ ଧର୍ମ ସେମାନଙ୍କ ଲାଗି ଲକ୍ଷ୍ୟ ହାସଲ ଦିଗରେ ଏକ ସହାୟକ ଭୂମିକା ନିଭାଇ ଥାଏ । ତେବେ ଯେହେତୁ ସେମାନେ ଧର୍ମର ଚାରି କାନ୍ଥ ମଧ୍ୟରେ ଜୀବନ ଅତିବାହିତ କରିଥା'ନ୍ତି, ସେମାନେ ଯେତେବେଳେ ସେମାନଙ୍କର ଆଧ୍ୟାତ୍ମିକ ଅନୁଭୂତିକୁ ଭାଷା ମାଧ୍ୟମରେ ବ୍ୟକ୍ତ କରନ୍ତି ସେତେବେଳେ ସେଥିରେ ସଂକୀର୍ଣ୍ଣ ଧାର୍ମିକତା ଓ ସାମ୍ପ୍ରଦାୟିକତାର ଗନ୍ଧ ବା ଆଭାସ ହିଁ ମିଳିଥାଏ — ଯଦିଓ ସେମାନେ ଧର୍ମର ଯାବତୀୟ ବାହ୍ୟରୂପ, ପରିସୀମା ଓ ପରମ୍ପରାକୁ ଅତିକ୍ରମ କରି ବିଶୁଦ୍ଧ ଓ ଅମିଶ୍ର ଭାବରେ ଯଥାର୍ଥ ଅନୁଭବଟିକୁ ଲାଭ କରି ପାରିଥା'ନ୍ତି । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମା କହିଛନ୍ତି :

"Religion has been an impulse to the worst things and the best; if the fiercest wars have been waged and the most hideous persecutions carried on in its name, it has stimulated too supreme heroism and self-sacrifice in its cause. Along with philosophy it marks the limit the human mind has reached in its highest activities. It is an impediment and a chain if you are a slave to its outer body; if you know how to use its inner substance, it can be your jumping-board into the realm of the Spirit."

(CWM., Vol.- 3, P. 79)

ଏହାର ଭାବାନୁବାଦ ହେଲା – ''ଧର୍ମ ମଣିଷକୁ ସବୁଠାରୁ ହୀନ ନାନା ବସ୍ତୁ ଲାଗି ପ୍ରେରଣା ଦେଇ ଆସିଛି; ଏହି ଧର୍ମ ନାମରେ ଭୀଷଣ ଯୁଦ୍ଧମାନ ଲଢ଼ାଯାଇଛି ଏବଂ ଅତିଶୟ ଘୃଣ୍ୟ ଓ ବୀଭତ୍ସ ଉତ୍ପୀଡ଼ନକୁ ପ୍ରଶ୍ରୟ ଦିଆଯାଇଛି ସତ, କିନ୍ତୁ ଅପରପକ୍ଷରେ ଧର୍ମ ଆପଣା କ୍ଷେତ୍ରରେ ମଣିଷକୁ ଚରମ ବୀରତ୍ୱ ଏବଂ ଆତ୍ମ-ବଳିଦାନର ପ୍ରେରଣା ମଧ୍ୟ ଦେଇ ଆସିଛି । ମଣିଷର ମନ ନିଜର ଉଚ୍ଚତମ କ୍ରିୟାଶୀଳତାର କ୍ଷେତ୍ରରେ ଯେଉଁ ବୃହତ୍ତର ସୀମାରେ ଯାଇ ପହଞ୍ଚି ପାରିଛି, ଦର୍ଶନ ସହିତ ଧର୍ମ ମଧ୍ୟ ଆମକୁ ତାହାର ଏକ ସୂଚନା ଦେଇ ଯାଇଛି । ଯଦି ତୁମେ ଧର୍ମର ବାହ୍ୟ ଅଙ୍ଗଗୁଡ଼ିକର ଦାସ ହୋଇ ରହିଥିବ ତେବେ ତାହା ତୁମ ଲାଗି ଏକ ପ୍ରତିବନ୍ଧ ବା ଶୃଙ୍ଖଳ ପରି କାର୍ଯ୍ୟ କରିବ । ଅପରପକ୍ଷେ ତୁମେ ଯଦି ତାହାର ଅନ୍ତର୍ଗତ ରହସ୍ୟଟିକୁ (ଉପାଦାନଟିକୁ) କାର୍ଯ୍ୟରେ ବିନିଯୋଗ କରିବା ଜାଣିଥିବ ତେବେ ଚିନ୍ମୟତାର ରାଜ୍ୟକୁ ଲମ୍ଫ ପ୍ରଦାନ କରିବା ପାଇଁ ତାହା ଏକ ଲମ୍ଫନ-ପଟ୍ଟିକା (Jumping-board) ପରି କାମ କରିବ ।

(ମାତୃରଚନାବଳି, ତୃତୀୟ ଖଣ୍ଡ,
ଜୁନ୍ ୯, ୧୯୨୯ର କଥୋପକଥନ)

ଯାବତୀୟ ଧର୍ମାନ୍ଧତା ହିଁ ମିଥ୍ୟାଚାର ଅଟେ, କାରଣ ତାହା ପରମସତ୍ୟ ବା ଈଶ୍ୱରଙ୍କ ସ୍ୱଭାବର ବିରୁଦ୍ଧାଚରଣ କରିଥାଏ । ପରମସତ୍ୟକୁ ଗୋଟିଏ ନିର୍ଦ୍ଦିଷ୍ଟ ଶାସ୍ତ୍ର ମଧ୍ୟରେ, ବାଇବେଲ, ବେଦ, କୋରାନ କିଂବା କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ଆବଦ୍ଧ କରି ରଖି ଦିଆଯାଇ ନ ପାରେ । ଭଗବାନ୍ ହେଲେ ଅନନ୍ତ, ଅସୀମ, ଅକ୍ଷୟ, ଅବ୍ୟୟ, ଅପ୍ରମେୟ, ଅକଳ୍ପନୀୟ, ଶାଶ୍ୱତ, ସନାତନ... । ସେ କୌଣସି ହିନ୍ଦୁ, ଖ୍ରୀଷ୍ଟିଆନ ବା ମୁସଲମାନଙ୍କର ଏକାଧୀନ ବା ଏକଚାଟିଆ ସମ୍ପତ୍ତି ନୁହଁନ୍ତି । ଧର୍ମ ମନପ୍ରସୂତ । ଧର୍ମ କାଳସ୍ରୋତରେ ଉଦ୍ଭବ ହୋଇ କାଳଗର୍ଭରେ ଲୀନ ହୋଇ ଯାଇପାରେ ଓ ତାହା କଦାପି ପୂର୍ଣ୍ଣ ସତ୍ୟକୁ ଅଭିବ୍ୟକ୍ତ କରିପାରି ନ ଥାଏ । ପରମଙ୍କର ସର୍ବଶକ୍ତିମତ୍ତା ବିରୋଧରେ କୌଣସି ଖର୍ବୀକୃତ ପ୍ରତିବନ୍ଧକ ତିଷ୍ଠି ରହି ନ ପାରେ ।

ସାମାଜିକ ଅଭ୍ୟସ୍ତତା ମଧ୍ୟରେ ପଡ଼ି ଲୋକେ ପାରମ୍ପରିକ ଧର୍ମର ଅନୁସରଣ କରୁଥାଇପାରନ୍ତି ଯଦ୍ଦ୍ୱାରା ସେମାନେ ଯେପରି ଅସାମାଜିକ ବା ଗୋଠଖଣ୍ଡିଆ ବୋଲି ବିବେଚିତ ନ ହୁଅନ୍ତି । କିନ୍ତୁ ଆଧାତ୍ମିକ ଜୀବନ ସହିତ ଏହାର କୌଣସି ସମ୍ପର୍କ ନ ଥାଏ ।

କିଛି ମହାନ୍, ଦିବ୍ୟ, ଶୁଦ୍ଧ ବା ସତ୍ୟ ବିଷୟ ପ୍ରତି ସମ୍ପର୍କ ନ ରହିଲେ ଜୀବନ ଉତ୍କର୍ଷବିହୀନ ବା ମୂଲ୍ୟହୀନ ମନେ ହୋଇ ପାରେ; ଅର୍ଥାତ୍ ବଞ୍ଚିବାରେ କୌଣସି ତାତ୍ପର୍ଯ୍ୟ ଥିଲା ଭଳି ମନେହୁଏ ନାହିଁ । ଏହି ଦୃଷ୍ଟିରୁ ମଣିଷ ଜୀବନରେ ଧର୍ମର ଭୂମିକା ସ୍ୱୀକାର୍ଯ୍ୟ । କିନ୍ତୁ ବ୍ୟକ୍ତିଗତ ବିଷୟଟିକୁ ସମସ୍ତଙ୍କ ଉପରେ ଲଦି ଦେବା ହେଲା ଏକ ଅବାଞ୍ଛିତ ଭ୍ରାନ୍ତ ପଦକ୍ଷେପ । ଶ୍ରୀମା କହନ୍ତି :

"The path must be shown and the doors opened but everyone must *follow* the path, pass through the doors and go towards his personal realisation."

(CWM., Vol.- 9, P. 407)

ଏହାର ଭାବାନୁବାଦ ହେଲା –

''ମାର୍ଗ-ଦର୍ଶନ କରିଦିଆ ଯାଇପାରେ, ବାତାୟନସବୁ ଉନ୍ମୁକ୍ତ କରିଦିଆ ଯାଇପାରେ । କିନ୍ତୁ ପ୍ରତ୍ୟେକେ ନିଜ ପଥ ଅନୁସରଣ କରି ବାତାୟନଗୁଡ଼ିକୁ ଅତିକ୍ରମ କରି ବ୍ୟକ୍ତିଗତ ଉପଲବ୍ଧି ଦିଗରେ ଆଗେଇଯିବା ଉଚିତ ।''

**ଆଧ୍ୟାତ୍ମିକ ବିପ୍ଳବର ଆହ୍ୱାନ :** ବିଶ୍ୱରେ ନୈତିକ ବିପ୍ଳବ (Moral or Ethical Revolution) ସଂଗଠିତ ହୋଇ ସାରିଛି । ପାଶ୍ଚାତ୍ୟରେ ଆରିଷ୍ଟଟଲ୍, ପ୍ଲାଟୋ, ସକ୍ରେଟିସ୍, ଥୋମାସ୍ ଏକ୍ୱିନାସ୍ ଆଦି ଚିନ୍ତାନାୟକଗଣ ନୈତିକ ବିପ୍ଳବର

ପୁରୋଧା ରୂପେ ପରିଗଣିତ ହୁଅନ୍ତି । ଅଧୁନା ଇମାନୁଏଲ୍ କାଣ୍ଟ୍ (Immanual Kant), ହେଗେଲ୍, ଜେରମି ବେନ୍ଥାମ୍ (Jermy Bentham), ଜନ୍ ଷ୍ଟୁଆର୍ଟ ମିଲ୍, ଇମରସନ୍, ଡେକାର୍ଟେ ଆଦି ଦାର୍ଶନିକଗଣ ''ସର୍ବୋଚ୍ଚ ସଂଖ୍ୟକ ବ୍ୟକ୍ତିଙ୍କ ପାଇଁ ସର୍ବୋତ୍ତମ ହିତୈଷଣା''କୁ ଆଭିମୁଖ୍ୟ କରି ନୈତିକତାର ମୂଲ୍ୟାୟନ କରି ଯାଇଛନ୍ତି । ପ୍ରାଚ୍ୟରେ ଚୀନ ଦେଶର କନଫୁସିୟସ୍, ଲାଓ-ସି-ତୁଙ୍ଗ (Lao-Tzu or Lao-Tse-Tung), ମେନିସିୟସ୍ (Menicius), ଜୁଆଙ୍ଗ ଝାଉ (Zhuang Zhou), ମୋଜି (Mozi); ଭାରତର ମନୁ, ଭର୍ତ୍ତୃହରି ଆଦି ମନନଶୀଳ ବ୍ୟକ୍ତିଗଣ ନୈତିକ ମାର୍ଗ ଦର୍ଶନ କରାଇ ମାନବସମାଜକୁ ସଂଗଠିତ ଓ ଶୃଙ୍ଖଳିତ କରିବା ଲାଗି ପ୍ରୟାସ କରିଛନ୍ତି । ସେହିପରି ବିଶ୍ୱରେ ଧାର୍ମିକ ବିପ୍ଳବ (Religious Revolution) ସଂଗଠିତ ହୋଇ ସାରିଛି । ପାଶ୍ଚାତ୍ୟ ଦେଶମାନଙ୍କରେ ଇବ୍ରାହିମ୍, ମୋଜେସ୍, ଯିଶୁଖ୍ରୀଷ୍ଟ ମହମ୍ମଦ, ଯୋରାଥୁଷ୍ଟ୍ର, ବାହା-ଉଲ୍ଲା,... ଓ ପ୍ରାଚ୍ୟରେ ମୁନି-ଋଷିଗଣ, ବୁଦ୍ଧଦେବ, ଶଙ୍କରାଚାର୍ଯ୍ୟ ଆଦି ଆଚାର୍ଯ୍ୟଗଣ, ମହାବୀର, ଶ୍ରୀଚୈତନ୍ୟ, ଗୁରୁ ନାନକଙ୍କ ପରି ଅସଂଖ୍ୟ ସାଧୁ, ସନ୍ଥ, ସନ୍ନ୍ୟାସୀ ଏପରି ବିପ୍ଳବରେ ସକ୍ରିୟ ଅଂଶ ଗ୍ରହଣ କରିଯାଇଛନ୍ତି । ଚଳିତ ଶତାବ୍ଦୀରେ ବି ଧର୍ମଗୁରୁମାନଙ୍କର ଅଭାବ ନାହିଁ ।

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ପରେ ବର୍ତ୍ତମାନ ଆଧ୍ୟାତ୍ମିକ ବିପ୍ଳବ (Spiritual Revolution)ର ଯୁଗ ମାନବସମାଜର ଦ୍ୱାରଦେଶରେ ପ୍ରଚଣ୍ଡ ଆଘାତ ଦେବାରେ ଲାଗିଛି । ଭାରତରେ ବୈଦିକ ଯୁଗର ମୁନି, ଋଷି, ସାଧୁ, ସନ୍ଥଗଣ ଏହିପରି ବିପ୍ଳବ ଲାଗି ଭିତ୍ତିଭୂମି ପ୍ରସ୍ତୁତ କରିଯାଇଛନ୍ତି । ପରବର୍ତ୍ତୀକାଳରେ ଶ୍ରୀରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ପରି ମହାପୁରୁଷ ତଥା ସାଧକଗଣ ଏହି ବିପ୍ଳବକୁ ଆଗେଇ ନେବା ଲାଗି ପ୍ରୟାସ କରିଛନ୍ତି । ଦିବ୍ୟଜନନୀ ଶ୍ରୀମା ଓ ମହାଯୋଗୀ ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ ଅବତରଣ କରି ଏହି ବିପ୍ଳବକୁ ଅଧିକ ସକ୍ରିୟ ଓ ତ୍ୱରାନ୍ୱିତ କରିଛନ୍ତି । ଦେଶ ବିଦେଶରେ ପ୍ରତିଷ୍ଠିତ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପୀଠ, ପୂର୍ଣ୍ଣଯୋଗର କେନ୍ଦ୍ର ଓ ଆମ ପ୍ରଦେଶରେ ଗଢ଼ି ଉଠିଥିବା ପାଠଚକ୍ର ଓ ଶିକ୍ଷାକେନ୍ଦ୍ର ସମୂହ ସଦ୍ୟ ଅଙ୍କୁରିତ ଦୁର୍ବଳ ଚାରା ଅବସ୍ଥାରେ ରହିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କେତେକ କେନ୍ଦ୍ରର ବିକାଶ ପ୍ରକ୍ରିୟା ମନ୍ଥର ତ ଆଉ କାହାର ଅଗ୍ରଗତି ଦ୍ରୁତ ଗତିରେ ଆଗେଇ ଚାଲିଛି । ତେବେ ଏହି ଅତ୍ୟାବଶ୍ୟକୀୟ ବିପ୍ଳବଟିକୁ ସଫଳ କରିବାକୁ ହେଲେ ଏ ସମସ୍ତ କେନ୍ଦ୍ରର ସଂପ୍ରସାରଣ, ବିକାଶ ତଥା ଅଗ୍ରଗତି ନିତାନ୍ତ ଜରୁରୀ । ଏହା ବ୍ୟତୀତ ଗତ୍ୟନ୍ତର ନାହିଁ ।

ଏ ସଂକ୍ରାନ୍ତରେ ଶ୍ରୀଅରବିନ୍ଦଙ୍କର ଓ ଶ୍ରୀମାଙ୍କର କେତୋଟି ବାଣୀ ନିମ୍ନରେ ଉଦ୍ଧାର କରାଗଲା ।

"The world knows three kinds of revolution. The material has strong results, the moral and intellectual are infinitely larger in their scope and richer in their fruits, but the spiritual are the great sowings."

(M.C.W, Vol-9, p. 76) – The Mother

''ପୃଥିବୀ ତିନି ପ୍ରକାର ବିପ୍ଳବ ସହିତ ପରିଚିତ । ଭୌତିକ ବିପ୍ଳବରୁ ଅନେକ ଶକ୍ତିଶାଳୀ ପରିଣାମ ଉପଲବ୍ଧ ହୁଏ, ନୈତିକ ଓ ବୌଦ୍ଧିକ ବିପ୍ଳବର ପରିସର ଏହାର ତୁଳନାରେ ଅପେକ୍ଷାକୃତ ଅନେକ ଗୁଣରେ ଅଧିକ ପ୍ରଶସ୍ତ ଏବଂ ଆପଣା ଫଳଲାଭର କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ସମ୍ପନ୍ନ ବା ସଂବୃଦ୍ଧ, କିନ୍ତୁ କେବଳ ଆଧ୍ୟାତ୍ମିକ ବିପ୍ଳବ ଦ୍ୱାରା ହିଁ ଯାବତୀୟ ମହାନ୍ ବପନ (sowing) ସମ୍ଭବ ହୋଇଥାଏ ।''

ପୁନଶ୍ଚ :

"If the triple change could coincide in a perfect correspondence, a faultless work would be done; but the mind and body of mankind cannot hold perfectly a strong spiritual inrush: most is spilt, much of the rest is corrupted. Many intellectual and physical upturnings of our soil are needed to work out a little result from a large spiritual sowing."

– Sri Aurobindo

(Thoughts & Glimpses, SABCL, Vol.- 16, P. 393-94)

''ଯଦି ଏକ ପୂର୍ଣ୍ଣତାଯୁକ୍ତ ଅନୁରୂପତା ସହିତ ଏହି ତ୍ରିବିଧ ପରିବର୍ତ୍ତନ ପରସ୍ପରର ସମୀପବର୍ତ୍ତୀ ହୋଇ ଗତି କରିପାରିବେ, ତେବେ ଏହା ଦ୍ୱାରା ଏକ ପ୍ରମାଦମୁକ୍ତ କାର୍ଯ୍ୟ ସମ୍ପାଦିତ ହୋଇ ପାରିବ । କିନ୍ତୁ ମନୁଷ୍ୟ ସମାଜର ମନ ଏବଂ ଶରୀର ଏକ ଶକ୍ତିଶାଳୀ ଆଧ୍ୟାତ୍ମିକ ସ୍ରୋତ ପ୍ଳାବନକୁ କଦାପି ପରିପୂର୍ଣ୍ଣ

ଭାବରେ ଧାରଣ କରିପାରିବ ନାହିଁ । କାରଣ ସେହି ଉଭୟ କ୍ଷେତ୍ରରେ (ମନ ଓ ଶରୀରରେ) ଅଧିକାଂଶ ହିଁ ବର୍ତ୍ତମାନ ବିଭକ୍ତ ହୋଇ ରହିଛି ଏବଂ ଅବଶିଷ୍ଟ ଅନେକାଂଶ ଦୂଷିତ ହୋଇ ପଡ଼ିଛି । ଏକ ବୃହତ୍ ଆଧ୍ୟାତ୍ମିକ ବୀଜ ବପନରୁ ଗୋଟିଏ କ୍ଷୁଦ୍ର ପରିଣାମ ମଧ୍ୟ କାର୍ଯ୍ୟକାରୀ କରିବା ଲାଗି ଆମର ଏହି କ୍ଷେତ୍ରରେ ଅନେକ ବୁଦ୍ଧିଗତ ଓ ଭୌତିକ ଓଲଟପାଲଟର ଆବଶ୍ୟକତା ରହିଛି ।''

ମହାଯୋଗୀ ଶ୍ରୀଅରବିନ୍ଦଙ୍କର ୧୫୦ତମ ଜନ୍ମବାର୍ଷିକୀ ଓ ଭାରତ ସ୍ୱାଧୀନତାର ପଞ୍ଚସପ୍ତତିତମ ବାର୍ଷିକୀ ୨୦୨୨ ମସିହାରେ ପାଳିତ ହେବାକୁ ଯାଉଛି । ଏହି ଅବସରରେ ଆଧ୍ୟାତ୍ମିକ ବିପ୍ଳବକୁ ସାକାର କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା କରାଯାଇ ପାରେ । ମିଳିତ ସଂଗଠିତ କାର୍ଯ୍ୟକ୍ରମ, ସଂଯୋଗ, ସହଯୋଗ, ସଦିଚ୍ଛା ଓ ପ୍ରବଳ ଉତ୍ସାହ ସହ ସବୁ ବର୍ଗର ବ୍ୟକ୍ତିମାନେ ଯଦି ଆଗେଇ ଆସନ୍ତି ତେବେ ପୃଥିବୀର ନିରାପତ୍ତା ଓ ଯାବତୀୟ ଜଟିଳ ମାନବୀୟ ସମସ୍ୟାର ସମାଧାନ ହୁଏତ ସମ୍ଭବ ହୋଇ ପାରନ୍ତା !

(କ୍ରମଶଃ)

❑❑❑

# ଆସ୍ପୃହା ଦୀପାଳି

## ଗୋପାଳ କୃଷ୍ଣ ପଟ୍ଟନାୟକ

ଝରା ବାଦଲର ଜଳବେଣୀ ସମ
ତବ କୃପାଧାରା ବହୁଥାଉ,
ତୁମରି ଆଶିଷ ବାରିଧାରା ପାତେ
ଜୀବନପାତ୍ର ମୋ ଭରିଯାଉ ॥

ମୋ ମନ ମୁକୁରେ ନିରନ୍ତର ମା'ଗୋ
ତବ ରୂପଶିରୀ ଝଲୁଥାଉ,
ତୁମରି କରୁଣା କଲ୍ଲୋଳିନୀ ମୋର
ସକଳ କଲୁଷ ଧୋଇ ନେଉ ॥

ଜୀବନ ବୀଣାର ତନ୍ତ୍ରୀ ନିରତ
ତବ ଶୁଭନାମ ଘୋଷୁଥାଉ,
ନଶ୍ୱର କଣ୍ଠ ମୋ ନୀରବ ଛନ୍ଦରେ
ତବ ଜୟଗୀତି ଗାଉ ଥାଉ ॥

ଶୀତ ସକାଳର ନୀହାର ବିନ୍ଦୁରେ
ରୂପ ତବ ପ୍ରତିଭାତ ହେଉ,



ସପ୍ତ ରଙ୍ଗ ଭିଜା ଇନ୍ଦ୍ରଧନୁ ସମ
ତବ ଛବି ନେତ୍ରେ ନାଚୁଥାଉ ॥

ମୋ କର୍ଣ୍ଣ-କୁହରେ ଦିବାନିଶି ତବ
ମଧୁବାଣୀ ଗୁଞ୍ଜରିତ ହେଉ,
ତୁମରି ଆଶିଷ କର ମୋ ମଥାରେ
ଶିରସ୍ତ୍ରାଣ ସମ ଶୋଭାପାଉ ॥

ଆସ୍ପୃହା ଦୀପାଳି ଜାଳି ବସିଛି ମୁଁ
ମୋ ପ୍ରୀତି କୁସୁମ ଘେନାହେଉ,
ଦିବ୍ୟ କରୁଣାର ମଧୁ ମନ୍ଦାକିନୀ
ମୋ ଜୀବନେ ସଦା ବହୁଥାଉ ॥

ଲାବଣ୍ୟ ମଣ୍ଡିତ ଚିନ୍ମୟ ଚରଣ
ତଳେ ମଥା ମୋର ଲୋଟୁଥାଉ,
ଜନମେ ଜନମେ ମୋ ମନ ଝରଣା
ତବ ପଦାମ୍ବୁଜ ଧୋଉଥାଉ ॥ ❑

# ଆମ ଶରୀର

## (୩୧)

## ଭୋଳେଶ୍ୱର ଭୂୟାଁ

### ଆମ ବ୍ୟକ୍ତିତ୍ୱ ଓ ଅହଂକାର

ଆଜି ମନର ପ୍ରଭାବରେ ମଣିଷ ଭିତରେ ବିଭେଦତା ସୃଷ୍ଟି ହୋଇଛି । ମଣିଷ ଏକତ୍ୱରୁ ଓହରି ଯାଇ ଖଣ୍ଡତ୍ୱର କ୍ଷୁଦ୍ରତାରେ ପ୍ରତିଷ୍ଠିତ ହୋଇ ନିଜର କ୍ଷୁଦ୍ର ଅହଂକାରକୁ ନେଇ ଜୀବିତ ରହିଛି । ଏହି ଅହଂକାର ମଣିଷକୁ ସମୂହଠାରୁ ବିଚ୍ଛିନ୍ନ କରି ରଖିଛି । ବ୍ୟକ୍ତିତ୍ୱର ଉଦାହରଣ ଦେଇ ଶ୍ରୀମା କ୍ଷୁଦ୍ର କ୍ଷୁଦ୍ର ବୃତ୍ତ ଅଙ୍କନ କରି ଆମକୁ ଦେଖାଇଛନ୍ତି । ଅର୍ଥାତ୍ ଆମ ଓଡ଼ିଆ ଭାଷାର ପ୍ରବାଦ ଅନୁସାରେ ସେ 'କୂପ-ମଣ୍ଡୁକ' ହୋଇ ଯାଇଛି । ଏହି କ୍ଷୁଦ୍ର ଅହଂକାରରେ ଆବଦ୍ଧ ହୋଇ ନିଜ ବଡ଼ିମାର ଆସ୍ଫାଳନ ମଧ୍ୟ ଛାଡ଼ି ନାହିଁ । ସେ ଭଗବାନଙ୍କୁ ଜାଣିଛି ବୋଲି, ସତ୍ୟକୁ ଜାଣିଛି ବୋଲି ଘୋଷଣା କରେ । ଏ ବିଷୟରେ ଶ୍ରୀମା କହୁଛନ୍ତି :

"The truth, which man has vainly sought to know, will be the privilege of the new race, the race of tomorrow, the superman.

"To live according to the Truth will be his privilege."

(Mother's Agenda, Vol. 13. p. 94)

ଅର୍ଥାତ୍ : ''ମଣିଷ ସତ୍ୟକୁ ଜାଣିଛି ବୋଲି ଯେଉଁ ବୃଥା ଅନ୍ୱେଷଣ କରି ଆସିଛି, ତାହାର ଯଥାର୍ଥ ଅଧିକାରୀ ହେବ ଭବିଷ୍ୟତର ନୂତନ ଜୀବଜାତି – ଅତିମାନବ ।''

''ସତ୍ୟକୁ ନେଇ ଜୀବନ ଧାରଣ କରିବାର ଅଧିକାର ତା'ର ରହିବ ।''

ହୁଏତ ତୁମ ଉଚ୍ଚତର ଚେତନାରେ ତୁମେ କ୍ଷଣିକ ପାଇଁ ଭଗବାନଙ୍କୁ ଦର୍ଶନ କରି ପାରିଥାଅ, ସତ୍ୟର ପ୍ରକାଶର ସଂସ୍ପର୍ଶରେ ଆସି ଥାଇପାର । କିନ୍ତୁ ଠିକ୍ ତା' ପରମୁହୂର୍ତ୍ତରେ ତୁମେ ଯେତେବେଳେ ସେହି ଊର୍ଦ୍ଧ୍ୱ ଚେତନାରୁ ଓହ୍ଲାଇ ଆସି ତୁମ ସାଧାରଣ ଚେତନାରେ ବାସ କର ସେତେବେଳେ ତୁମର ଅବସ୍ଥା 'ପୁନର୍ମୂଷିକ ଭବ'ର ଅବସ୍ଥା ହୋଇଥାଏ । ଏହି ନିମ୍ନ ଚେତନାରେ ରହି ଊର୍ଦ୍ଧ୍ୱତର ଚେତନାର ଅନୁଭୂତିକୁ ଘୋଷଣା କରିବାର ଅଧିକାର ତୁମେ ହରାଇ ଥାଅ – ତା' ଯଦି ହୁଏ ଏହା ମିଥ୍ୟାଚାର ହୋଇଥାଏ, ତୁମର ଅହଂକାର ହୋଇଥାଏ । କିନ୍ତୁ ତୁମେ ଯଦି ତୁମ ଅସ୍ତିତ୍ୱର ସକଳ ସ୍ତରରେ ପୂର୍ଣ୍ଣତା ପ୍ରତିଷ୍ଠା କରିଥାଅ, ଭଗବାନଙ୍କ ପ୍ରତି ସମର୍ପିତ ହୋଇଥାଅ ତେବେ ତୁମେ ଏହା କରିପାର । କିନ୍ତୁ ଏପରି ବ୍ୟକ୍ତି ପାଇବା ଅତ୍ୟନ୍ତ ବିରଳ । ଯେତେ ଯାହା ହେଲେ ବି ତୁମେ ଯେତେବେଳେ ତୁମ ପ୍ରାଣିକ ଓ ଶରୀର ଚେତନାରେ ବାସ କର ସେତେବେଳେ ତୁମେ ସତ୍ୟରୁ ବିଚ୍ଛିନ୍ନ ହୋଇ ଏକ ପଶୁ ସ୍ତରରେ ପଡ଼ି ଯାଇଥାଅ । ଯେପର୍ଯ୍ୟନ୍ତ ତୁମ ଶରୀର ରୂପାନ୍ତର ହୋଇ ଦିବ୍ୟ-ଶରୀରରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ତୁମେ ଅର୍ଦ୍ଧ ପଶୁ ହୋଇ ରହିଥିବ, ସତ୍ୟରୁ ବିଚ୍ଛିନ୍ନ ହୋଇ ରହିଥିବ, ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇ ରହିଥିବ ଏବଂ ତୁମେ ଯଥାର୍ଥ ଜ୍ଞାନର ଅଧିକାରୀ ହୋଇ ପାରିବ ନାହିଁ । ତୁମକୁ ମାୟା ତଥା ଅଜ୍ଞାନତାର ଜାଲରେ ପଡ଼ି ଏହି ପୃଥିବୀରେ ରୋଗ, ଯନ୍ତ୍ରଣା, ଦୁଃଖ, କଷ୍ଟ ଭୋଗ କରିବାକୁ ହେବ । ଶେଷରେ ମୃତ୍ୟୁର କବଳରେ ତୁମକୁ ପଡ଼ିବାକୁ ହେବ । ମଣିଷ ପାଇଁ ଏହା ହିଁ ଅପରିବର୍ତ୍ତନୀୟ ନିୟତି ।

ମଣିଷ ଆବହମାନ କାଳରୁ ଏହି କଠୋର ନିୟତି ହାତରୁ ମୁକ୍ତ ହେବା ପାଇଁ କେତେ କ'ଣ ଚେଷ୍ଟା ନ କରିଛି । ନିଜକୁ ଅମର କରିବା ପାଇଁ କେତେ ତପସ୍ୟା ନ କରିଛି ! ତଥାପି କେହି ବି ଅମର ହୋଇ ପାରି ନାହାନ୍ତି । ଏ ବିଷୟରେ ଶ୍ରୀମା କହୁଛନ୍ତି :

"... This is what has touched here and there in the history of man in his terrestrial evolution to become immortal, and people have individually invoked their Adored One in an intense tapasya to make them immortal, each for his own self, – but this did not work out because each person wanted this for his own

existence, for his own body and not as a terrestrial event."

(The Supreme by Mona Sarkar, p. 39)

ଅର୍ଥାତ୍ : ''ଏହା ଏହି ଶରୀରକୁ ସ୍ପର୍ଶ କଲା (ମା'ଙ୍କ ଶରୀରକୁ), ଏହି ପୃଥିବୀପୃଷ୍ଠରେ ମଣିଷର କ୍ରମ-ବିବର୍ତ୍ତନର ପଥରେ ଲୋକେ ବ୍ୟକ୍ତିଗତ ଭାବରେ ଅମର ହେବା ପାଇଁ ଚେଷ୍ଟା କରି ତାଙ୍କ ଆରାଧ୍ୟଙ୍କୁ ଆବାହନ କରି କଠୋର ତପସ୍ୟା କରୁଥିଲେ, କେବଳ ନିଜ ପାଇଁ ଅମରତ୍ୱ ଚାହୁଁଥିଲେ, – କିନ୍ତୁ ଏହା ହୋଇ ପାରିଲା ନାହିଁ କାରଣ ଏହି ଲୋକମାନେ କେବଳ ନିଜର ଅସ୍ତିତ୍ୱ ପାଇଁ ଏହା ଚାହୁଁଥିଲେ । ଏହା ଚାହୁଁଥିଲେ କେବଳ ନିଜ ଶରୀର ପାଇଁ – କିନ୍ତୁ ପାର୍ଥିବ ଘଟଣା ପାଇଁ ନୁହେଁ ।''

ମଣିଷର ଏହି ଦୃଢ଼ ନିୟତି ଆଜି ବଦଳି ଯାଇଛି – ଶ୍ରୀମାଶ୍ରୀଅରବିନ୍ଦଙ୍କ କୃପାରୁ । ତାଙ୍କ କୃପାରୁ ଏ ପୃଥିବୀପୃଷ୍ଠରେ ଅତିମାନସର ସତ୍ୟ ଚେତନା ଅବତରଣ କରି ଏଠାରେ ତା'ର କ୍ରିୟା ଆରମ୍ଭ କରି ଦେଇଛି । ଏ ପୃଥିବୀରୁ ଏହି ଚେତନା ସମସ୍ତ ଅଶାନ୍ତି, ଅସମଞ୍ଜସତା, ଅସତ୍ୟ, ଦୁଃଖ, କଷ୍ଟ, ରୋଗ, ଯନ୍ତ୍ରଣା ଲୋପ କରି ତା' ସ୍ଥାନରେ ଶାନ୍ତି, ସମଞ୍ଜସତା, ସତ୍ୟ, ସଦାଚାର, ଶେଷରେ ଅମରତ୍ୱ ପ୍ରତିଷ୍ଠା କରିବ । ଏହା କିପରି ହେବ ସେସବୁ କଥାର ସୂଚନା ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ଦେଇଛନ୍ତି । ଏପରିକି ସାବିତ୍ରୀଙ୍କ ଦ୍ୱାରା ମୃତ୍ୟୁର ମଧ୍ୟ ରୂପାନ୍ତର ହୋଇଛି । ଏହା କେବଳ ଆଉ ବାଣୀ ରୂପରେ ରହି ନାହିଁ । ସ୍ୱୟଂ ଶ୍ରୀମା ତାଙ୍କ ସ୍ଥୂଳ ଶରୀର ରୂପାନ୍ତର କରିବା ସଙ୍ଗେ ସଙ୍ଗେ ଏ ପୃଥିବୀ ଚେତନା ଏବଂ ତାଙ୍କ ସନ୍ତାନମାନଙ୍କ ଭିତରେ ଅତିମାନସର ବସ୍ତୁକୁ ବୁଣି ଦେଇ ଯାଇଛନ୍ତି – ଯାହା ଦ୍ୱାରା ଦିନେ ଏହି ଅମରତ୍ୱର ବୀଜ ଅଙ୍କୁରିତ ହୋଇ ଏ ପୃଥିବୀରେ ଅମରତ୍ୱର ପ୍ରତିଷ୍ଠା ହୋଇ ପାରିବ । ଶ୍ରୀମା ନିଜେ ଶରୀର ରୂପାନ୍ତରର ସମସ୍ତ ବାଧା, ବିପତ୍ତି, ଦୁଃଖ, କଷ୍ଟ, ଯନ୍ତ୍ରଣା ବରଣ କରିଛନ୍ତି ଯଦ୍ୱାରା ତାଙ୍କ ସନ୍ତାନମାନେ ତାଙ୍କର ଶରୀର ରୂପାନ୍ତର ପାଇଁ ଏସବୁକୁ ସହଜରେ ଏଡ଼ାଇ ଦେଇ ପାରିବେ । ଏହିପରି ଭାବରେ ଏ ପୃଥିବୀରେ ନୂତନ ଯୁଗ ପ୍ରତିଷ୍ଠା ହୋଇ ଏଠାରେ ସ୍ୱର୍ଗ ରାଜ୍ୟ ପ୍ରତିଷ୍ଠା ହେବ ।

କିନ୍ତୁ ବର୍ତ୍ତମାନର ସମୟ ସୁଖଦାୟକ ନୁହେଁ । ଏ ପୃଥିବୀରୁ ସମସ୍ତ ପୁରାତନର ବିକୃତି ଓ ଅପୂର୍ଣ୍ଣତା ଲୋପ ପାଇବ । ଏ ସମୟ ହେଲା ଦୁଇ ଯୁଗର ମଧ୍ୟବର୍ତ୍ତୀକାଳୀନ ସମୟ । ମଣିଷ ପୁରାତନରୁ ପୂର୍ଣ୍ଣ ରୂପେ ବାହାରି ଆସିବାକୁ ଚାହୁଁ ନାହିଁ । ତେଣୁ ଏ ପୃଥିବୀରେ ଖଣ୍ଡ ପ୍ରଳୟ ସୃଷ୍ଟି ହୋଇଛି । ଏଥିପାଇଁ ଶ୍ରୀମା ଆମ୍ଭମାନଙ୍କୁ ଆହ୍ୱାନ କରି କହୁଛନ୍ତି :

"...I am here because my body has given itself for the first attempt at transformation. Sri Aurobindo told me so,... he told me, 'I know of no one who can do it, except you.' I said, "All right, I will do it." It's not ... I don't wish anyone to do it in my place, because ... because it's not very pleasant, but I am doing it gladly, because everybody will benefit from the results. I ask only one thing: don't listen to the ego. That's all. The time of the ego is over. We want to go beyond humanity and its ego, to leave it behind, we want a race without ego, with a divine consciousness in place of the ego."

(Mother's Agenda, Vol. 13. p. 126)

ଅର୍ଥାତ୍ : ''ମୁଁ ଏଠାରେ ଅଛି କାରଣ ମୋ ଶରୀର ନିଜକୁ ରୂପାନ୍ତର ପାଇଁ ପ୍ରଥମ ଚେଷ୍ଟା କରୁଛି । ଶ୍ରୀଅରବିନ୍ଦ ମୋତେ ଏକଥା କହିଛନ୍ତି, ସେ କହୁଛନ୍ତି 'ମୁଁ ଜାଣେ ତୁମ ଛଡ଼ା ଆଉ କେହି ଏହାକୁ କରିପାରିବ ନାହିଁ' । ମୁଁ କହିଲି, 'ଠିକ୍ ଅଛି ମୁଁ ଏହାକୁ କରିବି' । ଏହା ନୁହେଁ ଯେ... ମୋ ବଦଳରେ ଆଉ କେହି ଏହା କରୁ ମୁଁ ଏହା ଚାହିଁ ନ ଥିଲି, କାରଣ,... କାରଣ ଏହା ସେତେ ସୁଖଦାୟକ ନୁହେଁ, କିନ୍ତୁ ମୁଁ ଏହାକୁ ଆନନ୍ଦର ସହିତ କରୁଛି, କାରଣ ଏହାର ଫଳସ୍ୱରୂପ ଅନ୍ୟ ସମସ୍ତେ ଉପକୃତ ହୋଇ ପାରିବେ । ମୁଁ କେବଳ ଗୋଟିଏ କଥା ଚାହୁଁଛି; ନିଜର ଅହଂକାରକୁ ଶୁଣ ନାହିଁ । ଏହା ହିଁ ଯଥେଷ୍ଟ । ଅହଂକାରର ସମୟ ସମାପ୍ତ ହୋଇଛି । ମଣିଷଜାତିର ଏବଂ ତା'ର ଅହଂକାରରୁ ଆମକୁ ବହୁ ଦୂରକୁ ଯିବାକୁ ହେବ । ଏହାକୁ ପଛରେ ପକାଇ ଆମେ ଏପରି ଏକ ଜୀବଜାତି ଚାହୁଁ ଯାହାର ଅହଂକାର ନ ଥିବ, ଅହଂକାର ସ୍ଥାନରେ ରହିବ ଭଗବତ୍ ଚେତନା ।''

ଶରୀର ରୂପାନ୍ତର ମା'ଙ୍କ ସାହାଯ୍ୟ ବିନା ହୋଇ ପାରିବ ନାହିଁ – ଏହା ଅସମ୍ଭବ । ଆମ ମଧ୍ୟରେ ଥିବା ଅସଲ

ବାଧା ହେଲା ଆମ ଅହଂକାର । ଏ ବିଷୟରେ ଶ୍ରୀମା ନିଜେ କହୁଛନ୍ତି :

"My help is there for all those who need it – it's the ego that prevents people from receiving it."

(Mother's Agenda, Vol. 13. p. 155)

ଅର୍ଥାତ୍ : ''ଯେଉଁମାନେ ମୋର ସାହାଯ୍ୟ ଚାହାନ୍ତି ତାଙ୍କ ପାଇଁ ଏହା ସର୍ବଦା ରହିଛି – କିନ୍ତୁ ଅହଂକାର ହିଁ ଏହାକୁ ଗ୍ରହଣ କରିବା ପାଇଁ ବାଧା ଦେଇ ଥାଏ ।''

ଏହି ଅହଂକାର ଆମ ପାଇଁ ଯଦି ଏତେ ବାଧା ସୃଷ୍ଟି କରୁଛି ତେବେ ଭଗବାନ୍ ଏହି ଅହଂକାରକୁ ସୃଷ୍ଟି କରିଛନ୍ତି କାହିଁକି ?

ଭଗବାନଙ୍କର ସୃଷ୍ଟିରେ ଏହି ଅହଂକାରକୁ ସର୍ଜନା କରିବାର ଆବଶ୍ୟକତା ଥିଲା; କାରଣ ସୃଷ୍ଟିକୁ ତା'ର ଗତି ପଥରେ ଆଗକୁ ଆଗେଇ ନେବା । ଏହି ଅହଂକାର ନ ଥିଲେ ଭଗବାନ୍ 'ବହୁରେ' ପରିଣତ ହୋଇ ପାରି ନ ଥା'ନ୍ତେ । ତେଣୁ ଏହି ଅହଂକାର ସୃଷ୍ଟିର ପ୍ରତ୍ୟେକ ସ୍ତରରେ ରହିଛି । ଏ ପୃଥିବୀରେ ଆମେ ଯାହା କିଛି ଦେଖୁ ସେଥିରେ ନିଜ ସ୍ଥିତିକୁ ଜାହିର କରିବାର ପ୍ରବୃତ୍ତି ସମସ୍ତଙ୍କର ରହିଛି – ଗଛପତ୍ର, ଜୀବଜନ୍ତୁ, ପଶୁ-ପକ୍ଷୀ, ଦାନବ, ଦେବତା, ଶେଷରେ ମଣିଷ ଭିତରେ ମଧ୍ୟ ଏହା ରହିଛି । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଅହଂକାର ମଣିଷ ପାଇଁ ବାଧକ ହେଲା କିପରି ? କାରଣ ମଣିଷ ଭିତରେ ଏପରି ଏକ ଦିବ୍ୟସତ୍ତା ଜନ୍ମ ନେଇଛି ଯେ ହେଲେ ଚୈତ୍ୟସତ୍ତା । ମଣିଷ ବ୍ୟତୀତ ଅନ୍ୟ କାହାରିଠାରେ ଏହି ସତ୍ତା ନାହିଁ – ଏପରିକି ଦେବଦେବୀଙ୍କ ଭିତରେ ମଧ୍ୟ । ତେଣୁ ମଣିଷକୁ ନେଇ ଭଗବାନ୍ ଆଉ କିଛି କରିବାକୁ ଯାଉଛନ୍ତି । ଅହଂକାରର ପ୍ରଭାବରେ ଜୀବ ମାୟାରେ ଆବଦ୍ଧ ହୋଇ ନିଜକୁ କ୍ଷୁଦ୍ର 'ମୁଁ'ତ୍ୱରେ ଆବଦ୍ଧ କରେ, ଏବଂ ଅଜ୍ଞାନତାରେ ବୁଡ଼ି ରହି କେବଳ ଭୋଗ ବିଳାସରେ ମାତି ରହେ । ତା'ର ଜ୍ଞାନ ଭ୍ରଷ୍ଟ ହୁଏ । ଏପରିକି ପୁରାତନର ଆଧ୍ୟାତ୍ମିକତା ମଧ୍ୟ ଏହି ଅହଂକାରର ଜାଲରେ ବନ୍ଧା ହୋଇ ରହିଛି ।

ସେଥିପାଇଁ ଶ୍ରୀମା ଆମ୍ଭମାନଙ୍କୁ ବୁଝାଇ କହୁଛନ୍ତି : "... Ego was necessary to shape humanity, but we are now preparing the way for a superhumanity, a supra- humanity. The job of the ego is over – it did its job well, now it must disappear. And it is the psychic being, the Divine's representative in man, that will stay on and pass into the next species. So we must learn to gather all our being around the psychic. Those who wish to pass to the supra-humanity must get rid of the ego and concentrate themselves around the psychic being."

(Mother's Agenda, Vol. 13. p. 155)

ଅର୍ଥାତ୍ : ''ମନୁଷ୍ୟଜାତିକୁ ରୂପ ଦେବା ପାଇଁ ଅହଂକାରର ଆବଶ୍ୟକ ଥିଲା, କିନ୍ତୁ ଆମେ ବର୍ତ୍ତମାନ ଅତିମାନବତ୍ୱର ପଥକୁ ପ୍ରସ୍ତୁତ କରିବା କାମରେ ଲାଗିଛୁ । ଅହଂକାରର କାମ ସମାପ୍ତ ହୋଇଛି – ଏହା ତାହାର କାମକୁ ଭଲ ଭାବରେ ସମ୍ପନ୍ନ କରିଛି, ବର୍ତ୍ତମାନ ଏହାକୁ ଚାଲିଯିବାକୁ ହିଁ ପଡ଼ିବ । ଏବଂ ଏହା ହେଲା ଚୈତ୍ୟସତ୍ତା ଯେ କି ଭଗବାନଙ୍କ ପ୍ରତିନିଧି ଭାବରେ ମଣିଷ ଭିତରେ ରହିଛି, ଏହା ରହିବ ଏବଂ ଏହା ପରବର୍ତ୍ତୀ ଜୀବଜାତି (ଅତିମାନବ) ମଧ୍ୟକୁ ପ୍ରବେଶ କରିବ । ତେଣୁ ଆମକୁ ଶିଖିବାକୁ ପଡ଼ିବ ଆମର ସକଳ ସତ୍ତାଙ୍କୁ ଚୈତ୍ୟସତ୍ତାର ଚତୁଃପାର୍ଶ୍ୱରେ କିପରି ଏକତ୍ରିତ କରାଯିବ । ଯେଉଁମାନେ ଅତିମାନବତ୍ୱକୁ ପ୍ରବେଶ କରିବାକୁ ଚାହାନ୍ତି ସେମାନଙ୍କୁ ଅହଂକାରକୁ ଛାଡ଼ିବାକୁ ପଡ଼ିବ ଏବଂ ସେମାନଙ୍କୁ ଚୈତ୍ୟସତ୍ତାର ଚତୁଃପାର୍ଶ୍ୱରେ ଏକାଗ୍ର ହେବାକୁ ପଡ଼ିବ ।''

ଟିକିଏ ଚିନ୍ତା କରି ଦେଖ । ତୁମେ ଯେଉଁ ଜ୍ଞାନ, ବୁଦ୍ଧି, କ୍ଷମତା, ପାରଦର୍ଶିତା, ଧନ ସମ୍ପତ୍ତିକୁ ନେଇ ଅହଂକାର କରିଥାଅ – ଏସବୁ ଜିନିଷ ତୁମର ନୁହେଁ, ଏସବୁ ଭଗବାନଙ୍କ ପାଖରୁ ଆସିଥାଏ ବା ସମୂହ ଚେତନାରୁ ବା ତୁମ ପୂର୍ବପୁରୁଷଙ୍କ ପାଖରୁ ଆସିଥାଏ । ତୁମେ ଯେଉଁ ଜ୍ଞାନ internetରୁ ପାଇଥାଅ ତାହା ହେଲା ପୁଞ୍ଜିଭୂତ ସମୂହ ମାନସିକ ଜ୍ଞାନ । ଏହି ଜ୍ଞାନ ମାନସିକ ହୋଇ ଥିବାରୁ ଏହା ଯଥାର୍ଥ ଜ୍ଞାନ ହୋଇ ପାରିବ ନାହିଁ । ଯାହାକୁ ନେଇ ତୁମେ ଅହଂକାର କରି ଥାଅ ସେସବୁ ଚିରସ୍ଥାୟୀ ହୋଇ ନଥାଏ । କେବଳ ତୁମର ଚୈତ୍ୟସତ୍ତା ତୁମ ପାଇଁ ଚିରସ୍ଥାୟୀ । ମୃତ୍ୟୁ ପରେ ପୁଣି ଜନ୍ମ ନେଲେ ସେହି ଏକ ହିଁ ଚୈତ୍ୟସତ୍ତା ନୂତନ ଶରୀରକୁ ଗ୍ରହଣ କରି ଥାଏ । ଆମ ପୂର୍ବଜନ୍ମର କଥା ମନେ ନ ଥାଏ । ଏହାର କାରଣ ହେଲା

ଆମ ଚୈତ୍ୟସତ୍ତାକୁ ଆମ ସାଂସାରିକ କର୍ମରେ ଭାଗ ନେବାକୁ ଦେଇ ନ ଥାଉ । ତେଣୁ ସବୁକଥା ଚୈତ୍ୟ-ଚେତନାରେ ଲିପିବଦ୍ଧ ହୋଇ ପାରେ ନାହିଁ । ପୂର୍ବଜନ୍ମର କଥା ଆଉ ଆମର ମନେ ରହେ ନାହିଁ । କିନ୍ତୁ ଯେଉଁମାନଙ୍କର ଚୈତ୍ୟସତ୍ତା ଯଥେଷ୍ଟ ପରିମାଣରେ ଅଗ୍ରଗତି କରିଥାଏ ଏବଂ ଏହାର ଚତୁଃପାର୍ଶ୍ୱରେ ମନ-ପ୍ରାଣ ଆଦି କେବଳ ବସ୍ତ୍ର ଭଳି ଆବୃତ ହୋଇ ରହିଥାଏ, ଆମକୁ ମୃତ୍ୟୁ ସମୟରେ ବେଶୀ କିଛି ହରାଇବାକୁ ପଡ଼ି ନଥାଏ । ଏବଂ ଜନ୍ମ-ଜନ୍ମାନ୍ତରର କଥା ମନେ ରଖି ପାରିଥାଉ । ଚୈତ୍ୟସତ୍ତା ହେଲେ ଆମ ବ୍ୟକ୍ତିଗତ ଭଗବାନ୍ ଯେ କି ଆମର ଅମର ଚେତନା । ଅତଏବ ଏହି ଚେତନା ହିଁ ଆମକୁ ଶରୀରର ଅମରତ୍ୱର ପଥ ଦେଖାଇବ । ସେଥିପାଇଁ ଶ୍ରୀମା ଏହା ଉପରେ ଏତେ ପ୍ରାଧାନ୍ୟ ଦେଇଛନ୍ତି ।

ଶ୍ରୀମାଶ୍ରୀଅରବିନ୍ଦ, ଶ୍ରୀକୃଷ୍ଣ ଆଦି ଅବତାରମାନଙ୍କର ପୂର୍ବଜନ୍ମର ସମସ୍ତ କଥା ମନେ ରହିଥାଏ । ସେମାନେ କେବେ ହେଲେ ଭଗବତ୍ ଚେତନାରୁ ପୃଥକୀକୃତ ହୁଅନ୍ତି ନାହିଁ । ଏ ବିଷୟରେ ଶ୍ରୀମା କହୁଛନ୍ତି : "My child, I am the Unknown that is unseizable, yet I consent to be seized; I am the Unknowable, yet men pretend to know me. I am the Infinite but I am constrained to limit myself in a physical body by time and space. I am the Eternal who has submitted itself to be bound in evolution. I am Immortality which awakes in its innumerable aspects that perish, in order to climb back towards the One, and which has consented to a birth, in order to suffer the terrestrial consequences."

(The Supreme by Mona Sarkar, p. 93)

ଅର୍ଥାତ୍ : ''ମୋର ପ୍ରିୟ ସନ୍ତାନ ! ମୁଁ ହେଉଛି ଅଜ୍ଞାତ ଅର୍ଥାତ୍ ମୋତେ କେହି ଜାଣି ପାରିବ ନାହିଁ, ତଥାପି ମୁଁ ଧରା ଦେବା ପାଇଁ ସମ୍ମତ ହୋଇଛି; ମୁଁ ଅଜଣା ହେଲେ ବି ମଣିଷ ମୋତେ ଜାଣିଛି ବୋଲି ଛଳନା କରେ । ମୁଁ ଅନନ୍ତ ତଥାପି ନିଜକୁ ସୀମାବଦ୍ଧ କରି ଏଇ ଶରୀର ଗ୍ରହଣ କରିଛି ସମୟ ଓ କାଳ ମଧ୍ୟରେ । ମୁଁ ହେଉଛି କାଳାତୀତ ତଥାପି ନିଜକୁ ଏହି ବିବର୍ତ୍ତନଧାରାରେ ବାନ୍ଧି ଦେଇଛି । ମୁଁ ହେଉଛି ଅମରତ୍ୱ ଯେ କି ଏହାର ଅସଂଖ୍ୟ ଧାରାରେ ମୃତ୍ୟୁ ଘଟିତ ହେଉଥିବା ଜୀବ ମଧ୍ୟରେ ଏମାନଙ୍କୁ ପୁଣି ଉପରକୁ ସେହି ଏକତ୍ୱ ଆଡ଼କୁ ନେଇଯିବା ପାଇଁ; ଏବଂ ଯେ ଏହି ଜନ୍ମ ମୃତ୍ୟୁର ହାତରେ ବନ୍ଧା ହେବା ପାଇଁ ସମ୍ମତି ଦେଇଛି, ଫଳସ୍ୱରୂପ ଏହି ପାର୍ଥିବ ଯନ୍ତ୍ରଣାକୁ ବହନ କରିବା ପାଇଁ ।''

ଅବତାରମାନେ ଏ ପୃଥିବୀରେ ଜନ୍ମ ହେଲେ ମଧ୍ୟ ମାୟା ତଥା ଅଜ୍ଞାନତା ତାଙ୍କୁ ବାନ୍ଧି ପାରେ ନାହିଁ । ସେମାନେ ସର୍ବଦା ନିଜର ଭଗବତ୍ ଚେତନାରେ ବାସ କରି ମଧ୍ୟ ସଂସାର କର୍ମ କରି ଥାଆନ୍ତି । ଶ୍ରୀଅରବିନ୍ଦ କହୁଛନ୍ତି ଯେ ସୃଷ୍ଟିର ଆରମ୍ଭରୁ ''ଆମେ ଦୁହେଁ (ଶ୍ରୀମାଶ୍ରୀଅରବିନ୍ଦ) ଏହାକୁ ପରିଚାଳନା କରି ଆସିଛୁ'' । ସେହିପରି ଗୀତାନିବନ୍ଧମାଳାରେ ଶ୍ରୀକୃଷ୍ଣଙ୍କର ମୁଖରେ ଶ୍ରୀଅରବିନ୍ଦ କହୁଛନ୍ତି :

"I am above the necessity of works, for I have nothing to gain by them; I am the Divine who possess all things and all beings in the world and I am myself beyond the world as well as in it and I do not depend upon anything or anyone in all the three worlds for any object; yet I act."

(Essays on the Gita, p. 138-139, Sri Aurobindo)

ଅର୍ଥାତ୍ : ''କର୍ମର ଆବଶ୍ୟକତା ଊର୍ଦ୍ଧ୍ୱରେ ମୁଁ ରହିଛି କାରଣ ମୋତେ କିଛି ଲାଭ କରିବାର ନାହିଁ ଏହି କର୍ମ ଦ୍ୱାରା; ମୁଁ ହେଉଛି ଭଗବାନ୍ ଯେ କି ଏ ପୃଥିବୀର ସବୁ ବସ୍ତୁ, ସବୁ ସତ୍ତାକୁ ଅଧିକାର କରିଥାଏ ଏବଂ ମୁଁ ତୁମ ଭିତରେ (ଅର୍ଜୁନଙ୍କ ଭିତରେ) ତୁମ ବ୍ୟକ୍ତିତ୍ୱରେ, ପୃଥିବୀର ଊର୍ଦ୍ଧ୍ୱରେ ଏବଂ ପୃଥିବୀ ମଧ୍ୟରେ ମଧ୍ୟ ରହିଛି ଏବଂ ମୁଁ କୌଣସି ଜିନିଷ ବା ବ୍ୟକ୍ତି ଉପରେ ନିର୍ଭର କରେ ନାହିଁ କିଂବା କୌଣସି କଥା ପାଇଁ ଏହି ତିନି ପୃଥିବୀ (ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ) ଉପରେ ମଧ୍ୟ ନିର୍ଭର କରେ ନାହିଁ; ତଥାପି ମୁଁ କର୍ମ କରେ ।''

ଏହିସବୁ ଅବତାରମାନେ ଯେତେବେଳେ 'ମୁଁ' ବ୍ୟବହାର କରି କଥା କହିଥା'ନ୍ତି – ତାକୁ ତୁମେ ତାଙ୍କ ଅହଂକାର ବୋଲି ଭାବ ନାହିଁ । ସେମାନେ ଜୀବନମୁକ୍ତ ଭାବରେ, ବିନା ଅହଂକାର ଓ ବିନା ଅଜ୍ଞାନତାରେ ରହି ଏ ପୃଥିବୀ ପାଇଁ କର୍ମ କରିଥା'ନ୍ତି । କିନ୍ତୁ ସାଧାରଣ ବ୍ୟକ୍ତି ଅହଂକାରରେ ବୁଡ଼ି ରହି, ଅଜ୍ଞାନତାରେ ବୁଡ଼ି ରହି 'ମୁଁ', 'ମୋର' ବୋଲି କହିଥାଏ । ଶରୀର ରୂପାନ୍ତର

ପଥରେ ଏହି ଅହଂକାର ହିଁ ସବୁଠାରୁ ବଡ଼ ବାଧା ରୂପେ ଦଣ୍ଡାୟମାନ ହୋଇ ରହିଛି ।

ବର୍ତ୍ତମାନ ଏହି କ୍ଷୁଦ୍ର ବ୍ୟକ୍ତିତ୍ୱର ଅହଂକାରରୁ ବାହାରି ଆସି ସମୂହରେ ବାସ କରିବାକୁ ହେବ, ସମୂହ ପାଇଁ କର୍ମ କରିବାକୁ ହେବ, ସମୂହ ପାଇଁ ସାଧନା କରିବାକୁ ହେବ । ଏହା ହେଲା ନୂତନ ଯୁଗର ଆହ୍ୱାନ ।

"Let us do our best to help prepare the advent of the New Being. The mind must fall silent and be replaced by the Truth-Consciousness – the consciousness of details integrated with the consciousness of the whole."

(Mother's Agenda, Vol. 13. p. 94)

ଅର୍ଥାତ୍ : ''ଚାଲ ଆମେ ସମସ୍ତେ ନୂତନ ଜୀବଜାତିର ଜନ୍ମ ପାଇଁ ଆମର ସର୍ବୋତ୍ତମ ଚେଷ୍ଟା ଦ୍ୱାରା ସାହାଯ୍ୟ କରିବା ଓ ନିଜକୁ ପ୍ରସ୍ତୁତ କରିବା । (ଏଥିପାଇଁ) ମନକୁ ଅବଶ୍ୟ ଶାନ୍ତ କରିବାକୁ ହେବ ଏବଂ ଏହା ବଦଳରେ ସତ୍ୟ ଚେତନା (ଅତିମାନସ), ଯେଉଁ ଚେତନା କି ଟିକିନିଖି କଥାକୁ ଠିକ୍ କରିଥାଏ ତାକୁ ଆମ ଭିତରେ କାମ କରିବାକୁ ଦେବା ।''

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ସୁସ୍ଥତାର ପରମ ଗୋପନୀୟତା

## (୫)

## ସୂର୍ଯ୍ୟକାନ୍ତି ମହାନ୍ତି

### ଇଚ୍ଛାଶକ୍ତି

ମନୁଷ୍ୟ ଶରୀରର ବାରଟି ଶକ୍ତିକେନ୍ଦ୍ର ମଧ୍ୟରୁ 'ଇଚ୍ଛା'କୁ ଏକ ବିଶେଷ ଶକ୍ତି ବୋଲି ଗ୍ରହଣ କରାଯାଏ । ଏହା ସଚେତନ ମନର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ । ଇଚ୍ଛାଶକ୍ତିର କେନ୍ଦ୍ର କପାଳରେ ମସ୍ତିଷ୍କର ସମ୍ମୁଖଭାଗରେ ଅନ୍ତର୍ଜ୍ଞାନ କେନ୍ଦ୍ରର ଠିକ୍ ଉପରି ଭାଗରେ ଏବଂ ଏହାର ଖୁବ୍ ନିକଟରେ ଅବସ୍ଥିତ । ଏ ଦୁଇଟି ଅର୍ଥାତ୍ ଇଚ୍ଛାଶକ୍ତି ଓ ଅନ୍ତର୍ଜ୍ଞାନ ପ୍ରାୟତଃ ଏକ ସଙ୍ଗେ କାର୍ଯ୍ୟ କରନ୍ତି । ଏଣୁ ଏହି ଦୁଇ ଶକ୍ତିକେନ୍ଦ୍ରକୁ ଯୁଗ୍ମଜ କେନ୍ଦ୍ର ରୂପେ ପରିଗଣିତ କରାଯାଏ । ତେବେ ଇଚ୍ଛାଶକ୍ତି ମୁଖ୍ୟତଃ ଅନ୍ତର୍ଜ୍ଞାନ ଦ୍ୱାରା ପ୍ରଭାବିତ ହୋଇଥାଏ । ପୁରାତନ ଯୁଗର ଦର୍ଶନ ତତ୍ତ୍ୱ ଅନୁଯାୟୀ ଏ ଦୁଇଟି ଶକ୍ତିକେନ୍ଦ୍ର ପରସ୍ପର ସହିତ ସମ୍ପର୍କିତ ମଧ୍ୟ ।

ମାତ୍ର ମନୁଷ୍ୟର ଇଚ୍ଛାଶକ୍ତି ଅନ୍ତର୍ଜ୍ଞାନ ଦ୍ୱାରା ପରିଚାଳିତ ହେବା ସତ୍ତ୍ୱେ ସମୟ ସମୟରେ ଜୋର୍ କରି ନିଜ ଯୁକ୍ତିର ଯଥାର୍ଥତା ପ୍ରତିପାଦନ କରି ଯେକୌଣସି ଘଟଣାରେ ହସ୍ତକ୍ଷେପ କରେ । ଅନ୍ତର୍ଜ୍ଞାନର ପରାମର୍ଶକୁ ଉପେକ୍ଷା କରି ତା' ନିଜର ତର୍କ ଦ୍ୱାରା ପରିଚାଳିତ ହେବା ଦ୍ୱାରା ଜଣକ ଜୀବନକ୍ଷେତ୍ରରେ ବହୁଭାବରେ ବିଭ୍ରାନ୍ତି ଦେଖାଦିଏ । ଏଣୁ ବ୍ୟକ୍ତି ଭୁଲ୍ ବି କରେ । ମାତ୍ର ପରେ ସେ ଅନୁଭବ କରେ ଯେ ତା'ର କୋଳାହଳପୂର୍ଣ୍ଣ ଇଚ୍ଛାକୁ ଶୁଣିବା ଅପେକ୍ଷା ଅନ୍ତର୍ଜ୍ଞାନର ନୀରବ ନିର୍ଦ୍ଦେଶକୁ ଗ୍ରହଣ କରି ପାଳନ କରିବା ଆବଶ୍ୟକ ଥିଲା । ଏଣୁ ଜିଦ୍‌ଖୋର ଲୋକର ଜୀବନରେ ଚାଲିଥାଏ ବ୍ୟଗ୍ରତା, ଉଦ୍‌ବିଗ୍ନତା ଓ ଶେଷରେ ବ୍ୟର୍ଥତା ।

ଦେଖିବାକୁ ଗଲେ ଜଣକର ବାହ୍ୟ ଜୀବନ ହେଉଛି ତା' ଇଚ୍ଛାଶକ୍ତିର ପରିପ୍ରକାଶ । ଯେତେବେଳେ ସେ ନିଜର ଅନ୍ତର୍ଚେତନାକୁ ଅନୁସରଣ କରିବାକୁ ଇଚ୍ଛା କରେ ସେତେବେଳେ ତା' ଇଚ୍ଛା ସହିତ ମହାଜାଗତିକ ଇଚ୍ଛା ସାମିଲ ହୋଇଯାଏ । ଏପରି ସମୟରେ ତା' ଜୀବନରେ ଭଗବତ୍ କରୁଣା କାର୍ଯ୍ୟ କରେ । ମାତ୍ର ଯଦି କେବଳ ଇଚ୍ଛାଶକ୍ତି ଅବାଧ ଭାବରେ ଅନ୍ତର୍ଜ୍ଞାନର ବିନା ସହାୟତାରେ ତା' ଜୀବନକୁ ଚଳାଏ, ସେତେବେଳେ ସେ ଜିଦ୍‌ଖୋର ପ୍ରକୃତିର ହୁଏ । ଅର୍ଥାତ୍, ତା' ମନ କଠିନ ବା ଅନମନୀୟ ହୁଏ । ଏଣୁ ତା' ସ୍ନାୟୁ ଓ ମାଂସପେଶୀର ଶକ୍ତି ମୁକ୍ତ ଭାବରେ ଗତିଶୀଳ ହେବା ପରିବର୍ତ୍ତେ ତାହା ଗ୍ରନ୍ଥି ସମୂହରେ ଗଣ୍ଠି ପକାଇ ଦିଏ । ଫଳରେ ମୁଣ୍ଡରେ ପଟି ବାନ୍ଧିଲା ପରି ଲାଗେ ।

ପୁନଶ୍ଚ କେତେକ ସମୟରେ ମଣିଷ କହିଥାଏ ଯେ ତା'ର ବଞ୍ଚିବାର ଇଚ୍ଛା ନାହିଁ କିଂବା ଜିତିବାର ଇଚ୍ଛା ହରାଇଛି । ଏହାର ଅର୍ଥ – ତା' ଆନ୍ତର ଚେତନା ଦ୍ୱାରା ପରିଚାଳିତ ହେବାକୁ ସେ ପ୍ରତ୍ୟାଖ୍ୟାନ କରୁଛି । ଏହାର ପରିଣତି ହୁଏ ପରାଜୟ, ଦୁଃଖ, ଦୁର୍ଦ୍ଦଶା ଓ ଅସୁସ୍ଥତା । ଏଥିରୁ ମୁକ୍ତ ହେବାକୁ ହେଲେ ତା' ଇଚ୍ଛାଶକ୍ତି ଅନ୍ତର୍ଜ୍ଞାନ ସହ ସଂଯୁକ୍ତ ହେବା ଦରକାର ।

ପୁନଶ୍ଚ ଉଦର ଅଞ୍ଚଳରେ ଥିବା ସୋଲାର ପ୍ଲେକ୍‌ସସ୍ (Solar Plexus) ହେଉଛି ମସ୍ତିଷ୍କ ଓ ସ୍ନାୟୁର ଏକ କେନ୍ଦ୍ର । ଏହା ମଧ୍ୟ ଦେଇ ଇଚ୍ଛା ଶକ୍ତିର କାର୍ଯ୍ୟ ବି ହୋଇଥାଏ । ଏହି ପ୍ଲେକ୍ସସ୍ ରକ୍ତ ସଞ୍ଚାଳନ ଓ ପରିପାକ କ୍ରିୟାକୁ ପରିଚାଳିତ କରେ । ତେବେ ମନର ଔଦ୍ଧତ୍ୟ ଓ ଏକଜିଦିଆ ବା ଅବାଧ ଭାବ ହୃଦୟକୁ କଠୋର ଓ ଧମନୀକୁ ଶକ୍ତ କରି ଦେଉଥିବାରୁ ସ୍ନାୟୁସବୁ ଚାପଗ୍ରସ୍ତ ହୁଅନ୍ତି ଏବଂ ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତିରେ ହ୍ରାସ ହୁଏ । ଏପରିକି ଜୀବନୀ ଶକ୍ତିର ପ୍ରବାହକୁ ଏହା ପ୍ରତିରୋଧ କରେ । ଏଣୁ ଶରୀରର ମାଂସପେଶୀରେ ଆକସ୍ମିକ ଯନ୍ତ୍ରଣାଦାୟକ ଆକୁଞ୍ଚନ(Cramps) ହୁଏ ।

ତଥାପି ବି ମଣିଷ ଜାଣେ ନାହିଁ ଯେ କେବଳ ତା' ନିଜ କାରଣରୁ ହିଁ ସେ ଅସୁସ୍ଥ ହୋଇଛି । ନିଜର ଦାମ୍ଭିକ, ଅହଙ୍କାରୀ ଓ ଉଦ୍ଧତ ଇଚ୍ଛାଶକ୍ତି ପାଇଁ ଯେ ସେ ଅସୁସ୍ଥ ଏହାକୁ ସେ ଗ୍ରହଣ କରେ ନାହିଁ ।

ଏହାର ଏକ ଉଦାହରଣ ଏହିପରି – ଏକଦା ଗୋଟିଏ ଦମ୍ପତି ସର୍ବଦା ପରସ୍ପରକୁ ଦୋଷାରୋପ କରି ଝଗଡ଼ା କରୁଥିଲେ । ପ୍ରତ୍ୟେକେ ଇଚ୍ଛା କରୁଥିଲେ ନିଜର ଇଚ୍ଛାକୁ ଅନ୍ୟ ଉପରେ ଜୋର୍ କରି ଲଦି ଦେବାକୁ । ଉଭୟ ଥିଲେ ଅସୁସ୍ଥ । ସ୍ୱାମୀ ମୋଟା ଲେନ୍‌ସର ଚଷମା ପିନ୍ଧୁଥିଲେ ବି ଭଲ ଦେଖିପାରୁ ନଥିଲେ । ବହୁବାର ଚକ୍ଷୁଦ୍ୱୟର ଅପରେସନ୍ ହୋଇ ସାରିଥିଲା ।

ପୁନଶ୍ଚ ଶୁଣିପାରୁ ନ ଥିବାରୁ କର୍ଣ୍ଣରେ ଦାମୀ ଶ୍ରବଣ ଯନ୍ତ୍ର (hearing aid) ବ୍ୟବହାର କରୁଥିଲେ । ତଥାପି ବି ଭଲ ଭାବରେ ଶୁଣିପାରୁ ନଥିଲେ । ପ୍ରତ୍ୟେକ ଦିନର ଝଗଡ଼ା ପରେ ଏହି ଲୋକଙ୍କର ହୃଦ୍‌ଘାତ ହେଲା ଏବଂ ଚିକିତ୍ସା ନିମନ୍ତେ ବେଶ୍ କିଛି ଦିନ ହସ୍‌ପିଟାଲରେ ରହିଲେ । ଏଇ ସମୟରେ ସେ ତାଙ୍କ ସ୍ତ୍ରୀଙ୍କଠାରୁ ଦୂରରେ ରହୁଥିବାରୁ ଶାନ୍ତ ଅବସ୍ଥାରେ ଥିଲେ ।

ଏପଟେ ତାଙ୍କ ପତ୍ନୀଙ୍କର ଓଜନ ବହୁତ ଥିଲା । ସେ ଡାଇବେଟିକ୍ ରୋଗ ସହ ହୃଦ୍‌ରୋଗ ଓ ପେଟ ବେମାରିରେ ପୀଡ଼ିତା ଥିଲେ । ଦୁହେଁ କେବେ ବି ସାଧାରଣ ଭାବରେ କଥାବାର୍ତ୍ତା କରୁ ନଥିଲେ । ବରଂ ସର୍ବଦା ପରସ୍ପରର ଦୋଷାରୋପରେ ବ୍ୟସ୍ତ ରହୁଥିଲେ । ଏହି ସ୍ତ୍ରୀ ଜଣକ ଡାକ୍ତରଙ୍କୁ ଦେଖା କରି ନିଜ ଝଗଡ଼ା ବିଷୟରେ କହିଲେ ଏବଂ ତାଙ୍କ ସ୍ୱାମୀଙ୍କୁ ଡକାଇବା ପାଇଁ ଅନୁରୋଧ କଲେ । ଉଦ୍ଦେଶ୍ୟ ଥିଲା ଡାକ୍ତରଙ୍କ ଆଗରେ ସ୍ୱାମୀଙ୍କୁ ଉପଦେଶ ଦେଇ ତାଙ୍କୁ ନିୟନ୍ତ୍ରଣ କରିବା । ତେବେ ଡାକ୍ତରଙ୍କ ସାମନାରେ ସ୍ତ୍ରୀ ଯେତେବେଳେ ସ୍ୱାମୀଙ୍କର ଦୁର୍ଗୁଣ ବଖାଣିଲେ, ଏଥିରୁ ମୁକ୍ତି ପାଇଁ ସ୍ୱାମୀ ତାଙ୍କ କାନରେ ଲଗାଇ ଥିବା ଶ୍ରବଣ ଯନ୍ତ୍ରକୁ ବାହାର କରି ଦେଲେ । ଉଭୟ ଦମ୍ପତିଙ୍କର ମାନସିକ ଅସୁସ୍ଥତା ଥିଲା । ଜଣେ ଅପେକ୍ଷା କରୁଥିଲେ ଅନ୍ୟ ଜଣଙ୍କର ମୃତ୍ୟୁକୁ; ତା' ହେଲେ ସେମାନଙ୍କର ଯୌଥ ସମ୍ପତ୍ତିକୁ ଜଣେ ହିଁ ସମ୍ପୂର୍ଣ୍ଣ ରୂପେ ଦଖଲ କରିପାରିବ ।

ସାଧାରଣତଃ ଦେଖାଯାଏ ଜଣେ ଯେତେବେଳେ ଅନ୍ୟ ଉପରେ ନିଜ ଇଚ୍ଛାଶକ୍ତିକୁ ଜୋର୍ କରି ଲଦି ଦେବାକୁ ଚେଷ୍ଟା କରେ ଫଳରେ ନିଜେ ହିଁ ଆଘାତ ପାଏ ଏବଂ ଯନ୍ତ୍ରଣାକୁ ବରଣ କରେ । ପୁନଶ୍ଚ ବିଷାକ୍ତ ଚିନ୍ତାଧାରାର ଲୋକେ ନିଜେ ରୋଗାକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ଅନ୍ୟକୁ ବି ଏଥିରେ ଆକ୍ରାନ୍ତ କରାଇ ଥାଆନ୍ତି । ଏଣୁ ଉଭୟ ଅସୁସ୍ଥତାର କୋଠରିରେ ବନ୍ଦୀ ହୋଇ ରହନ୍ତି । ଏଥିରୁ ମୁକ୍ତି ପାଇବାକୁ ହେଲେ ନିଜର ଇଚ୍ଛାଶକ୍ତିକୁ ନଷ୍ଟ ନ କରି ଅନ୍ତର୍ଜ୍ଞାନ ଦ୍ୱାରା ଏହାକୁ ପରିଚାଳିତ କରାଇ ଶକ୍ତିଶାଳୀ କରିବା ଆବଶ୍ୟକ । ଅନ୍ୟ ଜଣକୁ କଠୋର ଭାବରେ ନିୟନ୍ତ୍ରଣ କରିବାକୁ ନିଜର ମନ ପ୍ରଲୋଭିତ ହେଉଥିବା ବେଳେ ନିଜର ଇଚ୍ଛାଶକ୍ତିକୁ ନମନୀୟ କରିବା ଦରକାର । ଭଗବାନଙ୍କ ଇଚ୍ଛାରେ ଯେ ସବୁକିଛି ଚାଳିତ, ଏକଥାକୁ ଗ୍ରହଣ କଲେ ଇଚ୍ଛାଶକ୍ତି ଶାନ୍ତ ଓ ମଜଭୁତ ହୋଇ ପାରିବ । ତା'ହେଲେ ଅନ୍ୟର ଏକଜିଦିଆ ସ୍ୱଭାବ ସତ୍ତ୍ୱେ ନିଜକୁ ବି ରକ୍ଷା କରାଯାଇ ପାରିବ ।

ଅନେକ ସମୟରେ ଆଧ୍ୟାତ୍ମିକ ଗୁରୁମାନେ କହନ୍ତି – ମୋର ନିଜସ୍ୱ ଇଚ୍ଛା ବୋଲି କିଛି ନାହିଁ, କେବଳ ଭଗବାନଙ୍କ ଇଚ୍ଛା ହିଁ ପୂରଣ ହେଉ । ଏହାକୁ କୁହାଯାଏ ଆବେଗଭରା ସମର୍ପଣ – ଯାହା ମଣିଷର ସୀମିତ ଇଚ୍ଛା ସହିତ ଭଗବାନଙ୍କ ସର୍ବବ୍ୟାପୀ ଦିବ୍ୟଇଚ୍ଛା ମିଶି ମଣିଷ ଜୀବନରେ ସର୍ବୋତ୍ତମ ଘଟଣା ଘଟାଇଥାଏ । ଏ ପରିସ୍ଥିତିରେ ମନ ଓ ଶରୀରରେ ଆରୋଗ୍ୟର ସ୍ଥିତି ସୃଷ୍ଟି ହୁଏ । ଜଣେ ଇଚ୍ଛା କଲେ ନିଜର ଏକଜିଦିଆ ଗୁଣକୁ ଚିହ୍ନି ଆଧ୍ୟାତ୍ମିକ ଉପାୟରେ ନିଜକୁ ଚିକିତ୍ସା କରିପାରେ ।

ଅନେକ ସମୟରେ ବିଶୃଙ୍ଖଳିତ ଇଚ୍ଛା ମନ ମଧ୍ୟରେ ବିଦ୍ରୋହ ସୃଷ୍ଟି କରେ । ଅନ୍ୟ ଜଣକର ଇଚ୍ଛାକୁ ଅବଜ୍ଞା କରି ଜବରଦସ୍ତି ନିଜ ଇଚ୍ଛାକୁ ଲଦି ଦେବାକୁ ମାନସିକ ମୃତ୍ୟୁ କୁହାଯାଇପାରେ । ତେବେ ଏହାର ଅର୍ଥ ନୁହେଁ ଯେ ଆଧୁନିକ ଯୁଗର ବିଶୃଙ୍ଖଳିତ ଯୁବପିଢ଼ି ଯେଉଁପରି ଭାବରେ ଉଚ୍ଛୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଛନ୍ତି, ସେମାନଙ୍କର ସମସ୍ତ ଇଚ୍ଛାକୁ ପରିବାରର ସଦସ୍ୟଗଣ ଗ୍ରହଣ କରି ନେବେ । ଅନ୍ୟ ଭାବରେ ଦେଖିଲେ ନିଜର ଇଚ୍ଛାକୁ ଅନ୍ତର୍ଜ୍ଞାନ ଦ୍ୱାରା ପରିଚାଳିତ କରି ଶାନ୍ତ ଭାବରେ ସମସ୍ତ ସମସ୍ୟାର ସମାଧାନ କରିବା ହେଉଛି ଉତ୍ତମ ପନ୍ଥା ।

ପୁନଶ୍ଚ ଦେଖାଯାଏ ଯେ ଅନ୍ୟ ଜଣକର ବ୍ୟକ୍ତିତ୍ୱ ନିକଟରେ ସମ୍ମୋହନ ବିଦ୍ୟା (Hypnotism) ମାଧ୍ୟମରେ ନିଜକୁ ସମର୍ପିତ କରାଯାଏ । ଏହାର ଫଳାଫଳ ହେଉଛି – ଯିଏ ସମ୍ମୋହିତ ହେଉଥାଏ, ସର୍ବଦା ସେ ଦୁର୍ବଳ ହୁଏ । ଆଉ ଯଦି ଏହା କ୍ରମାଗତ ଭାବରେ ଚାଲେ, ତା'ହେଲେ ତା'ର ମାନସିକ ସ୍ଥିତିରେ ବିଶୃଙ୍ଖଳାର ଅବସନ୍ନତା ଓ ଅସୁସ୍ଥତା ସୃଷ୍ଟି ହୁଏ । ସାଧାରଣତଃ ସେ ଗଭୀର ଭାବରେ ମାନସିକ ରୋଗୀ ହୋଇଯାଏ । ଏଣୁ ଯେକୌଣସି ଚିକିତ୍ସା ପଦ୍ଧତିକୁ ଜଣେ ଗ୍ରହଣ କରିବା ପୂର୍ବରୁ ଚିନ୍ତା କରି ଦେଖିବା ଉଚିତ ଯେ କେବେ ବି ଯେମିତି ନିଜର ସ୍ୱାଧୀନତାରେ ସେହି ପଦ୍ଧତି ହସ୍ତକ୍ଷେପ କରୁ ନ ଥିବ । ଦେଖିବାକୁ ଗଲେ ସମ୍ମୋହନ ବିଦ୍ୟା ପ୍ରକୃତ ଆରୋଗ୍ୟକାରୀ ପଦ୍ଧତି ନୁହେଁ । କାରଣ ଏହି ପ୍ରଣାଳୀକୁ ପ୍ରୟୋଗ କରି ଜଣଙ୍କର ଶକ୍ତିକୁ ଦମନ କରାଯାଉଥାଏ । ଜଣେ ଯୋଗୀ ଆଧ୍ୟାତ୍ମିକ ଶକ୍ତିକୁ ପ୍ରୟୋଗ କରି ଅନ୍ୟ ଜଣଙ୍କର ରୋଗକୁ ଆରୋଗ୍ୟ କରି ଦେଇ ପାରନ୍ତି । ମାତ୍ର ସେଥିରେ ରୋଗ ପ୍ରତ୍ୟାବର୍ତ୍ତନର ସମ୍ଭାବନା ଥାଏ,– ଯଦି ବ୍ୟକ୍ତି ଜଣକ ପୁନର୍ବାର

ନିମ୍ନ-ଚେତନାକୁ ଖସି ଆସି ରୋଗକୁ ଆହ୍ୱାନ କରନ୍ତି । ସେହିପରି ସମ୍ମୋହନ ବିଦ୍ୟା ମାଧ୍ୟମରେ ଜଣକର ଅଚଳ ହାତ ଅସ୍ଥାୟୀ ଭାବରେ ଆରୋଗ୍ୟ ହୋଇ ଗଲେ ମଧ୍ୟ ସ୍ଥାୟୀ ଆରୋଗ୍ୟ ପାଇଁ ସୁସ୍ଥତା ଲାଭର ନିୟମ ଜାଣିବା ଦରକାର ।

ପୁନଶ୍ଚ ଜଣେ ଅଜ୍ଞତାର ସ୍ତୂପ ମଧ୍ୟରୁ ବାହାରି ଆସିବାକୁ ଇଚ୍ଛା କଲେ, ତା'ର ବିଶୃଙ୍ଖଳିତ ମନକୁ ପ୍ରଥମେ ସଜାଡ଼ିବା ଦରକାର । ନିମ୍ନ-ମନର ପ୍ରଭାବରୁ ନିଜକୁ ଅପସାରିତ କରି ନେଇ ଯଦି ସକାରାତ୍ମକ ଦିଗରେ ଏହାକୁ ପରିଚାଳିତ କରାଯାଏ ତା'ହେଲେ ଭଗବାନଙ୍କ କୃପାରୁ ଏହାର ଧ୍ୱଂସାତ୍ମକ ପ୍ରକୃତିକୁ ନଷ୍ଟ କରି ଦିଆଯାଇ ପାରେ । ଏହା ସହିତ ସକାରାତ୍ମକ ଭାବରେ ନିଜର ଇଚ୍ଛାଶକ୍ତିକୁ ସୁଶୃଙ୍ଖଳିତ ଓ ଅଧିକ ବିସ୍ତୃତ କରିବା ସହ ପ୍ରତ୍ୟେକ ଦିନ ଧ୍ୟାନ, ପ୍ରାର୍ଥନା, ଆଧ୍ୟାତ୍ମିକ ପୁସ୍ତକ ପଠନ ତଥା କ୍ଳାନ୍ତି ଅପସାରଣ ନିମିତ୍ତ ବିଶ୍ରାମ ଓ କିଛି ଉଚ୍ଚ ଧରଣର ମନୋରଞ୍ଜନ ବି ଆବଶ୍ୟକ ହୋଇଥାଏ । ଏହି ଇଚ୍ଛାଶକ୍ତି ହିଁ ସମସ୍ତ ପ୍ରକାର ଆରୋଗ୍ୟକାରୀ ପଦ୍ଧତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବାସ୍ତବରେ ଯେତେବେଳେ ଭଗବାନଙ୍କ ଇଚ୍ଛା ଓ ସାହାଯ୍ୟ ଉପରେ ଜଣକର ଭରସା ରହିଥାଏ ସେତେବେଳେ ତା'ର ଶରୀର ଓ ମନରେ ସନ୍ତୁଳିତ ଅବସ୍ଥା ସୃଷ୍ଟି ହୁଏ ।

ଯଦି ଜଣେ ମନ ମଧ୍ୟରେ କିଛି ନିଷ୍ପତ୍ତି ନେଉଛି, କିଛି ମନୋନୀତ କରୁଛି ବା କିଛି ପସନ୍ଦ କରୁଛି – ତା'ର ଅର୍ଥ ସେ କିଛି କରିବା ପାଇଁ ବା ପାଇବା ପାଇଁ ନିଜର ଇଚ୍ଛାଶକ୍ତିକୁ ପ୍ରୟୋଗ କରୁଛି । ଯେପର୍ଯ୍ୟନ୍ତ ସେ ତା'ର ସୀମିତ ଆର୍ଥିକ ସ୍ଥିତି, ଅସୁସ୍ଥତା ବା ପାରିବାରିକ ସମସ୍ୟାକୁ ପସନ୍ଦ କରି ଚାଲିଥିବ ସେପର୍ଯ୍ୟନ୍ତ ତାହାହିଁ ତା' ଜୀବନରେ ଘଟି ଚାଲିଥିବ । ଆଉ ଯଦି ସେ ନିଜ ଜୀବନରେ ପ୍ରାଚୁର୍ଯ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଓ ସୁଖମୟ ଜୀବନକୁ ମନ ମଧ୍ୟରେ କାମନା କରି ଚାଲିଥିବ, ତା'ହେଲେ ତା' ଜୀବନ ପରିବର୍ତ୍ତିତ ହୋଇ ଚାଲିଥିବ । ମୁଖ୍ୟତଃ ଦେଖାଯାଏ ଯେ ଚିକିତ୍ସା ସତ୍ତ୍ୱେ ଯଦି ହଠାତ୍ ଜଣେ ସୁସ୍ଥ ନ ହୁଏ, ସେ ଭାବିନିଏ ଯେ ଏହି ଯନ୍ତ୍ରଣା ଭୋଗିବା ହୁଏତ ଭଗବାନଙ୍କର ଇଚ୍ଛା । କିନ୍ତୁ ଭଗବାନଙ୍କର ଇଚ୍ଛା ସର୍ବଦା ମଙ୍ଗଳମୟ ବୋଲି ଯଦି ସେ ହୃଦୟରେ ଗ୍ରହଣ କରେ, ତା'ହେଲେ ତା' ଶରୀରରେ ସନ୍ତୁଳିତ ଅବସ୍ଥା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସୁସ୍ଥତାର ଦ୍ୱାର ଖୋଲିଯାଏ । ବାସ୍ତବରେ ଇଚ୍ଛା ହିଁ ହେଉଛି ମନୁଷ୍ୟ ଜୀବନର ଶ୍ରେଷ୍ଠ ନିର୍ମାତା ।

ସାଧାରଣତଃ ଧାର୍ମିକ ପୁରାତନପନ୍ଥୀମାନେ କହନ୍ତି ଯେ ଅସୁସ୍ଥତା ଓ ଦାରିଦ୍ର୍ୟତା – ଏସବୁ ଭଗବାନଙ୍କର ଇଚ୍ଛାରେ ହୋଇ ଥିବାରୁ ଏହାକୁ ଗ୍ରହଣ କରିବା ଦରକାର । ମାତ୍ର ଭଗବାନଙ୍କର ଉଦ୍ଦେଶ୍ୟ ଅନ୍ୟ ପ୍ରକାରର । ଆନନ୍ଦରେ ପରିପୂର୍ଣ୍ଣ ମନୁଷ୍ୟର ସୁସ୍ଥ ଓ ସୁଖମୟ ଜୀବନ ହିଁ ତାଙ୍କର ଇଚ୍ଛା । ମାତ୍ର ମଣିଷ ନିଜର ମନ ଓ ଇଚ୍ଛାଶକ୍ତି ପ୍ରୟୋଗ କରି ନିଜକୁ ଦୁଃଖୀ କରିଥାଏ । ଏକଥା ଶୁଣିବାକୁ ଖରାପ ଲାଗୁଥିଲେ ମଧ୍ୟ ଏହା ହିଁ ସତ୍ୟ ।

ଏଣୁ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରି ଅନ୍ୟ ଲୋକର ସମାଲୋଚନା ଓ ନିନ୍ଦାସବୁକୁ ମନ ଭିତରେ ପ୍ରତ୍ୟାଖ୍ୟାନ କରିବାକୁ ଶିକ୍ଷା କରିବା ଆବଶ୍ୟକ । ଅନ୍ୟର କଥାରେ ପ୍ରଭାବିତ ହେବା ଅପେକ୍ଷା ନିଜ ମନର ଦ୍ୱାର ଯେତେବେଳେ ଜଣେ ବନ୍ଦ କରିଦିଏ ସେତେବେଳେ ଅନ୍ୟ ଲୋକର କଥା ବି ଆପେ ଆପେ ବନ୍ଦ ହୋଇଯାଏ । ଫଳରେ ସେ ନିଜକୁ ସୁରକ୍ଷିତ ରଖିପାରେ, ମାତ୍ର ଏହି କାର୍ଯ୍ୟପ୍ରଣାଳୀ ଏତେ ସହଜ ହୋଇ ନ ଥିବାରୁ ସମାଜର ବହୁଲୋକ ଏଭଳି ପରିସ୍ଥିତିକୁ ଅସହ୍ୟ ମନେ କରିଥା'ନ୍ତି ।

ନିନ୍ଦା ସର୍ବଦା ଉତ୍ପତ୍ତି କରେ ଦୁରାରୋଗ୍ୟ ବ୍ୟାଧି । ଏପରିକି ପରସ୍ପର ମଧ୍ୟରେ ବାରଂବାର ମତାନ୍ତରଜନିତ ବିବାଦ ସୃଷ୍ଟି କରେ ଗଣ୍ଠିବାତ (arthritis) । ଏହି ରୋଗ ସାଧାରଣତଃ ବୟସ୍କ ଲୋକଙ୍କଠାରେ ଅଧିକ ଦେଖାଯାଏ । କାରଣ ସେମାନେ ସାଧାରଣତଃ ବାର୍ଦ୍ଧକ୍ୟଜନିତ ବିକାର ଯୋଗୁଁ ଅନ୍ୟ ପ୍ରତି କଠୋର ମନୋଭାବ ପୋଷଣ କରିଥା'ନ୍ତି । ଦେଖାଯାଏ ଯେ ଗଣ୍ଠିବାତ ରୋଗ ଭୌତିକ ସ୍ତରରେ ଉତ୍ତାପ ପ୍ରତି ଏବଂ ଆଧିଭୌତିକ ସ୍ତରରେ ଉତ୍ତେଜିତ ଚିନ୍ତାଧାରା ଓ ଆବେଗ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ ।

ଏଣୁ ଯଦି ତୁମର ଅନ୍ୟ ପ୍ରତି ଅସହିଷ୍ଣୁଭାବ ବା କଠୋରତା ସୃଷ୍ଟି ହେଉଛି ତେବେ ନିଜକୁ ନିଜେ କହିଦିଅ – କୌଣସି ଲୋକକୁ ବା ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ମୋର କୌଣସି ଆବଶ୍ୟକତା ନାହିଁ; ମୁଁ ଏ ପରିସ୍ଥିତିକୁ ଭଗବାନଙ୍କର ମହାନ୍ ଇଚ୍ଛା ଉପରେ ଛାଡ଼ି ଦେଉଛି । ଏହାହିଁ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସଫଳତାର ଦ୍ୱାର ଉନ୍ମୁକ୍ତ କରିଦିଏ ।

ତେବେ ମନୁଷ୍ୟ କ'ଣ ନିଜ ଜୀବନ ପରିସରରେ ଭଗବାନଙ୍କ ସର୍ବଜୟୀ ଇଚ୍ଛାକୁ କାର୍ଯ୍ୟକାରୀ କରିବା ପାଇଁ ସାହସିକତାର ସହ ଆବାହନ କରିପାରିବ !

(କ୍ରମଶଃ) ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : White Roses ରେ ମା କହିଛନ୍ତି, ଯଦି ତୁମେ କୌଣସି ମତେ ନିଜ ଆତ୍ମାକୁ ଆବିଷ୍କାର କରିବାକୁ ଚାହଁ ତା'ହେଲେ ଚେଷ୍ଟା କରି ଏଇ ଜାଗାରେ ରହିବା ଉତ୍ତମ ହେବ । କାରଣ ସେ କହିଛନ୍ତି, ବାହାରେ ବାଧାବିପତ୍ତି ରହିଛି କିନ୍ତୁ ଏଠାରେ ବାଧାବିପତ୍ତି ଦୂର କରିବା ପାଇଁ ଯେତେ ସାହାଯ୍ୟ ପାଇବ ଆଉ ଅନ୍ୟ କେଉଁଠି ପାଇବ ନାହିଁ । ଏହି ସ୍ଥାନର ବହୁତ ମହତ୍ତ୍ୱ ରହିଛି । ତା' ବ୍ୟତୀତ ମଧ୍ୟ The Mother ବହିର ଯେଉଁ ବଡ଼ Volume ବାହାରିଛି (Centenary Volume) ସେଥିରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି, (ସେହି ପତ୍ରଟା ହେଉଛି Psychic Contact in Ashram and outside) ବାରଂବାର ଆଶ୍ରମ ଆସିବା ବହୁତ ଭଲ । କାରଣ ଏଇ ଜାଗାର ବହୁତ ମହତ୍ତ୍ୱ ରହିଛି ଆଉ ଏଇ ଆନ୍ତର ଅନୁଭୂତି ବା Psychic Contact ବାହାର ଜଗତ୍ ପାଇଁ ଏତେ ସୁବିଧାଜନକ ନୁହେଁ । ଏହି ଅନୁଭବ ବାହାରେ ବେଶୀ ସମୟ ରହିପାରେ ନାହିଁ । ତେଣୁ ବାରଂବାର ଏଠାକୁ ଆସି କିଛି ସମୟ ରହି ଯିବା ବହୁତ ଆବଶ୍ୟକ । ମୋର ପ୍ରଶ୍ନ ହେଉଛି ଯେ ମା'ଙ୍କ ଦେହତ୍ୟାଗ ପରେ ଆଶ୍ରମର ସେଇ ଏକା ମହତ୍ତ୍ୱ ରହିଛି ନା ସେଇ ମହତ୍ତ୍ୱ ଚାଲିଯାଇଛି ? ଯେଉଁ ମହତ୍ତ୍ୱ ରହିଥିଲା ବା ଆଧ୍ୟାତ୍ମ କ୍ଷେତ୍ର ବୋଲି ଯେଉଁ ଖ୍ୟାତି ରହିଥିଲା ତାହା ରହିଛି ନା ନାହିଁ ? କାରଣ ଶ୍ରୀଅରବିନ୍ଦଙ୍କର Relics ବହୁତ ଜାଗାରେ ରହିଛି, ସବୁ ତ ଆଶ୍ରମ ଭଳିଆ ସମାନ ହୋଇପାରେ, ଆଶ୍ରମରେ ଶ୍ରୀଅରବିନ୍ଦଙ୍କର ମହାସମାଧି ରହିଛି, ବାହାରେ ମଧ୍ୟ ଦେହାବଶେଷ ରହିଛି; ତା'ହେଲେ ବର୍ତ୍ତମାନ ତଫାତଟା କ'ଣ ?*

**ଉତ୍ତର :** ଏଥିରେ ପାର୍ଥକ୍ୟ ତ ରହିଛି । ସେଇଟା ହେଲା ବାହାରେ ଯେଉଁ ପାରିପାର୍ଶ୍ୱିକ ଅବସ୍ଥା ତାହା ବହୁତ ଖରାପ । ପ୍ରତ୍ୟେକ ବ୍ୟକ୍ତି ହିଂସା, ଦ୍ୱେଷ ଦ୍ୱାରା ପରିଚାଳିତ ହେଉଛନ୍ତି । କିନ୍ତୁ ଆଶ୍ରମରେ ଯେଉଁ ପରିବେଶ ରହିଛି ସମସ୍ତଙ୍କର ଏକ ଲକ୍ଷ୍ୟ, ଭଗବତ୍ ପ୍ରାପ୍ତି । ''ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି'', ଏଇ ଲକ୍ଷ୍ୟ ସମସ୍ତଙ୍କର । କିନ୍ତୁ ବାହାରେ ସାଧନା କରିବା ଦ୍ୱାରା କଠିନ ଏହି ସକାଶେ ହୁଏ ଯେ ପାରିପାର୍ଶ୍ୱିକ ଅବସ୍ଥା ଅନୁକୂଳ ନ ଥାଏ । ଏଠାରେ ପରିବେଶ ଯୋଗୁଁ ସାଧନାରେ ସାହାଯ୍ୟ ହୁଏ । ଦ୍ୱିତୀୟ କଥା ହେଲା ଆଶ୍ରମରେ ମା ଆସିବା ଦିନଠୁ ତପସ୍ୟା କରିଛନ୍ତି । ଅତିମାନସ ଶକ୍ତିକୁ ଏଇ ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି, ମାଶ୍ରୀଅରବିନ୍ଦଙ୍କ ଶରୀର ଏଠାରେ ଅଛି । ଏଇ ଭୂମି ସବୁ ସମୟରେ ପବିତ୍ର ହୋଇ ରହିବ ଏବଂ ସବୁ ସମୟରେ ସାଧନାରେ ସାହାଯ୍ୟ ମିଳିବ । ବାହାରେ ଯେଉଁ ଜାଗାରେ ସାଧନା କରାଯିବ, ସେ ଜାଗା ମଧ୍ୟ ପବିତ୍ର ହେବ । ସେଠାକାର ବାତାବରଣ ପ୍ରଭାବିତ ହେବ, ସେଥିରେ କୌଣସି ସନ୍ଦେହ ନାହିଁ । ପରନ୍ତୁ ଆଶ୍ରମରେ ମାଶ୍ରୀଅରବିନ୍ଦ ସ୍ୱୟଂ ଥିଲେ । ବାହାରେ ଯିଏ ଯେତେ ସାଧନା କରିବ, ତପସ୍ୟା କରିବ, ମାଶ୍ରୀଅରବିନ୍ଦଙ୍କ ସଦୃଶ ତ କିଏ କରିପାରିବେ ନାହିଁ । ସେମାନେ ହେଲେ ସ୍ୱୟଂ ଅବତାର, ଭଗବାନଙ୍କ ଅବତାର । ସେ ଯେଉଁଠି ବାସ କରିବେ, ତାଙ୍କ ଶରୀର ଯେଉଁଠି ରହିବ ସେଥିରେ କୌଣସି ସନ୍ଦେହ ନାହିଁ, ସେ ଜାଗା ବହୁତ ପବିତ୍ର । ଯେପରି ଶ୍ରୀରାମ ଅବତାର ନେଇ ଅଯୋଧ୍ୟା ଆସିଥିଲେ, ଶ୍ରୀକୃଷ୍ଣ ବୃନ୍ଦାବନ ଆସିଥିଲେ, ସେମାନେ ଚାଲିଗଲେଣି; କିନ୍ତୁ ସେ ଧାମ ବର୍ତ୍ତମାନ ରହିଛି । ସେ ଭୂମିର ପ୍ରଭାବ ବର୍ତ୍ତମାନ ବି ରହିଛି । ହଜାର ହଜାର, ଲକ୍ଷ ଲକ୍ଷ ଲୋକ ଦର୍ଶନ କରିବାକୁ ଯାଉଛନ୍ତି, ସ୍ନାନ କରୁଛନ୍ତି, ପବିତ୍ର ମନେ କରି ଫେରୁଛନ୍ତି । ଆଉ କେତେ ସଂଖ୍ୟାରେ ସାଧୁ ସେଠାରେ ରହି ତପସ୍ୟା କରୁଛନ୍ତି ।

ଅବତାରମାନେ ଆସିଥିଲେ, ତାଙ୍କ କାର୍ଯ୍ୟ ଶେଷ କରି ଯାଇଛନ୍ତି । ମାଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ ସେପରି ନୁହେଁ । ମାଶ୍ରୀଅରବିନ୍ଦ ଆସିଥିଲେ ମନ, ପ୍ରାଣ, ଶରୀରକୁ ରୂପାନ୍ତର କରି ପୃଥିବୀରେ ନୂତନ ଅତିମାନବ ଜାତି ପ୍ରତିଷ୍ଠା କରିବା ପାଇଁ । ସେ ସକାଶେ ଅତିମାନସ ଶକ୍ତିକୁ ପୃଥିବୀକୁ ଉତାରି ଆଣିଥିଲେ । ତାଙ୍କ ମନ, ପ୍ରାଣ, ସୂକ୍ଷ୍ମ ଶରୀର ଯେଉଁ ଭାବେ ରୂପାନ୍ତରିତ ହୋଇଥିଲା ବର୍ତ୍ତମାନ ବିଦ୍ୟମାନ ଅଛି । ଏକଥା ମା ବହୁତ ବାର କହିଛନ୍ତି । ସେପର୍ଯ୍ୟନ୍ତ ସେମାନେ ସ୍ଥୂଳ ଶରୀର ଧାରଣ କରିବେନି ଯେପର୍ଯ୍ୟନ୍ତ କିଛି ସାଧକମାନଙ୍କର ପୂର୍ଣ୍ଣ ରୂପାନ୍ତର ନ ହୋଇଛି । ପୂର୍ଣ୍ଣ ରୂପାନ୍ତର ହୋଇଯିବା ପରେ ମା ଓ ଶ୍ରୀଅରବିନ୍ଦଙ୍କର ଯେଉଁ ସୂକ୍ଷ୍ମ ଶରୀର (ରୂପାନ୍ତରିତ ଶରୀର) ଅଛି, ସେ ଶରୀର ସ୍ଥୂଳ ରୂପେ ପ୍ରକଟିତ ହେବ । ତେବେ ଏହି ସ୍ଥାନକୁ, ଆଉ ଏଇ ଅବତାରଙ୍କୁ ଅନ୍ୟ ଅବତାରଙ୍କ ସହ ତୁଳନା କରାଯିବ ନାହିଁ; କାରଣ ଅନ୍ୟ ଅବତାର ଆସିଥିଲେ ଅନ୍ୟ କାମ କରିବା ସକାଶେ । ଇଏ ଆସିଥିଲେ ପୃଥିବୀରେ ନୂତନ

ଅତିମାନବ ଜାତି ପ୍ରତିଷ୍ଠା କରିବା ସକାଶେ । ସେ ସକାଶେ ତାଙ୍କ କାର୍ଯ୍ୟ ଭିନ୍ନ । ତାଙ୍କର ଉପସ୍ଥିତି ଅନ୍ୟ ଅବତାରଙ୍କଠୁ ଭିନ୍ନ । କାହିଁକି ନା ଇଏ ନିଜେ ପ୍ରକଟ ହେବେ ଏଇ ପୃଥିବୀରେ । ଏଇ ସକାଶେ ତାଙ୍କର ରୂପାନ୍ତରିତ ଶରୀର ତିଆରି ହୋଇଛି । ସେମାନେ ରୂପାନ୍ତରିତ ଶରୀରରେ ବର୍ତ୍ତମାନ ବି ବିଦ୍ୟମାନ ଅଛନ୍ତି । ସ୍ଥୂଳ ରୂପରେ ଯଦିବା ଆମେ ନ ଦେଖୁଛୁ ସେ ରୂପାନ୍ତରିତ ଶରୀରରେ ଅଛନ୍ତି, କିନ୍ତୁ ସୂକ୍ଷ୍ମ ରୂପେ । ଯେପରି ମହାପୁରୁଷ ଚାଲିଗଲେ, ଅବତାର ଚାଲିଗଲେ ବି ତାଙ୍କ Presence ରହିଥାଏ । କିନ୍ତୁ ଇଏ ଉପସ୍ଥିତି ନୁହଁ । ତାଙ୍କର ଯଥାର୍ଥ ରୂପାନ୍ତରିତ ଶରୀର ନଳିନୀ ଦା' ଦେଖିଛନ୍ତି । କେତେ ଲେଖିଛନ୍ତି । କେତେଜଣ ଦେଖିଛନ୍ତି ମା ଯେତେବେଳେ ଶରୀର ତ୍ୟାଗ କଲେ, ତ୍ୟାଗ କରିବା ସମୟରେ କେତେ ଭକ୍ତ ଲୋକ ବି ଦେଖିଛନ୍ତି ମା'ଙ୍କ ସୂକ୍ଷ୍ମ ଶରୀର, ରୂପାନ୍ତରିତ ସୂକ୍ଷ୍ମ ଶରୀର । ଆଉ ସାଧାରଣ ଦୃଷ୍ଟିରେ ଯଦି ଦେଖାଯାଏ, ଯଦି କେହି ବ୍ୟକ୍ତି ଉତ୍ତମ ମନୋଭାବ ନେଇ କରି ଆସେ, ଆଶ୍ରମରେ ପ୍ରବେଶ କରିବା ମାତ୍ରେ ମାଶ୍ରୀଅରବିନ୍ଦଙ୍କ ଉପସ୍ଥିତି ଯେ ଅଛି ତାହା ବୁଝାଯାଏ । କିନ୍ତୁ ଅତିମାନସ ଶକ୍ତି ବର୍ତ୍ତମାନ ପୃଥିବୀକୁ ଆସିଯାଇଛି ବାହାରେ ଯିଏ ସାଧନା କରିବ ପାଇବ । ଏଥିରେ କୌଣସି ସନ୍ଦେହ ନାହିଁ । ଆଉ ଯେଉଁଠି କିଛି ଲୋକ ଏକାଠି ହୋଇ ସାଧନା କରିବେ ସେଇ ହେବ ସାଧନା ପୀଠ, ଅତିମାନସର କେନ୍ଦ୍ର । ଏଥିରେ କୌଣସି ସନ୍ଦେହ ନାହିଁ । ପରନ୍ତୁ ଆଶ୍ରମର ଯେଉଁ ବିଶେଷତ୍ୱ, ଆଶ୍ରମରେ ଯେଉଁ ବାତାବରଣର ବିଶେଷତ୍ୱ, ଆଶ୍ରମରେ ମା'ଙ୍କ, ଶ୍ରୀଅରବିନ୍ଦଙ୍କ ଉପସ୍ଥିତି, ବରାବର ଭବିଷ୍ୟତ୍ ସକାଶେ ବି ଏହାର ବିଶେଷତ୍ୱ ରହିବ । ଅନ୍ୟ ସ୍ଥାନରେ ବି, ବାହାରେ ଯେଉଁଠି Relics ପ୍ରତିଷ୍ଠା ହେଉଛି ସେଇ ସ୍ଥାନ ଏକ ଉତ୍ତମ ସ୍ଥାନ ହେବ । ସେଠାରେ ମାଶ୍ରୀଅରବିନ୍ଦଙ୍କର ଉପସ୍ଥିତି ରହିବ । ଯଦି ବ୍ୟକ୍ତି ଉତ୍ତମ ରୂପେ ନିଜକୁ ଖୋଲି ଦେଇପାରେ, ଅଭୀପ୍ସା କରିପାରେ, ସମର୍ପଣ କରିପାରେ ନିଶ୍ଚିତ ରୂପେ ଶକ୍ତିକୁ ପାଇବ, ଆଉ ସାଧନାରେ ଅଗ୍ରସର ହେବ । ସାଧନାରେ ସିଦ୍ଧି ପାଇ ପାରିବ । ଏସବୁ ହେବା ସତ୍ତ୍ୱେ ଏଇ ସ୍ଥାନର ବିଶେଷତ୍ୱ ରହିବ । କିନ୍ତୁ ମୁଁ ଏକଥା କହୁ ନାହିଁ ଯେ ଏଇ ସ୍ଥାନରେ ଯିଏ ରହି ସାଧନା କରିବେ ସିଏ ସିଦ୍ଧି ପାଇବେ । ମା ଗୋଟେ ଜାଗାରେ କହିଛନ୍ତି, ମୋର କୌଣସି ସନ୍ତାନ ମୂଲ୍ୟହୀନ (Zero) ନୁହନ୍ତି ।...

*ପ୍ରଶ୍ନ : ଆପଣ ଯେଉଁ ମା'ଙ୍କର ରୂପାନ୍ତରିତ ଶରୀର କଥା କହିଲେ, ତାଙ୍କର ଉପସ୍ଥିତି ରହିଛି, ତାଙ୍କର ସୂକ୍ଷ୍ମ ଶରୀର ରୂପାନ୍ତରିତ ହୋଇ ରହିଛି, ତା'ର ପ୍ରଭାବ ଆମମାନଙ୍କ ନିଜର ବ୍ୟକ୍ତିଗତ ଜୀବନରେ କିପରି ପଡ଼ିବ ? ଅର୍ଥାତ୍ ମୁଁ ପଚାରିବାକୁ ଚାହୁଁଛି ଆମେ, ମା ସ୍ଥୂଳ ଭାବରେ ଥିଲେ; ଆମେ ତାଙ୍କୁ ସ୍ମରଣ କରୁଥିଲୁ ବା ତାଙ୍କୁ ପ୍ରଣାମ କରୁଥିଲୁ, ତାଙ୍କ ସ୍ନେହ ଆଶୀର୍ବାଦ ବା ତାଙ୍କର ବ୍ୟକ୍ତିଗତ ଭାବରେ ଆମମାନଙ୍କ ଉପରେ ଦୃଷ୍ଟି ଦେବା, ଏସବୁ ଥିଲା ଆଗେ । ସ୍ଥୂଳ ଶରୀର ଯେତେବେଳେ ତ୍ୟାଗ କରିଦେଲେ ଆମେ ଭାବିଲୁ ଯେ ତାଙ୍କ ସଙ୍ଗେ ଆମର ସମ୍ପର୍କ ସବୁ ଚାଲିଗଲା । କିନ୍ତୁ ଏ ରୂପାନ୍ତରିତ ଶରୀରରେ ଯେ ମା ରହିଛନ୍ତି, ସେ କ'ଣ ସେଇ ମା ଯିଏ ଆମମାନଙ୍କ ପାଖରେ ଥିଲେ, ଆମ ସାଙ୍ଗେ ସାକ୍ଷାତ୍ କରୁଥିଲେ, ଆମକୁ ଆଶୀର୍ବାଦ ଦେଉଥିଲେ, ଆମ ବ୍ୟକ୍ତିଗତ କଥା ବି ବୁଝୁଥିଲେ, ଆମେ କ'ଣ ତାଙ୍କ ସଙ୍ଗେ ସେଇ ସମ୍ପର୍କ ରଖି ପାରିବୁ ?*

**ଉତ୍ତର :** ସେହି ସମ୍ପର୍କ ଅପେକ୍ଷା ଅଧିକ ସମ୍ପର୍କ ରଖି ପାରିବେ । କିନ୍ତୁ ସେତେବେଳେ ମା'ଙ୍କର ଯେଉଁ ସ୍ଥୂଳ ଶରୀର ଥିଲା ଏବଂ ବର୍ତ୍ତମାନ ଯେଉଁ ଶରୀର ଅଛି, ତାହା ଭିତରେ ପାର୍ଥକ୍ୟ ହେଉଛି ଗୋଟିଏ କଥା । ସେତେବେଳେ ମା'ଙ୍କର ଦୁଇଟି ଚେତନା ଥିଲା, ଗୋଟିଏ ହେଲା ଭଗବତ୍ ଚେତନା, ଆଉ ଗୋଟିଏ ହେଲା ମାନୁଷୀ ଚେତନା । ଆମ ସହିତ ସେ ଯେତେବେଳେ ବ୍ୟବହାର କରୁଥିଲେ ସେତେବେଳେ ମାନୁଷୀ ଚେତନାରେ ବ୍ୟବହାର କରୁଥିଲେ, କିନ୍ତୁ ସେ ରହୁଥିଲେ ଭଗବତ୍ ଚେତନାରେ । ଏ ଦୁଇଟି ଚେତନା ଥିଲା ତାଙ୍କର । ଅବତାରମାନଙ୍କର ଦୁଇଟି ଚେତନା ଥାଏ କିନ୍ତୁ ଆମ ସହିତ ଗୋଟିଏ ଚେତନାରେ ବ୍ୟବହାର କରୁଥିଲେ; ଯେମିତି ପରିବାରରେ ସନ୍ତାନ ପ୍ରତି ମା'ର ବ୍ୟବହାର ସେହି ଭଳି । ଯଦି କିଏ ଦୋଷ କରୁଥିଲା, ମା ତାକୁ କ୍ଷମା କରି ଦେଉଥିଲେ । ତା'ର ଯଦି ଅନ୍ତରର ଅଭୀପ୍ସା ତୀବ୍ର ନାହିଁ ତା' ସକାଶେ ମଧ୍ୟ ମା କାମ କରୁଥିଲେ । କିନ୍ତୁ ଏ ଯେଉଁ ଭାବ ଥିଲା, ସେ ବର୍ତ୍ତମାନ ଆଉ ନାହିଁ । ଯିଏ ମା'ଙ୍କ ସାଙ୍ଗରେ ଅନ୍ତରର ସମ୍ପର୍କ ରଖି ପାରିଲା, ସେ ସ୍ଥୂଳ ରୂପରେ ଯେପରି ଅନୁଭବ କରୁଥିଲା, ତାଠୁ ବେଶୀ ଅନୁଭବ କରିବ । କିନ୍ତୁ ଯଦି ଆନ୍ତର ସମ୍ବନ୍ଧ ନ ରଖିବ, ଯେମିତି ପୂର୍ବେ ଆମେ ମା'ଙ୍କ ସାଙ୍ଗେ ବ୍ୟବହାର କରୁଥିଲୁ, ଆମେ ଭାବୁଥିଲୁ ଯେ ମା'ଙ୍କ ପାଖରେ ଯାଇ କହିଦେଲେ ଏ କାମଟା ହୋଇଯିବ, ସେଇଟା ହେବନି । ଅନ୍ତରରେ ସମ୍ବନ୍ଧ ରଖିବାକୁ ପଡ଼ିବ ।

*(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ତୃତୀୟ ଖଣ୍ଡ, ପୃଷ୍ଠା. ୨୨୯-୨୩୦, ୨୩୩)*

**— ରାମକୃଷ୍ଣ ଦାସ** ❑

**ଚେତନାର ଦିଗ୍‌ବଳୟ :**

# ନିର୍ଜନ ନିଶାର୍ଦ୍ଧର ମୃତ୍ୟୁଦୂତ

[ଅତିଭୌତିକ ଜଗତ୍ ସମ୍ପର୍କରେ ସାଧାରଣତଃ ବହୁ ଲୋକଙ୍କର କୌତୂହଳ ବିପୁଳ । ସେହି ବ୍ୟାପକ ବିଷୟର ଏକ ବିଶେଷ ଦିଗ ଉପରେ ଏ ଲେଖାରେ ତଥ୍ୟଭିତ୍ତିକ ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି – ରମ୍ୟରଚନା ଶୈଳୀରେ । ପ୍ରଶ୍ନକର୍ତ୍ତାମାନେ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ନୁହଁନ୍ତି ।]

**ପ୍ରଥମ ଜିଜ୍ଞାସୁ :** ଗୋଟାଏ ଭଲ କଥା ମନେପଡ଼ିଲା । ମୋର ଜଣେ ବନ୍ଧୁଙ୍କଠାରୁ ଶୁଣିଥିଲି – ଆପଣ କୌଣସି ଏକ କ୍ଲାସରେ ବ୍ରିଟିଶ ଭାରତର ଜଣେ ଗଭର୍ଣ୍ଣର ଜେନେରାଲଙ୍କ ଅଦ୍ଭୁତ ଅଭିଜ୍ଞତାର ଦୃଷ୍ଟାନ୍ତ ଦେଉଥିଲେ ...

**ଉତ୍ତର :** ଲର୍ଡ଼ ଡାଫ୍‌ରିନ୍‌ଙ୍କ କଥା । ଅନ୍ୟ କୌଣସି ଗଭର୍ଣ୍ଣର ଜେନେରାଲଙ୍କର ସେଭଳି ଅଦ୍ଭୁତ ଅଭିଜ୍ଞତାର ଦୃଷ୍ଟାନ୍ତ ନାହିଁ ।

**ଏକାଧିକ ଜିଜ୍ଞାସୁ :** ଦୟାକରି କହନ୍ତୁ ।

**ଉତ୍ତର :** ଆମ ଆଲୋଚନା ଶେଷ ହେଲା ବୋଲି ଭାବିଥିଲି । ବର୍ତ୍ତମାନ ତାହା ଅନ୍ୟ ଏକ ସ୍ତରକୁ ଚାଲିଯିବ – ତତ୍ତ୍ୱରୁ ତଥ୍ୟ ସ୍ତରକୁ । ଠିକ୍ ଅଛି !

ଯେତେଦୂର ମନେପକାଇ ପାରୁଛି, ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ କେଇ ବର୍ଷ ପାଇଁ ଲର୍ଡ଼ ଡାଫ୍‌ରିନ୍ ଭାରତରେ ମହାରାଣୀ ଭିକ୍‌ଟୋରିଆଙ୍କ ଭାଇସରାୟ ବା ପ୍ରତିନିଧି ଏବଂ ଗଭର୍ଣ୍ଣର ଜେନେରାଲ ଥିଲେ । ତାଙ୍କ ଶାସନକାଳ ମନେ ରହିବାର ହେତୁ, ସେତିକିବେଳେ ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ସବୁ ଗଭର୍ଣ୍ଣର ଜେନେରାଲଙ୍କ ମଧ୍ୟରେ ଡାଫ୍‌ରିନ୍ ସାହେବ ବୋଧହୁଏ ସବୁଠୁଁ ଅଧିକ ଭଦ୍ରଲୋକଟିଏ ଥିଲେ ।

ସେ ଯାହାହେଉ, ସେ ଭାରତକୁ ଆସିବାର କେତେ ବର୍ଷ ତଳର ଘଟଣା । ସେ ଥରେ ତାଙ୍କର ଜଣେ ବନ୍ଧୁଙ୍କ ଘରେ ଅତିଥି ହୋଇଥା'ନ୍ତି – ଆୟାର୍ଲାଣ୍ଡର ଏକ ଅପେକ୍ଷାକୃତ ଜନବିରଳ ଅଞ୍ଚଳରେ ।

ବନ୍ଧୁଙ୍କର ପ୍ରାସାଦ ଭଳି ଘର । ଚତୁର୍ଦ୍ଦିଗରେ ବ୍ୟାପକ ଉଦ୍ୟାନ । ଜହ୍ନରାତି । ପ୍ରାସାଦର ତଳମହଲାରେ ଗୋଟାଏ ବଡ଼ କୋଠରିରେ ଡାଫ୍‌ରିନ୍ ଶୋଇଥା'ନ୍ତି । କିଛି ଗୋଟାଏ ଅସ୍ୱସ୍ତିକର ସ୍ୱପ୍ନ ଦେଖି ସେ ଉଠି ବସିଲେ । ଯାଇ ଘର ପଛପଟେ ଥିବା ଉଦ୍ୟାନମୁଖୀ କାଚ ଝରକା ପାଖରେ ଠିଆ ହୋଇଥା'ନ୍ତି ।

ସେ ହଠାତ୍ ଦେଖିଲେ, ଜହ୍ନ ଆଲୁଅରେ ସ୍ପଷ୍ଟ ନ ଦିଶିଲେ ମଧ୍ୟ ଲୋକଟାଏ ତାଙ୍କରି କୋଠରି ଆଡ଼କୁ ଆସୁଛି । ସେ ନିଜ ପିଠିରେ କିଛି ଗୋଟାଏ ବହନ କରୁଛି ।

ଘରର କୌଣସି ପରିଚାରକ ଏତେ ରାତିରେ ଏକାକୀ ଉଦ୍ୟାନରେ କିଛି କାମ କରିବାର ସମ୍ଭାବନା ନଥିଲା । ଡାଫ୍‌ରିନ୍ ଧରିନେଲେ, ସେ ଗୋଟାଏ ଚୋର । ଉଦ୍ୟାନ ଭିତରୁ କିଛି ମୂଲ୍ୟବାନ୍ ଜିନିଷ ଚୋରାଇ ନେଇଯାଉଛି । ସମ୍ଭ୍ରାନ୍ତ ବଂଶର ପ୍ରାସାଦ ପରିସର ଭିତରେ ଅନେକ ଦୁର୍ମୂଲ୍ୟ ମୂର୍ତ୍ତି ବା ଅନ୍ୟ କୌଣସି ଦୁର୍ଲଭ ବସ୍ତୁ ସାଇତା ହୋଇଥା'ନ୍ତି ।

ଡାଫ୍‌ରିନ୍ ଖୁବ୍ ସାହସୀ । ସେ କବାଟ ଖୋଲି ଗୋଟାଏ ଲମ୍ଫରେ ଯାଇ ସେ ଲୋକଟି ଆଗରେ ଠିଆ ହୋଇ ପଡ଼ିଲେ । ମୁହୂର୍ତ୍ତକ ଭିତରେ ଦେଖିନେଲେ ଲୋକଟି ନିଜ ପିଠିରେ ଗୋଟାଏ କଫିନ ବହନ କରି ଚାଲିଛି ।

''କ'ଣ ହେଉଛି ?''– ଏମିତି କିଛି ଧମକ ଦେଲେ ଡାଫ୍‌ରିନ୍ । ଚକିତ ଲୋକଟି ମୁହଁ ଟେକି ତାଙ୍କ ଆଡ଼େ ଅନାଇଲା । ସେଭଳି ଭୟାବହ ମୁହଁ ଡାଫ୍‌ରିନ୍ କେବେ ଦେଖିବା ତ ଦୂରର କଥା କଳ୍ପନା ମଧ୍ୟ କରି ପାରି ନଥା'ନ୍ତେ । ତାଙ୍କ ସାହସ ଉଭେଇ ଯିବା ସଙ୍ଗେ ସଙ୍ଗେ ସେ ଦେଖିଲେ ଲୋକଟି ସତେ ଯେପରି ତାଙ୍କରି ଦେହ ଭିତର ଦେଇ ପଶି ପଛପଟେ ଅଦୃଶ୍ୟ ହୋଇଗଲା । ଡାଫ୍‌ରିନ୍ ରାତିଯାକ ବିସ୍ମୟ ବିମୂଢ଼ ହୋଇ ନିଜ ଖଟ ଉପରେ ବସିଥା'ନ୍ତି ।

ସକାଳ ହେଲା । ସେ ତାଙ୍କ ବନ୍ଧୁଙ୍କୁ ସବୁ କଥା କହିଲେ, ପରିବାରର ସମସ୍ତେ ଯାଇ ଉଦ୍ୟାନ ବୁଲି ଦେଖିଲେ । କିଛି ବସ୍ତୁ ଅପହୃତ ହୋଇ ନାହିଁ । କେହି କେହି କହିଲେ ଡାଫ୍‌ରିନ୍ ହୁଏତ ସମୁଦାୟ ଘଟଣାଟି ସ୍ୱପ୍ନ ଭାବରେ ହିଁ ଦେଖିଛନ୍ତି । କିନ୍ତୁ ଡାଫ୍‌ରିନ୍ ଜାଣିଥିଲେ ତାଙ୍କର ସେ ବିଚିତ୍ର ଅଭିଜ୍ଞତା ସ୍ୱପ୍ନ ନଥିଲା; ଥିଲା ଏକାନ୍ତ ବାସ୍ତବ ।

ଏହାର ଅଳ୍ପ ଦିନ – ହୁଏତ ବର୍ଷେ ଦୁଇ ବର୍ଷ ପରେ –

ଡାଫ୍‌ରିନ୍ ଇଂଲଣ୍ଡର ରାଷ୍ଟ୍ରଦୂତ ରୂପେ ପ୍ୟାରିସ ପ୍ରେରିତ ହେଲେ । ଦିନେ ସେଠାକାର ଗ୍ରାଣ୍ଡ୍ ହୋଟେଲର ଉଚ୍ଚତମ ମହଲାରେ ଫ୍ରାନ୍‌ସରେ ଥିବା ବିଦେଶୀ କୂଟନୀତିଜ୍ଞମାନଙ୍କର ଏକ ସଭା ହେଉଥିଲା । ଡାଫ୍‌ରିନ୍ ହୋଟେଲରେ ପହଞ୍ଚିବା ମାତ୍ରେ ଅଭ୍ୟର୍ଥନାକାରୀମାନେ ତାଙ୍କୁ ସାଦରେ ଲିଫ୍‌ଟ୍ ପାଖକୁ ନେଇଗଲେ । ପ୍ରଶସ୍ତ ଲିଫ୍‌ଟ୍ ଭିତରେ ସେତେବେଳକୁ ବେଶ୍ କେତେଜଣ କୂଟନୀତିଜ୍ଞ ଠିଆ ହୋଇଥା’ନ୍ତି । ସେମାନେ ସହାସ୍ୟ ଡାଫ୍‌ରିନ୍‌ଙ୍କୁ ସ୍ୱାଗତ କଲେ ।

ଡାଫ୍‌ରିନ୍ ଗୋଟାଏ ଗୋଡ଼ ଲିଫ୍‌ଟ୍ ଭିତରେ ଥୋଇବାକୁ ଯାଉଛନ୍ତି, ଦୈବାତ୍ ତାଙ୍କ ଦୃଷ୍ଟି ଲିଫ୍‌ଟ୍-ଚାଳକର ମୁହଁ ଉପରେ ନିବଦ୍ଧ ହେଲା । ତାଙ୍କ ଭିତରେ ଖେଳିଗଲା ଆତଙ୍କର ବିଦ୍ୟୁତ୍ । ସେ ଗୋଡ଼ କାଢ଼ିନେଇ କହିଲେ, ‘‘ଦୁଃଖିତ ! ଟିକିଏ କାମ ଅଛି । ପରେ ପରେ ଯାଉଛି ।’’

ଲିଫ୍‌ଟ୍ ଦ୍ୱାର ବନ୍ଦ ହୋଇଗଲା । ଡାଫ୍‌ରିନ୍‌ଙ୍କର ତ ବାସ୍ତବିକ କିଛି କାମ ନଥିଲା । ସେ କିଛି ଗୋଟାଏ ମାମୁଲି ପ୍ରଶ୍ନ କରିବା ନିମନ୍ତେ ହୋଟେଲର ସ୍ୱାଗତିକା ପାଖରେ ପହଞ୍ଚିଛନ୍ତି, ଶୁଣାଗଲା ଏକ ପ୍ରଚଣ୍ଡ ଶବ୍ଦ । ସର୍ବୋଚ୍ଚ ମହଲା ସ୍ପର୍ଶ କରୁ କରୁ ଲିଫ୍‌ଟ୍‌ଟି ଛିଡ଼ି ପଡ଼ିଲା । ସେ ମର୍ମାନ୍ତିକ ଦୁର୍ଘଟଣାରେ ଲିଫ୍‌ଟ୍ ଭିତରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ହରାଇ ଥିଲେ । ସମସ୍ତେ ବିଶିଷ୍ଟ କୂଟନୀତିଜ୍ଞ ଓ ରାଷ୍ଟ୍ରଦୂତ । ସେତେବେଳେ ପାଶ୍ଚାତ୍ୟ ଜଗତରେ ଘଟଣାଟି ଚାଞ୍ଚଲ୍ୟ ସୃଜି ଥିଲା ।

ଡାଫ୍‌ରିନ୍ ନିଜେ ଏ କଥାଟି ଲେଖି ନାହାନ୍ତି । କିନ୍ତୁ ସେ ତାଙ୍କର ବହୁ ବନ୍ଧୁଙ୍କ ନିକଟରେ ଏହା ଗପିଥିଲେ ଏବଂ ଏକାଧିକ ବନ୍ଧୁ ଏହା ଲିପିବଦ୍ଧ କରିଥିଲେ । ବାଲ୍ୟକାଳରେ ଶ୍ରୀମା ମଧ୍ୟ ଏ ଘଟଣା ଶୁଣିଥିଲେ ଏବଂ ସେ ଏହାର ଉଲ୍ଲେଖ ମଧ୍ୟ କରିଛନ୍ତି । ଘଟଣାର ଭିନ୍ନ ଭିନ୍ନ ବିବରଣୀରେ କିଛି କିଛି ତାରତମ୍ୟ ରହିଛି । କିନ୍ତୁ କେନ୍ଦ୍ର ଘଟଣାଟି ସବୁ ବିବରଣୀରେ ସମାନ ।

ବିବରଣୀମାନଙ୍କ ଭିତରେ ଗୋଟାଏ ମାତ୍ର ବିଷୟରେ ବିଶେଷ ତାରତମ୍ୟ ରହିଛି । ଗୋଟିଏ ବିବରଣୀ ଅନୁସାରେ ସେ ଲିଫ୍‌ଟ୍‌ଚାଳକ ମୃତକମାନଙ୍କ ଭିତରେ ନଥିଲା । ଅନ୍ୟ ବିବରଣୀ ଅନୁସାରେ ହୋଟେଲର ନିୟମିତ ଲିଫ୍‌ଟ୍‌ଚାଳକ ଛୁଟିରେ ଥିବା ଯୋଗୁଁ ଜଣେ ଦିନକ ପାଇଁ ସେ କାମରେ ନିଯୁକ୍ତ ହୋଇଥିଲା ଏବଂ ସେ ମଧ୍ୟ ମୃତକମାନଙ୍କ ଭିତରେ ଥିଲା ।

କହିବାବାହୁଲ୍ୟ ଡାଫ୍‌ରିନ୍ ଅତୀତର ଜହ୍ନ ରାତିରେ ଏକ ଅତିଭୌତିକ ସତ୍ତାକୁ ଦେଖିଥିଲେ । ସେ କେତେଜଣଙ୍କ ପାଇଁ ମୃତ୍ୟୁଦୂତ ରୂପେ କାମ କରୁଥିଲା । କଫିନ୍ ଗୋଟିକ ଲିଫ୍‌ଟ୍‌ର ହିଁ ପ୍ରତୀକ ଥିଲା । ସେଦିନ ଲିଫ୍‌ଟ୍‌ରେ ଯେଉଁମାନେ ପ୍ରାଣତ୍ୟାଗ କଲେ, ସେମାନଙ୍କୁ ସେ ନେଇ ସାରିଥିଲା । ଡାଫ୍‌ରିନ୍ ସେହି ତାଲିକାର ଅନ୍ତର୍ଭୁକ୍ତ ଥିଲେ । କିନ୍ତୁ ଅତିଭୌତିକ ଜଗତର ବିଚିତ୍ର ଆଦାନପ୍ରଦାନ ଭିତରେ ତାଙ୍କ ମୃତ୍ୟୁ ନିର୍ଧାର୍ଯ୍ୟ ହୋଇ ଯାଇଥିଲେ ମଧ୍ୟ ଆପଣାର ସାହସିକ ପଦକ୍ଷେପ ଯୋଗୁଁ – ଅର୍ଥାତ୍ ସେ ଜ୍ୟୋତ୍ସ୍ନାପ୍ଲାବିତ ଭୌତିକ ନିଶାର୍ଦ୍ଧରେ ସେ ଉଦ୍ୟାନ ଭିତରକୁ ଡେଇଁପଡ଼ି ତାଙ୍କ ମୃତ୍ୟୁଦୂତର ମୁକାବିଲା କରିଥିବା ଯୋଗୁଁ ତାଙ୍କ ନିୟତି ବଦଳି ଯାଇଥିଲା ।

**ଜିଜ୍ଞାସୁମାନେ :** ସେ ଲିଫ୍‌ଟ୍‌ଚାଳକ କଥା କ’ଣ ?

**ଉତ୍ତର :** ସେ ଜଣେ ବାସ୍ତବ ମଣିଷ ହୋଇଥିବା ସମ୍ଭବ । ମୃତ୍ୟୁଦୂତର ଭୂମିକା ତୁଲାଉଥିବା ଅତିଭୌତିକ ସତ୍ତାଟି ସେହି ଲୋକ ଉପରେ ସବାର ହେବ ବୋଲି ସିଦ୍ଧାନ୍ତ କରିଥିଲା ।

**ଜିଜ୍ଞାସୁମାନେ :** ବଡ଼ ବିସ୍ମୟକର, ବଡ଼ ବିଚିତ୍ର ! ଯେତେଜଣ ସେଦିନର ସେ ଦୁର୍ଘଟଣାରେ ପ୍ରାଣ ଦେଲେ, ସେମାନେ ସେମିତି ସେହି ମୁହୂର୍ତ୍ତରେ ଇହଲୀଳା ସାଙ୍ଗ କରିବେ ବୋଲି କ’ଣ ପୂର୍ବ-ନିର୍ଦ୍ଧାରିତ ଥିଲା ?

**ଉତ୍ତର :** ତାହା ଏକ ଜଟିଳ ପ୍ରସଙ୍ଗ । ଆଲୋଚନା ପୁଣି ସମୟ ସାପେକ୍ଷ । ସମସ୍ତ ଘଟଣା ପୂର୍ବ-ନିର୍ଦ୍ଧାରିତ ବୋଲି କୁହାଯାଇ ପାରେ । କିନ୍ତୁ ତାହା ନିୟତି ଓ ମହାକାଳର ଏକ ଭିନ୍ନ ସ୍ତରରେ – ଭିନ୍ନ dimensionରେ । ସେ ସ୍ତରର ଉପଲବ୍ଧି ବିନା ସବୁ ନିର୍ଦ୍ଧାରିତ ବୋଲି ଆମେ କଥାରେ କଥାରେ କହିବା ଗୋଟିଏ ଅଭ୍ୟାସ ମାତ୍ର । କଥା ହେଲା ସେ ଚରମ ସ୍ତର ଏବଂ ଏ ସ୍ଥାନ-କାଳ-ପାତ୍ରଭିତ୍ତିକ ପାର୍ଥିବ ସ୍ତର ମଧ୍ୟରେ ବହୁ ବ୍ୟବଧାନ, ବହୁ ସମ୍ଭାବନା, ବହୁ ଅଦଳବଦଳର ଆକସ୍ମିକତା ରହିଥାଏ । ଯାହା ଆମ ମନ ବୁଝିପାରିବ ନାହିଁ ତାହାହେଲା, ସେ ଚରମ ସ୍ତର ଏବଂ ଆମର ପାର୍ଥିବ ସ୍ତର ଭିତରେ ଏହି ବିରୋଧ ସେ ଚରମ ସ୍ତରରୁ ଦେଖିଲେ ଅବାସ୍ତବ । ସେ ଚରମ ସ୍ତରରେ ସବୁ ସମନ୍ୱିତ ।

**ପ୍ରଥମ ଜିଜ୍ଞାସୁ :** କଥାଟି ପ୍ରହେଳିକାମୟ ହେଲେ ମଧ୍ୟ ସତ୍ୟ ବୋଲି ଧାରଣା ହେଉଛି । କିନ୍ତୁ ବୁଝି ହେଉ ନାହିଁ, ହେବାର ସମ୍ଭାବନା ନାହିଁ ।

**ଦ୍ୱିତୀୟ ଜିଜ୍ଞାସୁ :** ଭାଇ, ଆମେ ସେତିକି ଧାରଣାକୁ ନେଇ ଆପାତତଃ ସନ୍ତୁଷ୍ଟ ରହିବା ।

**ତୃତୀୟ ଜିଜ୍ଞାସୁ :** ଛୋଟ ପ୍ରଶ୍ନଟିଏ । ଆଚ୍ଛା, ଯେଉଁମାନେ ସେଦିନ ସେ ଦୁର୍ଘଟଣାରେ ପ୍ରାଣ ଦେଲେ ସେମାନଙ୍କର ତ ସମସ୍ତଙ୍କର ଅଲଗା ଅଲଗା ଭାଗ୍ୟ-ନିର୍ଘଣ୍ଟ ଥିବ ! ଏକାବେଳେ କେମିତି ମହାଯାତ୍ରା କଲେ ?

**ଉତ୍ତର :** ଅଧିକାଂଶ ଲୋକଙ୍କର ସୁସଂବଦ୍ଧ, ସୁନିର୍ଦ୍ଦିଷ୍ଟ ଭାଗ୍ୟ-ନିର୍ଘଣ୍ଟ ଗଠିତ ହୋଇ ନଥାଏ । ହୁଏତ ଆଜି ମୃତ୍ୟୁବରଣ କଲେ ଯାହା, ଦୁଇବର୍ଷ ପରେ କଲେ ବି ସେଇଆ । ହୁଏତ ଜୀବନଧାରା ଅତ୍ୟନ୍ତ ଗତାନୁଗତିକ; କାଳସ୍ରୋତରେ ଖାଲି ଭାସି ଚାଲିଥା'ନ୍ତି ସେମାନେ । ପରଲୋକ ବିଜ୍ଞାନ ଜାଣିଥିବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱମାନେ ଏମିତି କହନ୍ତି । ଶ୍ରୀମାଙ୍କୁ ଥରେ କେହି ଜଣେ ଏମିତି ଏକ ପ୍ରଶ୍ନ କରିଥିଲେ । ଜାହାଜଟିଏ ବୁଡ଼ିଗଲା । ଶହ ଶହ ଯାତ୍ରୀ ପ୍ରାଣ ହରାଇଲେ । ସେମାନଙ୍କ ଭାଗ୍ୟ କ'ଣ ଏକାଭଳି ନିର୍ଦ୍ଦିଷ୍ଟ ଥିଲା ? ଯେତିକି ମନେ ପଡୁଛି ଆପାତତଃ – ଶ୍ରୀମା କହିଥିଲେ – ସେମାନଙ୍କ ଭିତରେ ଜଣେ ମଧ୍ୟ ଯଦି ଏଭଳି ବିକଶିତ ଆତ୍ମାଟିଏ ଥା'ନ୍ତା, ଯାହାର ନିୟତି ସୁନିର୍ଦ୍ଦିଷ୍ଟ ହୋଇସାରିଛି ତେବେ ତାହାରି ଯୋଗୁଁ ସମସ୍ତେ ଦୁର୍ଘଟଣାରୁ ଉତ୍ତୀର୍ଣ୍ଣ ହୋଇ ଯାଇଥା'ନ୍ତେ । ଜଣକର ନିର୍ଦ୍ୱନ୍ଦ୍ୱ ବିଶ୍ୱାସ ଓ ପ୍ରାର୍ଥନା ଅନେକଙ୍କ ଭାଗ୍ୟକୁ ପ୍ରଭାବିତ କରିପାରେ ।

**ଚତୁର୍ଥ ଜିଜ୍ଞାସୁ :** ଅତି ଛୋଟ ପ୍ରଶ୍ନଟିଏ – ସେ ଭୟାବହ ସତ୍ତାଟିର ସେମିତି କେତେଜଣ ମଣିଷଙ୍କୁ ଗୋଟାଇବାର ହେତୁ କ'ଣ ?

**ଉତ୍ତର :** ହେତୁର ପ୍ରଶ୍ନ ଉଠାଇଲେ ପୁଣି ? ଅତୀନ୍ଦ୍ରିୟ ଜଗତରେ ସେମିତି ଅଜସ୍ର ଘଟଣା ଅନବରତ ଘଟି ଚାଲିଛି । ନିଜ ମାନସିକତାର କୌଣସି ବିଚିତ୍ର ଅବସ୍ଥାରେ ଲର୍ଡ଼ ଡାଫ୍‌ରିନ୍‌ଙ୍କ ସହ ସେ ଜଗତର ସମ୍ପର୍କ ସ୍ଥାପିତ ହୋଇଗଲା ବୋଲି ସେ ସେମିତି ଏକ ସତ୍ତାକୁ ଦେଖି ପକାଇଲେ ।

ନା, ଆମ ହେତୁବୋଧ ଦ୍ୱାରା ସେସବୁ ରହସ୍ୟ ବୁଝିବା ଅସମ୍ଭବ । ହୁଏତ ଭିନ୍ନ ସ୍ତରର ଏକ ବା ଏକାଧିକ ହେତୁ ବା ଶତାଧିକ ଭିନ୍ନ ଭିନ୍ନ 'ହେତୁ' ସେ ଜଗତରେ କାର୍ଯ୍ୟକାରୀ ହେଉଥିବେ । ଧନ୍ୟବାଦ ।

**– ମନୋଜ ଦାସ**

❑❑❑

ସମର୍ପଣ ହେଉଛି ଲକ୍ଷ୍ୟପ୍ରାପ୍ତି ପାଇଁ ଅପରିହାର୍ଯ୍ୟ ମାଧ୍ୟମ – ଏହାହିଁ ଆମ ସାଧନାର ପ୍ରଥମ ତତ୍ତ୍ୱ । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ଅହଂଭାବ, ପ୍ରାଣିକ ଦାବିସକଳ ଓ କାମନାବାସନାରାଜିକୁ ପ୍ରଶ୍ରୟ ଦିଆଯାଉଥିବ, ସେପର୍ଯ୍ୟନ୍ତ ସଂପୂର୍ଣ୍ଣ ସମର୍ପଣ ଅସମ୍ଭବ । ସେଥିପାଇଁ ଚେତନାରେ ଯେତେବେଳେ ପ୍ରାଣିକ ଗତିବୃତ୍ତିସବୁ ଉପରକୁ ଉଠିଆସନ୍ତି ବା ମିଶି ରହିଥା'ନ୍ତି, ସେତେବେଳେ ତୁମେ ସେସବୁକୁ ନିଃଶେଷରେ ପ୍ରତ୍ୟାଖ୍ୟାନ କରି ଚାଲିଥିବ । ତୁମେ ଯଦି ଏପରି ପ୍ରତ୍ୟାଖ୍ୟାନ କରିବାରେ ଦୃଢ଼ ରହିବ, ତେବେ ତାହା କ୍ରମେ ନିଜର ଶକ୍ତି ହରାଇବ ଓ ଶେଷରେ ନିଶ୍ଚିହ୍ନ ହୋଇଯିବ ।

ସର୍ବଦା ଅନ୍ତରରେ ବାସ କର ଏବଂ ଯାହାକିଛି କରିବ, ନିଜକୁ ସେଥିରେ ସଂଶ୍ଳିଷ୍ଟ ନ ରଖି କରିବ । ତେବେ କୌଣସି ବିରୋଧୀ ଶକ୍ତି କିଛି ଅଘଟଣ ଘଟାଇ ପାରିବ ନାହିଁ । ଯଦି କିଛି ଘଟାଇବ ତାହା ଯଥେଷ୍ଟ ଶକ୍ତିଶାଳୀ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମଧ୍ୟ କେବେ ଗୁରୁତ୍ୱପୂର୍ଣ୍ଣ ହେବ ନାହିଁ ।

ଯେତେ କଷ୍ଟ ହେଲେ ମଧ୍ୟ, ଦିବ୍ୟ ଓ ଶାଶ୍ୱତ ଜନନୀଙ୍କ ନିକଟରେ ଆତ୍ମନିବେଦନ କରିବା ହିଁ ହେଉଛି ଆମର ପ୍ରଭାବଶାଳୀ ମାଧ୍ୟମ ଏବଂ ଏକମାତ୍ର ଆଶ୍ରୟ – ତାଙ୍କ ପାଖରେ ଆତ୍ମନିବେଦନ କରିବାର ଅର୍ଥ ଆମ ପ୍ରକୃତି ହୋଇ ଉଠେ ତାଙ୍କରି ହାତରେ ଥିବା ଏକ ଯନ୍ତ୍ର; ଆମର ଆତ୍ମା ହୋଇ ଉଠେ ଦିବ୍ୟଜନନୀଙ୍କ ଆଲିଙ୍ଗନ ମଧ୍ୟରେ ଥିବା ଏକ ଶିଶୁ ।

– ଶ୍ରୀଅରବିନ୍ଦ

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 11** **R.N.I. No. 18163/70.**
Navaprakash (Monthly), November, 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**